# ଧରିତ୍ରୀ DHARITRI

ସମ୍ବଲପୁର, ବୁଧବାର, ମେ ୨୫/୨୦୨୨ (୧୪ ପୃଷ୍ଠା) | Sambalpur, Wednesday, May 25/2022 | Page 14 | ₹ 7.00 | ★★

୧୮ଶ ଭାଗ ୧୫୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-





**ଅଭିନେତ୍ରୀରୁ ଉଦ୍ୟୋଗୀ**

ବଲିଉଡ୍ ଅଭିନେତ୍ରୀ କ୍ରିତି ସନୋନ୍ 'ଟ୍ରାଇବ୍' ନାମରେ ନିଜର ଏକ ଫିଟ୍‌ନେଶ୍ ଆସେସରିଜ୍ ବ୍ରାଣ୍ଡ ଲଞ୍ଚ୍ କରିଛନ୍ତି। **୧୦**

**୧୪** **ବଟଲରଙ୍କ ପ୍ରଭାବୀ ବ୍ୟାଟିଂ**

ଗୁଜରାଟ ଟାଇଟାନ୍ସ ବିପକ୍ଷ ଆଇପିଏଲ୍ କ୍ୱାଲିଫାୟର-୧ ମ୍ୟାଚରେ ରାଜସ୍ଥାନ ରୟାଲ୍ସର ଜୋସ୍ ବଟଲର ବିସ୍ଫୋରକ ୮୯ରନ ସଂଗ୍ରହ କରିଛନ୍ତି।




# ସ୍କୁଲରୁ ଅଲିମ୍ପିକ୍ସ ପ୍ରସ୍ତୁତି

## ଭୁବନେଶ୍ୱର, ରାଉରକେଲାର ୯୦ ସ୍କୁଲରୁ ଆରମ୍ଭ

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ପାଠଶାଳାରୁ ଆରମ୍ଭ ହେବ ଅଲିମ୍ପିକ୍ସ ପ୍ରସ୍ତୁତି। ଛାତ୍ରୀଛାତ୍ର ସ୍କୁଲ ସମୟରୁ ଅଲିମ୍ପିକ୍ସର ମୂଲ୍ୟ ବୁଝିବେ। ସ୍କୁଲରେ ଦିଆଯିବ ଅଲିମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା। ଆମେରିକା, ଚାଇନା ଓ ଜାପାନ ଭଳି ଓଡ଼ିଶାରୁ ଅଲିମ୍ପିକ୍ସ ବିଜେତା ବାହାରିବେ। ଆସନ୍ତା ୨୦୨୮ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ଏବେଠାରୁ ରାଜ୍ୟ ସରକାର ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ପିଲାମାନଙ୍କୁ ଅଲିମ୍ପିକ୍ସ ବାବଦରେ ଶିକ୍ଷା ଓ ବିଭିନ୍ନ ଗୋଷ୍ଠୀ କ୍ରୀଡ଼ା ପାଇଁ ପ୍ରଶିକ୍ଷଣ ଦିଆଯିବ। ରାଜ୍ୟ ସରକାର ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ସ ପରିଷଦ(ଆଇଓସି)ର ମିଳିତ ସହଯୋଗରେ ଅଲିମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା ଯୋଜନା କାର୍ଯ୍ୟକାରୀ କରାଯିବ।

ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭର୍ଚୁଆଲ ମୋଡ୍‌ରେ 'ଅଲିମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା ଯୋଜନା'ର ଶୁଭାରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ପାଇଲଟ ପ୍ରକଳ୍ପ ଭାବେ ଭୁବନେଶ୍ୱର ଓ ରାଉରକେଲାର ୯୦ ସ୍କୁଲରେ ଏହି ଯୋଜନା ଆରମ୍ଭ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ରାଜ୍ୟର ଅନ୍ୟ ସ୍କୁଲରେ କାର୍ଯ୍ୟକାରୀ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହିଠାରୁ ଦେଶର ନୂଆ ଅଲିମ୍ପିକ୍ସ ଆନ୍ଦୋଳନର ଶୁଭାରମ୍ଭ ହେବ। ଆମ ପିଲାମାନେ ଅଲିମ୍ପିକ୍ସ ମୂଲ୍ୟବୋଧରୁ ଉତ୍କର୍ଷ, ବନ୍ଧୁତା ଓ ସମ୍ମାନ ଆଦିର ଅଭିଜ୍ଞତା ଓ ଫାଇଦା ପାଇପାରିବେ। କ୍ରୀଡ଼ା ଜରିଆରେ ଓଡ଼ିଶାର ଛାତ୍ରୀଛାତ୍ରମାନଙ୍କ ଶିକ୍ଷା ବ୍ୟକ୍ତିତ୍ୱ ବିକାଶ କରିବା ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ। ସରକାର ସବୁବେଳେ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରର ଉତ୍କର୍ଷ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଭାରତରେ ଓଡ଼ିଶା ଏକ ବୃହତ୍ କ୍ରୀଡ଼ା ହବ୍ ଭାବେ ଉଭା ହୋଇଛି। ସହଭାଗିତାରେ କ୍ରୀଡ଼ା କ୍ଷେତ୍ରକୁ ଆହୁରି ଆଗକୁ ନେଇହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଥିପାଇଁ ଓଡ଼ିଶାରେ କ୍ରୀଡ଼ାର ବିକାଶ କ୍ଷେତ୍ରରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ ପରିଷଦ (ଆଇଓସି)ର ଏହି ସହଯୋଗକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ସହଭାଗିତା ନିମନ୍ତେ ମୁଖ୍ୟମନ୍ତ୍ରୀ ଇଣ୍ଡିଆନ ଅଲିମ୍ପିକ୍ସ ଆସୋସିଏଶନ ଚେୟାରମ୍ୟାନ ☞ପୃଷ୍ଠା-୪




# ପୁରୀରେ ସେବାୟତଙ୍କୁ ହତ୍ୟା

**ଜଣେ ଅଟକ, ତଦନ୍ତ ଜାରି**

**ପୁରୀ ଅଫିସ,୨୪।୫**

ଦୁଇ ମାସର ବ୍ୟବଧାନ ପରେ ପୁଣି ରକ୍ତରଞ୍ଜିତ ହୋଇଛି ଶ୍ରୀକ୍ଷେତ୍ର। ମଙ୍ଗଳବାର ରାତି ପ୍ରାୟ ୯ଟାରେ ପୁରୀ ସହରର ଏମାର ମଠ ନିକଟ କାକୁଡ଼ିଖାଇ ଛକରେ ଗୁଳି ଫୁଟିଛି। ୨ଜଣ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ମୃତକ ହେଲେ ପୁରୀ ତଲୁଛ ସାହିର ଶିବରାମ ପାତ୍ର (୨୭)। ସେ ଶ୍ରୀଲୋକନାଥ ମନ୍ଦିର ସେବାୟତ ବୋଲି ଜଣାପଡ଼ିଛି। ୨ରାଉଣ୍ଡ ଗୁଳି ଫୁଟାଇ ଦୁର୍ବୃତ୍ତ ଦ୍ୱୟ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଖବର ପାଇ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶିବରାମଙ୍କୁ ଗୁଳି କରାଯାଇଥିବା ପୋଲିସ ଅନୁମାନ କରୁଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଚନ୍ଦନ ବାରିକ(୨୧)ଙ୍କୁ ଅଟକ ରଖାଯିବା ସହ ତାଙ୍କଠାରୁ ଏକ ମାରଣାସ୍ତ୍ର ଜବତ କରାଯାଇଛି। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ପୋଲିସ ପଚରାଉଚରା କରିବା ସହ ଫେରାର ଦୁର୍ବୃତ୍ତ ଦ୍ୱୟଙ୍କୁ ଧରିବାକୁ ଅନୁସନ୍ଧାନ ଜାରି ରଖିଛି। ରାତି ପ୍ରାୟ ୯ଟାରେ ଏକ ☞ପୃଷ୍ଠା-୪

# ପରୀକ୍ଷା ହଲ୍‌ରେ ଛାତ୍ରଙ୍କ ଜୀବନ ଗଲା

## ବଣାଇଗଡ଼ ମହାବିଦ୍ୟାଳୟରେ ପରୀକ୍ଷା ଦେଉଥିଲେ

**ବଣାଇ, ୨୪।୫(ସ୍ୱ.ପ୍ର.)**

ସୁନ୍ଦରଗଡ଼ ଜିଲା ବଣାଇଗଡ଼ ମହାବିଦ୍ୟାଳୟ ପରୀକ୍ଷା ହଲ୍‌ରେ ମଙ୍ଗଳବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏମ୍‌ଡି ଅର୍‌ବାଜ(୧୮)। ତାଙ୍କ ଘର ଲହୁଣୀପଡ଼ା ଥାନା ଜୁନିଆଣି ଗ୍ରାମରେ। ପୂର୍ବାହ୍ନରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗର ମାତୃଭାଷା ପରୀକ୍ଷା ଚାଲିଥିଲା। ସମସ୍ତ ପରୀକ୍ଷାର୍ଥୀଙ୍କ ଭଳି ଅରବାଜ ମଧ୍ୟ ପରୀକ୍ଷା ଦେବାରେ ବ୍ୟସ୍ତ ଥିଲେ। ପରୀକ୍ଷା ସରିବାକୁ ଆଉ ୧୫ ମିନିଟ ବାକି ଥିବାବେଳେ ପରୀକ୍ଷା ହଲ୍‌ରେ ସେ ଅଚେତ ହୋଇ ଟଳି ପଡ଼ିଥିଲେ। ଫଳରେ ସହଯୋଗୀ ଛାତ୍ର ଓ କେତେଜଣ ଅଧ୍ୟାପକ ତାଙ୍କୁ ☞ପୃଷ୍ଠା-୪



ଏମ୍‌ଡି ଅର୍‌ବାଜ

# ଶ୍ରାବଣୀ, ଅମିୟଙ୍କୁ ସ୍ୱର୍ଣ୍ଣ

## ଇଣ୍ଡିଆନ ଗ୍ରାଁ ପ୍ରି-୪



**ଭୁବନେଶ୍ୱର, ୨୪।୫ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୪ର ସ୍ପ୍ରିଣ୍ଟ ଇଭେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ମହିଳା ୧୦୦ ମିଟର ରେସ୍‌ରେ ଶ୍ରାବଣୀ ନନ୍ଦ ଏବଂ ପୁରୁଷ ୧୦୦ ମିଟରରେ ଅମିୟ ମଲିକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନ୍ୟତମ ଓଡ଼ିଆ ଆଥଲେଟ୍ ଆର୍ଯ୍ୟନ ଏକ୍କା ପୁରୁଷ ୧୦୦ ମିଟରରେ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ଲଙ୍ଗଜମ୍ପରେ ଓଡ଼ିଶାର ଲାଲୁ ପ୍ରସାଦ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଡାଇଭ୍ରାନ ପରେ








**ଆତଙ୍କବାଦୀ ଆକ୍ରମଣରେ କନ୍ଷ୍ଟେବଲ ମୃତ**

ଜମ୍ମୁ-କଶ୍ମୀର ଶ୍ରୀନଗରରେ ମଙ୍ଗଳବାର ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜଣେ କନ୍ଷ୍ଟେବଲଙ୍କ ମୃତ୍ୟୁ ହୋଇଛି। ଏଥିରେ ତାଙ୍କ ୭ ବର୍ଷର ଝିଅ ଗୁରୁତର ଆହତ ହୋଇଛନ୍ତି। ମୃତ କନ୍ଷ୍ଟେବଲ ସେଫୁଲ୍ଲାହ କାଦ୍ରି ଓ ତାଙ୍କ ଝିଅ ଘର ବାହାରେ ଥିବାବେଳେ ଆତଙ୍କବାଦୀ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଆହତ ଅବସ୍ଥାରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

# ଏକପାଖିଆ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବନି

## କ୍ୱାଡ୍ ସମ୍ମିଳନୀରେ ଚାଇନାକୁ ବାର୍ତ୍ତା

■ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି ବଜାୟ ପାଇଁ ସଂକଳ୍ପ
■କୋଭିଡ୍ ମୁକାବିଲା ପାଇଁ ଭାରତକୁ ବାଇଡେନ୍‌ଙ୍କ ପ୍ରଶଂସା

ଟୋକିଓ, ୨୪।୫

ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ମୁକ୍ତ ରଖିବା ସହ ଚାଇନା ଦ୍ୱାରା ସୃଷ୍ଟ ଚ୍ୟାଲେଞ୍ଜର ମୁକାବିଲା ଉଦ୍ଦେଶ୍ୟରେ ଜାପାନ ରାଜଧାନୀ ଟୋକିଓରେ ମଙ୍ଗଳବାର ୪ ରାଷ୍ଟ୍ର ସଦସ୍ୟ ବିଶିଷ୍ଟ କ୍ୱାଡ୍ରିଲାଟେରାଲ ସିକ୍ୟୁରିଟି ଡାଏଲଗ୍ (କ୍ୱାଡ୍) ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଜାପାନ ପ୍ରତିପକ୍ଷ ଫୁମିଓ କିଶିଡା ଏବଂ ଅଷ୍ଟ୍ରେଲିଆର ନବ ନିର୍ବାଚିତ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିଜ୍ ଯୋଗ ଦେଇଥିଲେ। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ପୂର୍ବସ୍ଥିତିରେ ପରିବର୍ତ୍ତନ ଉଦ୍ୟମ, କୌଣସି ଏକପାଖିଆ କାର୍ଯ୍ୟ କିମ୍ବା ଉତ୍ତେଜନା ସୃଷ୍ଟିକାରୀ ପଦକ୍ଷେପକୁ ଦୃଢ଼ ବିରୋଧ କରାଯିବ ବୋଲି ଏହି ସମ୍ମିଳନୀରେ ଚାଇନା ଉଦ୍ଦେଶ୍ୟରେ ବାର୍ତ୍ତା ଦିଆଯାଇଛି। ଇଣ୍ଡୋ-ପାସିଫିକ୍‌ରେ ଅନ୍ତର୍ଜାତୀୟ ନିୟମ ଏବଂ ଶାନ୍ତି ବଜାୟ ପାଇଁ କ୍ୱାଡ୍ ସମ୍ମିଳନୀରେ ସଂକଳ୍ପ ନିଆଯାଇଛି।

ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଅଳ୍ପ ସମୟ ମଧ୍ୟରେ କ୍ୱାଡ୍ ବିଶ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିପାରିଛି। ଏହାର ପରିସର ବ୍ୟାପକ ହୋଇଛି। ପାରସ୍ପରିକ ବିଶ୍ୱାସ ଏବଂ ସଂକଳ୍ପ ଗଣତାନ୍ତ୍ରିକ ଶକ୍ତିକୁ ନୂତନ ଉତ୍ସାହ ଯୋଗାଉଛି। ମୁକ୍ତ ଓ ସ୍ୱାଧୀନ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପାଇଁ କ୍ୱାଡ୍ ରଚନାତ୍ମକ ଏଜେଣ୍ଡାରେ ଆଗକୁ ବଢ଼ୁଛି, ଯାହାକି 'ଭଲ ପାଇଁ କାର୍ଯ୍ୟ କରୁଥିବା ଶକ୍ତି' ଭାବରେ ବିଶ୍ୱରେ ଏହାର ଛବିକୁ ଆହୁରି ମଜଭୁତ କରିବ ବୋଲି ମୋଦି କହିଥିଲେ। ଆମେରିକା ଉଦ୍ୟୋଗଜଗତକୁ ମୋଦି ଭାରତକୁ ନିମନ୍ତ୍ରଣ ଦେଇଥିଲେ। ଜୋ ବାଇଡେନ୍ ସମ୍ମିଳନୀରେ ୟୁକ୍ରେନ୍ ପ୍ରସଙ୍ଗ ଉଠାଇଥିଲେ। ୟୁକ୍ରେନ୍‌ରେ ଏକ ସଂସ୍କୃତିକୁ ସମ୍ପୂର୍ଣ୍ଣ ଭାବେ ବିଲୀନ କରିବାକୁ ରୁଷିଆ ଚାହୁଁଛି। ୟୁକ୍ରେନ୍ ଯୁଦ୍ଧ ଯୋଗୁ ବୈଶ୍ୱିକ ଖାଦ୍ୟ ସଙ୍କଟ ଉତ୍କଟ ହେବାକୁ ଯାଉଛି ବୋଲି ବାଇଡେନ୍ ଚେତାବନୀ ଦେଇଥିଲେ। ୟୁକ୍ରେନ୍ ସହ ରୁଷିଆ ଯେତେ ସମୟ ଧରି ଯୁଦ୍ଧ କଲେ ମଧ୍ୟ ଆମେରିକା ଏହାର ସହଯୋଗୀଙ୍କ ସହ ମିଶି କାମ କରିବ ବୋଲି ସେ କହିଥିଲେ। ଏହି ଅବସରରେ ବାଇଡେନ୍ ଗଣତାନ୍ତ୍ରିକ ଉପାୟରେ ସଫଳ କୋଭିଡ୍ ମୁକାବିଲା ପାଇଁ ଭାରତକୁ ପ୍ରଶଂସା କରିଥିଲେ। ଗଣତନ୍ତ୍ରରେ ସବୁକିଛି ସମ୍ଭବ ବୋଲି ବାଇଡେନ୍ କହିଥିଲେ। ଜାପାନ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଜାତିସଂଘ ଚାର୍ଟର ଉଲ୍ଲଂଘନ ହେବା ଭଳି ଘଟଣା ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଘଟିବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ଏଥିସହ ସମ୍ମିଳନୀରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଦ୍ୱାରା ୨୬/୧୧ ମୁମ୍ବାଇ ଆକ୍ରମଣ, ପଠାନକୋଟ ସମେତ ଅନ୍ୟ ଆତଙ୍କବାଦୀ କାର୍ଯ୍ୟକଳାପକୁ କ୍ୱାଡ୍ ଦେଶସମୂହ ନିନ୍ଦା କରିଥିଲେ। ଏଥିରେ କାର୍ବନ ନିର୍ଗମନ ହ୍ରାସ, ଜଳବାୟୁ ପରିବର୍ତ୍ତନ ଉପରେ ମଧ୍ୟ ଆଲୋଚନା ହୋଇଥିଲା।


କ୍ୱାଡ୍ ସମ୍ମିଳନୀରେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିଜ୍, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡା ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇଛନ୍ତି।

## ଜାପାନ ନିକଟରେ ଉଡ଼ିଲା ଚାଇନା, ରୁଷିଆ ଯୁଦ୍ଧ ବିମାନ

ଟୋକିଓ/ସିଓଲ, ୨୪।୫

■କ୍ୱାଡ୍ ସମ୍ମିଳନୀବେଳେ ଶକ୍ତି ପ୍ରଦର୍ଶନ
■ବାୟୁସେନା ବିମାନ ମୁତୟନ କଲା ଦକ୍ଷିଣ କୋରିଆ

କ୍ୱାଡ୍ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଜାପାନ ପ୍ରତିପକ୍ଷ ଫୁମିଓ କିଶିଡା ଏବଂ ଅଷ୍ଟ୍ରେଲିଆର ନବ ନିର୍ବାଚିତ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିଜ୍ ଆଞ୍ଚଳିକ ନିରାପତ୍ତା ଉପରେ ଆଲୋଚନା କରୁଥିବାବେଳେ ଜାପାନ ନିକଟରେ ଚାଇନା ଓ ରୁଷିଆର ଯୁଦ୍ଧବିମାନ ଉଡ଼ିଛି। ଜାପାନ ସାଗର ଓ ପୂର୍ବ ଚାଇନା ସାଗର ଉପରେ ଚାଇନା ଏବଂ ରୁଷିଆର ପ୍ରାୟ ୮ ଯୁଦ୍ଧ ଜାହାଜ ୧୩ ଘଣ୍ଟା ମିଳିତ ପାଟ୍ରୋଲିଂ କରିଥିଲେ। ତେବେ ମସ୍କୋ ଓ ବେଜିଂର ଜଏଣ୍ଟ ଫ୍ଲାଇଟ୍ ଆଞ୍ଚଳିକ ଏୟାରସ୍ପେସ୍ ସୀମା ଉଲ୍ଲଂଘନ କରି ନ ଥିବା ଜାପାନ ପ୍ରତିରକ୍ଷା ମନ୍ତ୍ରୀ ନୋବୁଓ କିଶି କହିଛନ୍ତି। ଏହାକୁ ମିଶାଇ ଗତ ନଭେମ୍ବରଠାରୁ ଚତୁର୍ଥ ଥର ପାଇଁ ଜାପାନ ନିକଟରେ ରୁଷିଆ ଓ ଚାଇନାର ମିଳିତ ଯୁଦ୍ଧବିମାନ ଉଡ଼ାଣ ହୋଇଥିବା ଲକ୍ଷ୍ୟ କରାଯାଇଛି।

ଜାପାନ ପ୍ରତିରକ୍ଷା ମନ୍ତ୍ରୀ କିଶି କହିଛନ୍ତି, ଦୁଇ ଚାଇନିଜ୍ ଏବଂ ଦୁଇ ରୁଷୀୟ ବମ୍ବର୍ସ ଜାପାନ ସାଗରରୁ ପୂର୍ବ ଚାଇନା ସାଗର ଆଡ଼କୁ ମିଳିତ ଉଡ଼ାଣ ଭରିଥିଲେ। ଏହା ପରେ ଆଉ ୪ ବିମାନ ପୂର୍ବ ଚାଇନା ସାଗରରୁ ପ୍ରଶାନ୍ତ ମହାସାଗର ଆଡ଼କୁ ଯାଇଥିଲା। ଏଥିସହ ଗୋଇନ୍ଦା ତଥ୍ୟ ସଂଗ୍ରହ କରୁଥିବା ଏକ ରୁଷୀୟ ବିମାନ ମଧ୍ୟ ଜାପାନରେ ଉଡ଼ିଛି। ଏପରି କରି ଚାଇନା ଓ ରୁଷିଆ ଉସୁକାଇଲା ଭଳି କାମ କରୁଛନ୍ତି, ଯାହାକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ଅପରପକ୍ଷେ ଜାପାନ ନିକଟରେ ଉଡ଼ିଥିବା ଚାଇନା ଓ ରୁଷିଆ ଯୁଦ୍ଧଜାହାଜ କୋରିଆ ଏୟାର ଡିଫେନ୍ସ ଆଇଡେଣ୍ଟିଫିକେଶନ ଜୋନ୍ (କୋରିଆ ଏଡିଆଇଜେଡ୍)ରେ ପ୍ରବେଶ କରିଥିବା ଜଣାପଡ଼ିଛି। ଏଥିଯୋଗୁ କୌଣସି ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଦକ୍ଷିଣ କୋରିଆ ସେନା ତୁରନ୍ତ ପ୍ରସ୍ତୁତ ହେବା ସହ ନିଜ ଯୁଦ୍ଧବିମାନକୁ ନିୟୋଜିତ କରିଥିଲା। ଏଡିଆଇଜେଡ୍ ବାବଦରେ କୌଣସି ଅନ୍ତର୍ଜାତୀୟ ଚୁକ୍ତିରେ ବ୍ୟାଖ୍ୟା କରାଯାଇନାହିଁ କିମ୍ବା କୌଣସି ଅନ୍ତର୍ଜାତୀୟ ସଙ୍ଗଠନ ଏହାକୁ ନିୟନ୍ତ୍ରଣ କରେ ନାହିଁ। ମସ୍କୋ କୋରିଆ ଏଡିଆଇଜେଡ୍‌କୁ ମାନି ନ ଥାଏ। ସେହିପରି ଏଡିଆଇଜେଡ୍ କୌଣସି ଆଞ୍ଚଳିକ ବାୟୁସୀମା ନୁହେଁ ଏବଂ ସବୁ ଦେଶ ମୁକ୍ତଭାବେ ତାହାକୁ ବ୍ୟବହାର କରିପାରିବେ ବୋଲି ବେଜିଂ କହିଛି।


ପୂର୍ବ ଚାଇନା ସାଗର ଉପରେ ପାଟ୍ରୋଲିଂ କରୁଥିବା ଚାଇନିଜ୍ ଏଚ୍-୬ ବମ୍ବର।

## ମୋଦି-ବାଇଡେନ୍ ଆଲୋଚନା

ଟୋକିଓରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ଆମେରିକା-ଭାରତ ସହଭାଗିତାକୁ ମଜଭୁତ କରିବାକୁ ୱାଶିଂଟନ୍ ପ୍ରତିଶ୍ରୁତିବଦ୍ଧ ବୋଲି ବାଇଡେନ୍ କହିଥିଲେ। ଆମେ ଏକାଠି ଅନେକ କିଛି କରିପାରିବା ବୋଲି କହିଥିଲେ। ଭାରତର ସହ ୟୁଏସ୍ ଡେଭେଲପମେଣ୍ଟ ଫାଇନାନ୍ସ କୋଅପେରଶନ ଚୁକ୍ତି, ଟିକା ଉତ୍ପାଦନ, ସ୍ୱଚ୍ଛ ଶକ୍ତି ପଦକ୍ଷେପ ପାଇଁ ସେ ଖୁସି ବ୍ୟକ୍ତ କରିଥିଲେ। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ବିଶ୍ୱ ବ୍ୟବସ୍ଥା ଉପରେ ପଡ଼ିଥିବା ନକାରାତ୍ମକ ପ୍ରଭାବକୁ ପ୍ରତିହତ କରିବା ନିମନ୍ତେ ଭାରତ ଓ ଆମେରିକା ବିଚାରବିମର୍ଶ ଜାରି ରଖିବେ ବୋଲି ବାଇଡେନ୍ କହିଥିଲେ। ସେହିପରି ଭାରତ-ଆମେରିକା ମଧ୍ୟରେ ବିଶ୍ୱାସର ସହଭାଗିତା ଥିବା ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ଜନ ସମ୍ପର୍କ, ଦୃଢ଼ ଅର୍ଥନୈତିକ ସହଯୋଗ ଦୁଇ ଦେଶ ମଧ୍ୟରେ ଥିବା ସହଭାଗିତାକୁ ଦୃଢ଼ କରିଛି ବୋଲି ମୋଦି ପ୍ରକାଶ କରିଥିଲେ। ଏହି ଅବସରରେ ଭାରତ-ଆମେରିକା ମଧ୍ୟରେ ରଣନୈତିକ ସହଭାଗିତା ସୁଦୃଢ଼ କରିବା ନିମନ୍ତେ ଦୁଇ ଦେଶର ଜାତୀୟ ସୁରକ୍ଷା ପରିଷଦ ନେତୃତ୍ୱରେ ଗୁରୁତ୍ୱପୂର୍ଣ୍ଣ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମିଳିତ ଭାବେ ପଦକ୍ଷେପ ଆରମ୍ଭ ହୋଇଛି। ଏଥିସହ ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ ପାଇଁ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲ୍‌ବାନିଜ୍‌ଙ୍କ ସହ ମୋଦି ଆଲୋଚନା କରିଛନ୍ତି।

## ସଂକ୍ଷେପରେ

### ହତ୍ୟା ଉଦ୍ୟମରୁ ବର୍ତ୍ତିଯାଇଥିଲେ ପୁଟିନ୍



**କିଭ୍, ୨୪।୫:** ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ ଉପରେ ଆକ୍ରମଣ ଘୋଷଣା କରିବା ପରେ ପରେ ତାଙ୍କୁ ମାରିଦେବା ପାଇଁ ଉଦ୍ୟମ ହୋଇଥିଲା। କୃଷ୍ଣସାଗର ଏବଂ କାସ୍ପିଆନ୍ ସି ମଧ୍ୟବର୍ତ୍ତୀ ଅଞ୍ଚଳରେ ହୋଇଥିବା ହତ୍ୟା ଉଦ୍ୟମରୁ ପୁଟିନ୍ ବର୍ତ୍ତି ଯାଇଥିଲେ ବୋଲି ୟୁକ୍ରେନ୍‌ର ଜଣେ ସାମରିକ ଅଧିକାରୀ କହିଛନ୍ତି। ୟୁକ୍ରେନ୍ ପ୍ରତିରକ୍ଷା ଗୋଇନ୍ଦା ମୁଖ୍ୟ ମେଜର ଜେନେରାଲ କିରିଲୋ ବୁଡାନୋଭ୍‌ଙ୍କ କହିବା ଅନୁଯାୟୀ କୌକାସସ୍‌ରେ ପୁଟିନ୍‌ଙ୍କୁ ହତ୍ୟା ଉଦ୍ୟମ ବିଫଳ ହୋଇଥିଲା। ୟୁକ୍ରେନ୍ ଯୁଦ୍ଧ ଅଗଷ୍ଟ ମଧ୍ୟଭାଗ ବେଳକୁ ନୂଆ ମୋଡ଼ ନେବ ଏବଂ ବର୍ଷ ଶେଷ ବେଳକୁ ସମାପ୍ତ ହେବ ବୋଲି ବୁଡ଼ାନୋଭ ପୂର୍ବରୁ ସ୍କାଏ ନ୍ୟୁଜ୍‌କୁ ଏକ ସାକ୍ଷାତ୍‌କାରରେ କହିଥିଲେ। ଯୁଦ୍ଧ ଶେଷ ହେବା ପରେ ରୁଷିଆରେ ନେତୃତ୍ୱ ବଦଳିବା ନେଇ ସେ ସୂଚନା ଦେଇଥିଲେ। ରୁଷିଆ ରାଷ୍ଟ୍ରପତି ପଦରୁ ପୁଟିନ୍‌ଙ୍କୁ ବିଦା କରିବା ଲାଗି ସେଠାରେ ବିଦ୍ରୋହ ଆରମ୍ଭ ହୋଇଗଲାଣି, ଯାହାକୁ ରୋକାଯାଇ ପାରିବ ନାହିଁ ବୋଲି ବୁଡାନୋଭ କହିଥିଲେ।

### ତିହାର ଜେଲରେ ଚିତ୍ରା ରାମକ୍ରିଷ୍ଣାଙ୍କୁ ଇଡି ଜେରା



**ନୂଆଦିଲ୍ଲୀ, ୨୪।୫:** ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ପୂର୍ବତନ ସିଇଓ ତଥା ପରିଚାଳନା ନିର୍ଦ୍ଦେଶିକା ଚିତ୍ରା ରାମକ୍ରିଷ୍ଣାଙ୍କୁ ମଙ୍ଗଳବାର ଦିନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନେ ତିହାର ଜେଲରେ ଜେରା କରିଛନ୍ତି। ଚିତ୍ରା ଷ୍ଟକ୍ ଏକ୍ସଚେଞ୍ଜ ସମ୍ପର୍କିତ ଗୋପନ ତଥ୍ୟ ପ୍ରଘଟ କରିବା ଘଟଣାର ତଦନ୍ତ ସିବିଆଇ କରୁଥିବାବେଳେ ଇଡି ପକ୍ଷରୁ ମଧ୍ୟ ସମାନ୍ତରାଳ ତଦନ୍ତ ଚାଲିଛି। ମନି ଲଣ୍ଡରିଂ ମାମଲା ନେଇ ଇଡି ଟିମ୍ ଚିତ୍ରାଙ୍କୁ ଦୀର୍ଘ ସମୟ ଜେରା କରିବା ସହ ତାଙ୍କ ବୟାନ ରେକର୍ଡ କରିଛନ୍ତି। ଆବଶ୍ୟକ ପଡ଼ିଲେ ଇଡି ତାଙ୍କୁ ଗିରଫ କରିପାରେ। ଗତ ଏପ୍ରିଲରେ ସିବିଆଇ ଚିତ୍ରାଙ୍କ ସମେତ ଏନ୍‌ଏସ୍‌ଇର ପୂର୍ବତନ ଗ୍ରୁପ୍ ଅପରେଟିଂ ଅଫିସର ଆନନ୍ଦ ସୁବ୍ରମଣ୍ୟନଙ୍କ ବିରୋଧରେ ପ୍ରଥମ ଚାର୍ଜଶିଟ୍ ଦାଖଲ କରିଥିଲା। ଫେବୃୟାରୀ ୨୪ରେ ସିବିଆଇ ଆନନ୍ଦଙ୍କୁ ଗିରଫ କରିଥିବାବେଳେ ମାର୍ଚ୍ଚ ୬ରେ ଚିତ୍ରାଙ୍କୁ ଗିରଫ କରାଯାଇଥିଲା। ୨୦୧୮ ମେ'ରୁ ସିବିଆଇ ମାମଲାର ତଦନ୍ତ ଚଳାଇଥିଲେ ହେଁ ଚିତ୍ରା ଏନ୍‌ଏସ୍‌ଇ ସମ୍ପର୍କିତ ଗୋପନ ତଥ୍ୟ ଯୋଗାଉଥିବା ରହସ୍ୟମୟ ହିମାଳୟ ଯୋଗୀଙ୍କ ସମ୍ପର୍କରେ ଏପର୍ଯ୍ୟନ୍ତ ଉପଯୁକ୍ତ ତଥ୍ୟ ପ୍ରମାଣ ଯୋଗାଡ଼ କରିପାରି ନାହିଁ।

### ବର୍ଷା, ତୁଷାରପାତ ଯୋଗୁ ଚାରଧାମ ଯାତ୍ରା ବାଧାପ୍ରାପ୍ତ



**ଡେରାଡୁନ୍, ୨୪।୫:** ପ୍ରବଳ ବର୍ଷା ସାଙ୍ଗକୁ ତୁଷାରପାତ ଯୋଗୁ ପ୍ରସିଦ୍ଧ ଚାରଧାମ ଯାତ୍ରା ମଙ୍ଗଳବାର ବାଧାପ୍ରାପ୍ତ ହୋଇଛି। ଫଳରେ କେଦାରନାଥ ଓ ଯମୁନୋତ୍ରୀ ମନ୍ଦିର ଅଭିମୁଖେ ଯାଉଥିବା ହଜାର ହଜାର ତୀର୍ଥଯାତ୍ରୀ ରାସ୍ତାରେ ଅଟକି ରହିଛନ୍ତି। ମଙ୍ଗଳବାର ଭୋର ସମୟରୁ କେଦାରନାଥରେ ତୁଷାରପାତ ଆରମ୍ଭ ହୋଇଥିବାବେଳେ ତଳିଆ ଅଞ୍ଚଳରେ ବର୍ଷା ଜାରି ରହିଥିଲା। ଉପରବେଳା ପାଗ ଆହୁରି ଖରାପ ହୋଇଥିଲା। ଫଳରେ ସୁରକ୍ଷା ଦୃଷ୍ଟିରୁ କର୍ତ୍ତୃପକ୍ଷ ତୀର୍ଥଯାତ୍ରୀମାନଙ୍କୁ ଗୌରୀକୁଣ୍ଡ ଏବଂ ସୋନପ୍ରୟାଗଠାରେ ଅଟକି ରହିବାକୁ କହିଥିଲେ। ସେହିପରି ଯମୁନୋତ୍ରୀ ଯାଉଥିବା ତୀର୍ଥଯାତ୍ରୀଙ୍କୁ ଜାନକୀଚଟ୍ଟିରେ ଅଟକାଯାଇଛି। ପାଗ ଫିଟିବା ପରେ ସେମାନଙ୍କୁ ଚାରଧାମ୍ ଯାତ୍ରା ଲାଗି ଅନୁମତି ଦିଆଯିବ।

## କୁତବ୍‌ମୀନାର ଉପାସନା ସ୍ଥଳ ନୁହେଁ

ନୂଆଦିଲ୍ଲୀ, ୨୪।୫




କୁତବ୍‌ମୀନାର କମ୍ପ୍ଲେକ୍ସ ପରିସରରେ ହିନ୍ଦୁ ଓ ଜୈନ ଦେବଦେବୀଙ୍କ ମୂର୍ତ୍ତି ପୁନଃ ସ୍ଥାପନ ଲାଗି ହୋଇଥିବା ଆବେଦନକୁ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ମଙ୍ଗଳବାର ବିରୋଧ କରିଛି। କୁତବ୍‌ମୀନାର ଉପାସନା ସ୍ଥଳ ନୁହେଁ ଏବଂ କୀର୍ତ୍ତିରାଜିର ବର୍ତ୍ତମାନର ସ୍ଥିତିକୁ ବଦଳାଯାଇପାରିବ ନାହିଁ ବୋଲି ଏଏସ୍‌ଆଇ ଦିଲ୍ଲୀ କୋର୍ଟରେ ଯୁକ୍ତି ଉପସ୍ଥାପନ କରିଛି। ଜମିର ବର୍ତ୍ତମାନର ସ୍ଥିତିର ଉଲ୍ଲଂଘନ କରି ଆବେଦନକାରୀ ମୌଳିକ ଅଧିକାରର ଫାଇଦା ଉଠାଇପାରିବେ ନାହିଁ ବୋଲି ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ଅତିରିକ୍ତ ଜିଲା ଜଜ୍ ନିଖିଲ ଚୋପ୍ରା ଏଏସ୍‌ଆଇର ଯୁକ୍ତି ଶୁଣିବା ପରେ ଜୁନ୍ ୯କୁ ରାୟ ସଂରକ୍ଷିତ ରଖିଛନ୍ତି।

ଜୈନ ଦେବତା ତୀର୍ଥଙ୍କର ଭଗବାନ ଋଷଭ ଦେବଙ୍କ ତରଫରୁ ଆଇନଜୀବୀ ହରିଶଙ୍କର ଜୈନ ପିଟିଶନ ଦାଏର କରିଥିଲେ। ସେ ତାଙ୍କ ଆବେଦନରେ ଦର୍ଶାଇଥିଲେ, ମହମ୍ମଦ ଘୋରିଙ୍କ ସେନାପତି କୁତ୍‌ବୁଦ୍ଦିନ ଆଇବାକ ୨୭ଟି ମନ୍ଦିରକୁ ଆଂଶିକ ଭାଙ୍ଗି ସେଠାରେ କୁୱାତ୍-ଉଲ୍-ଇସ୍‌ଲାମ ମସ୍‌ଜିଦ ନିର୍ମାଣ କରାଇଥିଲେ। ଉକ୍ତ ମସ୍‌ଜିଦ ନିର୍ମାଣରେ ଭଗ୍ନ ମନ୍ଦିରଗୁଡ଼ିକର ଉପକରଣକୁ ବ୍ୟବହାର କରାଯାଇଥିଲା। କୁତବ୍‌ମୀନାର ପରିସରରେ ଗଣେଶଙ୍କର ଦୁଇଟି ମୂର୍ତ୍ତି ଥିଲା ବୋଲି ଜୈନ ତାଙ୍କ ଆବେଦନରେ ଦର୍ଶାଇଥିଲେ।

## ଜମ୍ମୁ-କଶ୍ମୀର ପୋଲିସ ମେଡାଲରୁ ଶେଖ୍ ଅବ୍‌ଦୁଲ୍ଲାଙ୍କ ଛବି ହଟିବ

ନୂଆଦିଲ୍ଲୀ, ୨୪।୫

ଜମ୍ମୁ-କଶ୍ମୀର ପୋଲିସ ମେଡାଲରେ ଥିବା ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶେଖ୍ ଅବଦୁଲ୍ଲାଙ୍କ ଛବି ହଟାଯିବା ନେଇ ଜମ୍ମୁ-କଶ୍ମୀର ସରକାର ନିଷ୍ପତ୍ତି ନେଇଛନ୍ତି। ଅବଦୁଲ୍ଲାଙ୍କ ଛବି ବଦଳରେ ଅଶୋକ ସ୍ତମ୍ଭର ଚିତ୍ର ରଖାଯିବ ବୋଲି ରାଜ୍ୟ ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସରକାରଙ୍କ ଏ ପ୍ରକାର ନିଷ୍ପତ୍ତିକୁ ନେଇ ଆଞ୍ଚଳିକ ଦଳ ଦ ନ୍ୟାଶନାଲ କନ୍‌ଫରେନ୍ସ ଏବଂ ପିପୁଲ୍ସ ଡେମୋକ୍ରାଟିକ୍ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। କାଶ୍ମୀର ସମ୍ପୂର୍ଣ୍ଣ ଭାବେ ଭାରତ ସହିତ ମିଶୁ ବୋଲି ଅବଦୁଲ୍ଲା ଚାହୁଁଥିଲେ। ୧୯୪୮ରୁ ୧୯୫୩ ପର୍ଯ୍ୟନ୍ତ ଶେଖ୍ ଅବଦୁଲ୍ଲା ଜମ୍ମୁ-କଶ୍ମୀର ପ୍ରଧାନମନ୍ତ୍ରୀ ଥିବାବେଳେ ୧୯୭୫ରୁ ୧୯୮୨ ପର୍ଯ୍ୟନ୍ତ ସେ ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ମନୋନୀତ ହୋଇଥିଲେ।

## ପଞ୍ଜାବ ମନ୍ତ୍ରୀ ବହିଷ୍କୃତ ପରେ ଗିରଫ

ଚଣ୍ଡିଗଡ଼, ୨୪।୫(ଆଇଏଏନ୍‌ଏସ୍)




ଦୁର୍ନୀତିରେ ସମ୍ପୃକ୍ତ ପଞ୍ଜାବ ସ୍ୱାସ୍ଥ୍ୟମନ୍ତ୍ରୀ ବିଜୟ ସିଙ୍ଗ୍‌ଲାଙ୍କୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ତାଙ୍କ କ୍ୟାବିନେଟରୁ ବହିଷ୍କାର କରିଛନ୍ତି। ଏହାର କିଛି ସମୟ ପରେ ସିଙ୍ଗ୍‌ଲାଙ୍କୁ ଗିରଫ କରାଯାଇଛି। ମନ୍ତ୍ରୀ ଦୁର୍ନୀତିରେ ସମ୍ପୃକ୍ତି ନେଇ ତାଙ୍କ ପାଖରେ ପ୍ରମାଣ ରହିଥିବା ମାନ୍ କହିଛନ୍ତି। ସେ ବିଭାଗରୁ ୧ ପ୍ରତିଶତ କମିଶନ ଦାବି କରୁଥିଲେ। ପଞ୍ଜାବକୁ ଦୁର୍ନୀତିମୁକ୍ତ ରାଜ୍ୟରେ ପରିଣତ କରିବା ଲାଗି ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ। ଦୁର୍ନୀତିରେ ଯିଏ ସମ୍ପୃକ୍ତ ଥାଆନ୍ତୁ ନା କାହିଁକି ବରଦାସ୍ତ କରାଯିବ ନାହିଁ ବୋଲି ମାନ୍ କହିଛନ୍ତି। ସିଙ୍ଗ୍‌ଲାଙ୍କ ବିରୋଧରେ ମାମଲା ରୁଜୁ କରିବା ଲାଗି ମଧ୍ୟ ମୁଖ୍ୟମନ୍ତ୍ରୀ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ମାନ୍‌ଙ୍କ ଦୁର୍ନୀତି ନିରୋଧୀ ପଦକ୍ଷେପକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଭୂୟସୀ ପ୍ରଶଂସା କରିଛନ୍ତି। ମାନ୍‌ଙ୍କ

**ମାନ୍‌ଙ୍କ ଦୁର୍ନୀତି ନିରୋଧୀ ପଦକ୍ଷେପକୁ କେଜ୍‌ରିୱାଲଙ୍କ ପ୍ରଶଂସା**

କାର୍ଯ୍ୟାନୁଷ୍ଠାନରେ ତାଙ୍କ ଆଖିରେ ଲୁହ ଆସିଯାଇଛି ବୋଲି କେଜ୍‌ରିୱାଲ କହିବା ସହ ସାରା ଦେଶ ଆଜି ଆମ୍ ଆଦ୍‌ମୀ ପାର୍ଟି ପାଇଁ ଗର୍ବ ଅନୁଭବ କରୁଥିବା ଟୁଇଟ୍ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୫ରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଦୁର୍ନୀତି ଅଭିଯୋଗରେ ନିଜ କ୍ୟାବିନେଟ୍‌ର ଜଣେ ମନ୍ତ୍ରୀଙ୍କୁ ବରଖାସ୍ତ କରିଥିଲେ।

## ଜ୍ଞାନବାପି ମାମଲା: ୨୬ରେ ପରବର୍ତ୍ତୀ ଶୁଣାଣି

ବାରାଣସୀ, ୨୪।୫



ଜ୍ଞାନବାପି-ଶ୍ରୀଙ୍ଗାରଗୌରୀ କମ୍ପ୍ଲେକ୍ସ ମାମଲାର ରକ୍ଷଣାବେକ୍ଷଣ ସମ୍ପର୍କିତ ଶୁଣାଣି ୨୬ ତାରିଖରେ ହୋଇ ନିଷ୍ପତ୍ତି ନିଆଯିବ ବୋଲି ବାରାଣସୀ ଜିଲା ଅଦାଲତ ମଙ୍ଗଳବାର ସମୟ ଧାର୍ଯ୍ୟ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲା ଜଜ୍ ଏ.କେ. ବିଶ୍ୱେଷ ପ୍ରଥମେ ମୁସଲମାନ ପକ୍ଷର ଶୁଣାଣି କରିବେ। ଜ୍ଞାନବାପି ମସ୍‌ଜିଦ ଉପରେ ହିନ୍ଦୁମାନଙ୍କ ଦାବିକୁ ଖାରଜ କରିବା ଲାଗି ମୁସଲମାନ ପକ୍ଷ ଆବେଦନ କରିଛନ୍ତି। ତେବେ କୋର୍ଟ ନିର୍ଦ୍ଦେଶରେ ଜ୍ଞାନବାପି ମସ୍‌ଜିଦ ପରିସରରେ ହୋଇଥିବା ଭିଡିଓଗ୍ରାଫି ସର୍ଭେ ରିପୋର୍ଟ ଉପରେ ଉଭୟ ହିନ୍ଦୁ ଓ ମୁସଲମାନ ପକ୍ଷ ପ୍ରତିବାଦ ଜଣାଇବା ପାଇଁ କୋର୍ଟ ଗୋଟିଏ ସପ୍ତାହ ସମୟ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ସୁପ୍ରିମକୋର୍ଟ ଜ୍ଞାନବାପି ମସ୍‌ଜିଦ ବିବାଦ ମାମଲାକୁ ବାରାଣସୀ ଜିଲା ଜଜ୍ କୋର୍ଟକୁ ସ୍ଥାନାନ୍ତର କରିଥିଲେ। ମାମଲାର ଜଟିଳତା ଓ ସମ୍ବେଦନଶୀଳତା ଦୃଷ୍ଟିରୁ ଏହାକୁ ଉତ୍ତରପ୍ରଦେଶ ନ୍ୟାୟିକ ସେବାର ଜଣେ ବରିଷ୍ଠ ତଥା ଅଭିଜ୍ଞତାସମ୍ପନ୍ନ ବିଚାରପତି ମାମଲାର ଶୁଣାଣି କରିବେ ବୋଲି ସିଜେଆଇ ଜଷ୍ଟିସ ଏନ୍.ଭି. ରମନାଙ୍କ ଖଣ୍ଡପୀଠ କହିଥିଲେ।

## ମନ୍ତ୍ରୀଙ୍କ ଘରେ ନିଆଁ ଲଗାଇଲେ ବିକ୍ଷୋଭକାରୀ

ହାଇଦ୍ରାବାଦ, ୨୪।୫

■ଜିଲା ନାଁ ପରିବର୍ତ୍ତନକୁ ବିରୋଧ କରି ହିଂସାକାଣ୍ଡ
■ପୋଲିସ ଗାଡ଼ି, ସ୍କୁଲ ବସ୍ ପୋଡ଼ି
■ଢେଲାମାଡ଼ରେ ୨୦ ପୋଲିସ ଆହତ

ଆନ୍ଧ୍ରପ୍ରଦେଶର ନବଗଠିତ ଜିଲା କୋନାସୀମା ନାଁ ବଦଳାଇ ଏହାକୁ ବି.ଆର୍. ଆମ୍ବେଡ୍‌କର କୋନାସୀମା କରିବା ପ୍ରସ୍ତାବ ବିରୋଧରେ ଆନ୍ଦୋଳନ ମଙ୍ଗଳବାର ହିଂସାତ୍ମକ ରୂପ ନେଇଛି। ଅମଲାପୁରମ୍ ସହରରେ ଉତ୍ୟକ୍ତ ବିକ୍ଷୋଭକାରୀ ରାଜ୍ୟ ପରିବହନ ମନ୍ତ୍ରୀ ପି. ବିଶ୍ୱରୂପଙ୍କ ଘରେ ନିଆଁ ଲଗାଇଦେବା ସହ ଭଙ୍ଗାରୁଜା କରିଛନ୍ତି। ପୋଲିସ ମନ୍ତ୍ରୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ନିରାପଦ ସ୍ଥାନକୁ ନେଇଯାଇଛି। ଆନ୍ଦୋଳନକାରୀମାନେ ପୋଲିସ ଭ୍ୟାନ୍ ଏବଂ ଏକ ସ୍କୁଲ୍ ବସ୍‌କୁ ଜାଳିଦେଇଛନ୍ତି। ସେମାନଙ୍କ ଢେଲାମାଡ଼ରେ ୨୦ ଜଣ ପୋଲିସ ଆହତ ହୋଇଛନ୍ତି। ଜିଲା ସହ ବି.ଆର୍. ଆମ୍ବେଡ୍‌କରଙ୍କ ନାଁ ଯୋଡ଼ାଯିବା


ବିକ୍ଷୋଭକାରୀ ସ୍କୁଲ ବସ୍‌ରେ ନିଆଁ ଲଗାଇଦେଇଛନ୍ତି।

ଘଟଣାରେ ଗର୍ବ ଅନୁଭବ କରିବା କଥା। ଏହା ବଦଳରେ ଅସାମାଜିକ ତତ୍ତ୍ୱମାନେ ହିଂସା ଘଟାଉଛନ୍ତି ବୋଲି ରାଜ୍ୟ ଗୃହମନ୍ତ୍ରୀ ତନେଟି ବନିଥା କହିଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ ପରେ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୪ରେ ପୂର୍ବ ଗୋଦାବରୀ ଜିଲାରୁ ଅଲଗା ହୋଇ କୋନାସୀମା ନୂଆ ଜିଲା ଗଠନ ହୋଇଥିଲା। ଉକ୍ତ ଜିଲାକୁ ବି.ଆର୍. ଆମ୍ବେଡ୍‌କର କୋନାସୀମା ଜିଲା ଭାବେ ନାମିତ କରିବାକୁ ଗତ ସପ୍ତାହରେ ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରିଥିଲେ। ଏଥିରେ କାହାର ଯଦି ଆପତ୍ତି ଥାଏ ତେବେ ଜଣାଇବାକୁ କୁହାଯାଇଥିଲା। କୋନାସୀମା ସାଧନା ସମିତି ଏହାକୁ ବିରୋଧ କରିଥିଲା। ମଙ୍ଗଳବାର ସମିତି ପକ୍ଷରୁ ବିକ୍ଷୋଭ କରାଯିବା ସହ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଯାଉଥିବାବେଳେ ପୋଲିସ ଅଟକାଇବାରୁ ହିଂସାକାଣ୍ଡ ସୃଷ୍ଟି ହୋଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୨,୮୫,୦୪,୯୮୦ | ୬୩,୦୨,୩୭୩ | ୪୯,୮୮,୯୯,୨୬୬ |
| ଭାରତ | ୪,୩୧,୪୦,୦୬୮ | ୫,୨୪,୪୯୦ | ୪,୨୬,୦୦,୭୩୭ |
| ଓଡ଼ିଶା | ୧୨,୮୮,୩୮୭ | ୯୧୨୬(+୫୩) | ୧୨,୭୯,୧୧୮ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




## ଏସ୍‌ପିଙ୍କୁ ଓଏଚ୍‌ଆରସିଙ୍କ ନୋଟିସ

**ପାରାଦୀପ,୨୪।୫(ସ୍ୱ.ପ୍ର.)**

ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥର ମହାନଦୀ ପୋଲ ଉପରେ ଗତ ୪ ଦିନ ତଳେ ଏକ ଘଟଣା ଘଟିଥିଲା। ମାର୍ଶାଘାଇ ଥାନା ଅନ୍ତର୍ଗତ ଟିକରପଙ୍ଗା ଗ୍ରାମର ଗଜେନ୍ଦ୍ର ସ୍ୱାଇଁ ନାମକ ଯୁବକ ଏକ ଟ୍ରକ୍‌ରୁ ମୋବାଇଲ ଚୋରି କରିବା ଅଭିଯୋଗରେ ଟ୍ରକ୍ ଚାଳକମାନେ ତାଙ୍କୁ ଧରି ଟ୍ରକ୍ ଆଗରେ ବାନ୍ଧି କିଛି ବାଟ ଗାଡି ଚଳାଇଥିବା ଘଟଣାର ଭିଡିଓ ଭାଇରାଲ ହେବା ପରେ ମଙ୍ଗଳବାର ଓଡ଼ିଶା ମାନବିକ ଅଧିକାର କମିଶନ(ଓଏଚ୍‌ଆର୍‌ସି) ନିଜ ଆଡୁ ଏକ ମାମଲା ରୁଜୁ କରି ଜଗତ୍‌ସିଂହପୁର ଏସ୍‌ପିଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୧୫ ଦିନ ଭିତରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

**ଟ୍ରକ୍ ଆଗରେ ଯୁବକଙ୍କୁ ବାନ୍ଧି ଭିଡିଓ ଭାଇରାଲ ଘଟଣା**

ଏହାପରେ ପାରାଦୀପ ଲକ୍‌ଥାନା ପୋଲିସ ଓ କେନ୍ଦ୍ରାପଡା ଜିଲା ମାର୍ଶାଘାଇ ପୋଲିସ ଘଟଣା ସମ୍ପର୍କରେ ତନାଘନା ଚଳାଇଛନ୍ତି। ଲକ୍ ଥାନାଧିକାରୀ ସବ୍ୟସାଚୀ ରାଉତଙ୍କ ସୂଚନା ଅନୁସାରେ, ବନ୍ଧାହୋଇଥିବା ଯୁବକ ଟିକରପଙ୍ଗା ଗ୍ରାମର। ତାଙ୍କୁ ଯାଜପୁରରୁ ଆସିଥିବା ଏକ ଟ୍ରକ୍‌ରେ ବାନ୍ଧି ଟିକରପଙ୍ଗାରୁ ମହାନଦୀ ପୋଲ ପର୍ଯ୍ୟନ୍ତ ଅଣାଯାଇଥିଲା। ସମ୍ପୃକ୍ତ ଅଞ୍ଚଳ କେନ୍ଦ୍ରାପଡା ଜିଲାର। ତଥାପି ଆମେ ସମ୍ପୃକ୍ତ ଯୁବକଙ୍କ ସହ ଯୋଗାଯୋଗ କରିଛୁ। ତାଙ୍କୁ ଏକ ଅଭିଯୋଗ କରିବା ପାଇଁ ପରାମର୍ଶ ଦେଇଛୁ।




# ୩୦ ଗୁଣ ବଢ଼ିଛି ଗ୍ରୀଷ୍ମ ଲହର

## ଗ୍ରୀଷ୍ମ ଲହରିରେ ଭାରତ, ପାକିସ୍ତାନରେ ଯାଇଛି ୯୦ ଜୀବନ

**ନୂଆଦିଲ୍ଲୀ,୨୪।୫**

ଜଳବାୟୁ ପରିବର୍ତ୍ତନ ଯୋଗୁ ତାତି ବଢୁଛି। ଚଳିତ ବର୍ଷ ମାର୍ଚ୍ଚ-ଏପ୍ରିଲରେ ଭାରତ ଓ ପାକିସ୍ତାନରେ ସର୍ବାଧିକ ଗ୍ରୀଷ୍ମ ଲହର ଅନୁଭୂତ ହୋଇଥିଲା। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଗ୍ରୀଷ୍ମ ଲହର ପୂର୍ବାପେକ୍ଷା ପ୍ରାୟ ୩୦ ଗୁଣ ଅଧିକ ଅନୁଭୂତ ହେବାକୁ ଯାଉଥିବା ଏକ ଅଧ୍ୟୟନରେ କୁହାଯାଇଛି। ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନ ପୂର୍ବରୁ ରୌଦ୍ରତାପରେ ଅତ୍ୟଧିକ ବୃଦ୍ଧି ପ୍ରାୟତଃ ପ୍ରତି ୩,୦୦୦ ବର୍ଷରେ ଥରେ ଅନୁଭୂତ ହୋଇଥାଏ। ବିଶ୍ୱ ଉତ୍ତାପୀକରଣର ପ୍ରଭାବ ଅନୁଧ୍ୟାନ କରୁଥିବା ଇମ୍ପେରିଆଲ କଲେଜ ଲଣ୍ଡନର ଗ୍ରନ୍ଥମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକ ଫ୍ରେଡେରିକ୍ ଓଟୋ ଏହା କହିଛନ୍ତି। ଅନ୍ତର୍ଜାତୀୟ ସହଯୋଗ ସଂଗଠନ ୱାର୍ଲ୍ଡ ୱେଦର ଆଟ୍ରିବ୍ୟୁଶନ (ଡବ୍ଲ୍ୟୁଡବ୍ଲ୍ୟୁଏ) ପକ୍ଷରୁ କରାଯାଇଥିବା ଅଧ୍ୟୟନରେ ଉପରୋକ୍ତ ଆକଳନ କରାଯାଇଛି। ଚଳିତ ବର୍ଷ ପ୍ରଚଣ୍ଡ ରୌଦ୍ରତାପରେ ଭାରତ ଓ ପାକିସ୍ତାନରେ ଅନ୍ୟୁନ ୯୦ ଲୋକଙ୍କ ଜୀବନ ଯାଇଥିବା ଆକଳନ କରାଯାଇଛି। ଉତ୍ତରପଶ୍ଚିମ ଭାରତ ଏବଂ ଦକ୍ଷିଣପୂର୍ବ ପାକିସ୍ତାନରେ ସର୍ବାଧିକ ଗ୍ରୀଷ୍ମ ଲହରି ପ୍ରବାହିତ ହୋଇଥିଲା ବୋଲି ଉକ୍ତ ଅଧ୍ୟୟନରେ କୁହାଯାଇଛି। ମୃତ୍ୟୁସଂଖ୍ୟାକୁ ନେଇ କୌଣସି ସରକାରୀ ରେକର୍ଡ ନ ଥିବାବେଳେ ଗଣମାଧ୍ୟମ ରିପୋର୍ଟ ଆଧାରରେ ଏହି ଅଧ୍ୟୟନ କରାଯାଇଛି। ବାହାରକୁ କାମରେ ଯାଉଥିବା ଲୋକେ ବିଶେଷ କରି ଦିନ ମଜୁରିଆ, ରାସ୍ତାରେ ବିକ୍ରି କରୁଥିବା ଛୋଟ ବ୍ୟବସାୟୀ, ନିର୍ମାଣ ଶ୍ରମିକ, କୃଷି ଶ୍ରମିକ ଏବଂ ଟ୍ରାଫିକ୍ ପୋଲିସ ହିଟ୍ ୱେଭ୍‌କୁ ସର୍ବାଧିକ ସାମ୍ନା କରିଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ବିଭିନ୍ନ ତାପଜ ବିଦ୍ୟୁତ୍ ପ୍ଲାଣ୍ଟରେ କୋଇଲା ଅଭାବ ଜନିତ ଦୀର୍ଘ ସମୟ ବିଜୁଳି କାଟ୍ ସାଧାରଣ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରିପକାଇଥିଲା।



**ଡବ୍ଲ୍ୟୁଡବ୍ଲ୍ୟୁଏ ଅଧ୍ୟୟନ ରିପୋର୍ଟ**

ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ଭାରତରେ ଗତ ମାର୍ଚ୍ଚ ମାସ ସର୍ବାଧିକ ଉତ୍ତପ୍ତ ରେକର୍ଡ କରାଯାଇଥିଲା। ୧୨୨ ବର୍ଷ ମଧ୍ୟରେ କେବେ ଏଭଳି ଉତ୍ତାପ ଅନୁଭୂତ ହୋଇ ନ ଥିଲା। ଏପ୍ରିଲରେ ଉତ୍ତାପ ଆହୁରି ବୃଦ୍ଧି ପାଇଥିଲା। ଯଦିଓ ଭାରତ, ପାକିସ୍ତାନରେ ତାପମାତ୍ରା ବଢ଼ିବା ନୂଆ ନୁହେଁ, ତେବେ ଚଳିତ ବର୍ଷ ଏହା ସଅଳ ଆରମ୍ଭ ହୋଇ ଦୀର୍ଘଦିନ ରହିବା ଅସାଧାରଣ ଘଟଣା। ଚଳିତ ବର୍ଷ ମାର୍ଚ୍ଚରେ ଭାରତରେ ସ୍ୱାଭାବିକଠାରୁ ୭୧ ପ୍ରତିଶତ କମ୍ ବର୍ଷା ହୋଇଥିବାବେଳେ ପାକିସ୍ତାନରେ ୬୨ ପ୍ରତିଶତ କମ୍ ବୃଷ୍ଟିପାତ ରେକର୍ଡ କରାଯାଇଥିବା ରିପୋର୍ଟରେ କୁହାଯାଇଛି।

ସଅଳ ଗ୍ରୀଷ୍ମ ଲହର ସାଙ୍ଗକୁ ବର୍ଷା ଅଭାବ ଯୋଗୁ ଭାରତରେ ଗହମ ଉତ୍ପାଦନ ଗୁରୁତର ପ୍ରଭାବିତ ହୋଇଛି। ଫଳରେ ଭାରତ ସରକାର ଗହମ ରପ୍ତାନି ବନ୍ଦ କରିବାକୁ ଘୋଷଣା କରିଥିଲେ। ଭାରତ ରପ୍ତାନି ବନ୍ଦ କରିଦେବା ଯୋଗୁ ବିଶ୍ୱ ବଜାରରେ ଗହମ ଦାମ୍ ୬ ପ୍ରତିଶତ ବଢ଼ିଯାଇଛି। ଚଳିତ ବର୍ଷ ଭାରତ ରେକର୍ଡ ପରିମାଣ ୧୦ ନିୟୁତ ଟନ୍ ଗହମ ରପ୍ତାନି କରିବ ବୋଲି ପୂର୍ବରୁ ଆଶା କରାଯାଉଥିଲା। ତାହା ହୋଇଥିଲେ ରୁଷିଆ-ୟୁକ୍ରେନ ଯୁଦ୍ଧ ଯୋଗୁ ସୃଷ୍ଟି ହୋଇଥିବା ଗହମ ଅଭାବକୁ ଭରଣା କରାଯାଇପାରିଥାନ୍ତା। ରପ୍ତାନି ବାତିଲ ଯୋଗୁ ବିଶ୍ୱ ବଜାରରେ ଗହମ ଦର ବଢ଼ିବା ସାଙ୍ଗକୁ ବିଶ୍ୱବ୍ୟାପୀ କ୍ଷୁଧିତ ସଂଖ୍ୟା ବୃଦ୍ଧି ପାଇଥିବା ପ୍ୟାରିସ ସୋର୍‌ବନ୍ ୟୁନିଭର୍ସିଟିର ପ୍ରଫେସର ରବର୍ଟ ଭୌଟାର୍ଡ କହିଛନ୍ତି।

## ପ୍ରେମିକଙ୍କ ପରେ ଜୀବନ ହାରିଲେ ପ୍ରେମିକା

**ପାତ୍ରପୁର,୨୪।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ଜରଡ଼ା ଥାନା ସାମନ୍ତରାପୁର ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମକୁ ଦୁଇ ପରିବାରର ଅନୁମତି ନ ମିଳିବାରୁ ପ୍ରଥମେ ପ୍ରେମିକଙ୍କ ପରେ ପ୍ରେମିକା ଆତ୍ମହତ୍ୟା କରିଛନ୍ତି। ସାମନ୍ତରାପୁର ଗ୍ରାମର ଯୁବତୀ ଓ ଯୁବକ ପରସ୍ପରକୁ ଦୀର୍ଘ ଦିନ ଧରି ଭଲ ପାଉଥିଲେ। ସାରା ଜୀବନ ଏକାଠି ବିତାଇବେ ବୋଲି ଉଭୟ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେମାନେ ପରିବାର ଲୋକଙ୍କୁ ଅନୁମତି ମାଗିଥିଲେ। ହେଲେ ସେମାନଙ୍କ ପ୍ରେମକୁ କେହି ବୁଝି ନ ପାରି ସମ୍ପର୍କରେ ପୂର୍ଣ୍ଣଚ୍ଛେଦ

**ପ୍ରେମରେ ବାଧାକୁ ସହି ପାରିଲେନି**

ପକାଇଦେଇଥିଲେ। ପରିବାର ଲୋକଙ୍କଠାରୁ ବିବାହ ପାଇଁ ଅନୁମତି ନ ମଳିବାରୁ ପ୍ରେମୀଯୁଗଳ ସବୁବେଳେ ମାନସିକ ଚିନ୍ତାରେ ରହୁଥିଲେ। ସୋମବାର ରାତିରେ ପୁଣି ସେମାନେ ନିଜ ନିଜ ପରିବାରରେ ବିବାହ କରିବାକୁ ନିବେଦନ କରିଥିଲେ ମଧ୍ୟ ଘର ଲୋକେ ମନା କରିଦେଇଥିଲେ। ଫଳରେ ମଙ୍ଗଳବାର ଭୋର୍‌ରେ ଯୁବକ ଜଣକ ଗ୍ରାମର ଏକ ଆମ୍ବ ଗଛରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ଯୁବତୀ ଜଣକ ସେଠାରେ ପହଞ୍ଚି ଯୁବକଙ୍କ ଗୋଡ଼କୁ ଧରି କାନ୍ଦିଥିଲେ। ହେଲେ ମୃତ ଯୁବକଙ୍କ ପରିବାର ଲୋକ ଆସି ମୋ ପୁଅ ତୋ ପାଇଁ ଆତ୍ମହତ୍ୟା କରିଛି ବୋଲି ଯୁବତୀଙ୍କୁ ଗାଳି କରିଥିଲେ। ଏହା ଶୁଣି ଯୁବକଙ୍କ ମୃତ୍ୟୁର ଘଣ୍ଟାଏ ପରେ ଯୁବତୀ ମଧ୍ୟ ଅନ୍ୟ ଏକ ଗଛରେ ଚୁନି ବାନ୍ଧି ଆତ୍ମହତ୍ୟା କରିଥିଲେ। ଜରଡ଼ା ଥାନା ପୋଲିସ ପହଞ୍ଚି ଉଭୟଙ୍କ ଝୁଲନ୍ତା ମୃତଦେହ ଜବତ କରି ନଂ.୯,୧୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି। ପ୍ରେମୀଯୁଗଳଙ୍କ ମୃତ୍ୟୁ ନେଇ ଜରଡ଼ା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।



**ଆଜିର ମନ୍ତବ୍ୟ**

"ଭାରତ ଗହମ ରପ୍ତାନି ବନ୍ଦ ନିଷ୍ପତ୍ତିର ପୁନର୍ବିଚାର କରୁ। ଅନ୍ତର୍ଜାତୀୟ ଖାଦ୍ୟ ସୁରକ୍ଷା ଓ ବିଶ୍ୱ ସ୍ଥିରତାରେ ନୂଆଦିଲ୍ଲୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ପାରିବ।

– କ୍ରିଷ୍ଟାଲିନା ଜର୍ଜିଏଭା, ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ମୁଖ୍ୟ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହାନଦୀ ଉଦ୍ଧାର ପାଇଁ ପ୍ରଧାନମନ୍ତ୍ରୀ, ୨ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ଭୁବନେଶ୍ୱର, ୨୪।୫ (ବ୍ୟୁରୋ):** ମହାନଦୀକୁ ଉଦ୍ଧାର ଓ ଏହାର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ଚିଠିରେ ମହାନଦୀକୁ ବଞ୍ଚାଇ ରଖିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ା ଯାଇଛି। ସେହିପରି କଲମା ବ୍ୟାରେଜର ୫ ଗେଟକୁ ତୁରନ୍ତ ଖୋଲିବା ପାଇଁ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯିବା ସହିତ ତାଙ୍କ ସହ ସାକ୍ଷାତ ପାଇଁ ସମୟ ମଗା ଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିବା ଚିଠିରେ ରାଜ୍ୟ ସରକାର ମହାନଦୀ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ କଡା ସମାଲୋଚନା କରାଯାଇଛି।

# ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

## ଆଜି ବନକ ଲାଗି

**ପୁରୀ ଅଫିସ, ୨୪।୫**

ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଦଶମୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତ ନୀତି। ତେଣୁ ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ବୁଧବାର ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ବନକ ଲାଗି ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କର ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଦତ୍ତମହାପାତ୍ର ସେବକମାନେ ଏହି ନୀତି ସମ୍ପନ୍ନ କରିବେ। ବନକଲାଗିରେ ମୁଖ୍ୟତଃ କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡ଼ା ପରି ଅନେକ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉପର ବରଡ଼ା ହସୁଛି**
**ତଳ ବରଡ଼ା ଖସୁଛି**
**ମଝି ବରଡ଼ା ଥାଇଁ ବୋଇଲା**
**ମୋ' ଦିନକାଳ ଆସୁଛି।**

ବାସ୍ତବିକ ଏ ମରଣଶୀଳ ଦୁନିଆରେ କିଛି ବି ସ୍ଥାୟୀ ନ ଥାଏ। ତଳ ବରଡ଼ା ଖସିଲା ପରି ଦିନେ ଉପର ବରଡ଼ା ମଧ୍ୟ ସମୟକ୍ରମେ ଖସିପଡୁଥିବାର ଦେଖିବାକୁ ମିଳିଥାଏ। ମଣିଷର ଅଗ୍ରଗତି ପଥରେ କାଳର ଏହା ସତର୍କ ବାଣୀ। ଏହାହିଁ ଦୁନିଆର ରୀତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଉଷୁନା ଚାଉଳ ମଣ୍ଡା**
**ଗାଳି ନ ଦିଅନ୍ତି ମାଡ଼ ନ ମାରନ୍ତି**
**ବଚନେ କରନ୍ତି ଗୁଣ୍ଡା।**

ମାଡ଼ଗାଳିଠାରୁ ପଦିଏ ଟାଣ କଥା ଦେହ ଓ ମନକୁ କ୍ଷତାକ୍ତ କରିଦେଇଥାଏ। ଏପରି ମରମଭେଦୀ କଥାକୁ ସହ୍ୟ କରିବା ଅନେକଙ୍କ ପକ୍ଷେ ସହଜ ହୋଇ ନ ଥାଏ। ଶାଶୁଘରେ ବୋହୂକୁ କଥାରେ ଶାସନ କରିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



କର୍ମକ୍ଷେତ୍ରରେ ବିଚାରବୁଦ୍ଧି ପ୍ରୟୋଗ କରି ପ୍ରତ୍ୟେକ ସମସ୍ୟାର ସରଳ ସମାଧାନ କରିପାରିବେ। ସାମାଜିକ ସ୍ତରରେ ଆପଣଙ୍କ ଦକ୍ଷତାର ମୂଲ୍ୟାୟନ ହେବା ସଙ୍ଗକୁ ପୁରସ୍କୃତ ହୋଇପାରନ୍ତି। ଅଫିସ୍ କାମରେ ସାମୟିକ ଭୁଲ୍ ବୁଝାମଣା ଯୋଗୁ ମାନସିକ ସ୍ଥିରତା ରହି ନ ପାରେ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ।

**ବୃଷ**



ପରିବାରର ଅର୍ଥନୈତିକ ଅଭିବୃଦ୍ଧି ଘଟିବା କାରଣରୁ ମନ ପ୍ରଫୁଲ୍ଲ ରହିବ। କର୍ମକ୍ଷେତ୍ରରେ ସମସ୍ୟା ପୂର୍ବପରି ରହିବ, ତଥାପି ଭୟ କରିବାର କୌଣସି କାରଣ ନାହିଁ। କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି, ଯାହା କି କାମଟି ଅପୂର୍ଣ୍ଣ ରହିଯିବ। ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା ଓ ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ**



ଯେତେ ରାଗିଥିଲେ ମଧ୍ୟ ଟିକିଏ ଫୁସୁଲା ଫୁସୁଲି କଥାରେ ମନ ବଦଳି ଯିବ। ଏହି ସୁଯୋଗ ନେଇ ଆତ୍ମୀୟମାନେ ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। କର୍ମକ୍ଷେତ୍ରରେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରି ମନ ଊଣା କରିପାରନ୍ତି। ସାମାଜିକ ସ୍ତରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପାରେ।

**କର୍କଟ**



ଦୈହିକ ଦୁର୍ବଳତା ଯୋଗୁଁ ମନୋବଳ କମି ଯାଇପାରେ। ଆର୍ଥିକ ଅନଟନ ଲାଗି ରହିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ପୁନର୍ବସୁ ସକାଶେ ଆଜିର ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ। ବନ୍ଧୁଙ୍କ ସହାୟତାରେ ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ପାଇବେ।

**ସିଂହ**



ଆଜିର କାମଗୁଡ଼ିକ ଯଥାରୀତି ସମ୍ପନ୍ନ କରିବାରେ ଅସୁବିଧା ହେବନାହିଁ। ପାଖ ପଡୋଶୀଙ୍କ କୁଟିଳ କଥାକୁ ଠିକ୍ ଭାବେ ବୁଝିପାରିବେନି। ଯୋଜନା, ଜମିଜମା, ଯାନ୍ତ୍ରିକ କାରବାର, ଯାନବାହନ କ୍ରୟ ବିକ୍ରୟରେ ଅଗ୍ରଗତି ହେବ। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବେ।

**କନ୍ୟା**



ବାକି ରହିଥିବା ପ୍ରତ୍ୟେକ କାମ ପ୍ରତିବନ୍ଧକ ମଧ୍ୟରେ ଅଟକି ରହିବ। ଏଣେ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପଡିବେ। ଆନୁଷ୍ଠାନିକ କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ସାଧାରଣ କଥାରେ ପ୍ରିୟ ବ୍ୟକ୍ତିଟି ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**ତୁଳା**



ଆଜିର କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ଆତ୍ମୀୟସ୍ୱଜନ ତଥା ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁଁ କର୍ମ ମୁଖର ହେବେ। ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। ସହକର୍ମୀମାନେ ନିଜର ଫାଇଦା ହାସଲ କରିବା ଲାଗି ମନ ବଳାଇପାରନ୍ତି।

**ବିଛା**



ପ୍ରତ୍ୟେକ କାର୍ଯ୍ୟ ମନ୍ଥର ଗତିରେ ଗଡି ଚାଲିବା କାରଣରୁ ମନସ୍ତାପ କରିପାରନ୍ତି। ପ୍ରିୟ ବ୍ୟକ୍ତିଙ୍କ ଛଳନା ଓ ପ୍ରତାରଣାପୂର୍ଣ୍ଣ କଥାରେ ମନରୁ ସରସତା ଉଭେଇଯିବ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁଁ କ୍ଷୋଭ ପ୍ରକାଶ କରିପାରନ୍ତି। ଅଫିସ୍ କାମରେ ମାନସିକ ଅବସାଦ ଦୂର ହେବ ଏବଂ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ଧନୁ**



ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ କିଛିଟା ଲାଘବ ହେବାର ସୂଚନା ରହିଛି। ସ୍ୱାର୍ଥସାଧନର ଲାଳସା ରଖି ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଜମିଜମା ରେଜିଷ୍ଟ୍ରେଶନ୍ କିମ୍ବା ନୂତନ ଚୁକ୍ତିପତ୍ର ସ୍ୱାକ୍ଷର ଅଥବା ନୂତନ ସ୍ଥାନକୁ ଯାତ୍ରା କରିପାରନ୍ତି। ଯୋଗାଣ କାରବାର ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର**



କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ବିଚାରବୁଦ୍ଧି ହରାଇ ବନ୍ଧୁଙ୍କ କୁମନ୍ତ୍ରଣାରେ ପଡିପାରନ୍ତି। ଅତି ନିକଟରେ ରହୁଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। କ୍ରନିକ ରୋଗଜନିତ ଶାରୀରିକ ପୀଡାରେ କଷ୍ଟ ପାଇପାରନ୍ତି।

**କୁମ୍ଭ**



ଆଜି ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହୋଇପାରେ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବାର ଆଶଙ୍କା ରହିଛି। ବାରମ୍ବାର ପୁରୁଣା କଥାକୁ ବେଶି ଆଲୋଚନା କରିବା ଠିକ୍ ହେବନି। ବହୁତ ଦୂରରୁ ଆସୁଥିବା ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ।

**ମୀନ**



ପାରିବାରିକ ଜୀବନ ସୁଖ,ସନ୍ତୋଷରେ ଅତିବାହିତ ହେବ। ଘର ପାଇଁ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବିଭିନ୍ନ କ୍ଷେତ୍ରରୁ ଅର୍ଥ ସଂଗ୍ରହର ପ୍ରଚେଷ୍ଟା ଫଳବତୀ ହେବ। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବାର ସମ୍ଭାବନା ରହିଛି।

# classifieds Everyday

0674-2580101, 2549302





**GROOM WANTED**

38 ବୟସ, (୫'୪'' ଉଚ୍ଚତା) ସରକାରୀ Teacher, ଦରମା 54ହଜାର ମହିଳା ହେତୁ ବର ଦରକାର। ଘରଜ୍ୱାଇଁଙ୍କୁ ପ୍ରାଥମିକତା। ସଭିଜାତି ସଭିମାନ୍ୟ ଅଟନ୍ତି। ଯୋଗାଯୋଗ- 7693046665. D-558





**SALE**

ଭୁବନେଶ୍ୱରର ଛତାବରରେ Rs.-299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-512

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

Sum-Nuagaon Ghangapatna, Kateni-Kantabada, Khordha Pitapalli residential plot available- 9348957503. D-73251

**Newly constructed, high class, well planned, fully furnished building (ground floor & first floor) with 03 phase electric connection, garage facility & BDA approval, situated in a VVIP Area (aerodrome location) at Bhubaneswar for sale. Only prospective buyers needs to call. Contact DEEPAK- 9937329999.** D-71639

Bhubaneswar Retanga Station ପାଖରେ 30ft. ରୋଡ୍ ଥାଇ 5000sqft. plot- 35,00,000/-ରେ ବିକ୍ରିହେବ। (registration/ boundary free). 9938016295. D-73252

ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲ ଠାରୁ ୪କି.ମି. ରେ ଘଙ୍ଗପାଟଣା, କଣ୍ଟାବାଡ଼ ଠାରେ ୩୦ଫୁଟ୍ ରୋଡ୍ ଇଲେକ୍ଟ୍ରି ସହ ମିଳୁଅଛି। **8658219495.** D-487

ଭୁବନେଶ୍ୱର ଟଙ୍କପାଣି ବାଇପାସ୍‌ରୁ 200mtr ଭିତରେ ଘରବାଡ଼ି ପାଚେରୀ ପ୍ଲଟ୍ ବିକ୍ରିହେବ। 9827119799. D-73804

ଭୁବନେଶ୍ୱର କଳ୍ପନାଠାରୁ **10 କି.ମି.** ଦୂରରେ ଗୁଡ଼ିଆ ପୋଖରୀ ଛକ **(near KEC College)** ଠାରୁ **4** କି.ମି. ବିନାୟକପୁର ଦେଉଳି ମୌଜାରେ ଘରବାଡ଼ି ପ୍ଲଟ୍ **30X50= 1500sqft.** ପ୍ଲଟ୍ ଓ **40ft.** ମେନ୍ ରୋଡ୍ ସହିତ ବ୍ରାଞ୍ଚ ରୋଡ୍ **30ft.,** ସବ୍‌ବ୍ରାଞ୍ଚ ରୋଡ୍ **25ft.** ତା' ସହିତ ଇଲେକ୍ଟ୍ରି ଆଣ୍ଡ ରୋଡ୍ ଡେଭେଲପମେଣ୍ଟ ସହ ପ୍ରତି **sqft. Rs. 599**ରେ ମିଳୁଛି। ଯୋଗାଯୋଗ ମୋବାଇଲ ନମ୍ବର- **9938999317, 9938015353. SUVAM CONSTRUCTION.** D-475

ପୁରୀ କୋଣାର୍କ ମେରାଇନ୍ ରୋଡକୁ ଲାଗି commercial ଘରବାରି plot ମିଳୁଛି। 9692213354. D-73905

**Fully developed luxurious Farm House 2.20 lakh squarefeet in Mayurbhanj district for sale. Contact: 9078827189.** D-521

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435

**Luxurious 2/3BHK Apartment sale in Hanspal, Palasuni and duplex in Kalarahanga. 8763887357, 7992736330.** D-73246





**Build your dream house at Bhubaneswar with or without materials by Narayan Construction with best quality. Contact: 9777005005.** D-335

**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com





750sqft. furnished Office Space first/second floor, Districtcentre, Chandrasekharpur. 9338226625, 9337464616. D-522

3000sqft. space near Rajmahal Square available suitable for Office/Showroom/ Restaurant/ Godown. 9437557600, 0674-2553064. D-71035





**Relax, Refresh your body, mind at Saikrupa Spa with best therapies. 8984068077.** D-488

Full body massage in homely atmosphere all therapy. Mob.- 8114881641. D-73403

Newly open full body massage ladies and gents. 8327740003, 8093860513. D-73902

Refreshing your mind and body with the best therapy, 7873794731. D-317

Mesmerizing, energetic body, mind qualitative relaxing massage experienced therapists. 9668374480. D-73609

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73801

## LOST

I, Subrat Kumar Das, Jagannath Nagar, P.S.- Saheed Nagar, BBSR. I have lost my original ROR (Patta), Khata No.- 884, Plot No.- 195/1273, Area- 0.059 dec, Mouza- Koradakanta, BBSR, FIR No.-007, dt 24.05.2022 lodged at Saheed Nagar, P.S. If any one found please contact Mob- 9778876864. D-553

## AFFIDAVIT

By virtue of an affidavit before Notary Public, Bhubaneswar I have changed my name from Sangita Dakua (as per Board Certificate) to Shrimati Sangita which is reflected in Andhra & PAN Card. So I declare that Sangita Dakua & Shrimati Sangita is one and same person & henceforth I shall be known as Shrimati Sangita for all purposes. D-554

By virtue of affidavit before the Executive Magistrate, Mahanga, state that I Bandita Rout, D/o- Abhaya Kumar Rout, At- Usuma, PO- Rahania, Mahanga, Cuttack have changed my name from Bishnupriya Rout to Bandita Rout. Bandita Rout and Bishnupriya Rout is one and same person. Henceforth I shall be known as Bandita Rout for all purposes. D-549

By virtue of an affidavit before Executive Magistrate, Mahanga state that I Smt. Sasmita Parida, Vill/ PO.- Mouda, Mahanga, Cuttack have changed my name from Namita Parida to Sasmita Parida. Namita Parida and Sasmita Parida is one and same person. Henceforth I shall be known as Sasmita Parida for all purposes. D-550

I Niranjana Naik aged about 50 years, S/o- Krushna Chandra Naik, Plot No.- 65, Lane No.-5, Bhagabat Sandhan, GGP Canal road, Rasulgarh, Bhubaneswar, Dist.- Khorda do hereby solemnly affirm and declare that I have changed my name from Niranjana Naik to Niranjan Nayak for all purposes. I further confirm that Niranjana Naik and Niranjan Nayak is same and one person and all these names belongs to me only. Henceforth I will be known as Niranjan Nayak only. D-73903

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପ୍ରଥମ ପୃଷ୍ଠାରୁ...

## ସ୍କୁଲରୁ ଅଲିମ୍ପିକ୍ସ...

ଡ. ନରିନ୍ଦର ବାତ୍ରା, ଆଇଓସି ସଦସ୍ୟା ନୀତା ଅମ୍ବାନୀ, ଅଲିମ୍ପିଆନ୍ ଅଭିନବ ବିନ୍ଦ୍ରାଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହି ସହଭାଗିତା ଆମ ସ୍କୁଲ ପିଲାଙ୍କ ଉପରେ ଏକ ବୌଦ୍ଧିକ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଭାବେ କାର୍ଯ୍ୟକରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ପିଲାମାନଙ୍କ ଜୀବନକୁ ଏକ ଭିନ୍ନ ଭାବେ ଗଢ଼ିବାରେ ସହାୟକ ହେବ। ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଓ ଭିଜନକୁ ସେ ପ୍ରଶଂସା କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଆଇଓସି ଶିକ୍ଷା କମିଶନ ଅଧ୍ୟକ୍ଷ ମିକେଲା ସି. ଜୱରସ୍କି କହିଛନ୍ତି ଯେ ପରିବର୍ତ୍ତନ କ୍ଷେତ୍ରରେ ସାଧାରଣ ଶିକ୍ଷା ଅପେକ୍ଷା କ୍ରୀଡ଼ା ଏକ ଶକ୍ତିଶାଳୀ ଯନ୍ତ୍ର। ସମାଜ ପାଇଁ ଅଲିମ୍ପିକ୍ସ ଆନ୍ଦୋଳନର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହାକୁ ସ୍କୁଲ ପାଠ୍ୟକ୍ରମରେ ସାମିଲ କରାଯିବ ବୋଲି ସେ କହିଛନ୍ତି। ଓଆଇସି ସଂସ୍କୃତି ଓ ହେରିଟେଜ କମିଟିର ନିର୍ଦ୍ଦେଶକ ଆଞ୍ଜେଲିଟା ଟିଓ କହିଛନ୍ତି ଯେ ଅଲିମ୍ପିକ୍ସ ଶିକ୍ଷା ଜୀବନଦର୍ଶନ ବିକାଶରେ ସହାୟତା କରିଥାଏ। ଏହା ପିଲାମାନଙ୍କୁ ଏକ ଶାନ୍ତିପୂର୍ଣ୍ଣ ଓ ଉତ୍ତମ ଜୀବନଯାପନ କରିବାରେ ସହାୟକ ହୋଇଥାଏ। ଏହା ଏକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରିବା ଦିଗ ଉପରେ ଫୋକସ କରିବ। ଆଇଓସି ସଦସ୍ୟା ନୀତା ଅମ୍ବାନୀ କହିଛନ୍ତି ଯେ ଯଦିଓ ପ୍ରତ୍ୟେକ ପିଲା ଜଣେ ଅଲିମ୍ପିଆନ ହୋଇପାରିବେ ନାହିଁ, ତେବେ ଅଲିମ୍ପିକବାଦ୍‌ର ଶକ୍ତି ବିଷୟରେ ସବୁ ପିଲା ଶିକ୍ଷାଲାଭ କରିପାରିବେ। ଓଡ଼ିଶା ଦେଶରେ ଏକ କ୍ରୀଡ଼ା ହବ୍ ଭାବେ ଉଭା ହୋଇପାରିଛି। ଏହି ଆନ୍ଦୋଳନରେ ସାମିଲ ହୋଇଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ।

ଅଲିମ୍ପିଆନ ଅଭିନବ ବିନ୍ଦ୍ରା କହିଛନ୍ତି ଯେ, ଶ୍ରେଣୀ ଗୃହ ବାହାରେ ଜୀବନର ଅନ୍ତର୍ନିହିତ ମୂଲ୍ୟବୋଧକୁ ଶିକ୍ଷା କରାଯାଇଥାଏ। ଅଲିମ୍ପିକ୍ସ ଆନ୍ଦୋଳନ ସାମାଜିକ ପରିବର୍ତ୍ତନ ପାଇଁ ବାଟ ଫିଟାଏ। ଓଡ଼ିଶା ହକି ପ୍ରମୋଶନ କାଉନସିଲର ସଭାପତି ଦିଲୀପ ତିର୍କୀ କହିଛନ୍ତି ଯେ ସେ ଅଲିମ୍ପିକ୍ସ ଖେଳି ସମୟାନୁବର୍ତ୍ତିତା, ସମ୍ମାନ ଓ ଆତ୍ମବିଶ୍ୱାସର ମୂଲ୍ୟବୋଧ ପାଇପାରିଛନ୍ତି। ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନର ଅଧ୍ୟକ୍ଷ ନରେନ୍ଦ୍ର ବାତ୍ରା କହିଛନ୍ତି ଯେ ଏହି ଆନ୍ଦୋଳନ ଶିକ୍ଷା କ୍ଷେତ୍ରରେ କ୍ରୀଡ଼ାର ମୂଲ୍ୟବୋଧକୁ ଭର୍ତ୍ତି କରି କରିପାରିବ। ଏହାଛଡ଼ା ସାଂସ୍କୃତିକ ବିଭେଦତାକୁ ମଧ୍ୟ ସମ୍ମାନ ଜଣାଇ ପାରିବ। ଓଡ଼ିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ସୃଷ୍ଟି କରିବ। ଓଡ଼ିଶାରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିବାରୁ ଏହା ପିଲାମାନଙ୍କର ସୁସ୍ଥ ଜୀବନ ପ୍ରଣାଳୀରେ ସହାୟକ ହୋଇପାରିବ। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ତୁଷାର କାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, କ୍ରୀଡ଼ା ସଚିବ ଭିନୀଲ କ୍ରିଷ୍ଣା ଯୋଗ ଦେଇଥିଲେ।

## ପୁରୀରେ ସେବାୟତଙ୍କୁ...

ବାଇକ୍‌ରେ ଶିବରାମ ଯାଉଥିବାବେଳେ ତାଙ୍କ ଉପରକୁ ଗୁଳି ଚାଳନା କରାଯାଇଥିଲା। ସେ ଘଟଣାସ୍ଥଳରେ ହିଁ ରକ୍ତାକ୍ତ ଅବସ୍ଥାରେ ଟଳିପଡ଼ିଥିଲେ। ଏମାର ମଠ ନିକଟରେ ଉପସ୍ଥିତ ଥିବା ଦୁଇ ପୋଲିସ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସ୍‌ପି କନୱର ବିଶାଲ ସିଂ ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି। ସେ କହିଛନ୍ତି, ଗୁଳିକାଣ୍ଡର କାରଣ ସମ୍ପର୍କରେ ସ୍ପଷ୍ଟ ହୋଇନାହିଁ। ତଦନ୍ତ ଜାରି ରହିଛି। ଏହି ଘଟଣାରେ ଜଣଙ୍କୁ ଅଟକ ରଖାଯାଇଛି। ଫେରାର ଦୁର୍ବୃତ୍ତଦ୍ୱୟଙ୍କୁ ଧରିବାକୁ ପୋଲିସର ଏକ ଟିମ୍ ଛାନ୍‌ଭିନ୍ ଚଳାଇଛି। ଅନ୍ୟପକ୍ଷରେ ଆଗକୁ ରଥଯାତ୍ରା ଆସୁଥିବାରୁ ଏହି ଘଟଣା ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ସୂଚନା ଥାଉକି, ଗତ ମାର୍ଚ୍ଚ ୧୬ ତାରିଖରେ ସୁଆର ମହାସୁଆର ନିଯୋଗ ସମ୍ପାଦକ ତଥା ଶ୍ରୀମନ୍ଦିର ସେବାୟତ କୃଷ୍ଣଚନ୍ଦ୍ର ପ୍ରତିହାରୀ (କାଳିଆ)ଙ୍କୁ ବାରବାଟୀ ଜାଗାଘର ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି କୃଷ୍ଣଚନ୍ଦ୍ରଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

## LEGAL NOTICE

ମାନ୍ୟବର ଶ୍ରୀଯୁକ୍ତ ସିଭିଲ୍ ଜଜ୍ (ଜୁନିଅର ଡିଭିଜନ), କେନ୍ଦୁଝର
ଇଲେକ୍‌ସନ୍ କେସ୍ ନଂ-୫/୨୦୨୨
ଶକୁନ୍ତଳା ନାଏକ ...ବାଦୀ
ବନାମ
ଅଞ୍ଜଳୀ ନାଏକ ଓଗେର ....ବିବାଦୀ
୧. ଅଞ୍ଜଳୀ ନାଏକ, ସ୍ୱା- ଜ୍ଞାନେନ୍ଦ୍ର ସାହୁ, ସା- ତେନ୍ତୁଳିନଣ୍ଡା, ପୋ- ଡିମ୍ବୋ, ଥା- ଟାଉନ୍, ଜି- କେନ୍ଦୁଝର।

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣଙ୍କ ନାମେ ଶକୁନ୍ତଳା ନାଏକ ଉପରୋକ୍ତ ମୋକଦ୍ଦମା କରିଅଛନ୍ତି। ଆପଣ ଜାଣିଶୁଣି ମାନ୍ୟବର ଅଦାଲତଙ୍କ ନୋଟିସ୍ ଗ୍ରହଣ କରୁନାହାନ୍ତି। ତେଣୁ ଆସନ୍ତା ତା୨୧।୦୬।୨୦୨୨ରିଖ ଦିବା ୧୦.୩୦ ଘଟିକା ସମୟରେ କୋର୍ଟରେ ନିଜେ ବା ଓକିଲଙ୍କ ଜରିଆରେ ହାଜର ହୋଇ ଜବାବ ଦାଖଲ କରିବେ। ନଚେତ୍ ଉକ୍ତ କେସ୍‌ରେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିଚାର କରାଯିବ ଏବଂ ଆପଣ ଭବିଷ୍ୟତରେ କୌଣସି ଦାବି କରିପାରିବେ ନାହିଁ। ଏହା ମାନ୍ୟବର ସିଭିଲ୍ ଜଜ୍ (ଜୁନିଅର ଡିଭିଜନ)ଙ୍କ ଆଦେଶ ଅଟେ।

ସିଭିଲ୍ ଜଜ୍ (ଜୁନିଅର ଡିଭିଜନ)
କେନ୍ଦୁଝର। ଧ- ୫୪୯

## ପରୀକ୍ଷା ହଲ୍‌ରେ...

ସଙ୍ଗେସଙ୍ଗେ କାରରେ ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ହୋଇଥିଲେ ହେଁ ପ୍ରାରମ୍ଭିକ ପର୍ଯ୍ୟାୟରେ ହୃଦ୍‌ଘାତଜନିତ କାରଣରୁ ଘଟିଥାଇପାରେ ବୋଲି ଡାକ୍ତର କହିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ମୃତ ଛାତ୍ରଙ୍କ ମା' ଓ ମାମୁ ବଣାଇ ଚିକିତ୍ସାଳୟରେ ପହଞ୍ଚି ବ୍ୟବଚ୍ଛେଦ ପରେ ମୃତଦେହ ନେଇଯାଇଛନ୍ତି। ହୃଦ୍‌ଘାତ ଯୋଗୁ ଏମିତି ହୋଇ ଥାଇପାରେ ବୋଲି ଉଭୟ ପରିବାରର ଲୋକେ ଓ ପୋଲିସ ମଧ୍ୟ ସନ୍ଦେହ କରୁଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଠିକ ତଥ୍ୟ ସାମ୍ନାକୁ ଆସିବ ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପରୀକ୍ଷା ହଲ୍‌ରେ ଏଭଳି ଘଟଣା ଘଟିବା ପରେ ଅତ୍ୟନ୍ତ ମର୍ମାହତ ହୋଇପଡ଼ିଥିବା ବଣାଇଗଡ଼ ମହାବିଦ୍ୟାଳୟ ଅଧ୍ୟକ୍ଷ ଜେନାମଣି ସାହୁ ପ୍ରକାଶ କରିଛନ୍ତି।

## ଶ୍ରାବଣୀ, ଅମିୟଙ୍କୁ...

ଭୋଇ ୭.୫୮ ମିଟର ଡେଇଁ ବ୍ରୋଞ୍ଜ ପଦକ ପାଇଛନ୍ତି। ମହିଳା ୧୦୦ ମିଟରରେ ଶ୍ରାବଣୀ ୧୧.୮୭ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପଶ୍ଚିମବଙ୍ଗର ରାଜଶ୍ରୀ ପ୍ରସାଦ ୧୨.୧୮ ଓ ତାମିଲନାଡୁର ଏମ. ଆଞ୍ଜେଲ ସିଲଭିଆ ୧୨.୩୯ ସେକେଣ୍ଡ ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଅନ୍ୟତମ ଓଡ଼ିଆ ଆଥଲେଟ୍ ରଞ୍ଜିତା ମହନ୍ତ ୧୨.୮୪ ସେକେଣ୍ଡ ସମୟ ନେଇଛନ୍ତି। ଗତ ୨୧ ତାରିଖରେ ଏଠାରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୩ରେ ମଧ୍ୟ ଶ୍ରାବଣୀ ମହିଳା ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ତେଣୁ କଳିଙ୍ଗରେ ଅନୁଷ୍ଠିତ ୨ଟି ଯାକ ଗ୍ରାଁ ପ୍ରି ତାଙ୍କ ପାଇଁ ସ୍ମରଣୀୟ ହୋଇଯାଇଛି। ପୁରୁଷ ୧୦୦ ମିଟରରେ ଜାତୀୟ ରେକର୍ଡଧାରୀ ଅମିୟ ୧୦.୭୪ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଆର୍ଯ୍ୟନ ୧୦.୮୬ ସେକେଣ୍ଡ ସମୟ ନେଇ ରୌପ୍ୟ ଓ ମହାରାଷ୍ଟ୍ରର କରନ ବିବେକ ହେଗିଷ୍ଟେ ୧୦.୯୫ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ପାଇଛନ୍ତି। ଇଣ୍ଡିଆନ ଗ୍ରାଁ ପ୍ରି-୩ ପୁରୁଷ ୨୦୦ ମିଟରରେ ଆର୍ଯ୍ୟନ ରୌପ୍ୟ ଓ ଅମିୟ ବ୍ରୋଞ୍ଜ ପଦକ ପାଇଥିଲେ। ପୁରୁଷ ୧୦୦ ମିଟରରେ ଅଂଶଗ୍ରହଣ କରିଥିବା ଅନ୍ୟ ଓଡ଼ିଆ ଆଥଲେଟ୍‌ଙ୍କ ମଧ୍ୟରେ ଅଭିନାଂଶୁ ସାହୁ ୧୦.୯୮, ମହେନ୍ଦ୍ର ସାନ୍ତା ୧୧.୨୭ ଓ ଅଭିଜିତ ସାହୁ ୧୧.୫୯ ସେକେଣ୍ଡରେ ରେସ୍ ଫିନିଶ୍ କରିଥିଲେ।

## ଟମାଟୋ ଫ୍ଲୁ ନେଇ ସତର୍କତା ଜାରି କଲା ସ୍ୱାସ୍ଥ୍ୟ ବିଭାଗ

**ଭୁବନେଶ୍ୱର, ୨୪।୫ (ବ୍ୟୁରୋ)**

ଟମାଟୋ ଫ୍ଲୁ ଭୂତାଣୁ ସଂକ୍ରମଣକୁ ନେଇ ଚାରିଆଡେ ଭୟର ବାତାବରଣ ଦେଖିବାକୁ ମିଳୁଛି। ଏହି ରୋଗ ଛୋଟ ଛୁଆଙ୍କୁ ଆକ୍ରାନ୍ତ କରୁଥିବାରୁ ଅଭିଭାବକ ଏବଂ ସ୍ୱାସ୍ଥ୍ୟ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି। ଓଡ଼ିଶାରେ ଏଯାଏ କୌଣସି ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିଲେ ବି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି। ଟମାଟୋ ଫ୍ଲୁ ଏକ ଭୂତାଣୁଜନିତ ଓ ବାୟୁବାହିତ ସଂକ୍ରାମକ ରୋଗ। ବିଶେଷକରି ୫ବର୍ଷରୁ କମ୍ ବୟସର ଶିଶୁଙ୍କ ଶରୀରରେ ଏହି ରୋଗର ଲକ୍ଷଣ ଦେଖାଯାଉଛି। ଏହି ରୋଗ ହେଲେ ହାତ, ପାଦ ଓ ମୁହଁରେ ନାଲି ନାଲି ଫଳିଯାଉଛି। ଗଳା ଦରଜ, ଥଣ୍ଡା, କାଶ ଓ ନାକରୁ ପାଣି ବାହାରିବା ସହ ଭୀଷଣ ଜ୍ୱର ହେଉଛି। ଏଥିସହ ଦେହ ହାତ ଘୋଳାବିନ୍ଧା ହେଉଛି ଓ କ୍ଲାନ୍ତ ଲାଗୁଛି। ଶିଶୁଙ୍କଠାରେ ଏଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି।

# ବର୍ଷାଙ୍କୁ ଅନୁଭବଙ୍କ ୩ ଚ୍ୟାଲେଞ୍ଜ

**କଟକ ଅଫିସ,୨୪।୫**

**'ଅକୁହା ସତ' ପାର୍ଟ-୩**

■ 'ଆମେ କେବେ ଏକାଠି ରହିପାରିବାନି'



ଦିନକୁ ଦିନ ତୀବ୍ର ହେବାରେ ଲାଗିଛି କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଏବଂ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ଦାମ୍ପତ୍ୟ ବିବାଦ। ୟୁଟ୍ୟୁବ୍‌ରେ ଅନୁଭବ ଗତ ଗୁରୁବାର ଏବଂ ଶନିବାର ଦୁଇଟି ଭିଡିଓ ଛାଡ଼ି ଅକୁହା ସତ ଭାବେ ଅନେକ କଥା କହିଥିଲେ। ହେଲେ ସେଥିରେ ବର୍ଷା ତାଙ୍କ ସମ୍ମାନ ଏବଂ ଚରିତ୍ରହାନି ହେଉଥିବା ଏବଂ ନାରୀତ୍ୱ ପ୍ରତି ଅପମାନ ହେଉଥିବା ଦର୍ଶାଇ ରବିବାର ପୁରୀଘାଟ ଥାନାରେ ଅନୁଭବଙ୍କ ନାମରେ ଅଭିଯୋଗ କରିଥିଲେ। ଏହାପରେ ଅନୁଭବ ପୁଣିଥରେ ମଙ୍ଗଳବାର ବିଳମ୍ବିତ ରାତିରେ ନିଜ ୟୁଟ୍ୟୁବ ଆକାଉଣ୍ଟରେ 'ଅକୁହା ସତ' ପାର୍ଟ-୩ ଅପ୍‌ଲୋଡ୍ କରି ତାଙ୍କ ଉପରେ ବର୍ଷା ଲଗାଇଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହି ଭିଡିଓରେ ସେ ଖୋଲାଖୋଲି ଭାବେ ବର୍ଷାଙ୍କୁ ଅଲଗା ହୋଇଯିବାକୁ କହିଛନ୍ତି। ଏଥିସହ ଅନୁଭବ ବର୍ଷାଙ୍କୁ ୩ଟି ଚ୍ୟାଲେଞ୍ଜ ଦେଇ ସାହସ ଅଛି ଯଦି ଏହାକୁ ଗ୍ରହଣ କର ବୋଲି କହିଛନ୍ତି। ତାହାହେଲା ମେଡିକାଲ ଟେଷ୍ଟ, ଫରେନ୍‌ସିକ୍ ଲାବ୍‌ରେ ବର୍ଷାଙ୍କ ଅଡିଓ ଟେଷ୍ଟ ଏବଂ ପଲିଗ୍ରାଫି ବା ଲାଏ ଡିଟେକ୍ସନ୍ ଟେଷ୍ଟ କରିବାକୁ ସେ ବର୍ଷାଙ୍କୁ ଆହ୍ୱାନ ଦେଇଛନ୍ତି।

ଅନୁଭବ କହିଛନ୍ତି, ସ୍ୱାମୀ-ସ୍ତ୍ରୀ ବିବାଦ ସେ ନୁହେଁ, ବର୍ଷା ପଦାକୁ ଆଣିଛନ୍ତି। ଦୁଇ ପରିବାରର ମର୍ଯ୍ୟାଦାହାନି ନ ହେବା ପାଇଁ ସେ ଦିଲ୍ଲୀ ପଟିଆଲା କୋର୍ଟରେ ଆବେଦନ କରିଥିଲେ। ଦୁଇ ଜଣ ସେଲିବ୍ରେଟି ହୋଇଥିବାରୁ ସମ୍ମାନହାନିକୁ ରୋକିବା ପାଇଁ ସେମାନଙ୍କ ବିରୋଧରେ ଚାଲିଥିବା ଛାଡ଼ପତ୍ର ମାମଲା ଗଣମାଧ୍ୟମରେ ପ୍ରସାରଣ ନ ହେବାକୁ କୋର୍ଟରେ ଅପିଲ୍ କରିଥିଲେ। କିନ୍ତୁ ସେତେବେଳେ ବର୍ଷା ଏହାକୁ ବିରୋଧ କରିଥିଲେ। ବର୍ଷା ଏହାକୁ କଟକ କୋର୍ଟକୁ ଆଣିଥିଲେ। ସେ ଯେତେ ଏହାକୁ ଲୁଚାଇବାକୁ ଚେଷ୍ଟା କରିଥିଲେ ବର୍ଷା ତାହାକୁ ସେତେ ଲୋକଙ୍କୁ ଜଣାଉଛନ୍ତି। ତାଙ୍କ ଉପରେ ବର୍ଷା ଲଗାଇଥିବା ସମସ୍ତ ଅଭିଯୋଗ ମିଛ ବୋଲି ସେ କହିଛନ୍ତି।

ବିବାହ ବିଚ୍ଛେଦ ନେଇ ଅନୁଭବ କହିଛନ୍ତି, 'ଆମେ କେବେ ଏକାଠି ରହିପାରିବାନି, ତେଣୁ ଅଲଗା ହୋଇଯିବାଟା ଆମ ଉଭୟଙ୍କ ପାଇଁ ଭଲ। କେସ୍ ଲଢ଼ିଲେ କାହାକୁ କିଛି ମିଳିବନି। କେସ୍‌ରେ ଜଣେ ଜିତିବ, ଜଣେ ହାରିବ। ହେଲେ ଜୀବନରେ କେହି ଜିତିପାରିବାନାହିଁ।'

ବର୍ଷାଙ୍କ ଅଭିଯୋଗ ସଂକ୍ରାନ୍ତରେ ଅନୁଭବ କହିଛନ୍ତି, 'ମୁଁ ତାଙ୍କ ବିରୋଧରେ ଅପ୍ରପଚାର କରୁଛି, ତାଙ୍କ ନାରରତ୍ୱକୁ ଅପମାନିତ କରିଛି, ତାଙ୍କ ପ୍ରତିଷ୍ଠା ନଷ୍ଟ କରିବାକୁ ଚେଷ୍ଟା କରୁଛି। ଏପରିକି ମୁଁ ତାଙ୍କୁ ବାଟଘାଟ ଚଲାଇ ଦେଉନି, ଧମକ ଦେଇଥିଲି। ୮ ବର୍ଷ ହେଲା ଯଦି ସେ ଏତେ ନିର୍ଯାତିତା ହେଉଥିଲେ, କାହିଁକି କେଉଁ ଥାନାରେ ଅଭିଯୋଗ କରି ନ ଥିଲେ। ମୁଁ ଡିଭୋର୍ସ ଫାଇଲ କରିବା ପରେ ସବୁ ନିର୍ଯାତନା କଥା ମନେପଡ଼ିଲା ଆଉ ଥାନାକୁ ଦୌଡ଼ିଲେ।' ଏ ସମ୍ପର୍କରେ ବର୍ଷାଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ଗ୍ରହଣ କରି ନ ଥିଲେ।

# 'ବର୍ଷାଙ୍କ ବିକଳ୍ପ ରହଣି ବ୍ୟବସ୍ଥା କରିବୁ'

**କଟକ ଅଫିସ,୨୪।୫**

**କଟକ ଏସ୍‌ଡିଜେଏମ୍ କୋର୍ଟରେ ଅନୁଭବଙ୍କ ୨ ପିଟିଶନର ଶୁଣାଣି ଶେଷ, ରାୟ ସଂରକ୍ଷିତ**

ଓଡ଼ିଆ ଫିଲ୍ମ ଷ୍ଟାର୍ ଦମ୍ପତି ଅନୁଭବ ମହାନ୍ତି ଓ ବର୍ଷା ପ୍ରିୟଦର୍ଶିନୀଙ୍କ ପାରିବାରିକ ବିବାଦ ମାମଲା ଉପରେ ମଙ୍ଗଳବାର କଟକ ଏସ୍‌ଡିଜେଏମ୍ କୋର୍ଟରେ ଶୁଣାଣି ହୋଇଛି। ଅନୁଭବଙ୍କ ପକ୍ଷରୁ ଦାଏର ହୋଇଥିବା ୨ ପିଟିଶନର ଶୁଣାଣି ଶେଷ କରି କୋର୍ଟ ତାଙ୍କ ରାୟ ସଂରକ୍ଷିତ ରଖିଛନ୍ତି। ନିଜ ପିଟିଶନରେ ଅନୁଭବ ଉଲ୍ଲେଖ କରିଛନ୍ତି ଯେ, ସେ ବର୍ଷାଙ୍କ ବିକଳ୍ପ ରହଣି ପାଇଁ ଭଲ ବ୍ୟବସ୍ଥା କରିବେ ଏବଂ ସେ ବାବଦ ଖର୍ଚ୍ଚକୁ ଭରଣା କରିବେ। ନନ୍ଦିସାହି ସ୍ଥିତ ତାଙ୍କ ପୈତୃକ ବାସଭବନକୁ ବର୍ଷା ଛାଡ଼ନ୍ତୁ। ଯେହେତୁ ବର୍ଷା ତାଙ୍କ ମୂଳ ଆବେଦନରେ ବିକଳ୍ପ ରହଣି ବ୍ୟବସ୍ଥା ଚାହିଁଥିଲେ, ସେଥିରେ ସେ ରାଜି ଥିବା ଅନୁଭବ ପିଟିଶନରେ ଦର୍ଶାଇଛନ୍ତି। ନନ୍ଦିସାହିସ୍ଥିତ ବାସଭବନ ଏକ ଜଏଣ୍ଟ ପ୍ରପର୍ଟି। ସେଥିରେ ଅନୁଭବଙ୍କ ମା'ବାପା, ଭାଉଜ, ଭାଇ ସମସ୍ତଙ୍କ ଅଧିକାର ରହିଛି। ତେଣୁ ସେମାନଙ୍କୁ ସେହି ଘରେ ରହିବାକୁ ଦିଆଯାଉ। ଦାମ୍ପତ୍ୟ କଳିରେ ପରିବାରର ଅନ୍ୟ ସଦସ୍ୟଙ୍କୁ ହଇରାଣ କରାଯାଇପାରିବ ନାହିଁ ବୋଲି ଅନୁଭବଙ୍କ ଓକିଲ ସୁପ୍ରିମ୍‌କୋର୍ଟ ରାୟର ଉଦାହରଣ ଦେଇ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ଅନ୍ୟ ଏକ ପିଟିଶନରେ ବର୍ଷାଙ୍କ ଭରଣପୋଷଣ ପାଇଁ ତାଙ୍କ ବାର୍ଷିକ ଆୟର ତଥ୍ୟ ମଗାଯାଇଛି।

ଅନ୍ୟପକ୍ଷରେ ବର୍ଷାଙ୍କ ଓକିଲ କୋର୍ଟଙ୍କୁ କହିଥିଲେ ଯେ, ଯେହେତୁ ବର୍ଷା ଏବେ ଏକୁଟିଆ, ତେଣୁ ସେ ବାହାରେ ରହିବା ଅସୁରକ୍ଷିତ। ସେ ବିନା ସୁରକ୍ଷାରେ ଏକାକୀ ଅନ୍ୟ ଘରେ ରହିପାରିବେ ନାହିଁ। କୋର୍ଟ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ରାୟକୁ ସଂରକ୍ଷିତ ରଖିଛନ୍ତି। ସୂଚନାଥାଉ କି, ଅନୁଭବ ତାଙ୍କ ବାପା ଓ ମା'ଙ୍କ ସହ ଅନ୍ୟତ୍ର ରହୁଥିବା ବେଳେ ତାଙ୍କ ନନ୍ଦିସାହିସ୍ଥିତ ବାସଭବନରେ ବର୍ଷା ରହୁଛନ୍ତି। ତେବେ ଅନୁଭବ ସୋସିଆଲ ମିଡିଆରେ ଅନେକ ଆପତ୍ତିଜନକ କଥା ଉଠାଇଛନ୍ତି, ଯାହା ତାଙ୍କର ଚରିତ୍ର ସଂହାର କରୁଛି ଏବଂ ସେ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି ବୋଲି ଅଭିଯୋଗ କରି ମଙ୍ଗଳବାର ବର୍ଷାଙ୍କ ତରଫରୁ ଏସ୍‌ଡିଜେଏମ୍ କୋର୍ଟରେ ସାନି ପିଟିଶନ ଦାଏର ହୋଇଛି।

**Tender Notice**

**BAIF Institute for Sustainable Livelihoods and Development**

Invites sealed quotations from reputed vendors for farm pond works in Jujumura, Redhakhol, Naktideul blocks of Sambalpur district. Refer **www.baif.org.in** for details.

**L4, Saraswati Enclave, Dhankuada Sambalpur-768006, Ph. 7894418530**

**ଇଣ୍ଡିଆନ୍ ଓଭରସିଜ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ବି-୨, ପଶ୍ଚିମ, ସହିଦ ନଗର, ଭୁବନେଶ୍ୱର-୦୨

**ଭ୍ରମ ସଂଶୋଧନ**

ତା.୨୧.୦୫.୨୦୨୨ ରିଖରେ 'ଧରିତ୍ରୀ' ରେ ପ୍ରକାଶିତ ମେଗା ଇ-ନିଲାମ ବିକ୍ରୟ ସମ୍ପତ୍ତି ର ଋଣଗ୍ରହୀତା (କ୍ର.ନଂ.-୩)ଶ୍ରୀ ସନ୍ତୋଷ କୁମାର ପଣ୍ଡା ଓ (କ୍ର.ନଂ.-୨୧)ମେସର୍ସ ତ୍ରିମୂର୍ତ୍ତି ଫାର୍ମାସେଟ୍ୟୁକାଲ୍‌ଙ୍କର ଇଏମ୍‌ଡି ଓ ଇ-ନିଲାମ ତାରିଖ ଓ ସମୟ ଯଥାକ୍ରମେ ତା.୨୭.୦୬.୨୦୨୨ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଏବଂ ତା.୨୮.୦୬.୨୦୨୨ ସକାଳ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ପଢ଼ିବା ପାଇଁ ଅନୁରୋଧ। (କ୍ର.ନଂ.-୨୨)ଜରପଡା ଶାଖାର ମେସର୍ସ ଅନୁଗୁଳ ପଲଟ୍ରି ଯାହାର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ଯଥାକ୍ରମେ ସମ୍ପତ୍ତି (କ)ର ଟ.୩୮,୧୩,୦୦୦/- ଏବଂ ଟ.୩,୮୧,୩୦୦/- ଓ ସମ୍ପତ୍ତି(ଖ)ର ଟ.୩୫,୨୭,୦୦୦/-ଏବଂ ଟ.୩,୫୨,୭୦୦/- ବୋଲି ପଢ଼ିବାକୁ ଅନୁରୋଧ।

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ ବ୍ୟାଙ୍କ

# ରାଜ୍ୟରେ ୨୬ ହ୍ୟାଣ୍ଡ୍ ଫୁଟ୍ ଆଣ୍ଡ୍ ମାଉଥ୍ ଡିଜିଜ୍ ରୋଗୀ ଚିହ୍ନଟ

**ଭୁବନେଶ୍ୱର, ୨୪।୫(ବ୍ୟୁରୋ)**

■ ଭୟଭୀତ ନ ହେବାକୁ ପରାମର୍ଶ ଦେଲେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

■ ଆଇସୋଲେଶନରେ ରଖି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ

ରାଜ୍ୟରେ ହ୍ୟାଣ୍ଡ୍ ଫୁଟ୍ ଆଣ୍ଡ୍ ମାଉଥ୍ ଡିଜିଜ୍ (ଏଚ୍‌ଏଫ୍‌ଏମ୍‌ଡି) ରୋଗ ଦେଖାଦେଲାଣି। ଟମାଟୋ ଫ୍ଲୁ ପରି ଏହି ରୋଗ ମୁଖ୍ୟତଃ ଛୋଟ ଛୁଆଙ୍କୁ ଆକ୍ରାନ୍ତ କରୁଛି। ଏଯାବତ୍ ରାଜ୍ୟରୁ ୨୬ଜଣ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ଏହି ରୋଗ ହେଲେ ଜ୍ୱର ହେବା, ଭୋକ ନ ଲାଗିବା, ପାଟି ପାଖରେ ଘା' ହେବା ଭଳି ଲକ୍ଷଣ ଦେଖା ଦେଇଥାଏ। ଏପରି ଲକ୍ଷଣ ଥିବା ୩୬ ରୋଗୀଙ୍କ ନମୁନା ଆର୍‌ଏମ୍‌ଆର୍‌ସିକୁ ପଠାଯାଇଥିଲା। ସେଥିମଧ୍ୟରୁ ୨୬ଜଣ ଏଚ୍‌ଏଫ୍‌ଏମ୍‌ଡି ପଜିଟିଭ ଥିବା ଜଣାପଡିଛି। ସଂକ୍ରମିତଙ୍କ ମଧ୍ୟରୁ ଭୁବନେଶ୍ୱରରୁ ୧୯ଜଣ, ଖୋର୍ଦ୍ଧା ଗ୍ରାମାଞ୍ଚଳରୁ ୨ଜଣ, ପୁରୀରୁ ୩ଜଣ ଓ କଟକରୁ ୨ଜଣ ଅଛନ୍ତି। ସମସ୍ତ ରୋଗୀ ୯ ବର୍ଷରୁ କମ୍ ବୟସର। ସମସ୍ତେ ସୁସ୍ଥ ଥିବାବେଳେ ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ସ୍ୱତନ୍ତ୍ର ଟିମ୍ ନଜର ରଖିଛି। ପଜିଟିଭ ନମୁନାଗୁଡିକୁ ଜିନମ ସିକ୍ୱେନ୍ସିଂ ଲାଗି ଏନ୍‌ଆଇଭି ପୁଣେକୁ ପଠାଯାଇଥିବା ଡା. ମହାପାତ୍ର କହିଛନ୍ତି। ସେ କହିଛନ୍ତି, ଏହି ରୋଗକୁ ନେଇ ଭୟଭୀତ ହେବା ଆବଶ୍ୟକ ନାହିଁ। ପୂର୍ବରୁ ମଧ୍ୟ ଏହିରୋଗ ଥିଲା। ହାଡ଼ଫୁଟି, ମିଳିମିଳା ହେଲେ ଯେପରି ରୋଗୀଙ୍କୁ ଆଇସୋଲେଟ କରି ରଖାଯାଇ ଚିକିତ୍ସା କରାଯାଏ, ଏହି ରୋଗ ଦେଖାଦେଲେ ବି ସମାନ ଚିକିତ୍ସା ପଦ୍ଧତି ଆପଣାଇବା ଦରକାର। ରୋଗୀକୁ ଆଇସୋଲେଶନରେ ରଖିଲେ ତାହା ଜଣଙ୍କ ମଧ୍ୟରେ ସୀମିତ ରହିବ ଓ ରୋଗୀ ୩ ରୁ ୭ ଦିନରେ ଭଲ ହୋଇପାରିବ ଏବଂ ରୋଗ ଅନ୍ୟମାନଙ୍କୁ ସଂକ୍ରମଣ କରିବ ନାହିଁ। ତେଣୁ ପିଲାଙ୍କ ନିକଟରେ ଏପରି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଲକ୍ଷଣ ଥିବା ରୋଗୀ ମେଡିକାଲ ଆଉଟ୍‌ଡୋର୍‌କୁ ଆସିଲେ ସେମାନଙ୍କ ସାମ୍ପଲ ଟେଷ୍ଟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କମ୍ୟୁନିଟି ସର୍ଭିଲାନ୍ସ ଉପରେ ମଧ୍ୟ ନଜର ରଖାଯାଇଛି ବୋଲି ଡା. ମହାପାତ୍ର କହିଛନ୍ତି।

# 'ସ୍ୱତନ୍ତ୍ର ଡ୍ରାଇଭ ଜରିଆରେ ପୁରୁଣା ମାମଲା ବନ୍ଦ କର'

**କଟକ ଅଫିସ, ୨୪।୫**

**ଡିଜିପିଙ୍କ ସମୀକ୍ଷା ବୈଠକ**

କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଜିପି ସୁନୀଲ ବଂଶଲ ଯୋଗଦେଇ ଅପରାଧ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଏସ୍‌ଆର୍ ମାମଲାଗୁଡିକର ଠିକ୍ ତଦନ୍ତ କରିବାକୁ କହିଛନ୍ତି। ସେହିପରି ବିଚାରାଧୀନ ମାମଲାର ତଦନ୍ତ ସହ ପୁରୁଣା ମାମଲାଗୁଡିକ ସମାପ୍ତ ନିମନ୍ତେ ସ୍ୱତନ୍ତ୍ର ଡ୍ରାଇଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜବତ ଗାଡିଗୁଡିକର ଉପଯୁକ୍ତ ବିନିଯୋଗ, ମାଲଖାନାଗୁଡିକର କମ୍ପ୍ୟୁଟରୀକରଣ ଓ ଦଣ୍ଡବିଧାନ ହାର ବୃଦ୍ଧି ନିମନ୍ତେ ଜିଲାସ୍ତରରେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଡିଜିପି କହିଛନ୍ତି। ଏଥିସହ ଆଇନଶୃଙ୍ଖଳା, ଜରୁରିକାଳୀନ ସେବା ପାଇବା ପାଇଁ ଡାଏଲ-୧୧୨, ମୋ' ସରକାର, ଜନଶୁଣାଣି ସମ୍ପର୍କରେ ସମୀକ୍ଷା କରିଥିଲେ। ଏତଦ୍‌ବ୍ୟତୀତ ବ୍ରାଉନ୍‌ସୁଗାର ଓ ଗଞ୍ଜେଇ ଜବତ, ଏନ୍‌ଡିପିଏସ୍ ମାମଲାରେ ଜବତ ହୋଇଥିବା ଡ୍ରଗ୍ସ ଏବଂ ଗାଡିଗୁଡିକର ବିନିଯୋଗ ନିମନ୍ତେ ପ୍ରାକ୍ ବିଚାର ପ୍ରକ୍ରିୟା ଓ ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ ସମ୍ପର୍କରେ ଡିଜିପି ସମୀକ୍ଷା କରିଥିଲେ।

**NOTICE**

This is to inform that Singer India Limited is voluntarily recalling the stock of ceiling fans EON and EON DECO Model manufactured in February 22, from the market due to technical issues. This step is taken by the company to keep up the promise of giving the quality products to its customers. The returned unit shall be replaced with the new improved lot.

Customers having above product advised to contact their dealer to return the product. Alternatively, customers may contact our call centre on 1800 103 3474.

## ଅତିରିକ୍ତ ଡିଜି (ଆଧୁନିକୀକରଣ) ହେଲେ ସଞ୍ଜୟ କୁମାର



**ଭୁବନେଶ୍ୱର,୨୪।୫ (ବ୍ୟୁରୋ)**

କେନ୍ଦ୍ରୀୟ ଡେପୁଟେଶନରୁ ଫେରିବା ପରେ ଓଡ଼ିଶା କ୍ୟାଡରର ୧୯୯୭ ବ୍ୟାଚ୍ ଆଇପିଏସ୍ ଅଫିସର ସଞ୍ଜୟ କୁମାରଙ୍କୁ ଅତିରିକ୍ତ ଡିଜି(ଆଧୁନିକୀକରଣ) ଭାବେ ଅବସ୍ଥାପିତ କରାଯାଇଛି। ଚଳିତବର୍ଷ ମାର୍ଚ୍ଚ ୧୨ରେ ତାଙ୍କର କେନ୍ଦ୍ରୀୟ ଡେପୁଟେଶନ ଅବଧି ଶେଷ ହୋଇଥିଲେ ମଧ୍ୟ ସେ ଗତ ୨୦ ତାରିଖରେ ଓଡ଼ିଶା କ୍ୟାଡରରେ ଯୋଗଦେଇଥିଲେ। ସଞ୍ଜୟ କୁମାର ୨୦୧୫ରେ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିଲେ। ସେ ସଶସ୍ତ୍ର ସୀମା ବଳ(ଏସ୍‌ଏସ୍‌ବି)ରେ ଆଇଜି ଭାବେ ପ୍ରାୟ ୭ ବର୍ଷ କାର୍ଯ୍ୟ କରିଥିଲେ। ୨୦୨୨ ମାର୍ଚ୍ଚ ୧୨ରେ ତାଙ୍କୁ ନିଜ କ୍ୟାଡରକୁ ଫେରାଇ ଦିଆଯାଇଥିଲା। କିନ୍ତୁ ସେ ଛୁଟିରେ ରହିବା ପରେ ଗତ ଶୁକ୍ରବାର ଓଡ଼ିଶା ଫେରି କାର୍ଯ୍ୟରେ ଯୋଗ ଦେଇଛନ୍ତି। ମଙ୍ଗଳବାର ତାଙ୍କୁ ନୂଆ ଦାୟିତ୍ୱ ମିଳିଛି। ସଞ୍ଜୟ କୁମାର ଓଡ଼ିଶାର ବିଭିନ୍ନ ମାଓବାଦୀପ୍ରବଣ ଜିଲାରେ ଏସ୍‌ପି ଭାବେ କାର୍ଯ୍ୟ କରିଥିଲେ।

# ରାତ୍ରିଭୋଜନ ପରେ ୨୦ ଆଇଟିଆଇ ଛାତ୍ର ଅସୁସ୍ଥ

**ବଲାଙ୍ଗୀର ଅଫିସ,୨୪।୫**

**ଖାଦ୍ୟରୁ ବାହାରିଥିଲା ମୃତ ଝିଟିପିଟି**

ବଲାଙ୍ଗୀର ସରକାରୀ ଆଇଟିଆଇ କଲେଜର ୨୦ଜଣ ଛାତ୍ର ସୋମବାର ରାତ୍ରିଭୋଜନ ପରେ ଅସୁସ୍ଥ ହୋଇପଡ଼ିଛନ୍ତି। ମଙ୍ଗଳବାର ସେମାନଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସା କରାଯାଇଛି। ସୂଚନା ଅନୁସାରେ, ଏହି ଆଇଟିଆଇର ବାଳକ ହଷ୍ଟେଲରେ ସୋମବାର ରାତ୍ର ଭୋଜନରେ ଦିଆଯାଇଥିବା ଡାଲିରେ ଏକ ମୃତ ଝିଟିପିଟି ପଡ଼ିଥିବା ଜଣାପଡ଼ିଥିଲା। ଝିଟିପିଟି ବାହାରିବା ପରେ ଡାଲିକୁ ଫୋପାଡ଼ି ଦିଆଯାଇଥିଲା। ତେବେ ସେତେବେଳକୁ କେତେଜଣ ଛାତ୍ର ଖାଦ୍ୟ ଖାଇସାରିଥିଲେ। ରାତିରେ ଶୋଇବାକୁ ଯିବା ପରେ କେତେକଙ୍କ ପେଟ ବ୍ୟଥା ଓ ବାନ୍ତି ହୋଇଥିଲା। କଲେଜ କର୍ତ୍ତୃପକ୍ଷ ମଙ୍ଗଳବାର ସକାଳେ ଅସୁସ୍ଥ ହୋଇପଡିଥିବା ୨୦ଜଣ ଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିଲା। ଏ ନେଇ କଲେଜ ଅଧ୍ୟକ୍ଷ କୁମାର ମିଳନ ସାହୁଙ୍କୁ ପଚାରିବାରୁ ଖାଦ୍ୟରୁ ଝିଟିପିଟି ବାହାରିବା ଜଣାପଡିବା ପରେ ଛାତ୍ରମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ହସ୍ପିଟାଲ ନିଆଯାଇଥିଲା। ଖାଦ୍ୟ ତିଆରି କରିଥିବା ରୋଷେୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଏହି ଘଟଣାକୁ ନେଇ ଛାତ୍ରମାନେ ଅସନ୍ତୋଷ ପ୍ରକାଶ କରି ହଷ୍ଟେଲରେ ଖାଦ୍ୟ ପ୍ରସ୍ତୁତି ବେଳେ ଅବହେଳା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ କରିଛନ୍ତି।



ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିବା ବଲାଙ୍ଗୀର ଆଇଟିଆଇ କଲେଜର ଛାତ୍ରମାନେ।

# ରାଜ୍ୟରେ କାଳବୈଶାଖୀ ତାଣ୍ଡବ

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**-ଘଡ଼ଘଡ଼ି ସାଙ୍ଗକୁ ପବନର ସୁ ସୁ ଗର୍ଜନ ଖଣ୍ଡମଣ୍ଡଳକୁ କମ୍ପାଇଦେଲା। ନିମିଷକ ମଧ୍ୟରେ ବାତ୍ୟାର ଭ୍ରମ ସୃଷ୍ଟି କଲା। ଚାହୁଁ ଚାହୁଁ ଚାରିଆଡ଼େ ଧୂଳିଝଡ଼ ସହ ବର୍ଷା ଓ ପବନ ଘୋଟିଗଲା। ମଙ୍ଗଳବାର ପାହାନ୍ତାରେ ରାଜଧାନୀ ଭୁବନେଶ୍ୱରରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଥିଲା। ବଡ଼ିଭୋରୁ ମାଡ଼ିଆସିଲା କାଳବୈଶାଖୀ ଝଡ଼। ଠପ୍ ହୋଇଗଲା ବିଜୁଳି। ଏକ ଘଣ୍ଟା କାଳ ପବନ, ବର୍ଷାରେ ସହର ବେହାଲ ହୋଇଥିଲା। ଗଛ ଡାଳ ଭାଙ୍ଗିବା ସହ ବର୍ଷା ସହରର ତାତିକୁ ତଳମୁହାଁ କରିଥିଲା। କେବଳ ଭୁବନେଶ୍ୱର ନୁହେଁ, ଅଧା ରାଜ୍ୟ ଝଡ଼ବର୍ଷାରେ ଭିଜିଯାଇଛି। କଟକ, ଅନୁଗୋଳ, ଢେଙ୍କାନାଳ, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କୋରାପୁଟ, ସୋନପୁର, ବୌଦ୍ଧ, ଯାଜପୁର, ଗଜପତି, ଦେବଗଡ଼ ଆଦି ଜିଲାରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। କେତେକ ସ୍ଥାନରେ ଗଛ ଉପୁଡ଼ି ପଡ଼ିବା ସାଙ୍ଗକୁ ପ୍ରବଳ ବର୍ଷା ହୋଇଥିଲା।




**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୧୦୮-ବି, ୧ମ ମହଲା, ୟୁନିଟ୍ - ୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ଛକ, ଭୁବନେଶ୍ୱର-୭୫୧୦୦୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍‌ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି ଗୁଡିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ନିମନ୍ତେ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

| ଶାଖା / ଆକାଉଣ୍ଟ/ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା /ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସିକ୍ୟୁରିଟାଇଜେସନ୍ ନୋଟିସ୍ / ଦଖଲ ନୋଟିସ୍ ଦ୍ୱାରା ଦାବି କରାଯାଇଥିବା ରାଶି | ସିକ୍ୟୁରିଟାଇଜେସନ୍ ନୋଟିସ୍ ତାରିଖ / ଦଖଲ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|---|
| ଢେଙ୍କାନାଳ ଶାଖା / **ଶ୍ରୀ ବେଣୁଧର ବିଶ୍ୱାଳ,** ପିତା: ୰ ଉଚ୍ଛବ ବିଶ୍ୱାଳ, ସା: ହଳଦିବାରି, ପୋ: ଗେଙ୍ଗୁଟିଆ, ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୧୩ | ୧) ଶ୍ରୀ ବେଣୁଧର ବିଶ୍ୱାଳ, ୨) ଶ୍ରୀମତୀ ମମତା ବିଶ୍ୱାଳ, ସ୍ୱାମୀ: ବେଣୁଧର ବିଶ୍ୱାଳ, ଉଭୟଙ୍କ ଠିକଣା- ସା: ହଳଦିବାରି, ପୋ: ଗେଙ୍ଗୁଟିଆ, ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୧୩ | ୦୯.୦୫.୨୦୨୧ସୁଦ୍ଧା ଟ.୧୦,୨୪,୧୩୫/-/ ୧୭.୦୫.୨୦୨୨ ସୁଦ୍ଧା ଟ.୧୦,୧୨,୭୦୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୧୦.୦୫.୨୦୨୧ / ୧୯.୦୫.୨୦୨୨ | ଶ୍ରୀ ବେଣୁଧର ବିଶ୍ୱାଳଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ହଳଦିବାରି, ଥାନା: ଢେଙ୍କାନାଳ ସଦର ନଂ.: ୫୭, ତହସିଲ: ଢେଙ୍କାନାଳ ସଦର ନଂ.: ୧୩୩, ଜିଲ୍ଲା: ଢେଙ୍କାନାଳ, ଖାତା ନଂ.: ୬୨/୪୫, ପ୍ଲଟ୍ ନଂ.: ୨୭୨/୪୦୭, କ୍ଷେତ୍ର: ଏକର୦.୦୪୭.୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଉଚ୍ଛବ ବିଶ୍ୱାଳ, ପଶ୍ଚିମ: ଉଚ୍ଛବ ବିଶ୍ୱାଳ, ଦକ୍ଷିଣ: ସରକାରୀ ଜମି, ଉତ୍ତର: ନାଳ |
| ଢେଙ୍କାନାଳ ଶାଖା / **ତ୍ରିଲୋଚନ ଭୂୟାଁ,** ବଳରାମ ବିହାର, ଜୁବୁଲି ଟାଉନ, ଢେଙ୍କାନାଳ, ପିନ୍-୭୫୯୦୦୧ | ୧) ଶ୍ରୀମତୀ ନୟନା ଭୂୟାଁ, ୨) ସତ୍ୟ ରଞ୍ଜନ ଭୂୟାଁ, ବଳରାମ ବିହାର, ଜୁବୁଲି ଟାଉନ, ଢେଙ୍କାନାଳ, ପିନ୍-୭୫୯୦୦୧ | ୦୨.୧୧.୨୦୨୧ସୁଦ୍ଧା ଟ.୧୫,୩୫,୪୮୬/-/ ୧୭.୦୫.୨୦୨୨ ସୁଦ୍ଧା ଟ.୧୬,୩୬,୫୧୭/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୦୩.୧୧.୨୦୨୧/ ୧୯.୦୫.୨୦୨୨ | ଶ୍ରୀମତୀ ନୟନା ଭୂୟାଁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବନମାଳି ପ୍ରସାଦ, ଥାନା: ଢେଙ୍କାନାଳ ସଦର-୨, ତହସିଲ: ଢେଙ୍କାନାଳ ସଦର -୨, ଜିଲ୍ଲା: ଢେଙ୍କାନାଳ, ଖାତା ନଂ.: ୫୩୫/୧୯୭, ପ୍ଲଟ୍ ନଂ.: ୨୦୪୨/୨୬୮୦, କ୍ଷେତ୍ର: ଏକର୦.୧୨୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଅଞ୍ଜଳି ସାମଲ, ପଶ୍ଚିମ: ପ୍ଲଟ୍ ନଂ.: ୨୬୮୧, ଦକ୍ଷିଣ: ରାସ୍ତା, ଉତ୍ତର: ଶରତ ତୁଙ୍ଗ |
| କଟକ ପୁରୀ ରୋଡ୍ ଶାଖା / **ଚନ୍ଦନ ଜେନା,** ପିତା: ମହେଶ୍ୱର ଜେନା, **ବିଘ୍ନେଶ୍ୱର ଜେନା,** ପିତା: ୰ବାଞ୍ଛାନିଧି ଜେନା, ସା: ବାହାଦଲପୁର, ପୋ: ସରକନ୍ତାର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୯ | ୧) ଚନ୍ଦନ ଜେନା, ପିତା: ମହେଶ୍ୱର ଜେନା, ୨) ବିଘ୍ନେଶ୍ୱର ଜେନା, ପିତା: ୰ବାଞ୍ଛାନିଧି ଜେନା, ସା: ବାହାଦଲପୁର, ପୋ: ସରକନ୍ତାର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୯ | ୨୪.୦୮.୨୦୨୧ସୁଦ୍ଧା ଟ.୧୪,୦୪,୫୯୬/-/ ୨୨.୦୫.୨୦୨୨ ସୁଦ୍ଧା ଟ.୧୩,୫୯,୬୭୨/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୨୪.୦୮.୨୦୨୧ / ୨୩.୦୫.୨୦୨୨ | ଚନ୍ଦନ ଜେନା ଏବଂ ବିଘ୍ନେଶ୍ୱର ଜେନାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାହାଦଲପୁର, ଥାନା: ଭୁବନେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୫୮, ବନ୍ଦୋବସ୍ତ ପ୍ଲଟ୍ ନଂ.: ୧୧୯, କ୍ଷେତ୍ର: ଏକର୦.୦୩୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ସରକାରୀ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୨୦, ଦକ୍ଷିଣ: ପ୍ଲଟ୍ ନଂ.: ୧୧୭, ଉତ୍ତର: ସରକାରୀ ରାସ୍ତା |

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୪.୦୫.୨୦୨୨

କ୍ଷମତାପ୍ରାପ୍ତ ଅଧିକାରୀ
ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଟାଇୱାନ ପରେ

ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ୩ ମାସ ଅତିକ୍ରମ କରିବାକୁ ବସିଛି। ଯୁଦ୍ଧ କେବେ ଶେଷ ହେବ ତାହାର ସଙ୍କେତ ମିଳୁ ନାହିଁ। ଏଭଳି ସ୍ଥଳେ ଏବେ ଯେଉଁ ନୂଆ ଖବରଟି ବିଶ୍ୱବ୍ୟାପୀ ଚର୍ଚ୍ଚାକୁ ଆସିଛି ତାହା ହେଲା ଟାଇୱାନ ଉପରେ ଚାଇନା ଆକ୍ରମଣ କରିବା ଲାଗି କରିଥିବା ଯୋଜନାର ଅଡିଓ ପ୍ରଘଟ ହେବା ଘଟଣା। ଏଥିରେ ଟାଇୱାନ ସହ ଚାଇନାର ଯୁଦ୍ଧ ଯୋଜନା ସମ୍ପର୍କିତ ରୋଡ୍‌ମ୍ୟାପ୍‌କୁ କିଭଳି କାର୍ଯ୍ୟକାରୀ କରାଯାଇପାରିବ ସେନେଇ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା(ସିପିସି) ଏବଂ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ମଧ୍ୟରେ ହୋଇଥିବା ଆଲୋଚନା ସ୍ଥାନ ପାଇଛି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ଗୋପନୀୟ ସାମରିକ ଅଭିଯାନକୁ ସାଧାରଣରେ ପ୍ରକାଶ କରିଦେବା ଉଦ୍ଦେଶ୍ୟ ରଖି ସିପିସିର ବରିଷ୍ଠ ଅଧିକାରୀମାନେ ଏହାକୁ ପ୍ରଘଟ କରିଥିବା କୁହାଯାଉଛି। ଚାଇନାର ମାନବ ଅଧିକାର କର୍ମୀ ଜେନିଫର ଜେଙ୍ଗ୍ ଏ ସଂକ୍ରାନ୍ତରେ ଟୁଇଟ୍ କରିବା ପରେ ବେଜିଂର ଟାଇୱାନ ଉପରେ ଆକ୍ରମଣ ଲାଗି ଯେଉଁ ଦୂରଭିସନ୍ଧି ରଖିଆସିଛି, ତାହାର ପ୍ରମାଣ ମିଳିଯାଇଛି।

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ଜିନ୍‌ପିଙ୍ଗ ସମର୍ଥନ କରିଥିବାରୁ ଆଶଙ୍କା ସୃଷ୍ଟି ହୋଇଆସିଛି, ଟାଇୱାନ ସହିତ ଚାଇନା ସମାନ ଧରଣର ଯୁଦ୍ଧ କରି ତାହାକୁ ଦବାଇବାକୁ ଚାହୁଁଛି। ଭବିଷ୍ୟତରେ ତାହା ଘଟିଲେ ବେଜିଂକୁ ନିଶ୍ଚିତ ମସ୍କୋର ସମର୍ଥନ ମିଳିବ ବୋଲି ଜିନ୍‌ପିଙ୍ଗ୍ ଆଶାବାଦୀ। ଉଲ୍ଲେଖଯୋଗ୍ୟ, ଟାଇୱାନ୍ ୧୯୪୯ରୁ ଚାଇନାଠାରୁ ଅଲଗା ହୋଇଥିଲେ ମଧ୍ୟ ତାହାକୁ ବେଜିଂ ସ୍ୱୀକୃତି ଦେଉନାହିଁ। ତେଣୁ ଉକ୍ତ ଅଡିଓ ପ୍ରଘଟକୁ ବିଶ୍ୱ ସମୁଦାୟ ଗୁରୁତ୍ୱର ସହ ଚିନ୍ତା କରିବା ଦରକାର। ଅବଶ୍ୟ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି, ଜିନ୍‌ପିଙ୍ଗଙ୍କର ଟାଇୱାନ ଦଖଲର ମନ୍ଦ ଉଦ୍ଦେଶ୍ୟ ରହିଛି। ଜିନ୍‌ପିଙ୍ଗ୍ ଯଦି ଟାଇୱାନ ଉପରେ ଆକ୍ରମଣ କରନ୍ତି ତେବେ ଆମେରିକା ସିଧାସଳଖ ସାମରିକ ହସ୍ତକ୍ଷେପ କରିବ ବୋଲି ବାଇଡେନ୍ କହିଛନ୍ତି। ଏଭଳି ପ୍ରତିକ୍ରିୟା ବିରୋଧରେ ଚାଇନା ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟି କହିଛନ୍ତି, ତାଙ୍କ ଦେଶର ସାର୍ବଭୌମତ୍ୱ ପ୍ରସଙ୍ଗରେ କୌଣସି ସାଲିସ କରାଯିବ ନାହିଁ। ଉଲ୍ଲେଖଯୋଗ୍ୟ, ଟାଇୱାନ ହେଉଛି ବିଶ୍ୱର ବୃହତ୍ ସେମିକଣ୍ଡକ୍ଟର ପ୍ରସ୍ତୁତକାରୀ ରାଷ୍ଟ୍ର ଏବଂ ତା'ର ଶିଳ୍ପ ଭିତ୍ତିଭୂମି ଅତ୍ୟନ୍ତ ଶକ୍ତିଶାଳୀ। ସମ୍ଭବତଃ ସେଥିପାଇଁ ଚାଇନାର ଲୋଭ ବୃଦ୍ଧି ପାଉଛି। ତେବେ ମୂଳ ପ୍ରଶ୍ନ ହେଲା ଚାଇନା ଭଳି ଦେଶରେ ତାହାର ସେନା ସହିତ ରାଜନୈତିକ ନେତୃବୃନ୍ଦଙ୍କ ଆଲୋଚନାର ରେକର୍ଡିଂ ବାହାରକୁ ଆସିଲା କେମିତି। ହୁଏତ ଚାଇନାର ନେତୃବୃନ୍ଦ ଜାଣିଶୁଣି ଏହି ତଥାକଥିତ ଗୋପନୀୟ ଆଲୋଚନାକୁ ପ୍ରକାଶ କରି ପାଣି ମାପିବାକୁ ଚେଷ୍ଟା କରୁଛନ୍ତି। ଅନ୍ୟପଟେ ଏହା ମଧ୍ୟ ସମ୍ଭବ ହୋଇପାରେ ଯେ ଜିନ୍‌ପିଙ୍ଗଙ୍କ ଶାସନରେ ଅତିଷ୍ଠ ହୋଇ ଚାଇନାର କମ୍ୟୁନିଷ୍ଟ ପାର୍ଟି ବା ସେନାର ବରିଷ୍ଠ କୌଣସି ଅଧିକାରୀ ଏ ବିଷୟକୁ ପଦାରେ ପକାଇଛନ୍ତି। ଯଦି ଦ୍ୱିତୀୟଟି ହୋଇଥାଏ ତେବେ ବୁଝିବାକୁ ହେବ ଯେ ଚାଇନା ଭଳି ଦେଶରେ ମଧ୍ୟ ଏକଚ୍ଛତ୍ରବାଦୀ ଆଜୀବନ ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ ବିରୋଧରେ ଉଚ୍ଚସ୍ତରରେ ମତ ସୃଷ୍ଟି ହେଲାଣି। ସମୟ ଓ ସୁଯୋଗ ମିଳିଲେ ଜଣାପଡ଼ିବ ଏହି ଅସନ୍ତୋଷ କେତେ ନିଆଁ ଲଗାଇ ପାରିବ।

ଅନ୍ୟ ଏକ ଦିଗ ହେଉଛି ଯଦି ଚାଇନାର ନେତୃବୃନ୍ଦ ଜାଣିଶୁଣି ଗୋପନୀୟ ଆଲୋଚନାକୁ ସାଧାରଣରେ ପ୍ରଘଟ କରିଛନ୍ତି, ତେବେ ଟାଇୱାନ ଉପରେ ଆକ୍ରମଣ ନିଶ୍ଚିତ। ରୁଷିଆ-ୟୁକ୍ରେନ ଯୁଦ୍ଧରୁ ଶିକ୍ଷାଲାଭ କରି ଏବଂ ହଂକଂରେ ବିରୋଧକୁ ଦମନ କରି ଚାଇନା ଯେଉଁଭଳି ଭାବେ ଆଭ୍ୟନ୍ତରୀଣ ପ୍ରସ୍ତୁତି କରୁଥିବ ସେଥିରୁ ଭାରତକୁ ମଧ୍ୟ ସଜାଗ ରହିବାକୁ ହେବ। ରୁଷିଆ ସହିତ ସହଯୋଗ କରି ଯେଉଁ ଲାଭ ଉଠାଇବାକୁ ଭାରତ ଚାହୁଁଥିଲା ସେଥିରେ ଅସଫଳ ହୋଇଛି। ଏବେ ବିଶ୍ୱବ୍ୟାପୀ ଧାରଣା ସୃଷ୍ଟି ହୋଇଛି ଯେ ରୁଷିଆକୁ ୟୁକ୍ରେନ୍ ଯୁଦ୍ଧରେ ଭାରତ ସମର୍ଥନ ଜଣାଉଛି। ଏଭଳି ସ୍ଥିତିରେ ଚାଇନା-ଟାଇୱାନ ଯୁଦ୍ଧ ହେଲେ ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ ହେବ ବୋଲି ଅନୁମାନ କରିହେଉଛି।

# ସମାଧାନ କ୍ଷୀଣ

ମେ ୨୩ରେ ମ୍ୟାନ୍‌ମାରରୁ ରୋହିଙ୍ଗ୍ୟା ମୁସଲମାନମାନେ ଡଙ୍ଗାରେ ମାଲେସିଆ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ୧୭ ଜଣଙ୍କର ମୃତ୍ୟୁ ଘଟିଛି। ମ୍ୟାନ୍‌ମାରରେ ରୋହିଙ୍ଗ୍ୟାମାନଙ୍କୁ ନାଗରିକ ଭାବେ ଗଣା ନ ଯିବା ଓ ଜାତିଗତ ଦଙ୍ଗାର ସମ୍ମୁଖୀନ ହେବା ଯୋଗୁ ସେମାନେ ୨୦୧୭ ପରେ ନିଜ ଭିଟାମାଟି ଛାଡ଼ି ଅନ୍ୟ ଦେଶକୁ ପଳାଇବାର ଉଦ୍ୟମ ଚାଲୁ ରଖିଛନ୍ତି। ରୋହିଙ୍ଗ୍ୟା ହେଲେ ମୁସଲମାନ ଏବଂ ମ୍ୟାନ୍‌ମାରର ସଂଖ୍ୟାଧିକ ଲୋକ ବୌଦ୍ଧ। କେବଳ ମ୍ୟାନ୍‌ମାର ନୁହେଁ ସିରିଆ, ଇରିଟ୍ରିଆ, ସେଣ୍ଟ୍ରାଲ ଆଫ୍ରିକାନ୍ ରିପବ୍ଲିକ, ସୋମାଲିଆ, ସୁଦାନ, ଦକ୍ଷିଣ ସୁଦାନ, ଆଫଗାନିସ୍ତାନରୁ ସୃଷ୍ଟ ଶରଣାର୍ଥୀ ସଙ୍କଟ ବିଶ୍ୱ ପାଇଁ ଚିନ୍ତାର କାରଣ। ଏବେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଶରଣାର୍ଥୀ ସଂକଟକୁ ଆହୁରି ଜଟିଳ କରିଦେଇଛି। ଗତ ଦଶନ୍ଧିରେ ବିଶ୍ୱରେ ଶରଣାର୍ଥୀଙ୍କ ସଂଖ୍ୟା ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଛି। ଜାତିସଂଘ ଶରଣାର୍ଥୀ ଉଚ୍ଚାୟୁକ୍ତ (ୟୁଏନ୍‌ଏଚ୍‌ସିଆର୍) ଅନୁଯାୟୀ ବିଶ୍ୱରେ ୮ କୋଟି ୪୦ ଲକ୍ଷ ଲୋକ ସେମାନଙ୍କ ଘର ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଏହା ପଛର କାରଣ ହେଉଛି ଯୁଦ୍ଧ, ଗୃହଯୁଦ୍ଧ, ଲଗାତର ରାଜନୈତିକ ଅସ୍ଥିରତା, ଜାତିଗତ ବିଭେଦକୁ ନେଇ ହିଂସା, ସାମାଜିକ ଓ ଅର୍ଥନୈତିକ ଅବସ୍ଥାରେ ଅବନତି । ଏହାବ୍ୟତୀତ ଏହି ସମସ୍ୟାକୁ ଜଟିଳ କରିଦେଉଛି ଜଳବାୟୁ ପରିବର୍ତ୍ତନ। ବହୁ ଅଞ୍ଚଳ ଶୁଷ୍କ ହୋଇଯିବା ଏବଂ ଲଗାତର ବିପର୍ଯ୍ୟୟକୁ ସାମ୍ନା କରି ଅତିଷ୍ଠ ହୋଇଯାଉଥିବା ଲୋକେ ମଧ୍ୟ ଅନ୍ୟତ୍ର ଚାଲିଯିବା ଲାଗି ବାଧ୍ୟ ହେଉଛନ୍ତି। ସ୍ଥଳଭାଗରେ ଯାଇ ସେମାନେ ବହୁ ଦେଶରେ ଶରଣ ନେଉଛନ୍ତି, କିନ୍ତୁ ସମୁଦ୍ରରେ ୟୁରୋପୀୟ ଦେଶ କିମ୍ବା ସେମାନଙ୍କ ପଡ଼ୋଶୀ ଦେଶକୁ ଯିବା ସମୟରେ ଦୁର୍ଘଟଣାର ଶିକାର ହୋଇ ବହୁସଂଖ୍ୟାରେ ମୃତ୍ୟୁମୁଖରେ ପଡୁଛନ୍ତି। ରୋହିଙ୍ଗ୍ୟା ବଙ୍ଗୋପ ସାଗର ଏବଂ ଆଣ୍ଡାମାନ ସାଗର ଦେଇ ଯିବା ସମୟରେ ବାରମ୍ବାର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ୟୁଏନ୍ ରିଫ୍ୟୁଜି ଏଜେନ୍ସି ବା ଜାତିସଂଘ ଶରଣାର୍ଥୀ ଏଜେନ୍ସି ଏବଂ ୟୁଏନ୍‌ଏଚ୍‌ସିଆର୍ ଅନୁସାରେ କେବଳ ୨୦୨୧ରେ ସମୁଦ୍ର ପଥରେ ୟୁରୋପରେ ପହଞ୍ଚିବା ଆଶା ନେଇ ଯାଉଥିବା ପ୍ରାୟ ୩,୦୦୦ରୁ ଊର୍ଦ୍ଧ୍ୱ ଶରଣାର୍ଥୀଙ୍କ ମୃତ୍ୟୁ ହୋଇଛି କିମ୍ବା ନିଖୋଜ ହୋଇଛନ୍ତି। ୨୦୨୦ ତୁଳନାରେ ଏହି ସଂଖ୍ୟା ଦୁଇଗୁଣରୁ ଅଧିକ । ତେବେ ଶରଣାର୍ଥୀଙ୍କ ଥଇଥାନ କଥା ଚିନ୍ତା କରୁଥିବା ଦେଶଗୁଡ଼ିକ ଯୁଦ୍ଧ ଏବଂ ବିବାଦରେ ଜଡ଼ିତ ହେବା ଓ ଜାତିସଂଘ ଜଳବାୟୁ ପରିବର୍ତ୍ତନ ପଦକ୍ଷେପରେ କୋହଳ ମନୋଭାବ ପୋଷଣ କରିବା ଯୋଗୁ ଶରଣାର୍ଥୀ ସମସ୍ୟାର ସମାଧାନ ହୋଇପାରୁନାହିଁ।

ଆଧୁନିକ ଯୁଗରେ ଯେତେବାଟ ମନେଅଛି ଭିଏତ୍‌ନାମର 'ବୋଟ୍ ପିପୁଲ'ଙ୍କୁ ପ୍ରଥମେ ଶରଣାର୍ଥୀ ଭାବେ ଚିହ୍ନଟ କରାଯାଇଥିଲା। ୧୯୭୫ ଭିଏତ୍‌ନାମ ଯୁଦ୍ଧ ଶେଷ ହେବା ପରେ କମ୍ୟୁନିଷ୍ଟମାନଙ୍କ ବିଜୟ ହେଲା ଓ ଅଣକମ୍ୟୁନିଷ୍ଟଙ୍କୁ ଶରଣାର୍ଥୀ ହେବାକୁ ପଡ଼ିଲା। ସେମାନେ ଡଙ୍ଗାରେ ଅନ୍ୟ ଦେଶକୁ ଚାଲିଯାଉଥିବାରୁ ସେମାନଙ୍କୁ 'ବୋଟ୍ ପିପୁଲ' କୁହାଗଲା। ୧୯୭୫ରୁ ୧୯୯୫ ମଧ୍ୟରେ ପାଖାପାଖି ୮ ଲକ୍ଷ ଶରଣାର୍ଥୀ ହଂକଂ, ଇଣ୍ଡୋନେସିଆ, ମାଲେସିଆ, ଫିଲିପାଇନ୍ସ, ସିଙ୍ଗାପୁର ଏବଂ ଥାଇଲାଣ୍ଡରେ ସୁରକ୍ଷିତ ପହଞ୍ଚିଥିଲେ। ହେଲେ ୟୁଏନ୍‌ଏଚ୍‌ସିଆର୍ ପକ୍ଷରୁ କୁହାଯାଇଛି ଯେ, ସମୁଦ୍ରରେ ଯିବା ବାଟରେ ୨ରୁ ୪ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ସାମ୍ପ୍ରତିକ ସମୟରେ ଶରଣାର୍ଥୀ ସମସ୍ୟାର କୌଣସି ସମାଧାନ ଥିଲାଭଳି ମନେ ହେଉନାହିଁ। ଅସହିଷ୍ଣୁ ଶାସକ ଗୋଷ୍ଠୀ ଯେତେବେଳେ ନିଜ ଦେଶର ନାଗରିକଙ୍କୁ ମାରିପକାଇବେ ସେତେବେଳେ ଏହି ସମସ୍ୟା ଉପୁଜିବା ଏକ ପ୍ରକାର ନିଶ୍ଚିତ। ଏହା ବ୍ୟତୀତ ୟୁକ୍ରେନ ଭଳି ପରିସ୍ଥିତିରେ ଯେତେବେଳେ ବାହାର ଶକ୍ତି ଯୁଦ୍ଧ ଘଟାଉଛି କିମ୍ବା ସିରିଆ ଭଳି ଦେଶରେ ଯେଉଁଠାରେ ନିଜ ରାଷ୍ଟ୍ରପତି ଅସାଦଙ୍କ ଅତ୍ୟାଚାର ସହିତ ଇସ୍‌ଲାମିକ ଷ୍ଟେଟ୍ ପରି ବାହ୍ୟ ଶକ୍ତି ହିଂସା ଘଟାଉଛି, ସେତେବେଳେ ସେହି ସବୁ ଦେଶରୁ ଶରଣାର୍ଥୀ ସୃଷ୍ଟି ହେବା ଥୟ। ଜାତିସଂଘ କିମ୍ବା ଅନ୍ୟ ଦେଶଗୁଡ଼ିକ ଏହାର ସମାଧାନ ବାହାର କରିବାରେ ଆଜିପର୍ଯ୍ୟନ୍ତ ସଫଳ ହୋଇନାହାନ୍ତି। ଏହି ସମସ୍ୟାର ଏକମାତ୍ର ସମାଧାନ ହେଉଛି ଯଦି ପଡ଼ୋଶୀ ସହିତ ମିଳିମିଶି ରହିବାର ସହନଶୀଳତା ସବୁ ଜାତି, ଧର୍ମ ଏବଂ ଦେଶ ଭିତରେ ସୃଷ୍ଟି ହେବ, ତେବେ ହୁଏତ ଶରଣାର୍ଥୀ ସଂଖ୍ୟା କମିପାରେ।

# ତିନି ଦଶକରେ ମୂଲ୍ୟବୃଦ୍ଧି ସର୍ବୋଚ୍ଚ



କିଶୋର ଜେନା

ବଜାରରେ ପ୍ରତିଦିନ ମୂଲ୍ୟବୃଦ୍ଧି ନିଆଁ ଜଳୁଛି। ଗତ ମେ ୧୭ରେ କେନ୍ଦ୍ର ସରକାରଙ୍କ ସରକାରୀ ପରିସଂଖ୍ୟାନରେ ଏହାର କିଛି ପ୍ରତିଫଳନ ଦେଖିବାକୁ ମିଳିଛି। ପାଇକାରୀ ମୂଲ୍ୟ ସୂଚକାଙ୍କ ଏପ୍ରିଲ ମାସରେ ପହଞ୍ଚିଛି ୧୫.୦୮ ପ୍ରତିଶତରେ। ଚାଲୁ ସିରିଜ (୨୦୧୧-୧୨) ଭି' ଅନୁସାରେ ଏହା ସର୍ବୋଚ୍ଚ। ୨୦୧୨-୧୩ଠାରୁ ଏହି ସିରିଜରେ ପରିସଂଖ୍ୟାନ ଦିଆଯାଉଛି। ଏପରି କି ପୁରୁଣା ସିରିଜକୁ ଧରିଲେ ୧୯୯୧-୧୯୯୨ର ଅଗଷ୍ଟରେ ୧୬.୦୬ ପ୍ରତିଶତ ହେବାପରେ ଏହି ହାରରେ ମୂଲ୍ୟବୃଦ୍ଧି କେବେ ହୋଇନାହିଁ। ଅର୍ଥାତ୍ ତିନି ଦଶକରେ ସର୍ବୋଚ୍ଚ ମୂଲ୍ୟବୃଦ୍ଧି ହୋଇଛି ଏପ୍ରିଲରେ।

ଗତ ବର୍ଷର ଏପ୍ରିଲ ତୁଳନାରେ ଏହି ଏପ୍ରିଲରେ ହାରାହାରି ୧୫ ପ୍ରତିଶତରୁ ବେଶି ଦାମ୍ ବଢ଼ିଯାଇଛି। ବସ୍ତୁତଃ ପର ୧୩ ମାସ ପାଇକାରୀ ମୂଲ୍ୟବୃଦ୍ଧିର ହାର ଦୁଇଅଙ୍କରୁ ବେଶି। ଗତବର୍ଷ ଏପ୍ରିଲରେ ମୂଲ୍ୟବୃଦ୍ଧିର ହାର ଥିଲା ୧୦.୭୪ ପ୍ରତିଶତ। ଏ ବର୍ଷର ମାର୍ଚ୍ଚରେ ୧୪.୫୫ ପ୍ରତିଶତ। ଦରବୃଦ୍ଧିରେ ଏବେ କୌଣସି ଲଗାମ ନାହିଁ। ଖାଦ୍ୟଦ୍ରବ୍ୟ ବେପାରୀ ମୋଦିଙ୍କ ଘନିଷ୍ଠ ବ୍ୟବସାୟୀ ଗୌତମ ଆଦାନୀଙ୍କ ଆୟ ପୂର୍ବବର୍ଷ ତୁଳନାରେ ଶେଷ ହୋଇଥିବା ଆର୍ଥିକ ବର୍ଷ ୨୦୨୧-୨୨ରେ ବଢ଼ିବାର ହାର ହେଉଛି ୪୬ ପ୍ରତିଶତ। ଆୟ ହେଉଛି ୫୪ହଜାର ୨୧୪ କୋଟି ଟଙ୍କା। ଖାଦ୍ୟଦ୍ରବ୍ୟ ବେପାରରେ ମୁନାଫା ଅର୍ଜନରେ ଆଦାନୀ ସହଜରେ ହରାଇ ଦେଇଛନ୍ତି ହିନ୍ଦୁସ୍ଥାନ ଲିଭରକୁ।

ଖାଦ୍ୟ ବଜାରରେ ମୂଲ୍ୟବୃଦ୍ଧିରେ ଯେଉଁ ସମୟରେ ହାହାକାର ଆରମ୍ଭ ହୋଇଯାଇଛି, ସେତେବେଳେ ମୁନାଫାର ଊର୍ଦ୍ଧ୍ୱଗତିର ଚିତ୍ର ଦେଖାଯାଉଛି ନୂଆ କରି ଏହି ବଜାରକୁ ଆସିଥିବା କର୍ପୋରେଟ ଖାଦ୍ୟ କାରବାରୀଙ୍କର। ବିଶେଷ କରି ଖାଦ୍ୟଦ୍ରବ୍ୟ ବଜାରକୁ ଝାମ୍ପି ପଡ଼ିଛନ୍ତି ଆଦାନୀ ଓ ଅମ୍ବାନୀଙ୍କ ପରି କର୍ପୋରେଟ୍‌ମାନେ। ଦେଖାଯାଏ ଖାଦ୍ୟଦ୍ରବ୍ୟର ଦାମ୍ ଯେତିକି ବଢ଼ିଛି, ଠିକ୍ ସେତିକି ପରିମାଣର ଖାଦ୍ୟଦ୍ରବ୍ୟ ବ୍ୟବସାୟରେ ମୁନାଫାର ଊର୍ଦ୍ଧ୍ୱଗତି ହୋଇଛି। କେନ୍ଦ୍ରର ପରିସଂଖ୍ୟାନ (ଏନ୍‌ଏସ୍‌ଓ) ଦପ୍ତର ସୂତ୍ରରୁ ଜଣାପଡ଼ିଛି ଚଳିତବର୍ଷରେ ଖାଦ୍ୟଦ୍ରବ୍ୟର ଖୁଚୁରା ମୂଲ୍ୟବୃଦ୍ଧିର ହାର ବଢ଼ି ହୋଇଛି ୭.୭୯ ପ୍ରତିଶତ, ଯାହା ଗତବର୍ଷ ଥିଲା ୩.୧୫ ପ୍ରତିଶତ। ବଜାରରେ ଦୁଇଗୁଣରୁ ଅଧିକ ହାରରେ ମୂଲ୍ୟବୃଦ୍ଧି ଘଟିଛି। ଅନ୍ୟପକ୍ଷରେ ବାଣିଜ୍ୟ ମନ୍ତ୍ରଣାଳୟ ଜଣାଇଛି ଏପ୍ରିଲ ମାସରେ ପାଇକାରୀ ମୂଲ୍ୟବୃଦ୍ଧିର ହାର ହେଲା ୧୪-୧୫ ପ୍ରତିଶତ। ପାଇକାରୀ ବଜାରରେ ମୂଲ୍ୟବୃଦ୍ଧିର ହାର ବଢ଼ିଯିବାର ଅର୍ଥ ହେଉଛି, ଏହାର ପ୍ରତିଫଳନ ଖୁଚୁରା ବଜାରରେ ଦେଖାଯିବ। ଫଳରେ ଚଳିତବର୍ଷରେ ଖୁଚୁରା ବଜାରରେ ବେଶି ଦାମ୍ ବୃଦ୍ଧି ହେବାର ପ୍ରବଣତା ଜାରି ରହିବ।



ମୋଦି ସରକାରଙ୍କ ଅମଳରେ ଖାଦ୍ୟଦ୍ରବ୍ୟ ବଜାରରେ ମହଜୁଦକାରୀଙ୍କ କଳା କାରବାର ଚାଲିଛି। ବେଶି ମୁନାଫା ହୋଇଛି ଅମ୍ବାନୀ ଓ ଆଦାନୀଙ୍କ ପରି କାରବାରୀଙ୍କର। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଖାଦ୍ୟଦ୍ରବ୍ୟ ବଜାରରେ ଏମାନଙ୍କର ଏକଚାଟିଆ ଦଖଲ। ଆଦାନୀଙ୍କ ଖାଦ୍ୟଦ୍ରବ୍ୟର ବେପରବାୟ ମୂଲ୍ୟବୃଦ୍ଧିର ଚଢ଼ା ବଜାରରେ ପ୍ୟାକେଟ ତେଲ, ଚାଉଳ, ଡାଲି, ଅଟା, ମଇଦାର ବିକ୍ରିରେ ଆୟ ବଢ଼ିଛି ୪୫ ପ୍ରତିଶତ ହାରରେ। ଏ ବର୍ଷରେ ଆୟ ହୋଇଛି ୫୪ ହଜାର ୨୧୪ କୋଟି ଟଙ୍କା, ଯେଉଁଠି ଗତବର୍ଷରେ ଆୟ ଥିଲା ୩୭ ହଜାର ୬୦ କୋଟି ଟଙ୍କା। ଏହି ଆୟର ୮୪ ପ୍ରତିଶତ ଆସିଛି ଖାଇବା ତେଲ ବିକ୍ରି ଆୟରୁ। ଏ ବର୍ଷ ଖାଇବା ତେଲ ଆଦାନୀ ବିକ୍ରି କରିଛନ୍ତି ୪୫ ହଜାର ୪୦୧ କୋଟି ଟଙ୍କା। ଗତବର୍ଷ ଯେଉଁଠି ତେଲ ବିକ୍ରି କରି ଆୟ କରିଥିଲେ ୩୦,୮୧୮କୋଟି ଟଙ୍କା। ଆଦାନୀଙ୍କ ତେଲର ଦାମ୍ ୮୦ ଟଙ୍କା କେଜିରୁ ବଢ଼ି ହୋଇଛି ୧୮୦ ଟଙ୍କା। ଖାଦ୍ୟଦ୍ରବ୍ୟ ମଧ୍ୟରେ କେବଳ ରନ୍ଧନ ତୈଳର ଏହି ହାରରେ ମୂଲ୍ୟବୃଦ୍ଧି ଦେଶରେ କୌଣସି ସମୟରେ ଦେଖାଯାଇ ନାହିଁ। ଆଉ ଏହା ସହ ଏତେ ଲାଭରେ ଏଭଳି ବିପୁଳ ବୃଦ୍ଧି କେବେ ଆଗରୁ ଦେଖାଯାଇ ନ ଥିଲା।

ଏକପକ୍ଷରେ କର୍ପୋରେଟ୍‌ଙ୍କ ମୁନାଫା, ଅନ୍ୟପକ୍ଷରେ ସରକାର ନିଜେ ମଧ୍ୟ ରନ୍ଧନ ଗ୍ୟାସ୍‌ଠାରୁ ଆରମ୍ଭ କରି ପେଟ୍ରୋଲ, ଡିଜେଲ, କିରୋସିନ ସହ ସବୁ ଜାଳେଣିର ଦାମ ବଢ଼ାଇ ଚାଲିଛନ୍ତି। ମୋଦି ସରକାର ଗରିବର ପ୍ରୟୋଜନୀୟ ଜାଳେଣି କିରୋସିନ ଉପରୁ ସବ୍‌ସିଡ଼ି ଉଠାଇ ଦେଇଛନ୍ତି। ଏହାପରେ ତାହାର ଦାମ୍ ୧୪ ଟଙ୍କା ଲିଟରରୁ ବଢ଼ାଇ ଦିଆଯାଇଛି ୮୦ ଟଙ୍କା। ରନ୍ଧନ ଗ୍ୟାସ୍ ଦାମ୍ ଗତ ୧ ବର୍ଷ ମଧ୍ୟରେ ୭୫ ପ୍ରତିଶତ ବଢ଼ିଛି। ଗତ ଏକବର୍ଷ ମଧ୍ୟରେ ସିଲିଣ୍ଡର ଦାମ୍ ୫୬୮ ଟଙ୍କାରୁ ବଢ଼ି ୧ହଜାର ୩୦ ଟଙ୍କା କରାଯାଇଛି। ବାଣିଜ୍ୟିକ ଗ୍ୟାସ୍‌ର ଦାମ୍ ବଢ଼ିଛି ଏହି ସମୟ ମଧ୍ୟରେ ୧୨୬ ପ୍ରତିଶତ ହାରରେ। ଏହା ୧୦୫୯ଟଙ୍କା ସିଲିଣ୍ଡର ପିଛା ବଢ଼ି ହୋଇଛି ୨ ହଜାର ୩୫୭ ଟଙ୍କା। ବାଣିଜ୍ୟିକ ଗ୍ୟାସ୍‌ର ଦୁଇଗୁଣ ଦାମ୍ ବଢ଼ିବାରେ ଛୋଟମୋଟ ଖାଦ୍ୟ ଓ ଫାଷ୍ଟଫୁଡ୍ ଦୋକାନରେ ସବୁ ଖାଦ୍ୟଦ୍ରବ୍ୟର ଦାମ୍ ଏପରି କି ଗୁପଚୁପ୍, ବରା, ପିଆଜିର ଦାମ୍ ଦୁଇଗୁଣା ବଢ଼ିଛି।

ଅନ୍ୟପକ୍ଷରେ କର୍ପୋରେଟ୍ ଖାଦ୍ୟଦ୍ରବ୍ୟ ବ୍ୟବସାୟୀଙ୍କ ପ୍ୟାକେଜ ଖାଦ୍ୟର ତାଲିକାରେ ଥିବା ଖାଦ୍ୟଦ୍ରବ୍ୟର ଦାମ ଗତ ପାଞ୍ଚ ବର୍ଷରେ ବିପୁଳ ହାରରେ ବଢ଼ିଛି। ଯେପରି ୨୦୧୯ରୁ ୨୦୨୨ ଏହି ଚାରିବର୍ଷରେ ଚାଉଳର ଦାମ୍ ବଢ଼ିଛି ୨୪ ପ୍ରତିଶତ। ଗହମ ବଢ଼ିଛି ୨୪ ପ୍ରତିଶତ। ଖାଇବା ତେଲର ଦାମ୍ ମଧ୍ୟରେ ସୋରିଷ ତେଲର ଦାମ୍ ୧୨୦ ପ୍ରତିଶତ ଓ ବନସ୍ପତିର ଦାମ୍ ବଢ଼ିଛି ୧୧୨ ପ୍ରତିଶତ। ଗତ ପାଞ୍ଚବର୍ଷରେ ଆଳୁର ଦାମ୍ ବୃଦ୍ଧିର ହାର ହେଲା ୬୫ ପ୍ରତିଶତ। ପିଆଜର ଦାମ୍ ବୃଦ୍ଧି ୬୯ ପ୍ରତିଶତ ଏବଂ ସର୍ବାଧିକ ବୃଦ୍ଧି ହାର ଟମାଟୋର। ତାହା ୧୬୫ପ୍ରତିଶତ। ସରକାରଙ୍କ ପକ୍ଷରୁ କୁହାଯାଇଛି, ଖାଉଟି ମୂଲ୍ୟସୂଚକାଙ୍କ ଭି'ରେ ମୂଲ୍ୟବୃଦ୍ଧିର ହାର ମୋଦି ସରକାରଙ୍କ ଆଠବର୍ଷ ମଧ୍ୟରେ ସର୍ବୋଚ୍ଚ। ଏପ୍ରିଲ ମାସରେ ଏହି ହାର ଥିଲା ସେ କ୍ଷେତ୍ରରେ ମୂଲ୍ୟବୃଦ୍ଧି ହାରର ୮.୭୮ ପ୍ରତିଶତ। ମୋଟ ମୂଲ୍ୟବୃଦ୍ଧିର ହାର ଏବେ ୮.୩୩ ପ୍ରତିଶତ। ଏହା ମଧ୍ୟ ମୋଦି ସରକାରଙ୍କ ଅମଳରେ ସର୍ବୋଚ୍ଚ।

ଖୁଚୁରା ବଜାରରେ ମୂଲ୍ୟବୃଦ୍ଧିର ହିସାବ ପ୍ରକାଶର ଦିନ କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ଏକ ହାଲୁକା ମନ୍ତବ୍ୟ ଦେଇ କହିଛି ଯେ ମୂଲ୍ୟବୃଦ୍ଧିରେ ଉଚ୍ଚ ବର୍ଗଙ୍କର କ୍ଷତି ହେଉଛି, ନିମ୍ନ ଆୟର ଲୋକଙ୍କର ସେଭଳି କ୍ଷତି ହେଉ ନାହିଁ। ପ୍ରଶ୍ନ ଉଠେ, କ'ଣ ଅର୍ଥମନ୍ତ୍ରୀ ଓ ମନ୍ତ୍ରଣାଳୟର ବାବୁମାନେ ବଜାରରେ ପନିପରିବା, ଖାଇବା ତେଲ, ଗହମ ଅଟାର ଦାମ୍ ଜାଣନ୍ତି ନାହିଁ। ଏମାନଙ୍କର ପରିବାର କ'ଣ ଏସବୁ ଛଡ଼ା ଖାଇବା ପିଇବା କରନ୍ତି? ନିମ୍ନ ଆୟକାରୀ ଗୋଷ୍ଠୀ ଏସବୁ ଖାଦ୍ୟ ଛାଡ଼ି ଦିଅନ୍ତୁ।

ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଉଛି ବର୍ତ୍ତମାନର ମୂଲ୍ୟବୃଦ୍ଧି ପାଇଁ ଆନ୍ତର୍ଜାତିକ ପରିସ୍ଥିତିର କାରଣ, ବିଶେଷତଃ ୟୁକ୍ରେନ ଯୁଦ୍ଧକୁ ଦାୟୀ କରାଯାଉଛି କିନ୍ତୁ ପ୍ରଶ୍ନ ହେଉଛି ୧୩ ମାସ ପୂର୍ବରୁ ଅର୍ଥାତ୍ ଏପ୍ରିଲ ୨୦୨୧ରେ ୟୁକ୍ରେନରେ ଯୁଦ୍ଧ ନ ଥିଲା, ତା'ହେଲେ ସେହି ସମୟରେ ୧୦ପ୍ରତିଶତରୁ ବେଶି ମୂଲ୍ୟବୃଦ୍ଧି କାହିଁକି ହୋଇଥିଲା। ଦରବୃଦ୍ଧିର ମୂଳ କାରଣ ସରକାରଙ୍କ ବଜାର ଉପରେ ନିୟନ୍ତ୍ରଣ ନାହିଁ।

ମୋ:୯୪୩୭୩୮୪୮୬୭

# ବଡ଼ ସ୍ୱପ୍ନ ଦେଖିବାକୁ ହେବ



ଡ. ପ୍ରମୋଦ କୁମାର ପଣ୍ଡା

ବିଜ୍ଞାନ ଓ କାରିଗରି କୌଶଳକୁ ପାଥେୟ କରି ବହୁ ଯୋଗଜନ୍ମା ମନୀଷୀ ବିଶ୍ୱକୁ ଅନେକ ସ୍ୱତନ୍ତ୍ର ଉପହାର ଦେଇଯାଇଛନ୍ତି ବିଭିନ୍ନ ଯୁଗରେ। ସେ ମିଶରର ପିରାମିଡ୍ ହେଉ କିମ୍ବା ପ୍ୟାରିସ୍‌ର ଆଇଫେଲ ଟାୱାର କିମ୍ବା ଚାଇନାର ଗ୍ରେଟ୍ ୱାଲ ଅବା ଭାରତର ତାଜମହଲ, ସବୁଠି ବିଶାଳତା ଓ ସ୍ୱତନ୍ତ୍ରତାକୁ ଦେଖି ଜନମାନସ ସ୍ତମ୍ଭୀଭୂତ ହୋଇଯାଏ ଏବଂ ନୂତନ ପିଢ଼ିକୁ ସେଗୁଡ଼ିକଠୁ ଆହୁରି ବଡ଼ ସ୍ୱପ୍ନ ଦେଖି ସାକାର କରିବା ପାଇଁ ପ୍ରେରିତ କରିଥାଏ। ଓଡ଼ିଆ ପୁଅ ମଧ୍ୟ ଏଥିରେ ପଛରେ ନାହାନ୍ତି। ସମଗ୍ର ପୃଥିବୀରେ ଶ୍ରେଷ୍ଠତା ଲାଭ କରୁଥିବା ଅନେକ କିଛି ଜିନିଷର ପରିକଳ୍ପନା କରି ସେ ସବୁକୁ ସାକାର କରିପାରିଛନ୍ତି। ଏକାଦଶ ଓ ଦ୍ୱାଦଶ ଶତାବ୍ଦୀରେ ଯେତେବେଳେ ଆଧୁନିକ ବିଜ୍ଞାନର ଜନ୍ମ ହୋଇ ନ ଥିଲା, ସେତେବେଳେ ପୃଥିବୀର ଉଚ୍ଚତମ ଦେଉଳ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରି ବିଶ୍ୱରେ ଚହଳ ପକାଇଥିଲେ, ଯାହାକି ବର୍ତ୍ତମାନର ୨୨ ତାଲା ଘର ସହିତ ସମାନ। ଏତେ ବଡ଼ ଓଜନିଆ ପଥର ଖଣ୍ଡକୁ ଉପରକୁ ଉଠାଇବା କଥା ଭାବି ବିଶ୍ୱବାସୀ ଚକିତ ହୋଇଯାଆନ୍ତି। ସୁନ୍ଦର କାରୁକାର୍ଯ୍ୟ ମଣ୍ଡିତ କୋଣାର୍କ ମନ୍ଦିର ନିର୍ମାଣରେ ୧୨୦୦ ବଢ଼େଇଙ୍କୁ ୧୨ ବର୍ଷ ସମୟ ଲାଗିଥିଲା ଓ ୧୨ ବର୍ଷର ତତ୍କାଳୀନ ଓଡ଼ିଶାର ରାଜସ୍ୱ ଖର୍ଚ୍ଚ ହୋଇଥିଲା, ଯାହା ଭାବିଲେ ଅସମ୍ଭବ ଲାଗେ। କମ୍ପାସର ଉଦ୍ଭାବନ ବହୁ ପୂର୍ବରୁ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ଷଷ୍ଠ ଓ ପଞ୍ଚମ ଶତାବ୍ଦୀ ବେଳକୁ ଅତଳ ସମୁଦ୍ରର ବକ୍ଷ ଭେଦ କରି ବାଣିଜ୍ୟ କରିବା ଓଡ଼ିଆ ପୂର୍ବ ପୁରୁଷଙ୍କ ଅଦମ୍ୟ ସାହସ ନୁହେଁ ତ କ'ଣ ହୋଇପାରେ! ହେଲେ ଏବେକାର ଓଡ଼ିଆ ପୁଅ ପଡ଼ୋଶୀ ରାଜ୍ୟରେ ମଧ୍ୟ ବେପାର କରିବାକୁ ସାହସ ଯୁଟାଇ ପାରୁ ନାହିଁ । କେବଳ ସେତିକି ନୁହେଁ, ବଡ଼ ଠାକୁର, ବଡ଼ ଦାଣ୍ଡ, ବଡ଼ ରଥ ଇତ୍ୟାଦି ସବୁକିଛି ବିଶ୍ୱରେ ବଡ଼ କରି ଉପସ୍ଥାପନ କରିଛନ୍ତି ଓଡ଼ିଆ ପୁଅ। ସର୍ବତ୍ର ଭଗବାନ୍‌ଙ୍କ ଭୋଗକୁ ପ୍ରସାଦ କୁହାଯାଉଥିବା ବେଳେ ଏଠାରେ ମହାପ୍ରସାଦ। ଅନ୍ୟ ସବୁଠି ଦେବଦେବୀଙ୍କ ନାମ ସ୍ଥାନର ନାମକୁ ନେଇ ହୋଇଥିବା ବେଳେ (ଯଥା କାଶୀବିଶ୍ୱନାଥ, ବଦ୍ରିନାଥ, ଦ୍ୱାରକାନାଥ ଇତ୍ୟାଦି) ଓଡ଼ିଶାରେ ଜଗନ୍ନାଥ ଅର୍ଥାତ୍ ଜଗତର ନାଥ। ପୃଥିବୀର ବୃହତ୍ତମ ରୋଷେଇଶାଳ, ଆନନ୍ଦ ବଜାର, ପ୍ରତ୍ୟହ ଛପନ ଭୋଗ ଅର୍ପଣର ପରମ୍ପରା ଏ ସବୁ ବଡ଼ ସ୍ୱପ୍ନର ପ୍ରତିଫଳନ। ଏ ଜାତି ଅନ୍ୟକୁ ଅନୁକରଣ ନ କରି ନିଜସ୍ୱ ଉଦ୍ୟମରେ ବିଭିନ୍ନ ପ୍ରକାର ପିଠା (ଆରିସା, ମଣ୍ଡା, ପୋଡ଼, ଏଣ୍ଡୁରି, ଚକୁଳି ଇତ୍ୟାଦି) ; ବିଭିନ୍ନ ପ୍ରକାର ମିଠା (ରସଗୋଲା, ଛେନାପୋଡ଼, ଛେନା ଝିଲି, ରସାବଳୀ, ଛେନା ମୁଡୁକି ଇତ୍ୟାଦି) ; ବିଭିନ୍ନ ପ୍ରକାର ତରକାରି, ଅନ୍ନ ଓ ଚାଉଳ ଖିରି ପ୍ରଭୃତିର ଉଦ୍ଭାବକ ହୋଇପାରିଛି।

ଓଡ଼ିଆ ପୁଅ ସୂକ୍ଷ୍ମାତିସୂକ୍ଷ୍ମ ବସ୍ତ୍ର ତିଆରି କରି ବିଶ୍ୱବାସୀଙ୍କ ମନରେ କଳବୁଣା ବସ୍ତ୍ରର ଭ୍ରମ ସୃଷ୍ଟି କରିପାରିଛି। ସାମାଜିକ ଇଂଜିନିୟରିଂର ଉତ୍କୃଷ୍ଟ ଅବତାରଣା କରି ଲକ୍ଷ୍ମୀ ପୁରାଣ ମାଧ୍ୟମରେ ସମଗ୍ର ବିଶ୍ୱରେ ନାରୀ ସଶକ୍ତୀକରଣ, ଜାତିପ୍ରଥା ବିଲୋପ ଓ ସ୍ୱଚ୍ଛତାର ମନ୍ତ୍ର ସମାଜକୁ ପ୍ରଦାନ କରିଛି ପନ୍ଦରଶହ ଖ୍ରୀଷ୍ଟାବ୍ଦରେ। ସମଗ୍ର ବିଶ୍ୱ, ବିଶ୍ୱ ସୁନ୍ଦରୀ ଓ ବ୍ରହ୍ମାଣ୍ଡ



ସୁନ୍ଦରୀ ଭିତରେ ନିଜକୁ ସୀମିତ ରଖିଥିବା ବେଳେ ଓଡ଼ିଆ ଜାତି କୋଟି ବ୍ରହ୍ମାଣ୍ଡ ସୁନ୍ଦରୀର ପରିକଳ୍ପନା କରିଛି। ଜଳ ସଂରକ୍ଷଣକୁ ପ୍ରାଧାନ୍ୟ ଦେଇ ଭୂଜଳ ଭରଣ ପାଇଁ ଜଗନ୍ନାଥ ସାଗର, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ, ସୀତା ସାଗର, ବିନ୍ଦୁସାଗର ଭଳି ବିଶାଳ ପୁଷ୍କରିଣୀ ନିର୍ମାଣ କରିଛି। ମାତ୍ର ସେତିକି ନୁହେଁ, ବିନ୍ଦୁରୁ ସିନ୍ଧୁ ସୃଷ୍ଟିର ଅବତାରଣା ପାଇଁ ତା'ର ନାମ ମଧ୍ୟ ଦେଇଛି ବିନ୍ଦୁସାଗର। ସମଗ୍ର ବିଶ୍ୱରେ ରାଜା ମହାରାଜାମାନେ ନିଜର ଭବ୍ୟ ପ୍ରାସାଦ ନିର୍ମାଣ କରିଥିବା ବେଳେ ଉତ୍କଳ ରାଜା ଭଗବାନ୍‌ଙ୍କ ପ୍ରାସାଦ ନିର୍ମାଣରେ ଧ୍ୟାନ ଦେଇଛନ୍ତି ନିଜର ରାଜବାଟୀକୁ ଗୌଣ କରି। ସମଗ୍ର ବିଶ୍ୱକୁ ଜ୍ଞାନାଲୋକରେ ଆଲୋକିତ କରିବା ପାଇଁ ତକ୍ଷଶିଳା ବିଶ୍ୱବିଦ୍ୟାଳୟ (ବର୍ତ୍ତମାନ ପାକିସ୍ତାନରେ) ପରେ ପୁରାତନ ଭାରତର ଦ୍ୱିତୀୟ ବିଶ୍ୱବିଦ୍ୟାଳୟ ପୁଷ୍ପଗିରିରେ ସ୍ଥାପନ କରିଛି। ତା'ର ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ ୩୨ରୁ ଊର୍ଦ୍ଧ୍ୱ ପ୍ରକାରର ସ୍ୱତନ୍ତ୍ର ବେସ ପରିକଳ୍ପନା କରି ଫ୍ୟାଶନ ଜଗତର ସୃଷ୍ଟିକର୍ତ୍ତା ରୂପେ ନିଜକୁ ପ୍ରତିଷ୍ଠିତ କରିପାରିଛି। ୧୮୧୭ରେ ପ୍ରଥମ ସାଧୀନତା ସଂଗ୍ରାମର ବହ୍ନି ପ୍ରଜ୍ୱଳନ ହେଉ କିମ୍ବା ଭାରତର କନିଷ୍ଠତମ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତ କଥା ହେଉ ଅଥବା ସମଗ୍ର ଦେଶର ଭାଷାଗତ ସାଂସ୍କୃତିକ ବିକାଶ ପାଇଁ ଭାଷାଭିତ୍ତିକ ରାଜ୍ୟ ଗଠନର ମୂଳଦୁଆ ହେଉ ବା କଳିଙ୍ଗ ଏୟାରଲାଇନ୍ସ କଥା ହେଉ, ସବୁ କିଛି ଓଡ଼ିଆ ଜାତିର ବଡ଼ ସ୍ୱପ୍ନର ପରିଚୟ ମାତ୍ର। କିନ୍ତୁ ଦୁଃଖର କଥା, ପ୍ରାଚୀନ ଓ ମଧ୍ୟ ଯୁଗ ଏବଂ ପରାଧୀନ ଭାରତରେ ବଡ଼ ବଡ଼ ସ୍ୱପ୍ନ ଦେଖି ସାକାର କରିପାରୁଥିବା ଜାତି ବା ରାଜ୍ୟ ଆଉ ବଡ଼ ସ୍ୱପ୍ନ ଦେଖିପାରୁ ନାହିଁ। ତାକୁ କମିଶନରେଟ ପୋଲିସ ବ୍ୟବସ୍ଥା ପାଇଁ ହାଇଦ୍ରାବାଦ ଯିବାକୁ ପଡୁଛି। ତାକୁ ଟାଉନ ପ୍ଲାନିଂ ପାଇଁ ଅହମ୍ମଦାବାଦ ଯିବାକୁ ପଡୁଛି। ସେ ସବୁକିଛିର ଅନୁକରଣ କରୁଛି।

ଅନୁକରଣରେ କେବେ ଶ୍ରେଷ୍ଠ ଓ ସ୍ୱତନ୍ତ୍ରତା ମିଳେ ନାହିଁ। ତେଣୁ ଅନ୍ୟମାନଙ୍କ ପଛରେ ରହିବା ସୁନିଶ୍ଚିତ। ଓଡ଼ିଶାର ଯୁବା ଶକ୍ତି ସାମର୍ଥ୍ୟକୁ ଭୁଲି ଆଜି ବିପିଏଲ୍ ହେବା ପାଇଁ ପ୍ରତିଯୋଗିତା କରୁଛି। ଆତ୍ମବିଶ୍ଳେଷଣ କଲେ ବଡ଼ ଦୁଃଖ ଲାଗେ- ସ୍ୱତନ୍ତ୍ର ପ୍ରଦେଶର ୮୬ ବର୍ଷ ବିତିଯାଇଥିଲେ ମଧ୍ୟ ଆମେ ଛୁଞ୍ଚିଟିଏ କିମ୍ବା ଜୋତା ହଳେ କିମ୍ବା ଛତାଟିଏ ତିଆରି କରିବା ପାଇଁ ସକ୍ଷମ ହୋଇନାହୁଁ। ପୂର୍ବପୁରୁଷଙ୍କ ପ୍ରଦତ୍ତ କୀର୍ତ୍ତିରାଜିକୁ ବିକି ଭାଙ୍ଗି ଅବା ପ୍ରଚାର ପ୍ରସାର କରି ଚଳିବାକୁ ପଡୁଛି। ମାତ୍ର ଏହା କେତେ ଦିନ? ଅବଶ୍ୟ ୧୯୯୯ ମହାବାତ୍ୟାରୁ ଶିକ୍ଷା ପାଇ ବିପର୍ଯ୍ୟୟ ମୁକାବିଲାରେ ଆମେ କିଛିଟା ନିଜସ୍ୱ ପ୍ରୟୋଗ କରି ସଫଳତା ଲାଭ କରି ପ୍ରଶଂସିତ ହୋଇଛେ। ତେଣୁ ବର୍ତ୍ତମାନ ଯୁବାପିଢ଼ି ଓ ନେତୃବର୍ଗଙ୍କର ବଡ଼ ଦାୟିତ୍ୱ ରହିଛି। ବିଶ୍ୱ ପରିପ୍ରେକ୍ଷୀରେ ବଡ଼ ବଡ଼ ସ୍ୱପ୍ନ ଦେଖିବା ଓ ସେଗୁଡ଼ିକୁ ନିଜ ବୁଦ୍ଧି, ବଳ ଓ ପରିଶ୍ରମ ଦ୍ୱାରା ସାକାର କରିବା। ସ୍ୱପ୍ନ ନ ଦେଖିଲେ କୌଣସି ଜାତି ବା ଦେଶ ଆଗେଇ ପାରେନାହିଁ। ସେଥିପାଇଁ ବିଶ୍ୱକେନ୍ଦ୍ରିକ ଚିନ୍ତା ଚେତନାର ଆବଶ୍ୟକତା ଅଛି। ସଂକୀର୍ଣ୍ଣତାର ଊର୍ଦ୍ଧ୍ୱକୁ ଉଠିଲେ ଯାଇ ଆମେ ସେହି ସ୍ତରରେ ପହଞ୍ଚିପାରିବା।

ପ୍ରଧାନ ବୈଜ୍ଞାନିକ
ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ
(ଭାରତ ସରକାର)
ଭୁବନେଶ୍ୱର, ମୋ: ୮୯୧୭୪୨୬୪୪୦

## ଏଇ ଭାରତରେ

ପର୍ଯ୍ୟଟନ ସ୍ଥଳକୁ ଯିବେ ଗାଡ଼ିରେ, ରହିବେ ବି ଗାଡ଼ିରେ। ରୋଷେଇଠାରୁ ଆରମ୍ଭ କରି ସବୁ ପ୍ରକାର ବ୍ୟବସ୍ଥା ଖଞ୍ଜା ଯାଇଥିବା ଏମିତି ଏକ ଗାଡ଼ି (କ୍ୟାମ୍ପରଭ୍ୟାନ) ନିର୍ମାଣ କରିଛନ୍ତି ଚେନ୍ନାଇର 'ରୋଡ୍‌ହାଉସ କ୍ୟାମ୍ପରଭ୍ୟାନ'ର ପ୍ରତିଷ୍ଠାତା ସିଦ୍ଧାର୍ଥ ବର୍ମନ। ଯାତ୍ରାକୁ ପରିବେଶ ଉପଯୋଗୀ କରିବା ଲାଗି ସେ ଗାଡ଼ିକୁ ସୌର ଶକ୍ତିରେ ଚାଲିବାର ବ୍ୟବସ୍ଥା କରିଛନ୍ତି। ଗାଡ଼ି ଉପରେ ସୋଲାର ପ୍ୟାନେଲ ଲଗାଯାଇଛି। ସେ ଅଟୋମୋଟିଭ ଇଣ୍ଡଷ୍ଟ୍ରୀରୁ ଚାକିରି ଛାଡ଼ି ଏଭଳି ସେବା ଯୋଗାଇ ଦେବା ଲାଗି ଯୋଜନା କରିଥିଲେ। ପରେ ଏକ ଭ୍ୟାନ୍ କିଣି ତାହାକୁ କ୍ୟାମ୍ପରଭ୍ୟାନ କରିବା କାର୍ଯ୍ୟ ଆରମ୍ଭ କରିଥିଲେ। ଏବେ ସେହି ଭ୍ୟାନରେ ରୋଷେଇଘର, ବାଥ୍‌ରୁମ୍, ଭ୍ୟାନ୍ ଉପରେ ପାଣି ଟାଙ୍କି ଏବଂ ଭ୍ୟାନ୍‌ର ଶେଷ ଆଡକୁ ବେଡ୍ ଏବଂ ବସିବା ଲାଗି ସ୍ଥାନ ରହିଛି। ପଛ ଡୋର୍ ଖୋଲି ସେଠାରୁ ଦୃଶ୍ୟ ଉପଭୋଗ କରିହେବ। ଦୁଇ ୧୦୦ ୱାଟ୍ ସୋଲାର ପ୍ୟାନେଲରୁ ଉତ୍ପନ୍ନ ବିଦ୍ୟୁତ୍ ଶକ୍ତିରେ ଏହା ଚାଲୁଛି। ଅଧିକ ବିଦ୍ୟୁତ୍ ଷ୍ଟୋର କରାଯାଉଛି ବ୍ୟାଟେରିରେ, ଯାହା ରାତି ଓ ବର୍ଷାବେଳେ କାମରେ ଲାଗୁଛି। ଏହି ଗାଡ଼ିକୁ ପାଖାପାଖି ୪୦ ପରିବାର ବିଭିନ୍ନ ସ୍ଥାନକୁ ନେଇସାରିଲେଣି। ଏହାକୁ ସକାଳ ୬ରୁ ପରଦିନ ସକାଳ ୬ ଯାଏ ଲୋକେ ଭଡ଼ାରେ ନେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ମେ ୧୯୯୭

- ଇରାନ୍‌ରେ ହୋଇଥିବା ନିର୍ବାଚନରେ ଦେଶର ସଂସ୍କୃତିମନ୍ତ୍ରୀ ମହମ୍ମଦ ଖାତାମୀ ଦେଶର ନୂଆ ରାଷ୍ଟ୍ରପତି ଭବେ ନିର୍ବାଚିତ।
- ତାମିଲ ବିଦ୍ରୋହୀଙ୍କ ଆକ୍ରମଣରେ ଶ୍ରୀଲଙ୍କା ସେନାର ୨ଟି ଯୁଦ୍ଧ ଟ୍ୟାଙ୍କ ନଷ୍ଟ ହେବା ସହ ୨୦ ସୈନ୍ୟ ନିହତ।
- ସୁହାସିନୀ ମଣିରତ୍ନମ୍‌ଙ୍କ ଦ୍ୱାରା ନିର୍ମିତ ତାମିଲ ଚଳଚ୍ଚିତ୍ର 'ଇନ୍ଦିରା' ମିନସ୍କ (ବେଲାରୁଷ)ଠାରେ ଆୟୋଜିତ ଆନ୍ତର୍ଜାତିକ ମହିଳା ଚଳଚ୍ଚିତ୍ର ଉତ୍ସବରେ ଶ୍ରେଷ୍ଠ ବିବେଚିତ ହୋଇ 'ଗ୍ରାଣ୍ଡ୍ ପ୍ରିକ୍ସ' ପୁରସ୍କାର ହାସଲ କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଲୋକେ ବୁଝିଲେ ସବୁ ଠିକ୍ ଚାଲିବ

ମହାଶୟ,

ଗଣତନ୍ତ୍ରରେ ଲୋକେ ଯଦି ସବୁ କଥାର ଭଲମନ୍ଦ ଦିଗ ସମ୍ପର୍କରେ ବୁଝିବେ, ତେବେ ସବୁ ଠିକ୍ ଚାଲିବ ଏବଂ ସମସ୍ୟାମୁକ୍ତ ଜୀବନ ସମ୍ଭବପର ହୋଇପାରିବ। ବିଭିନ୍ନ ପ୍ରସଙ୍ଗରେ ଲୋକଙ୍କୁ ବ୍ୟାପକ ଭାବେ ବୁଝାଯାଉଛି, ମାତ୍ର କେତେଜଣ ଏହାକୁ ହାଲୁକା ଭାବରେ ନେଉଛନ୍ତି। ଫଳରେ ସମାଜ ସମସ୍ୟାର ବୋଝ ମୁଣ୍ଡାଇବାକୁ ବାଧ୍ୟ ହେଉଛି। ତଥାପି ଏଥିପ୍ରତି ଅବୁଝାଙ୍କର ପରବାୟ ନାହିଁ। ସମାଜ ପ୍ରତି ସେମାନଙ୍କର କିଛି ଦାୟିତ୍ୱ ରହିଛ ବୋଲି ସେମାନେ ଚିନ୍ତା କରୁନାହାନ୍ତି। ସରକାରୀ ଏବଂ ବେସରକାରୀ ଭାବେ ସାଧାରଣ ଲୋକଙ୍କୁ ଠିକ୍ ରାସ୍ତାରେ ଯିବାକୁ ସଚେତନ କରାଯାଉଛି। ମାତ୍ର ଏହାର ପ୍ରଭାବ ସେତେ ପଡ଼ିଲା ଭଳି ଲାଗୁନାହିଁ। ଯଦି ପଡୁଥାନ୍ତା, ତେବେ ବିଭିନ୍ନ କ୍ଷେତ୍ରରେ ବିଶୃଙ୍ଖଳା ଦେଖିବାକୁ ମିଳୁ ନ ଥାନ୍ତା। କଟକଣା ଯେଉଁଠି, ବେଶି ଅମାନିଆ ସେଇଠି । ଲୋକେ ବିଭିନ୍ନ ପ୍ରସଙ୍ଗର ଭଲମନ୍ଦ ଦିଗ ଜାଣିବା ପାଇଁ ନିଜର ବୁଦ୍ଧି, ବିବେକ ଖଟାଇବା ଦରକାର। ମାତ୍ର କେତେକଙ୍କ ଅମାନିଆ ପଣିଆ ସମାଜକୁ ଦିଗଭ୍ରଷ୍ଟ କରୁଛନ୍ତି। ଫଳରେ ବିଭିନ୍ନ ପ୍ରସଙ୍ଗ ଗୋଳମାଳିଆ ହୋଇଉଠୁଛି। ସମସ୍ୟାମୁକ୍ତ ଜୀବନ ଜିଇବାକୁ ହେଲେ ନିଜର ନାଗରିକ ଦାୟିତ୍ୱକୁ ଠିକ୍ ଢଙ୍ଗରେ ନିର୍ବାହ କରିବା ଆବଶ୍ୟକ।

-ସୁଧାଂଶୁ ମହାପାତ୍ର, ନୀଳାଦ୍ରିବିହାର,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନାହିଁ, ନାହିଁ, ନୁହେ ସହି
ବ୍ୟଥିତ ସେ କାତର ମିନତି
ନାହିଁ ତ ଶକତିପପ
ଧରାର ପରାଣୀ ଅଙ୍ଗେ, ସହିବାକୁ
ସେ କରୁଣ ଦୃଷ୍ଟି
ନିମିଷେ ଯେ ତରଳାଏ
କଠିନ କଠୋର ଶିଳାସୃଷ୍ଟି!
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | | | 5 | 8 | 2 | |
| | | | 8 | | | | 5 | 3 |
| | | | | | 7 | | | 4 |
| | | | | 9 | | 7 | | |
| 6 | | | | | | 2 | | |
| | 3 | | | 8 | | | | 5 |
| | | 4 | | | 2 | | | |
| | | | | 1 | | 5 | 9 | |
| 2 | | 8 | | 7 | | 4 | | 1 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | 9 | 3 | 4 | 2 | 6 | 7 |
| 9 | 7 | 4 | 2 | 6 | 8 | 1 | 3 | 5 |
| 2 | 6 | 3 | 7 | 5 | 1 | 8 | 9 | 4 |
| 4 | 9 | 7 | 3 | 2 | 6 | 5 | 1 | 8 |
| 1 | 5 | 6 | 8 | 7 | 9 | 3 | 4 | 2 |
| 8 | 3 | 2 | 4 | 1 | 5 | 6 | 7 | 9 |
| 6 | 4 | 1 | 5 | 8 | 7 | 9 | 2 | 3 |
| 7 | 2 | 5 | 1 | 9 | 3 | 4 | 8 | 6 |
| 3 | 8 | 9 | 6 | 4 | 2 | 7 | 5 | 1 |

ଗତକାଲିର ଉତ୍ତର

# ମାଛ ଧରିବା ବେଳେ ମିଳିଲା ନରକଙ୍କାଳ



**ସୋହେଲା, ୨୪।୫ (ଡି.ଏନ.ଏ.):** ବରଗଡ଼ ଜିଲା ସୋହେଲା ଥାନା ଗର୍ଭଣା ଗ୍ରାମର ଭଙ୍ଗାକଟା (ପୋଖରୀ)ରେ ସ୍ଥାନୀୟ ଲୋକେ ମଙ୍ଗଳବାର ମାଛ ମାରୁଥିବା ବେଳେ ଏକ ନରକଙ୍କାଳ ମିଳିଛି। ଉକ୍ତ ନରକଙ୍କାଳ ପୋଖରୀର ଏକ ଅମରି ବୁଦାମୂଳରେ ଥିବା ଦେଖି ସେମାନେ ସୋହେଲା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କଙ୍କାଳକୁ ଜବତ କରିଛି। କଙ୍କାଳରେ ଏବେ ବି ମାଂସ ଲାଗିରହିଛି। ମହିଳାଙ୍କ ବସ୍ତ୍ର ମଧ କଙ୍କାଳରେ ଗୁଡ଼ାଇ ହୋଇରହିଛି। ଅନ୍ୟୂନ ଚାରି ପାଞ୍ଚ ମାସ ତଳୁ ଏହି ମୃତଦେହ ଏଠାରେ ପଡିଥିବା ଅନୁମାନ କରାଯାଉଛି। ସୋହେଲା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୪୧୨୨) ରୁଜୁ କରି ତଦନ୍ତ କରୁଛି। କଙ୍କାଳର ନମୁନାକୁ ଡିଏନ୍ଏ ଟେଷ୍ଟ ପାଇଁ ପଠାଯିବ ବୋଲି ସୋହେଲା ଥାନା ଆଇଆଇସି ହାଡ଼ିବନ୍ଧୁ ଗଡ଼ତିଆ କହିଛନ୍ତି।

# ରାଷ୍ଟ୍ରୀୟ ସ୍ମାରକ ପ୍ରାଧିକରଣର ଅନୁମତି ନାହିଁ

## ପୁରୀ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ବିବାଦ ପ୍ରସଙ୍ଗ

ବଲାଙ୍ଗୀର ଅଫିସ,୨୪।୫

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ସମଗ୍ର ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ରାଜନୈତିକ ନେତାମାନେ ଏହାକୁ ନେଇ ବୟାନବାଜି, ଆକ୍ଷେପ ପ୍ରତିଆକ୍ଷେପ ଜାରି ରଖିଛନ୍ତି। ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନିର୍ମାଣକୁ ନେଇ ଆମସାର୍ (ଦି ଆନ୍‌ସିଏଣ୍ଟ ମନ୍ୟୁମେଣ୍ଟ ଆଣ୍ଡ ଆର୍କିଓଲୋଜିକାଲ ସାଇଡ୍ ଆଣ୍ଡ ରିମେନ୍ସ ଆକ୍ଟ) ଆଇନ ଉଲ୍ଲଂଘନର ଅଭିଯୋଗ ଆସିଛି। ତେବେ ଶାସକ ଦଳର ନେତାମାନେ ଆମସାର୍ ଆଇନକୁ ଉଲ୍ଲଂଘନ କରାଯାଇନାହିଁ ବୋଲି କହୁଛନ୍ତି। ତେବେ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ରାଜ୍ୟରେ ଥିବା ଜାତୀୟ କୀର୍ତ୍ତିରାଜିର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ନିର୍ମାଣ କାର୍ଯ୍ୟ କରିବା ଏକ ପୁରୁଣା ଅଭ୍ୟାସ ବୋଲି ଜଣାପଡ଼ିଛି।

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ରାଷ୍ଟ୍ରୀୟ ସ୍ମାରକ ପ୍ରାଧିକରଣ (ଏନ୍ଏମ୍ଏ)ର ଆପତ୍ତିବିହୀନ ପ୍ରମାଣପତ୍ର ମିଳି ନ ଥିବା ତଥ୍ୟରେ ଉଲ୍ଲେଖ ରହିଥିବାବେଳେ ନିର୍ମାଣ ଶବ୍ଦର ପରିଭାଷାରେ ସାର୍ବଜନିକ ସୁବିଧା ପାଇଁ କେତେକ ନିର୍ମାଣକୁ ଅନୁମତି ଦିଆଯାଇଥିବା ମଧ ଉଲ୍ଲେଖ ରହିଛି। ପୁରୀ ଶ୍ରୀମନ୍ଦିରର ନିଷିଦ୍ଧାଞ୍ଚଳ ମଧ୍ୟରେ ମେଘନାଦ ପ୍ରାଚୀରକୁ ସଂଲଗ୍ନ କରି ଆଉ ପ୍ରାଚୀର ନିର୍ମାଣ ଏବଂ ପରିକ୍ରମା ପ୍ରକଳ୍ପର କାର୍ଯ୍ୟକାରିତା ନିଷିଦ୍ଧାଞ୍ଚଳ ମଧ୍ୟରେ ଅନଧିକୃତ ଭାବେ ହେଉଥିବା ତଥ୍ୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି। କେନ୍ଦ୍ର ସଂସ୍କୃତି ବିଭାଗ ଅଧୀନସ୍ଥ ରାଷ୍ଟ୍ରୀୟ ସ୍ମାରକ ପ୍ରାଧିକରଣ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ୍ ଦେଇ ନ ଥିଲେ ମଧ ନିଷିଦ୍ଧାଞ୍ଚଳ ମଧ୍ୟରେ କ୍ଲକ୍‌ରୁମ୍, ମିନି କ୍ଲକ୍‌ରୁମ୍, ଶେଲ୍‌ଟର ପାଭିଲିୟନ, ମହିଳା ଓ ପୁରୁଷ ଶୌଚାଳୟ, ସେବାୟତ ଶୌଚାଳୟ, ଇଲେକ୍ଟ୍ରିକାଲ ରୁମ୍ ଏବଂ ପେଭ୍‌ମେଣ୍ଟ ଏରିଆ ସମେତ ଦର୍ଶନାର୍ଥୀଙ୍କ ଶ୍ରୀମନ୍ଦିର ଗର୍ଭଗୃହକୁ ଧାଡ଼ିରେ ଯିବା ପାଇଁ ନିର୍ମାଣ କାର୍ଯ୍ୟକୁ ଅନୁମତି ମିଳିଛି। ଅଭ୍ୟର୍ଥନା କେନ୍ଦ୍ର, ଡୋନେଶନ କିୟୋକ୍ସ, ଫାଷ୍ଟଏଡ୍ ସେଣ୍ଟର, ପୋଲିସ୍ ସର୍ଭିସ ସେଣ୍ଟର ଓ ଏଟିଏମ୍ କିୟୋକ୍ସର ପୁନର୍ବିଚାର କରି ସ୍ଥାନ ପୁନଃନିରୂପଣ କରିବା ପାଇଁ ପ୍ରାଧିକରଣ ପକ୍ଷରୁ କୁହାଯାଇଥିଲା। ଗତ ଫେବୃୟାରୀ ୨୧ରେ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଡିଜି ପରିକ୍ରମା ପ୍ରକଳ୍ପ ପରିଦର୍ଶନ କରି ନିଷିଦ୍ଧାଞ୍ଚଳରେ ନିର୍ମାଣ କାମ କରାଯାଉଥିଲେ ମଧ ତାହା ଭକ୍ତଙ୍କ ସୁବିଧା ପାଇଁ କରାଯାଉଥିବା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ)ସଂସ୍ଥା ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଫଳରେ ମୁଖ୍ୟ ମନ୍ଦିର ଦେଖିବା ପାଇଁ ଅସୁବିଧା ସୃଷ୍ଟି ହେବନାହିଁ ବୋଲି କୁହାଯାଇଛି। ରାଜ୍ୟ ସରକାର ପ୍ରକଳ୍ପ ନିର୍ମାଣ ସମୟରେ ଆଧାତ୍ମିକ ଦିଗ ପ୍ରତି ସଚେତନ ରହିବା ଉଚିତ ବୋଲି ମଧ କୁହାଯାଇଛି। ପ୍ରସ୍ତାବିତ ଅଭ୍ୟର୍ଥନା କୋଠା ୭୫ ମିଟର ମଧ୍ୟରେ ରହିଥିବାରୁ ମନ୍ଦିରର ସୁରକ୍ଷା ଦୃଷ୍ଟିରୁ ଏହାର ନିର୍ମାଣକୁ ସ୍ଥାନାନ୍ତର ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ ରାଜ୍ୟ ସରକାର ବିଚାର କରିବା ଲାଗି ତାଙ୍କ ରିପୋର୍ଟରେ ଉଲ୍ଲେଖ ରହିଥିବା ପଣ୍ଡା କହିଥିଲେ। ଗତ ଶ୍ରୀମନ୍ଦିର ପରିଚାଳନା ବୈଠକରେ ଅଭ୍ୟର୍ଥନା କେନ୍ଦ୍ରକୁ ସ୍ଥାନାନ୍ତରଣ କରାଯାଇଥିବା ଜଣାପଡ଼ିବା ପରେ ଆମ୍‌ସାର ଆଇନ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ଆଗେଇ ଆସିଛନ୍ତି। ଓଡ଼ିଶାର ପୁରାତନ କୀର୍ତ୍ତିରାଜିଗୁଡ଼ିକର ନବକଳେବର କରାଯାଉଥିବା ସମୟରେ ସୁରକ୍ଷା ଦୃଷ୍ଟିକୋଣରୁ ଆମ୍‌ସାର ଆଇନର ସମ୍ପୂର୍ଣ୍ଣ ପାଳନ କରାଯାଇ ନିର୍ମାଣ କରିବାକୁ ସୂଚନା କର୍ମୀ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି କରିଛନ୍ତି। ରାଜ୍ୟରେ ସମୁଦାୟ ୮୦ଟି ଜାତୀୟ ମାନ୍ୟତାପ୍ରାପ୍ତ କୀର୍ତ୍ତିରାଜି ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଅଧୀନରେ ରହିଥିବାବେଳେ ତନ୍ମଧ୍ୟରୁ ୧୨ଟି ଜାତୀୟ କୀର୍ତ୍ତିରାଜିର ଶହେମିଟର ନିଷିଦ୍ଧାଞ୍ଚଳ ମଧ୍ୟରେ ଅନଧିକୃତ ନିର୍ମାଣ କରାଯାଇଥିବା ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।



ଖବରଦାତା ସମ୍ମିଳନୀରେ ହେମନ୍ତ ପଣ୍ଡା

# ଲାପ୍‌ଟପ୍ ପାଇଁ ଆବେଦନ କରିନାହାନ୍ତି ୩୮ ଉଚ୍ଚ ମାଧ୍ୟମିକ ସ୍କୁଲର ୩୫୯ ପିଲା

## ରେଭେନ୍ସାର ସର୍ବାଧିକ ୨୯, ବିଜେବିର ୨୮ ପିଲା ତାଲିକାରେ ସାମିଲ

ଭୁବନେଶ୍ୱର, ୨୪।୫ (ବ୍ୟୁରୋ)

ରାଜ୍ୟରେ ଦ୍ୱାଦଶ ପାସ୍ ଆଉଟ୍ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ କିଣିବା ପାଇଁ ସରକାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ହେଲେ ସଚେତନତା ଅଭାବରୁ ବହୁ ମେଧାବୀ ପିଲା ଏ ସମ୍ପର୍କରେ ଜାଣିପାରୁନାହାନ୍ତି। ଫଳରେ ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ରାଜଶ୍ରୀ ମହାନ୍ତି ଉଚ୍ଚମାଧ୍ୟମିକ ସ୍କୁଲଗୁଡ଼ିକର ପ୍ରିନ୍ସିପାଲଙ୍କୁ ଲେଖିଥିବା ଚିଠିରୁ ଏହା ସ୍ପଷ୍ଟ ହେଉଛି।

ସ୍ୱତନ୍ତ୍ର ସଚିବ ତାଙ୍କ ଚିଠିରେ କେଉଁ ହାଇସ୍କୁଲ୍‌ରେ କେତେ ଯୋଗ୍ୟ ଛାତ୍ରୀଛାତ୍ରୀ ଲାପ୍‌ଟପ୍ କିଣିବା ପାଇଁ ଆବେଦନ କରିନାହାନ୍ତି ତାହାର ତାଲିକା ଦେଇଛନ୍ତି। କଟକ ରେଭେନ୍ସା ହାୟର ସେକେଣ୍ଡାରୀ ସ୍କୁଲ୍, ଭୁବନେଶ୍ୱର ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ୍ ଭଳି ବିଭିନ୍ନ ଜିଲାର ୩୮ଟି ହାଇସ୍କୁଲ୍‌ର ମୋଟ୍ ୩୫୯ ଯୋଗ୍ୟ ପିଲା ଲାପ୍‌ଟପ୍ ସହାୟତା ପାଇବାକୁ ଆବେଦନ କରିନାହାନ୍ତି। ଯେଉଁଥିରେ ରେଭେନସା ଉଚ୍ଚ ମାଧ୍ୟମିକ ସ୍କୁଲ୍‌ରେ ସର୍ବାଧିକ ୨୯ ଜଣ, ଭୁବନେଶ୍ୱର ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ମାଧ୍ୟମିକ ସ୍କୁଲ୍‌ର ୨୮ ପିଲା ରହିଛନ୍ତି। ବିଜ୍ଞାପନ ଏବଂ ୫ ଥର ସମୟସୀମା ବଢ଼ାଯିବା ସତ୍ତ୍ୱେ ୨୦୨୧ ବର୍ଷର ୩୫୯ ଦ୍ୱାଦଶ ପାସ୍ ଆଉଟ୍ ମେଧାବୀ ଲାପ୍‌ଟପ୍ କିଣିବା ନିମନ୍ତେ ଆର୍ଥିକ ସହାୟତା ପାଇବାକୁ ଆବେଦନ କରିନାହାନ୍ତି। ହୁଏତ ସେମାନେ ଏହି ଯୋଜନା ବିଷୟରେ ସଚେତନ ନ ଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଏହି ବିଷୟକୁ ବ୍ୟକ୍ତିଗତ ଭାବେ ଅନୁଧ୍ୟାନ କରି ନିଜ ସ୍ତରରେ ପଦକ୍ଷେପ ନେବାକୁ ପ୍ରିନ୍ସିପାଲମାନଙ୍କୁ କୁହାଯାଇଛି। ଏହି ଯୋଜନାର ସୁବିଧା ପାଇବା ପାଇଁ ଛାତ୍ରୀଛାତ୍ର ଆସନ୍ତା ୩୧ ତାରିଖ ମଧ୍ୟରେ ଷ୍ଟେଟ୍ ସ୍କଲାରସିପ୍ ପୋର୍ଟାଲ୍ ଜରିଆରେ ଆବେଦନ କରିବା ନିମନ୍ତେ ଗାଇଡ୍ କରିବାକୁ ଉଚ୍ଚ ମାଧ୍ୟମିକ ସ୍କୁଲ୍‌ଗୁଡ଼ିକର ପ୍ରିନ୍ସିପାଲଙ୍କୁ ସ୍ୱତନ୍ତ୍ର ସଚିବ ଜଣାଇଛନ୍ତି।


## ନାମଲେଖା ବିଜ୍ଞପ୍ତି

**ଏନ୍ଆଇଏଲ୍‌ଡି, ଏସ୍‌ଭିଏନ୍ଆଇଆରଟିଏଆର୍, ଏନ୍ଆଇଇପିଏମ୍‌ଡି ତଥା ପିଡିୟୁଏନ୍ଆଇପିପିଡିରେ ଅଣ୍ଡର ଗ୍ରାଜୁଏଟ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଟି-୨୦୨୨)। ପିଡବ୍ଲ୍ୟୁଡି (ଦିବ୍ୟାଙ୍ଗଜନ)ଙ୍କ ସଶକ୍ତୀକରଣ ବିଭାଗ ଅଧୀନସ୍ଥ ଅନୁଷ୍ଠାନ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ, ଭାରତ ସରକାର**

**ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଲୋକୋମୋଟର ଡିଜାବିଲିଟିଜ୍ (ଦିବ୍ୟାଙ୍ଗଜନ)**
ବି ଟି ରୋଡ୍, ବୋନ-ହୁଗ୍‌ଲି, କୋଲକାତା – ୭୦୦୦୯୦
ଫୋନ୍: ୦୩୩ ୨୫୩୧ ୦୨୭୯/୦୬୧୦ ଫାକ୍ସ ୦୩୩ ୨୫୩୧ ୮୩୭୯,
ଇ-ମେଲ୍: mail@nioh.in, ୱେବ୍‌ସାଇଟ୍: www.niohkol.nic.in

**ସ୍ୱାମୀ ବିବେକାନନ୍ଦ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରିହାବିଲିଟେସନ୍ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ**
ଓଲଟପୁର, ପୋଷ୍ଟ: ବାଇରୋଇ, ଜିଲ୍ଲା: କଟକ, ଓଡ଼ିଶା
ଫୋନ୍ ନଂ.: ୦୬୭୧-୨୮୦୫୫୫୨, ଫାକ୍ସ ନଂ.: ୦୬୭୧-୨୮୦୫୮୬୨,
ଇମେଲ୍: svnirtar@gmail.com, ୱେବ୍‌ସାଇଟ୍: www.svnirtar.nic.in

**ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଏମ୍ପାୱାରମେଣ୍ଟ ଅଫ୍ ପର୍ସନ୍ସ ୱିଥ୍ ମଲ୍ଟିପଲ୍ ଡିଜାବିଲିଟିଜ୍ (ଦିବ୍ୟାଙ୍ଗଜନ)**
ଇଷ୍ଟ କୋଷ୍ଟ ରୋଡ୍, କୋଭାଲମ ପୋଷ୍ଟ, ମୁଟ୍ଟୁକାଡ୍ଡୁ, ଚେନ୍ନାଇ – ୬୦୩୧୧୨, ତାମିଲନାଡୁ,
ଫାକ୍ସ: ୦୪୪-୨୭୪୭୨୩୮୯, ଫୋନ୍: ୦୪୪-୨୭୪୭୨୪୨୩/୨୭୪୭୨୧୦୪,
ଇମେଲ୍– niepmd@gmail.com, ୱେବ୍ ସାଇଟ୍: www.niepmd.tn.nic.in

**ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପର୍ସନ୍ସ ୱିଥ୍ ଫିଜିକାଲ୍ ଡିଜାବିଲିଟିଜ୍ (ଦିବ୍ୟାଙ୍ଗଜନ)**
୪, ବିଷ୍ଣୁ ଦିଗମ୍ବର ମାର୍ଗ, ନୂଆଦିଲ୍ଲୀ – ୧୧୦୦୦୨
ଫୋନ୍: ୦୧୧-୨୩୨୩୩୭୮୨, ଇମେଲ୍– pdunippdadmissions@gmail.com,
ୱେବ୍‌ସାଇଟ୍: www.pdunippd.in

| ପାଠ୍ୟକ୍ରମର ନାମ | ଯୋଗ୍ୟତା |
|---|---|
| ବ୍ୟାଚେଲର ଅଫ୍ ଫିଜିଓଥେରାପି (ବିପିଟି) | ୧୦+୨ ବିଜ୍ଞାନ ପିସିବି ଓ ଇଂରାଜୀ |
| ବ୍ୟାଚେଲର ଅଫ୍ ଅକ୍ୟୁପେସନାଲ୍ ଥେରାପି (ବିଓଟି) | ୧୦+୨ ବିଜ୍ଞାନ ପିସିବି ଓ ଇଂରାଜୀ |
| ବ୍ୟାଚେଲର ଅଫ୍ ପ୍ରୋସ୍ଥେଟିକ୍ସ ଆଣ୍ଡ ଅର୍ଥୋଟିକ୍ସ (ବିପିଓ) | ୧୦+୨ ବିଜ୍ଞାନ ପିସିବି/ପିସିଏମ୍ ଏବଂ ଇଂରାଜୀ |

**ଗୁରୁତ୍ୱପୂର୍ଣ୍ଣ ତାରିଖ**

ଅନ୍‌ଲାଇନ୍ ଆବେଦନ ସମାପ୍ତି ତାରିଖ: ୨୫।୦୬।୨୦୨୨ (ଅପରାହ୍ନ ୫ ଘଟିକା)
ପ୍ରବେଶିକା ପରୀକ୍ଷା ତାରିଖ : ୨୪।୦୭।୨୦୨୨ (ରବିବାର)
ଅଧିକ ବିବରଣୀ ପାଇଁ www.niohkol.nic.inରେ ଲଗ୍ ଅନ୍ କରନ୍ତୁ
ସିଇଟି – ୨୦୨୨ ହେଲ୍ପଡେସ୍କ: ଟେଲି. ନଂ.: ୦୩୩-୨୫୩୧୨୫୬୪, ମୋବାଇଲ: ୯୪୩୨୭୭୨୭୨୫, ଇମେଲ୍: cet2022.nild@gmail.com
ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଟି) – ୨୦୨୨
ସଞ୍ଚାଳକ: ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଲୋକୋମୋଟର ଡିଜାବିଲିଟିଜ୍ (ଦିବ୍ୟାଙ୍ଗଜନ)
ବି ଟି ରୋଡ୍, ବନ୍-ହୁଗ୍‌ଲି, କୋଲକାତା - ୭୦୦୦୯୦
davp 38113/12/0003/2223 ଅଧ୍ୟକ୍ଷ, ସିଇଟି-୨୦୨୨


# ଗୋପାଳପୁର ବନ୍ଦରର ବିକାଶ, ବିସ୍ତାର ପାଇଁ ଚୁକ୍ତି ସ୍ୱାକ୍ଷରିତ

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ଗୋପାଳପୁର ବନ୍ଦରର ବିକାଶ ଏବଂ ବିସ୍ତାର ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଗୋପାଳପୁର ବନ୍ଦର ଲିମିଟେଡ୍ ମଧ୍ୟରେ ମଙ୍ଗଳବାର ସଂଶୋଧିତ ରିହାତି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଖାରବେଳ ଭବନସ୍ଥିତ ପରିବହନ ବିଭାଗ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ପଦ୍ମନାଭ ବେହେରା, ସଚିବ ବିଷ୍ଣୁପଦ ସେଠୀଙ୍କ ଉପସ୍ଥିତିରେ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷ ଓ ବାଣିଜ୍ୟ ଓ ପରିବହନ ବିଭାଗ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି।



ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଉପସ୍ଥିତିରେ ଗୋପାଳପୁର ବନ୍ଦର ଲିମିଟେଡ୍ ସହ ବୁଝାମଣା ସ୍ୱାକ୍ଷରିତ ହେଉଛି।

ଗଞ୍ଜାମ ଜିଲାର ଅର୍ଜ୍ଜିପାଲିଠାରେ ଅବସ୍ଥିତ ଗୋପାଳପୁର ବନ୍ଦର ସରକାରଙ୍କ ପରିବହନ ବିଭାଗ ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ହୋଇଆସୁଥିଲା। ଏହାକୁ ଏକ ସବୁଦିନିଆ ବନ୍ଦରରେ ବିକଶିତ ଓ ସମ୍ପ୍ରସାରିତ କରିବା ପାଇଁ ବାଣିଜ୍ୟ ଏବଂ ପରିବହନ ବିଭାଗ ମାଧ୍ୟମରେ ୨୦୦୬ ସେପ୍ଟେମ୍ବର ୧୪ରେ ପିପିପି ମୋଡ୍‌ରେ ମେସର୍ସ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍ଏଲ୍) ଦ୍ୱାରା ପରିଚାଳିତ ବନ୍ଦର ପରିଚାଳନା ସଂସ୍ଥା ତଥା ଗୋପାଳପୁର ପୋର୍ଟ ଲିମିଟେଡ୍ ସହିତ ରିହାତି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହାଦ୍ୱାରା ଏହାକୁ ଋତୁକାଳୀନ ବନ୍ଦରରୁ ଏକ ସବୁଦିନିଆ ବନ୍ଦରରେ ରୂପାନ୍ତରିତ ହୋଇପାରିଛି। ସମୟକ୍ରମେ ୨୦୧୭ ଜାନୁୟାରୀ ୧୮ରେ ଗୋପାଳପୁର ବନ୍ଦର ପରିଚାଳନା ସଂସ୍ଥାରେ ମେସର୍ସ ସାପୋର୍ଜୀ ପାଲୋଞ୍ଜି ପୋର୍ଟ ମେଣ୍ଟେନାନ୍ସ ପ୍ରା. ଲି. (ଏସ୍‌ପିଏମ୍ଏଲ୍)ର ଯୋଗଦାନ ଏବଂ ଅଂଶଧନ ପରିବର୍ତ୍ତନ ଯୋଗୁ ଏସ୍‌ପିଏମ୍ଏଲ୍ ଦ୍ୱାରା ସଂଖ୍ୟାଗରିଷ୍ଠ ଅଂଶଧନ ହାସଲ ଓ ବନ୍ଦର ପରିଚାଳନା କ୍ଷମତା ମେସର୍ସ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍(ଓଏସ୍ଏଲ୍)ରୁ ମେସର୍ସ ସାପୋର୍ଜୀ ପାଲୋଞ୍ଜି ପୋର୍ଟ ମେଣ୍ଟେନାନ୍ସ ପ୍ରା. ଲି.କୁ ସ୍ଥାନାନ୍ତରିତ ହୋଇଛି। ଏହି ବନ୍ଦର ପରିଚାଳନା କ୍ଷମତା ସ୍ଥାନାନ୍ତର ଯୋଗୁ ଗୋପାଳପୁର ବନ୍ଦର ସହ ସଂଶୋଧିତ ରିହାତି ଚୁକ୍ତିନାମା ସ୍ୱାକ୍ଷର କରିବା ଆବଶ୍ୟକ ହୋଇଛି ବୋଲି ମନ୍ତ୍ରୀ ବେହେରା ପ୍ରକାଶ କରିଛନ୍ତି। ଏହି ରିହାତି ଚୁକ୍ତିନାମା ସ୍ୱାକ୍ଷର ପାଇଁ ୨୦୨୧ ଡିସେମ୍ବର ୭ରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଅନୁମୋଦନ ଲାଭ କରିଥିଲା। ମଙ୍ଗଳବାର ଗୋପାଳପୁର ବନ୍ଦରର ବିକାଶ ଓ ବିସ୍ତାର ନିମନ୍ତେ ସଂଶୋଧିତ ରିହାତି ଚୁକ୍ତିନାମା ସ୍ୱାକ୍ଷର କରାଗଲା ବୋଲି ମନ୍ତ୍ରୀ ବେହେରା ପ୍ରକାଶ କରିଛନ୍ତି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-OP-2022-T-14/TN ତା.20.05.2022ରିଖ

**କାର୍ଯ୍ୟର ନାମ:** ଦୁଇ ବର୍ଷ ସମୟାବଧି ନିମନ୍ତେ ଟିଟିଲାଗଡ଼ ଷ୍ଟେସନ ସ୍ଥିତ ଇଲେକ୍ଟ୍ରିକ୍ ଏବଂ ଡିଜେଲ୍ ଲୋକୋମୋଟିଭ୍ ସ୍ୟାଣ୍ଡ ବାକ୍ସ ରେ ଆବଶ୍ୟକୀୟ ବିନିର୍ଦ୍ଦେଶ ଅନୁଯାୟୀ ବାଲିର ଯୋଗାଣ ଓ ଭରିବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 65,17,071/-, **EMD:** 1,30,400/-, ଶେଷ ହେବା ଅବଧି : 02 ବର୍ଷ (730 ଦିନ) ।

ବିଡ୍ ଆରମ୍ଭ ହେବା ତାରିଖ: ତା.30.05.2022ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.13.06.2022ରିଖ 1500 ଘଟିକାରେ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

PR-128/N/22-23 ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP)/ ସମ୍ବଲପୁର


# ଓଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୪।୫(ବ୍ୟୁରୋ):** ରାଜ୍ୟ ସରକାର ମଙ୍ଗଳବାର ବରିଷ୍ଠ ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ରାଜ୍ୟ ନିର୍ବାଚନ କମିଶନରେ ସ୍ୱତନ୍ତ୍ର ସଚିବ ଥିବା ବରିଷ୍ଠ ଓଏଏସ୍ ରଘୁରାମ ଆୟାରଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ତାଙ୍କୁ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମଧ ମିଳିଛି। ଆୟାରଙ୍କ ସମେତ ମୋଟ ୧୩ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁସାରେ, ଏମ୍‌କେସିଜି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ରେଜିଷ୍ଟ୍ରାର ଓଏଏସ୍ ସୁଦାମ ଚରଣ ମଣ୍ଡଳଙ୍କୁ ଶିଳ୍ପ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ(କେଭିଆଇ) ଭାବେ ବଦଳି କରାଯାଇଛି। ସେହିପରି ପାରାଦୀପ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସୌରେନ୍ଦ୍ର କୁମାର ରାଉତରାୟଙ୍କୁ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ପାରାଦୀପର ଅତିରିକ୍ତ ଜିଲାପାଳ କାହ୍ନୁ ଚରଣ ଧୀରଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପାରାଦୀପ ମ୍ୟୁନିସିପାଲିଟିରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିବାକୁ କୁହାଯାଇଛି। ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ଅନୁଜ କୁମାର ଦାସପଟ୍ଟନାୟକଙ୍କୁ ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ଭୁବନେଶ୍ୱର ମହାନଗର ନିଗମର ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁଙ୍କୁ ଖୋର୍ଦ୍ଧାର ଅତିରିକ୍ତ ଜିଲାପାଳ ଭାବେ ଅବସ୍ଥାପିତ କରାଯାଇଛି। ହିନ୍ଦୋଳ ଉପଜିଲାପାଳ ଉଦୟ କୁମାର ମହାପାତ୍ରଙ୍କୁ ଢେଙ୍କାନାଳ ଜିଲା ଅତିରିକ୍ତ ଜିଲାପାଳ ଭାବେ ବଦଳି କରାଯାଇଛି। ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ପୂଜା ମିଶ୍ରଙ୍କୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଯୁଗ୍ମ ସଚିବ, ନରେଶ ଚନ୍ଦ୍ର ଶବରଙ୍କୁ ଫୁଲବାଣୀ ଆଇଟିଡିଏ ପ୍ରକଳ୍ପ ଅଧିକାରୀ, ଶିବାନନ୍ଦ ସ୍ୱାଇଁଙ୍କୁ ହିନ୍ଦୋଳ ଉପଜିଲାପାଳ, ବରଣ୍ୟେନ୍ଦୁ ମହାନ୍ତିଙ୍କୁ ଇଡ୍‌କୋ ଲ୍ୟାଣ୍ଡ ଅଫିସର, ବୀରେନ୍ଦ୍ର କୁମାର ଦାସଙ୍କୁ ଛେଲିଗଡ଼ ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଫିସର ଓ ପ୍ରିୟବ୍ରତ ପାଢୀଙ୍କୁ ଭୁବନେଶ୍ୱର ମହାନଗର ନିଗମର ଡେପୁଟି କମିଶନର ଭାବେ ବଦଳି କରାଯାଇଛି।

# ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ

**ପାଟଣାଗଡ଼, ୨୪।୫ (ଡି.ଏନ.ଏ.):** ପାଟଣାଗଡ଼ ଥାନା ରିଙ୍ଗେରବନ୍ଧ ଗ୍ରାମରେ ପୂର୍ବଶତ୍ରୁତାକୁ ନେଇ ମଙ୍ଗଳବାର ତିନି ଜଣଙ୍କୁ ମରଣାତ୍ମକ ଆକ୍ରମଣ ହୋଇଛି। ସନ୍ଧ୍ୟା ପ୍ରାୟ ୭ଟାରେ ଗ୍ରାମର ପଙ୍କଜ ନାଗ ନିଜ ପଡୋଶୀ ନିର୍ମଳ ବାଗ, ମହେଶ୍ୱର ବାଗ ଓ ନୀଳାମ୍ବର ବାଗଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏଥିରେ ସେମାନେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।


## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
ଛତ୍ରପୁର ଶାଖା, ଏନ୍ଏଚ-୫, ପଟ୍ଟନାୟକ କଲୋନୀ, ଛତ୍ରପୁର, ଗଞ୍ଜାମ

**ଦଖଲ ନୋଟିସ୍**
(ପରିଶିଷ୍ଟ-୪)(ରୁଲ-୮(୧)) (ସ୍ଥାବର ସମ୍ପତ୍ତି ନିମନ୍ତେ)

**(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ ଜାରି ଦଖଲ ନୋଟିସ୍)**

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ପରବର୍ତ୍ତି ସୁଧ, ଚକ୍ରବୃଦ୍ଧି ସୁଧ ଓ ଦେୟ ଇତ୍ୟାଦି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩(୪) ସହିତ କଥିତ ଆକ୍ଟର ନୟମ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିକୁ ଦଖଲକୁ ନିଆଯାଇଛି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ** ନିକଟରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିହାରରେ ପରବର୍ତ୍ତି ସୁଧ, ଚକ୍ରବୃଦ୍ଧି ସୁଧ ଓ ଦେୟ ଇତ୍ୟାଦି ନିମନ୍ତେ ଉତ୍ତରଦାୟୀ ହେବେ ।

**ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା(୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।**

| ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ /ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ଲଖିଆ ସବର,** ପିତା: ୰ଶ୍ରୀ ଗୁରୁବାରିଆ ଶବର, **ଜାମିନ୍‌ଦାର: ଶ୍ରୀମତୀ ନିଳ୍ପ ଶବର,** ସ୍ୱା: ଶ୍ରୀ ଲଖିଆ ସବର, ଉଭୟଙ୍କ ଠିକଣା: ଗ୍ରାମ/ପୋ.-ବଡପାଲ୍ଲୀ, ଥାନା: ଖଲ୍ଲିକୋଟ, ଜିଲ୍ଲା: ଗଞ୍ଜାମ, ଏବଂ ବର୍ତ୍ତମାନ ଠିକଣା: ରାଜା ନଗର, ପୁଟିଗୋପାଳପୁର, ପୋ/ଥାନା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୦୨୦ | **୦୩.୦୩.୨୦୨୨ ସୁଦ୍ଧା ଟ.୨,୬୭,୪୦୮/- +** ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୦୩.୦୩.୨୦୨୨ / ୨୦.୦୫.୨୦୨୨ | **ଶ୍ରୀ ଲଖିଆ ସବରଙ୍କ** ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ବାସୋପଯୋଗି ଗୃହ ଯାହାର ପ୍ଲଟ ନଂ.୨୦/୧୮୨୦, ଖାତା ନଂ.୨୮୩/୧୨୮୫, ଏରିଆ: ଏ୦.୦୩୦ ଡିସିମଲି, ଗ୍ରାମ/ମୌଜା: ପୁଟିଗୋପାଳପୁର, ତହସିଲି: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ଡ୍ରେନ /କେନାଲ, ପୂର୍ବ- ଶ୍ରୀ ବିଜୟ ଚନ୍ଦ୍ର ସାହୁଙ୍କ ଖାଲି ଜମି, ପଶ୍ଚିମ- ଶ୍ରୀ ପ୍ରଶାନ୍ତ କିଶୋର ତ୍ରିପାଠୀଙ୍କ ଘର । |

ସ୍ଥାନ-ଛତ୍ରପୁର, ତାରିଖ-୨୪.୦୫.୨୦୨୨ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
ବ୍ରହ୍ମପୁର ମୁଖ୍ୟ ଶାଖା, ଗିରି ରୋଡ, ଗୁରୁଦ୍ୱାର ସିଂ ସଭା ବ୍ରହ୍ମପୁର, ଗଞ୍ଜାମ

**ଦଖଲ ନୋଟିସ୍**
(ପରିଶିଷ୍ଟ-୪)(ରୁଲ-୮(୧)) (ସ୍ଥାବର ସମ୍ପତ୍ତି ନିମନ୍ତେ)

**(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ ଜାରି ଦଖଲ ନୋଟିସ୍)**

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ପରବର୍ତ୍ତି ସୁଧ, ଚକ୍ରବୃଦ୍ଧି ସୁଧ ଓ ଦେୟ ଇତ୍ୟାଦି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩(୪) ସହିତ କଥିତ ଆକ୍ଟର ନୟମ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିକୁ ଦଖଲକୁ ନିଆଯାଇଛି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ** ନିକଟରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିହାରରେ ପରବର୍ତ୍ତି ସୁଧ, ଚକ୍ରବୃଦ୍ଧି ସୁଧ ଓ ଦେୟ ଇତ୍ୟାଦି ନିମନ୍ତେ ଉତ୍ତରଦାୟୀ ହେବେ ।

**ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା(୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।**

| ଋଣଗ୍ରହୀତା / ବନ୍ଧକଦାତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ /ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ଗେଢ଼ୁଲୁ ଦମୟନ୍ତୀ ରେଡ୍ଡି,** ପିତା: ଡି ଚିନେୟା ରେଡ୍ଡି, ଖଣ୍ଡିଆ ଷ୍ଟ୍ରିଟ୍, ଆମ୍ବପୁଆ, ବ୍ରହ୍ମପୁର-୭୬୦୦୧୦, **ଜାମିନ୍‌ଦାର: ଶ୍ରୀ ସତିସ୍ କୁମାର,** ଦେଶି ବେହେରା ଷ୍ଟ୍ରିଟ୍, ବଡବଜାର, ବ୍ରହ୍ମପୁର-୭୬୦୦୦୯। | **୩୦.୧୧.୨୦୨୧ ସୁଦ୍ଧା ଟ.୩,୫୭,୨୭୮/- +** ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୦୬.୧୨.୨୦୨୧ / ୨୦.୦୫.୨୦୨୨ | **ଶ୍ରୀମତୀ ଗେଢ଼ୁଲୁ ଦମୟନ୍ତୀ ରେଡ୍ଡିଙ୍କ** ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଯାହାର ରେଭିନ୍ୟୁ ପ୍ଲଟ ନଂ.୭୯୩/୭୪୮୯, ଖାତା ନଂ.୪୪୨/୫୫୬୧, ଏରିଆ: ୦.୦୨୦ ଡିସିମିଲି, ରାଜା ଷ୍ଟ୍ରିଟ୍, ମୌଜା: ଆମ୍ବପୁଆ, ବ୍ରହ୍ମପୁର, ପିନ୍-୭୬୦୦୧୦, ଏହାର ଚାରିପର୍ଶ୍ୱରେ: ପୂର୍ବ- ନିଜ ସାଇଟ୍, ପଶ୍ଚିମ- ପ୍ରବୀଣ ଶତପଥୀଙ୍କ ସାଇଟ୍, ଦକ୍ଷିଣ- ବିକ୍ରେତାଙ୍କ ସାଇଟ୍, ଉତ୍ତର- ରାସ୍ତା । |

ସ୍ଥାନ-ବ୍ରହ୍ମପୁର, ତାରିଖ-୨୪.୦୫.୨୦୨୨ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## PUBLIC NOTICE

**M/s - GINNI REFRACTORIES PVT.LTD**, Registered Office: Main Road, Rajgangpur, Odisha, City: Rajgangpur, Dist: Sundargarh, State Odisha, India, PIN- 770017, Plant/Factory-Unit-II, At: Lamloi, Po: Rajgangpur, City: Rajgangpur, Dist: Sundargarh, State Odisha, India, PIN- 770017, Khata No.-134/243, Plot No.522 & 523, Mouza: Lamloi, PS- Rajgangpur, Tehsil: Rajgangpur, Area: Ac. 2.72 dec, Kisam: Kharkhana, Sale Deed No.- 671, Dtd: 30/06/2006, **Owner of Property, Anand Kumar Agarwal** mortgaged the above property in favour of **State Bank of India, SME CT, Rourkela,** Civil Township, Panposh Road, Rourkela, Sundargarh, Odisha, Pin- 769004 for availing loan/credit facilities on the basis of laminated original title deed. Objection if any from public should be filed with the Bank within 15 days from the publication of this notice.

Sd/- GINNI REFRACTORIES PVT.LTD, Rajgangpur, Dist: Sundargarh

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**Marketing Executives:** Qualified and confident candidates for sales and marketing who have the capability to meet deadlines and reach the targets. Will be offered an attractive remuneration. Please share your resume. hr@smaketsolutions.com, career@smaketsolutions.com, **Mob:9777828176**

**ଆବଶ୍ୟକ**
ଭୁବନେଶ୍ୱରସ୍ଥିତ ଏକ ନାମୀ 'ଟାୟାର' ସୋରୁମ୍ ପାଇଁ ଗ୍ୟାରେଜ୍ ହେଲପର ଆବଶ୍ୟକ। ଯୋଗାଯୋଗ କରିବାର ନଂ.
**7008045044**
**9937775409**

ADMIN HEAD, PROJECT HEAD, SR.ACCOUNTANT, MARKETING, EXCEL EXPERT, LABOUR CONTRACTOR, RECOVERY AGENT, SUPERVISOR, TELE-CALLER, DIGITAL & ONLINE MARKETING
FOR PRE-CAST MANUFACTURING UNIT
TWO-WHEELER MUST; ALL ODISHA
9114716584/8328824805

**JOB VACANCY**
5 STAR APNI SEVA PVT. LTD. looking for the position below:

| S.N. | Post | Required Qualification | Salary | Experience | Position |
|---|---|---|---|---|---|
| 1 | Marketing Executive | MBA (having experience in marketing sector | 12k | 2 to 3 yrs. | 3 |
| 2 | Office Admin & Accounts | B.Com (having experience in Tally) | 12k | 2 to 3 yrs. | 2 |
| 3 | Telecaller | Graduate | 8k | 2 to 3 yrs. | 4 |
| 4 | Technician | ITI (Multi Skill) | 16k | 4 to 5 yrs. | 3 |
| 5 | Beautician | Diploma in Beautician | 10k | 3 to 4 yrs. | 6 |
| 6 | Operation Manager | MBA (Marketing)/B.Tech. | 20k to 30k | 4 to 5 yrs. | 2 |

Job Location: BHUBANESWAR, CUTTACK & BERHAMPUR
Interested candidates may share their updated CV to hr@dunlinsteelpower.com or Contact: 8118094588.

**APPOINTMENT**
Post : MINES MANAGER
Work Field: Western Odisha Region (Rayagada District)
Job Description
- Mining Operation
- Liaison with concerning Govt. Departments like Forest, Environment, Pollution offices etc. and Local Bodies like Panchyet etc.
- Preparation and filing of relevant mandatory documents.
- Man and Machinery Management

Qualification : Minimum Diploma In Mining Engineering.
Experience : Minimum 3 years (preferably in Gems Mine)
Salary : Negotiable
Higher qualification and experience will be given preference.
Send your Resume within 10 days to:
drmsrc.rygd@gmail.com

**URGENTLY REQUIRED**
"Orleyfood" requiring candidates for the posts
CEO/GM - 1No, Operation - 3Nos
Accounts Managar - 1No
The above post is for immediate joining for that candidates must be carry all testimonial.
Date of Interview & Selection : 22 & 25.05.2022
Interview Venue
CAPRICIOUS FOOD PRODUCTS Pvt. ltd.
S2/13, Barabhuja Mall, Khandagiri
Bhubaneswar - 751030
Email: hrd@capriciousfoods.com
Contact: 8016833319 / 9078077932

**REQUIRED**
• NURSERY TEACHER (Trained) • MARKETING PERSON • OFFICE BOY.
Local persons preferred.
Contact: LYNTAS, Nakhara
9861124368

**ଆବଶ୍ୟକ**
ଭୁବନେଶ୍ୱରରେ ରୋଷେଇ, ଘରକାମ ପାଇଁ ଗରିବ ଝିଅପିଲା ଓ ବଗିଚା କାମ ପାଇଁ ପୁଅପିଲା ଆବଶ୍ୟକ । ରହିବା, ଖାଇବା ମାଗଣା, ଦରମା ୫୦୦୦/-।
9437140878
9348136369

**APPOINTMENT**
Required Audit Assistants (2 Nos.) with minimum qualification of B.Com., having good knowledge in Accountancy.
Contact: R.C. LAL & CO, Chartered Accountants, 41, Ashok Nagar (East), Janpath Tower Lane, Bhubaneswar. 0674-2531695.

**WANTED HARBOUR DATA COLLECTOR**
For Paradeep and Balugaon, salary Rs.17,000/- pm, pass +2 with Biology or any Bachelor's Degree with computer knowledge. Age limit- 30 yrs., Relaxation: SC/ST- 5 years, OBC- 3 yrs. Experience in field survey in fisheries projects is desirable. Send biodata to netfish.odisha@gmail.com, Ph.:9438004106. Apply within 7 days.

**REQUIRED**
STORE MANAGERS by a reputed Automotive Tyre Dealer for Store Locations at Bhubaneswar and Pipili. Eligibility: Minimum Graduate in any discipline. Age: 30 years and above and below 50 years.
Salary: As per industry standards.
Contact: 9348336282

**ଛେଳି ଚୋରି ଘଟଣାରେ ୨ ଯୁବକ କୋର୍ଟ ଚାଲାଣ**

କୁଆଁରମୁଣ୍ଡା,(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋବିରା ଗ୍ରାମର ସାରଦୁଲ ଇନ୍ଦୁୱାରଙ୍କ ଘରୁ ଛେଳି ଚୋରି ଘଟଣାରେ ମଙ୍ଗଳବାର ୨ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ବୀରମିତ୍ରପୁର ଥାନାରେ ଏକ ମାମଲା (ନଂ. ୧୬/୨୨) ରୁଜୁ ହୋଇଛି। କୋର୍ଟ ଚାଲାଣ ହୋଇଥିବା ୨ ଯୁବକ ହେଉଛନ୍ତି ଗୋବିରା ଗ୍ରାମର ମିଣ୍ଟୁ ଇନ୍ଦୁୱାର(୨୫) ଓ କରନ କେର୍କେଟା(୨୫) ବୋଲି ପୋଲିସ ସୂଚନା ଦେଇଛି।

## ସଂକ୍ଷେପରେ

### ଷ୍ଟିଲ ସିଟିରେ ବେଆଇନ ହୋର୍ଡିଂ ଉଚ୍ଛେଦ

ରାଉରକେଲା ଅଫିସ,୨୪।୫: ରାଉରକେଲା ସହରରେ ବେଆଇନ ଭାବେ ଲଗାଯାଇଥିବା ହୋର୍ଡିଂଗୁଡ଼ିକୁ ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ପକ୍ଷରୁ ମଙ୍ଗଳବାର ଉଚ୍ଛେଦ କରାଯାଇଛି। ଏ ନେଇ ଆରଏମ୍‌ସିର ହୋର୍ଡିଂ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ରାଉରକେଲା ମେନ୍ ରୋଡ୍ ଟ୍ୟାକ୍ସିଷ୍ଟାଣ୍ଡ ଅଞ୍ଚଳରେ ଥିବା ୨୨ଟି ସ୍ଥାନରୁ ବେଆଇନ ହୋର୍ଡିଂକୁ ହଟାଇ ଦେଇଛନ୍ତି। ସେହିପରି ସହରର ମେନ୍‌ରୋଡର ଫୁଟପାଥ୍ କଡରେ ଲାଗିଥିବା ଦୋକାନୀଙ୍କ ବ୍ୟାନର, ପୋଷ୍ଟର ସାଙ୍ଗକୁ ହୋର୍ଡିଂ ବୋର୍ଡକୁ ମଧ ସିଜ୍ କରାଯାଇଛି। ସେହିପରି ଗତ ସୋମବାର ଛେଣ୍ଡ, କଳିଙ୍ଗ ବିହାର ଓ କୋଏଲନଗର ଅଞ୍ଚଳରେ ଥିବା ୫୨ଟି ସ୍ଥାନରେ ବେଆଇନ ହୋର୍ଡିଂକୁ ବାହାର କରି ସମ୍ପୃକ୍ତ ବ୍ୟବସାୟୀଙ୍କୁ ନୋଟିସ ଜାରି କରାଯାଇଛି। ସହରରେ ବିଭିନ୍ନ ସମୟରେ ବ୍ୟବସାୟୀମାନେ ଆରଏମ୍‌ସିର ବିନା ପରାମର୍ଶରେ ହୋର୍ଡିଂ ଲଗାଇ ନିଜର ପ୍ରସାର ପ୍ରଚାର କରୁଛନ୍ତି। ତେଣୁ ସେମାନଙ୍କୁ ସଜାଗ କରିବା ପାଇଁ ଏଭଳି ପଦକ୍ଷେପ ନିଆଯିବା ସହ ଜରିମାନା ଆଦାୟ କରାଯିବ ବୋଲି ବିଭାଗୀୟ ଅଧିକାରୀ ଅଜୁ ନନ୍ଦ ସୂଚନା ଦେଇଛନ୍ତି।

### ନିଆଁରେ ପୋଡ଼ିହୋଇ ବୃଦ୍ଧା ମୃତ

କୁଆଁରମୁଣ୍ଡା,୨୪।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ବାର୍ଡାଗୁଟୁ ଗ୍ରାମର ବିର୍ସୁ ଗୌଡଙ୍କ ସ୍ତ୍ରୀ ଶୁକମଣି(୬୦) ଗତ ଶନିବାର ରାତିରେ ଡିବିରି ନିଆଁରେ ପୋଡିହୋଇ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ କୁଆଁରମୁଣ୍ଡା ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା(ନଂ.୧୮।୨୨) ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ସୂଚନା ଦେଇଛି।

### ଆହାର କେନ୍ଦ୍ରରେ ରୋଷେଇ କରିବେ ଏସ୍‌ଏଚ୍‌ଜି ମହିଳା

ସମ୍ବଲପୁର,୨୪।୫(ବ୍ୟୁରୋ): ରାଜ୍ୟ ସରକାର ଚଳାଇଥିବା ଆହାର ଯୋଜନାରେ ଏସ୍‌ଏଚ୍‌ଜିକୁ ସାମିଲ କରାଯାଇଛି। ମଙ୍ଗଳବାର ଏସ୍‌ଏମ୍‌ସି କାର୍ଯ୍ୟାଳୟ ପରିସରରେ ସାଇ ବାବା ମିଶନ ଶକ୍ତି ଗୋଷ୍ଠୀ ସହ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ମହାନଗର ନିଗମ କମିଶନର ପ୍ରଦିପ କୁମାର ସାହୁ, ଡେପୁଟି କମିଶନର ବିନୋଦ ପଣ୍ଡା, ଡେପୁଟି କମିଶନର ଅଞ୍ଜଳିନା ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏନେଇ କମିଶନର ସାହୁ କହିଛନ୍ତି, ମହିଳାମାନଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉଛି। ଆହାର କେନ୍ଦ୍ରରେ ପୂର୍ବରୁ ମହିଳାମାନେ ପରିଚାଳନା କରୁଥିଲେ। ଏବେ ଆହାର କେନ୍ଦ୍ର ରୋଷେଇ ଘରେ ସେମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସମ୍ବଲପୁରରେ ଥିବା ୫ଟି ଆହାର କେନ୍ଦ୍ରକୁ ମହିଳାମାନେ ଖାଦ୍ୟ ପହଞ୍ଚାଇବେ।

### ପ୍ରସ୍ତାବିତ କନିଷ୍ଠ ମହାବିଦ୍ୟାଳୟର ନାମକରଣ ପାଇଁ ବୈଠକ

ଦେବଗଡ଼,୨୪।୫(ଡି.ଏନ.ଏ)-ଆଦିବାସୀ ଅଧୁଷିତ ତିଲେଇବଣି ବ୍ଲକରେ ଏକ ନୂତନ କନିଷ୍ଠ ମହାବିଦ୍ୟାଳୟ ସ୍ଥାପନ ପାଇଁ ଉକ୍ତ ବ୍ଲକର ଦୁଧିଆନାଳି, ତାଳକୁଣ୍ଡି ଓ ତେନ୍ତୁଳାବାହାଲ ଗ୍ରାମପଞ୍ଚାୟତବାସୀ ସ୍ଥିର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ୧୭ ତାରିଖ କୃଷକ ନେତା ତଥା ପ୍ରମୋଦ ଝାଙ୍କରଙ୍କ ସଭାପତିତ୍ୱରେ ଦୁଧିଆନାଳୀ ପଞ୍ଚାୟତର ଟେଂଟଲୋଇ ଗ୍ରାମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ପରିଚାଳନା କମିଟି ଗଠିତ ହୋଇଥିଲା । ପରିଚାଳନା କମିଟି ସଭାପତି ତରଣୀ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ପୁଣି ମଙ୍ଗଳବାର ଏକ ବୈଠକ ବସି ପ୍ରସ୍ତାବିତ ନୂତନ କନିଷ୍ଠ ମହାବିଦ୍ୟାଳୟର ନାମକରଣ କରାଯାଇଛି। ବୈଠକରେ ପ୍ରସ୍ତାବିତ କନିଷ୍ଠ ମହାବିଦ୍ୟାଳୟର ନାମ 'କନିଷ୍ଠ ମହାବିଦ୍ୟାଳୟ ଟେଂଟଲୋଇ' ନାମରେ ନାମିତ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା। ଏଥିସହ ଗୁଣାକର ବେହେରା, ଗଦାଧର ସାହୁ, ବି. ଖୁଣ୍ଟିଆ, ପ୍ରାଣବନ୍ଧୁ ପ୍ରଧାନ, ଶ୍ୱେତକୁମାର ପ୍ରଧାନ ଓ ପ୍ରମୋଦ କୁମାର ବାରିକଙ୍କୁ ନେଇ ଏକ ତଦାରଖ କମିଟି ମଧ ଗଠନ କରାଯାଇଥିଲା। ଏହି ବୈଠକରେ ପରିଚାଳନା କମିଟିର ସମ୍ପାଦକ ମହେଶ୍ୱର ପ୍ରଧାନ ଓ କୋଷାଧ୍ୟକ୍ଷ ତପନ କୁମାର ପ୍ରଧାନଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ ଜିଲାର ସାମଗ୍ରିକ ବିକାଶ କରାଯାଉ

## ଜିଲାପାଳଙ୍କୁ ଭେଟିଲେ ସିପିଆଇର ପ୍ରତିନିଧି ଦଳ

ସୁନ୍ଦରଗଡ଼,୨୪।୫(ଡି.ଏନ୍.ଏ.)


ଜିଲାପାଳଙ୍କୁ ଭେଟି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପ୍ରତିନିଧି ମଣ୍ଡଳୀ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ସୁନ୍ଦରଗଡ଼ ଜିଲା କମିଟି ତରଫରୁ ଏକ ପ୍ରତିନିଧି ଦଳ ଜିଲାର ସାମଗ୍ରିକ ବିକାଶ ପାଇଁ ୧୬ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କୁ ଭେଟି ପ୍ରଦାନ କରିଛନ୍ତି। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ କୁମାର ଦାଶଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି, ଏଆଇୱାଇଏଫ୍ ରାଜ୍ୟ ଉପସଭାପତି ତଥା ପ୍ରଦୂଷଣ ବିରୋଧୀ ନେତା ରାଜେନ୍ଦ୍ର ନାଏକ, ଯୁବ ଆଇନଜୀବୀ ସନ୍ତୋଷ ଆଚାର୍ଯ୍ୟ, ଟାଙ୍ଗରପାଲି ଜୋନ ସମ୍ପାଦକ ସୁନୀଲ ନାଏକ, ରାଧେଶ୍ୟାମ ଗର୍ଡିଆ, ଶୁକଦେବ ପ୍ରଧାନ ପ୍ରମୁଖ ଜିଲାପାଳଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ। ଏହି ୧୬ ଦଫା ଦାବିଗୁଡିକ ମଧ୍ୟରେ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଖାଲିପଡିଥିବା ଶିକ୍ଷକ, ଅଧ୍ୟାପକ ପଦବୀ ପୂରଣ, ଉପାନ୍ତ ଅଞ୍ଚଳରେ ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ଓ ସୁବିଧା ଦୃଷ୍ଟିରୁ ଶିକ୍ଷାନୁଷ୍ଠାନ ଖୋଲାଯିବା, ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ, ଲେଫ୍ରିପଡା ବ୍ଲକ ଉପାନ୍ତ ଗୁଣ୍ଡିଆଡିହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପ୍ରଦାନ କରିବା, ଗମନାଗମନର ସୁବିଧା ନିମନ୍ତେ ବସୁନ୍ଧରାଠାରୁ ସୁନ୍ଦରଗଡ଼ ରାସ୍ତାକୁ ୪ଲେନ ବିଶିଷ୍ଟ କରାଯିବା, ଉଜ୍ଜଳପୁର-ମଙ୍ଗସପୁର ରାସ୍ତାରେ ଉନ୍ନତି କରଣ, ଜିଲାରେ ଥିବା ଖଣିଖାଦାନ, ଶିକ୍ଷାନୁଷ୍ଠାନ ଓ ଆଦର୍ଶ ବିଦ୍ୟାଳୟଗୁଡିକରେ ସ୍ଥାନୀୟ ଶିକ୍ଷିତ ବେକାରଙ୍କୁ ନିଯୁକ୍ତି ପ୍ରଦାନ ଆଦି ଦାବି ରହିଛି। ଏଥିସହିତ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ଜଳସେଚନ ସୁବିଧା, ସରଫଗଡ଼ ଓ ସୁରୁଗୁଡା ଡ୍ୟାମର ପୁନରୁଦ୍ଧାର, ବର୍ଷା ଜଳ ସଂରକ୍ଷଣ ପାଇଁ ସମସ୍ତ ଗ୍ରାମପଞ୍ଚାୟତରେ ଥିବା ପୋଖରୀ, ବନ୍ଧ, ମୁଣ୍ଡାଗୁଡିକର ପଙ୍କୋଦ୍ଧାର, ଉଠାଜଳସେଚନ ବିଭାଗ ପକ୍ଷରୁ ଗଭୀର ନଳକୂପ ଖନନ ପାଇଁ ତ୍ୱରିତ ପଦକ୍ଷେପ, ନିରନ୍ତର ବିଦ୍ୟୁତ୍ ସେବା, ଜିଲା ଖଣିଜ ପାଣ୍ଠିର ସୁବିନିଯୋଗ, କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲାପାଳ ଏସବୁର ସମାଧାନ ସକାଶେ ଦିନଧାର୍ଯ୍ୟ କରି ଆଲୋଚନା ପାଇଁ ଖୁବଶୀଘ୍ର ଡାକିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଆରଜିଏଚ୍‌ରେ ଚିକିତ୍ସାଧୀନ ମାନସିକ ବିକାରଗ୍ରସ୍ତ ଝିଅ

## ବନ୍ଦ ଘରୁ ବୃଦ୍ଧାଙ୍କ ମୃତଦେହ ଜବତ ଘଟଣା

ରାଉରକେଲା ଅଫିସ,୨୪।୫

ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଅଞ୍ଚଳରେ ଏକ ବନ୍ଦ ଘରୁ ଜଣେ ବୃଦ୍ଧାଙ୍କ ମୃତଦେହ ୫ଦିନ ଧରି ପଡିରହିବା ପରେ ପୋଲିସ ସୋମବାର ଜବତ କରି ଆରଜିଏଚ୍ ମର୍ଗ ହାଉସରେ ରଖିଛି। ଅନ୍ୟପକ୍ଷେ ସେହି ଘରେ ରହିଥିବା ବୃଦ୍ଧାଙ୍କ ମାନସିକ ବିକାରଗ୍ରସ୍ତ ଝିଅଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଛି।

ପୋଲିସ ସୂଚନା ଅନୁସାରେ, ରାଉରକେଲା ବାସନ୍ତୀ କଲୋନୀ ଘର ନଂ. ଏଫ୍‌ଏଲ୍-୨୨୩ରେ ମଞ୍ଜୁ ପୁରୀ ସ୍ୱାମୀ ନରୋତ୍ତମ ଓ ଝିଅ ପ୍ରିୟଙ୍କାଙ୍କ ସହ ବାସ କରୁଥିଲେ। ଗତବର୍ଷ ମହାମାରୀ କରୋନାରେ ନରୋତ୍ତମଙ୍କ ଦେହାନ୍ତ ହେବାରୁ ପ୍ରିୟଙ୍କା ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଫଳରେ ମଞ୍ଜୁ ଓ ପ୍ରିୟଙ୍କା ଉକ୍ତ ଘରେ ରହିଆସୁଥିଲେ। ସୋମବାର ସନ୍ଧ୍ୟା ସାଢ଼େ ୭ଟାରେ ଉକ୍ତ ବନ୍ଦ ଘରୁ ଦୁର୍ଗନ୍ଧ ବାହାରିବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଉଦିତନଗର ପୋଲିସ ବନ୍ଦ ଘର କବାଟ ଭାଙ୍ଗି ଏକ ଖଟ ଉପରୁ ମଞ୍ଜୁଙ୍କ ମୃତଦେହ ଜବତ କରିଥିଲା। ସେହିପରି ଅନ୍ୟ ଏକ ରୁମ୍‌ରେ ଥିବା ପ୍ରିୟଙ୍କାଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ମଞ୍ଜୁଙ୍କ ଅନ୍ୟ ଦୁଇ ଝିଅ ଦିଲ୍ଲୀରେ ବିବାହ କରିଥିବାରୁ ପୋଲିସ ସେମାନଙ୍କୁ ଫୋନ ଯୋଗେ ଜଣାଇଛି। ସେମାନେ ରାଉରକେଲା ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଇ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଏ ନେଇ ଉଦିତନଗର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯।୨୨) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

# ପରିବେଶ ସମ୍ବନ୍ଧୀୟ ଜନଶୁଣାଣି

ଲହୁଣୀପଡା, ୨୪।୫(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ବଡ଼ ପୁରୁଣାପଣି ପଞ୍ଚାୟତ କପଣ୍ଡ ଗ୍ରାମରେ ହେବାକୁ ଥିବା କାଇ ଇଣ୍ଟର ନ୍ୟାସନାଲ ପ୍ରାଇଭେଟ ଲିମିଟେଡ଼ ସପକ୍ଷରେ ପରିବେଶ ସମ୍ବନ୍ଧିୟ ଜନଶୁଣାଣି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ ଅଧକ୍ଷତା କରିଥିଲେ। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲା ଅଧିକାରୀ ଡ. ବିନୋଦ ବିହାରୀ ଦାସ ଯୋଗଦେଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ ତରଫରୁ ହରିହର ଦାଶ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନୁପ କୁମାର ସାହୁ ଜନଶୁଣାଣି ଉଦ୍ଦେଶ୍ୟର ବିବରଣୀ ପାଠ କରିଥିଲେ। ଏଥିରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଜିଲା ଉପାଧକ୍ଷ କମଲ ଲାକ୍ରା, ବିଜୁ ଶ୍ରମିକ ସାମ୍ମୁଖ୍ୟ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଲହୁଣୀପଡା ବ୍ଲକ ଅଧକ୍ଷା ଶୁକମତି ମୁଣ୍ଡା, ଉପାଧକ୍ଷ ପଣ୍ଡିତ ଚରଣ ମୁଣ୍ଡା, ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ପୂର୍ବତନ ବ୍ଲକ ଅଧକ୍ଷ ସେବତୀ ନାଏକ, ଲୁଥାର ଓରାମ, ବଡ ପୁରୁଣାପଣି ସମିତି ସଭ୍ୟ ଶୁସାନ୍ତ ମୁଣ୍ଡାରୀ, ସରପଞ୍ଚ ଚାଙ୍ଗ ଓରାମ, ଦର୍ଜୀଂ ପଞ୍ଚାୟତ ସରପଞ୍ଚ ସିଂ ରାୟ ମୁଣ୍ଡା ସମେତ ବିଜେଡି, ଭାଜପା, ସିପିଆଇଏମ, କଂଗ୍ରେସ ରାଜନୈତିକ ଦଳର ବିଭିନ୍ନ ପଦାଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଅନୁସାରେ ଲହୁଣୀପଡା ତହସିଲ ବଡ ପୁରୁଣାପଣି ପଞ୍ଚାୟତ କପଣ୍ଡ ଗ୍ରାମର ଖାତା ନଂ ୧୧୮,ପ୍ଲଟ ନଂ ୧୧୦୪, ୧୧୦୭ର ପ୍ରାୟ ୧୬୭ ଏକର ଜମିରେ ପେଲେଟ ପ୍ଲାଣ୍ଟ ନିର୍ମାଣ କରିବା ପାଇଁ ଇଡ଼କୋ ମାଧମରେ କାଇ ଇଣ୍ଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ଼କୁ ଗ୍ରୀନ ଫିଲଡ଼ ପ୍ରକଳ୍ପ ପାଇଁ ୧. ୫ ନିୟୁତ ଟନ କ୍ଷମତା ବିଶିଷ୍ଟ ଲୌହ ଖଣିଜ ବିଶୋଧନ ପ୍ରକଳ୍ପ, ପ୍ରଡ୍ୟୁସର ଗ୍ୟାସ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ସଭା ଅନୁଷ୍ଠାନ ହୋଇଥିଲା। ପ୍ରାୟ ୮୯ ଜଣ ନିଜର ବ୍ୟକ୍ତିଗତ ମତାମତ ଦେଇଥିବାବେଳେ ୬ ଜଣ ଏହି ପ୍ରକଳ୍ପକୁ ବିରୋଧ କରିଥିଲେ। ୮୩ ଜଣ ବ୍ୟକ୍ତି ସପକ୍ଷରେ ମତ ପ୍ରଦାନ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ତରଫରୁ ମ୍ୟାନେଜର ହେମନ୍ତ କୁମାର ପତି କପଣ୍ଡ, ବଡ ପୁରୁଣାପଣି ପଞ୍ଚାୟତ, ଲହୁଣୀପଡା ବ୍ଲକ ଯୁବକ ଯୁବତୀଙ୍କୁ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ପ୍ରଦାନ କରିବା ଓ ତଥାକଥିତ କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ନିୟମ ଅନୁଯାୟୀ ସାହାଯ୍ୟ ସହଯୋଗ ଯୋଗାଇ ଦେବା ଏବଂ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ଭଳି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିବା, କମ୍ପାନୀ ପକ୍ଷରୁ ଯଥାସମ୍ଭବ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ଶେଷରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜୟ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜନଶୁଣାଣିରେ କାଇ ଇଣ୍ଟର ନ୍ୟାସନାଲ କମ୍ପାନୀ ନିର୍ଦ୍ଦେଶକ ସୁରେଶ ଅଗ୍ରୱାଲ, ଜସରାଜ ସେଠିଆ, ନିକେତ ଅଗ୍ରୱାଲ ମଞ୍ଚାସୀନ ଥିଲେ। ବଣାଇ ଆଡିସନାଲ ଏସପି ସୟଦ ମୁଜୁବିର ରେହେମାନ, ଏସଡିପିଓ ସୌରଭ ଓତା,ଲହୁଣୀପଡା ବିଡ଼ିଓ ଧାନାଇ ଚରଣ ଟୁଡୁ ଉପସ୍ଥିତ ଥିଲେ। ଶେଖ ସଫିକ, ଦିଲୀପ ମିଶ୍ର, ରଣଜିତ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ଜନଶୁଣାଣି ହୋଇଥିଲା।

## ବାଲିଶଙ୍କରାରେ ଗଡ଼ିଲା ପୁଷ୍ଟିଶସ୍ୟ ସଚେତନତା ରଥ

ସୁନ୍ଦରଗଡ଼, ୨୪।୫(ଡି.ଏନ୍.ଏ.)

ବାଲିଶଙ୍କରା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ପୁଷ୍ଟିଶସ୍ୟ ସଚେତନତା ରଥର ଶୁଭାରମ୍ଭ ହୋଇଛି। ବିଡ଼ିଓ ବାସନ୍ତୀ ଲାକ୍ରା ଓ ପଞ୍ଚାୟତ ସମିତି ଅଧକ୍ଷା କୁଞ୍ଜଲତା ଭିତିରିଆ ସବୁଜ ପତାକା ଦେଖାଇ ଏହି ରଥ ଉଦ୍‌ଘାଟନ କରିଥିଲେ। ଏହି ରଥ ମଙ୍ଗଳବାରଠାରୁଆଠଦିନଧରିବାଲିଶଙ୍କରା ବ୍ଲକର ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ପୁଷ୍ଟିଶସ୍ୟ ଯେପରିକି ମାଣ୍ଡିଆ, କୋଦ, ଗଙ୍ଗେଇ, ବାଜାରା, ସୁଆଁ ଆଦି ଚାଷ କରାଇବାକୁ ସଚେତନ କରାଇବ। ଚଳିତବର୍ଷ ବାଲିଶଙ୍କରା ବ୍ଲକର ୧୯ଟି ପଞ୍ଚାୟତର ୫୦୦ ହେକ୍ଟର ଜମିରେ ପ୍ରାୟ ୧୩୦୦ ଚାଷୀଙ୍କ ଦାରା ପୁଷ୍ଟିଶସ୍ୟ ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ରଥ ବାଲିଶଙ୍କରା ବ୍ଲକର ବିଭିନ୍ନ ଗ୍ରାମ ପରିକ୍ରମା କରିବ। ଉଦଘାଟନ ସମୟରେ ଏବିଡ଼ିଓ ଚନ୍ଦନ ନିଖଣ୍ଡିଆ, ବ୍ଲକ କୃଷି ଅଧିକାରୀ ଅଜନ୍ତା ନାଏକ, ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ଗୀତିକୃଷ୍ଣ ନାଏକ, ମିଶନ ଶକ୍ତିର ଅତିରିକ୍ତ ପ୍ରକଳ୍ପ ସଂଯୋଜକ ସନ୍ଦୀପ ଲାକ୍ରା, ଆଇସିଡିଏସ ସୁପରଭାଇଜର ଉଦୟକାନ୍ତୀ ପଟେଲ, ପୂର୍ଣ୍ଣମୀ ପଟେଲ, ସେବକର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଯୋଗୀମାଲ କିକ୍-ବକ୍ସିଂ ଦଳର ସଫଳତା


କିକ୍-ବକ୍ସିଂ ଖେଳାଳିଙ୍କ ସହ କୋଚ।

ସୁନ୍ଦରଗଡ଼,୨୪।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କିକ୍-ବକ୍ସିଂ ସଂଘର ଏକ ଶାଖା ଜିଲାର ଟାଙ୍ଗରପାଲି ବ୍ଲକ ଯୋଗୀମାଲରେ ରହିଛି। ଏହି ଶାଖା ହେଉଛି ଜନସେବା ସମିତି। ଏଠାରୁ ଆଠଜଣିଆ ଦଳ ଗତ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଢେଙ୍କାନାଳ ଇନ୍‌ଡୋର ଷ୍ଟାଡିୟମରେ ହେଉଥିବା ତାଲିମକୁ ଯାଇଥିଲେ। ସେଠାରେ ତାଲିମ ସହିତ ଜୁନିୟର ଖେଳାଳିଙ୍କ ଚୟନ ପ୍ରତିଯୋଗିତା ଶେଷ ହୋଇଯାଇଛି। ସେଠାରେ ଯେଉଁ ଜୁନିୟର ଖେଳାଳିମାନେ ଚୟନ ହୋଇଛନ୍ତି ସେମାନେ ଆସନ୍ତା ଜୁନ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ କଲିକତାରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। କୋଚ୍ ଲିପସା ଷଡ଼ଙ୍ଗୀ, ରେଫରୀ ରସାନନ୍ଦ ମହାନନ୍ଦିଆ, ସିନିୟର୍ ଖେଳାଳି ଖ୍ରୀଷ୍ଟିନା କାଣ୍ଡୁଲାନା, ସୋନାଲି ପଟେଲ, ସୁସ୍ମିତା ଏକ୍କା, କ୍ଷୀରୋଦ ବାଗ, ଜୁନିୟର ଖେଳାଳି ଆୟୁଷ ମୁଣ୍ଡା ଓ ପ୍ରିତି ଟପ୍ପୋ ରାଜ୍ୟସ୍ତରୀୟ ତିନି ଦିନିଆ କ୍ୟାମ୍ପ ସହିତ ଚୟନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜୁନିୟର ବିଭାଗର ଆୟୁଷ ମୁଣ୍ଡା ଓ ପ୍ରିତି ଟପ୍ପୋ ରାଜ୍ୟସ୍ତରୀୟ ଚୟନ ପ୍ରତିଯୋଗିତାରେ ଚୟନହୋଇ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଛନ୍ତି। ୱାକୋ ଓଡ଼ିଶା ଚିଫ ଏଡଭାଇଜର ଭବାନୀ ପ୍ରସାଦ ମିଶ୍ର, ସଭାପତି କାର୍ତ୍ତିକ ଡାକୁଆ, ଉପସଭାପତି ହେମନ୍ତ କୁମାର ଦାସ, କୃଷ୍ଣଚନ୍ଦ୍ର ଡାକୁଆ, ସାଧାରଣ ସମ୍ପାଦକ ବିଚିତ୍ର ନାରାୟଣ ଜେନା ଓ ଜନସେବା ସମିତିର ସେକ୍ରେଟାରୀ ସୁଶାନ୍ତ କୁମାର ଷଡ଼ଙ୍ଗୀଙ୍କ ସହ ସୁନ୍ଦରଗଡ଼ର ଉଦୀୟମାନ ଯୁବ କୋଚ ରୂପକ କୁମାର ପ୍ରସାଦ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଅତି ଗରିବଙ୍କ ବିକାଶ ପ୍ରକଳ୍ପର ଜିଲାସ୍ତରୀୟ କର୍ମଶାଳା

ସୁନ୍ଦରଗଡ,୨୪।୫(ଡି.ଏନ୍.ଏ.)



ଗରିବଙ୍କ ଜୀବନ ଜୀବିକା ବିକାଶ ପ୍ରକଳ୍ପ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଅଧିକାରୀ ଓ ଅନ୍ୟମାନେ।

ସମାଜର ନିଃସ୍ୱ, ଦୁଃସ୍ଥ, ଅବହେଳିତ, ଅତି ଗରିବ ମହିଳାମାନଙ୍କୁ ନୂତନ ଜୀବିକାର ସନ୍ଧାନ ଦେଇ ତାଙ୍କର ଜୀବନ ଜୀବିକାର ମାନ ସୁଦୃଢ଼ କରିବା ନିମନ୍ତେ ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକର ୫୦୦ ଜଣ ଅତି ଗରିବ ମହିଳାଙ୍କୁ ନେଇ ଚାଲୁଅଛି ଅତି ଗରିବଙ୍କ ଜୀବନ ଜୀବିକା ବିକାଶ ପ୍ରକଳ୍ପ। ମଙ୍ଗଳବାର ଏହି ପ୍ରକଳ୍ପର ଜିଲାସ୍ତରୀୟ କର୍ମଶାଳା ସୁନ୍ଦରଗଡ ପ୍ରଗତି ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ଅସହାୟ, ଅବହେଳିତ, ଅତି ଗରିବ ପରିବାରର ବିକାଶ ଦ୍ୱାରା ହିଁ ସମାଜର ପ୍ରକୃତ ଉନ୍ନତି ସାଧିତ ହେବ ତଥା ଏକ ସମାନ୍ତରାଳ ସୁସ୍ଥ ସମାଜର ଗଠନ ହୋଇପାରିବ ବୋଲି ମତ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସେବକର ଅଧକ୍ଷ ଅମିୟକାନ୍ତ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଟ୍ରିକିଲ ଅପର ରାଜ୍ୟ ସଂଯୋଜକ ଫାଲଗୁନୀ ସାହୁ ଓ ସେବକର ଫାଇନାନ୍ସ ମ୍ୟାନେଜର ନିଳାମ୍ବର ଉପାଧ୍ୟାୟ ପାୱାର ପଏଣ୍ଟ ମାଧମରେ ଦୀର୍ଘ ୩ ବର୍ଷରେ ଅତି ଗରିବ ମହିଳାଙ୍କ ଜୀବନ ଜୀବିକାର ଉନ୍ନତି ନିମନ୍ତେ ସେବକ ଓ ଟ୍ରିକିଲ ଅପର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଉପସ୍ଥାପନା କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜଳ ବିଭାଜିକା ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ହରିବନ୍ଧୁ ସେଠ, ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ସୁରେଶ କୁମାର ଚୌଧୁରୀ, ଜିଲା ଖଣିଜ ପାଣ୍ଠିର ଜୀବନ ଜୀବିକା ବିଶେଷଜ୍ଞ ଅଞ୍ଜନ କୁମାର ପଣ୍ଡା, ମିଶନ ଶକ୍ତିର ଜିଲା କାର୍ଯ୍ୟକ୍ରମ ସଂଯୋଜକ ଲମ୍ବୋଦର ବାସ୍କେ, ସହକାରୀ ଜିଲା ପ୍ରାଣୀଧନ ଅଧିକାରୀ ଡ. ଲକ୍ଷ୍ମୀନାରାୟଣ ମହାନ୍ତି, ଆଇଟିଡିଏ ପ୍ରୋଗ୍ରାମ ମ୍ୟାନେଜର ସନ୍ଦିପ ଟପ୍ପୋ ଯୋଗଦାନ କରି ନିଜ ବିଭାଗର ଯୋଜନା ଉପରେ ଉପସ୍ଥାପନା କରିଥିଲେ। ଶେଷରେ ସେବକର ବାଲିଶଙ୍କରା ବ୍ଲକ ସଂଯୋଜିକା ଦିବ୍ୟା ସରେଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

# ବୃଦ୍ଧାଙ୍କୁ ବଳାତ୍କାର ଅଭିଯୋଗ

ଲହୁଣୀପଡା,୨୪।୫(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ପାରମଡିହି ଗ୍ରାମର ଜଣେ ବୃଦ୍ଧାଙ୍କୁ ବାହାନା କରି ଡାକିଆଣି ଜଙ୍ଗଲରେ ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପାରମଡିହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ନିକଟସ୍ଥ ଆମରୁଡ଼ି ଗ୍ରାମର କୁଅଁର ମୁଣ୍ଡା(୩୫) ରବିବାର ପ୍ରାୟ ଦୁଇଟାବେଳେ ଯାଇ ପୂଜା କରିବା ପାଇଁ କୁକୁଡ଼ା ମାଗିଥିଲେ। ଘରେ କୁକୁଡ଼ା ନାହିଁ ବୋଲି ଘରର ମହିଳା (୬୦) କହିଥିଲେ। କୁଅଁର ମୁଣ୍ଡା ବାହାନା କରି ଫେରିବା ପାଇଁ ରାସ୍ତା ଦେଖାଇ ଦେବାକୁ କହିବାରୁ ମହିଳା ରାସ୍ତା ଦେଖେଇ ଦେଇଥିଲେ। କିନ୍ତୁ ବୁଦୁବୁଦିଆ ଜଙ୍ଗଲର ସୁଯୋଗ ନେଇ କୁଅଁର ମୁଣ୍ଡା ବଳାତ୍କାର କରିଥିଲେ। ଘଟଣା ପରେ କୁଅଁର ମୁଣ୍ଡା ଗ୍ରାମରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# କ୍ରୟ କରାଯିବ ୨୦୦ ମେଟ୍ରିକ ଟନ୍ ଚିନାବାଦାମ

## ମାର୍କଫେଡ- ବାରକୋଟ ଏଫ୍‌ପିସି ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

ଦେବଗଡ଼,୨୪।୫(ଡି.ଏନ.ଏ)



ସମ୍ବଲପୁର ସ୍ଥିତ ମାର୍କଫେଡ କାର୍ଯ୍ୟାଳୟରେ ମଙ୍ଗଳବାର ଦେବଗଡ ଜିଲା ବାରକୋଟ ଫେଡ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ଓ ମାର୍କଫେଡ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ମାର୍କଫେଡର ଏରିଆ ମ୍ୟାନେଜର ପ୍ରଫୁଲ୍ଲ କୁମାର ସାହୁ ଓ ବାରକୋଟ ଫେଡ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ନିର୍ଦ୍ଦେଶକ ଦେବାନନ୍ଦ ଜିତ ଏହି ଚୁକ୍ତିପତ୍ର ସ୍ୱାକ୍ଷରିତ କରି ପରସ୍ପରକୁ ପ୍ରଦାନ କରିବା ସହ ଅଭିନନ୍ଦନ ଜଣାଇଥିଲେ। ଏହି ଚୁକ୍ତି ଅନୁଯାୟୀ ଚଳିତବର୍ଷ ବାରକୋଟ ବ୍ଲକର ଚାଷୀବହୁଳ ଦଣ୍ଡାସିଂହା ଗ୍ରାମ ପଞ୍ଚାୟତରେ ବାରକୋଟ ଫେଡ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ମାଧ୍ୟମରେ ଚାଷୀମାନଙ୍କ ଠାରୁ ସର୍ବନିମ୍ନ ସହାୟକ ମୂଲ୍ୟ ୫୫୫୦ଟଙ୍କାରେ ଚିନାବାଦାମ କ୍ରୟ କରାଯିବ। ଏଠାରେ ସୂଚନାଯୋଗ୍ୟ ଯେ, ଗତବର୍ଷ ମାର୍କଫେଡ ପ୍ରଥମ ଥର ପାଇଁ ଦଣ୍ଡାସିଂହା ଗ୍ରାମ ପଞ୍ଚାୟତରୁ ୩୨ମ୍ୟାଟ୍ରିକ ଟନ ଚିନାବାଦାମ କ୍ରୟ କରିଥିବା ବେଳେ ଚଳିତବର୍ଷ ୨୦୦ ମେଟ୍ରିକ ଟନ ଚିନାବାଦାମ କ୍ରୟ ପାଇଁ ଲକ୍ଷ୍ୟ ରଖିଛି। ଏହାଦ୍ୱାରା ଚାଷୀମାନେ ଆଉ ଅଭାବୀବିକ୍ରିର ସମ୍ମୁଖିନ ହେବେ ନାହିଁ ବୋଲି ମାର୍କଫେଡ ପକ୍ଷରୁ କୁହାଯାଇଛି।

# ନିର୍ବାହୀ ଅଧିକାରୀଙ୍କୁ ୭ କାଉନସିଲରଙ୍କ ସ୍ମାରକପତ୍ର

## ବଜାର ନିଲାମ ନେଇ ପୌରକର୍ତ୍ତୃପକ୍ଷଙ୍କ ମନମୁଖି ନିଷ୍ପତିର ନିନ୍ଦା

ଦେବଗଡ଼,୨୪।୫(ଡି.ଏନ୍.ଏ)


ଉପାଧକ୍ଷଙ୍କ ସମେତ ୭ଜଣ କାଉନସିଲର ଦାବିପତ୍ର ଦେବାକୁ ଯାଉଛନ୍ତି।

ଦେବଗଡ଼ ପୌର ପରିଷଦ କର୍ତ୍ତୃପକ୍ଷଙ୍କ ମନୋମୁଖି କାର୍ଯ୍ୟ ବିରୋଧରେ ମଙ୍ଗଳବାର ଦେବଗଡ଼ ପୌର ପରିଷଦର ଉପାଧକ୍ଷଙ୍କ ସମେତ ୭ଜଣ କାଉନସିଲର ମିଳିତ ଭାବେ ସ୍ୱର ଉଠାଇଛନ୍ତି। ଏଥିସହ ୨ଟି ପୃଥକ ପ୍ରସଙ୍ଗ ନେଇ ସେମାନଙ୍କର ଅସନ୍ତୋଷ ଜାହିର କରିବା ସହ ଏନେଇ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ୨ଟି ପୃଥକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦେବଗଡ଼ ପୌର ପରିଷଦ ଉପାଧକ୍ଷ ପ୍ରଜିତ କୁମାର ଭୋଜ, ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା, ଭାଜପା କାଉନସିଲର ମଧୁସୂଦନ ବାଘ, ପିଙ୍କି ସାହୁ, ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର ଓ କାର୍ତ୍ତିକ ମହାକୁଳ ଦେବଗଡ ପୌର ପରିଷଦ କାର୍ଯ୍ୟାଳୟକୁ ଯାଇ ଏ ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦେବଗଡ଼ ଦୈନିକ ବଜାର ନିଲାମ ପାଇଁ ପୌର ପରିଷଦ କର୍ତ୍ତୃପକ୍ଷ ୨୫ ତାରିଖ ବୁଧବାର ଦିବସ ଧାର୍ଯ୍ୟ କରିଥିବାବେଳେ ପାରିଷଦମାନଙ୍କ ବିନା ଅନୁମୋଦନରେ ଦୈନିକ ବଜାର ନିଲାମ ପାଇଁ ନିଷ୍ପତ୍ତି ନିଆଯାଇଛି। ସେମାନେ ଉକ୍ତ ସ୍ମାରକପତ୍ର ଜରିଆରେ ଆପତ୍ତି କରିବା ସହ ସେମାନଙ୍କର ଅଜାଣତରେ ଏଭଳି ନିଷ୍ପତ୍ତି ପଛର ରହସ୍ୟ କ'ଣ ବୋଲି ପ୍ରଶ୍ନ ଉଠାଇଛନ୍ତି। ସେହିପରି ଉକ୍ତ ୭ଜଣ ପାରିଷଦଙ୍କ ଅଜ୍ଞାତରେ ମନ୍ଦ ଉଦ୍ଦେଶ୍ୟ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ଏଭଳି ଏକଚାଟିଆ କାର୍ଯ୍ୟଶୈଳୀକୁ ଦୃଢ଼ ଭାବେ ନିନ୍ଦା କରୁଥିବା ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ଏହା ସହ ଦୈନିକ ବଜାର ନିଲାମ ପ୍ରକ୍ରିୟାକୁ ରଦ୍ଦ କରି ପାରିଷଦମାନଙ୍କର ଅନୁମୋଦନ କ୍ରମେ ନିଲାମ କଲେ ଉଚିତ ହେବ ବୋଲି ପ୍ରସ୍ତାବ ଦେଇଛନ୍ତି। ଏହି ସ୍ମାରକପତ୍ରର ନକଲ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ, ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ, ସମ୍ବଲପୁର ଲୋକସଭା ସଦସ୍ୟ, ଦେବଗଡ ବିଧାୟକ, ଦେବଗଡ଼ ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କୁ ମଧ ପ୍ରେରଣ କରିଥିବା ଜଣାପଡିଛି।

## ଭାଜପାରେ ଯୋଗଦେଲେ ଶତାଧିକ କର୍ମୀ

ଝାରସୁଗୁଡା ଅଫିସ୍: ଭାଜପା ତରଫରୁ ଲଖନପୁର ବ୍ଲକ୍ ବାଘମୁଣ୍ଡାରେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଜେଡିର ଶତାଧିକ କର୍ମୀ ଭାଜପାରେ ଯୋଗଦେଇଥିଲେ। ଏଥିମଧ୍ୟରେ ବିଜେଡି ଜିଲା ସମ୍ପାଦକ ପୀତାମ୍ବର ମିଶ୍ର, ପରମେଶ୍ୱର ସା, ରୋହିତ ସା, ଶେଷ ସା ପ୍ରମୁଖ ରହିଛନ୍ତି। ଏମାନଙ୍କୁ ମନ୍ତ୍ରୀ ପ୍ରଧାନ ଦଳରେ ସ୍ୱାଗତ କରିଛନ୍ତି।

# ଡିପିଏମ୍ ଖିଲାପ କରୁଛନ୍ତି ସରକାର

■ ଅନିୟନ୍ତ୍ରିତ ଦର ନେଇ ପେଟ୍ରୋଲ ପମ୍ପ ମାଲିକଙ୍କ ଅସନ୍ତୋଷ

■ କମିଶନ ବୃଦ୍ଧି, ସହାୟତା ପ୍ରଦାନ ଦାବି

ସମ୍ବଲପୁର,୨୪।୫(ବ୍ୟୁରୋ)

କେନ୍ଦ୍ର ସରକାର ଡାଇନାମିକ୍ ପ୍ରାଇସ୍ ମେକାନିଜମ୍ (ଡିପିଏମ୍) ଖିଲାପ କରି ଡିଜେଲ ଓ ପେଟ୍ରୋଲ ଦର ବୃଦ୍ଧି କିମ୍ବା ହ୍ରାସ କରୁଛନ୍ତି। ଗତ ଶନିବାର ହଠାତ୍ ପେଟ୍ରୋଲ ୯ ଟଙ୍କା ୫୦ ଓ ଡିଜେଲ ୭ ଟଙ୍କା ହ୍ରାସ ପାଇଲା। ଏଥିରେ ପେଟ୍ରୋଲ ମାଲିକଙ୍କ ଲକ୍ଷାଧିକ ଟଙ୍କା କ୍ଷତି ହୋଇଛି। ପୂର୍ବରୁ କେବେ ଏକକାଳୀନ ଏଭଳି ଦର ହ୍ରାସ ପାଇନାହିଁ। ସମସ୍ତ ନିୟମ ଭଙ୍ଗ କରି ଏଭଳି କରାଯାଉଛି। ସରକାର ଏ ନେଇ ଚିନ୍ତା କରି ମାଲିକମାନଙ୍କୁ ସହାୟତା ରାଶି ଦିଅନ୍ତୁ। ଏହା ସହ ଲିଟର ପିଛା ମିଳୁଥିବା କମିଶନ ବୃଦ୍ଧି କରନ୍ତୁ ବୋଲି ମଙ୍ଗଳବାର ଏଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମ୍ବଲପୁର ପେଟ୍ରୋଲପମ୍ପ ମାଲିକ ସଂଘ କର୍ମକର୍ତ୍ତା କହିଥିଲେ। ସଭାପତି ଯୁଗଳ କିଶୋର ଦାସ, ଉପସଭାପତି ସନ୍ତୋଷ କୁମାର ଅଗ୍ରୱାଲ, ସତ୍ୟନାରାୟଣ ବେରିହା, ଅଶୋକ କୁମାର କେଡିଆ, ପ୍ରଦୀପ ପଟେଲ, ଚନ୍ଦ୍ର କୁମାର ସରାଫ, ରବୀନ୍ଦ୍ର ପ୍ରସାଦ ବଡପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପେଟ୍ରୋଲ ପମ୍ପ ମାଲିକ ସଂଘ କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

ସେମାନେ ଆହୁରି କହିଥିଲେ, କୋଭିଡ୍ ହେଉ କି ଅନ୍ୟ ସମୟରେ ଦିନ ରାତି ମାଲିକମାନେ ଅନ୍ୟକୁ ସେବା ଦେଇଛନ୍ତି। ଜରୁରୀ ସେବା ଯୋଗୁ ପମ୍ପ ବନ୍ଦ କରାଯାଇ ପାରୁନାହିଁ। ୨୦୧୭ରେ ସରକାର ଡିପିଏମ୍ ନିୟମ ଲାଗୁ କରିଥିଲେ। ଏହା ଦ୍ୱାରା ପ୍ରତିଦିନ ତେଲଦର ବୃଦ୍ଧି ଓ ହ୍ରାସ ନିୟନ୍ତ୍ରଣ କରାଯିବ। ଏଥିରେ ଡିଲରମାନେ ରାଜି ହୋଇଥିଲେ। ଲିଟର ପିଛା ୭୦ ଟଙ୍କାରୁ ଧୀରେ ଧୀରେ ବୃଦ୍ଧି ପାଇ ୧୧୭ ଟଙ୍କା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ଏହାକୁ ନେଇ ମାଲିକମାନେ କ୍ଷତି ସହିଛନ୍ତି। ଦର ବୃଦ୍ଧି ଯୋଗୁ ତେଲ କିଣିବା ପାଇଁ ଅଧିକ ଟଙ୍କା ଆବଶ୍ୟକ ପଡିଥିଲା। ତେଣୁ କେତେକ ପେଟ୍ରୋଲ ପମ୍ପ ମାଲିକ ଅର୍ଥ ଅଭାବରୁ ପମ୍ପ ବନ୍ଦ କରି ଦେଇଛନ୍ତି। ୨୦୨୦ରେ କେନ୍ଦ୍ର ସରକାର ଉତ୍ପାଦିତ ଶୁଳ୍କରେ ଡିଜେଲରେ ୧୨ ଟଙ୍କା ୫୦ ଓ ପେଟ୍ରୋଲରେ ୯ ଟଙ୍କା ୫୦ ପଇସା ବୃଦ୍ଧି କରିଥିଲେ। ଏହାର ପ୍ରଭାବ ଡିଲର ଓ ଖାଉଟିଙ୍କ ଉପରେ ପଡି ନ ଥିବାବେଳେ କମ୍ପାନୀ ଗୁଡିକ କ୍ଷତି ସହିଥିଲେ। ତେଲ ଦର ହ୍ରାସ ଖାଉଟି ଓ ଡିଲରଙ୍କୁ ଲାଭ ଦେଉଛି। ହେଲେ ଗୋଟିଏ ଦିନରେ ହ୍ରାସ ଏହା ଆର୍ଥିକ ବୋଝ ହୋଇ ପଡିଛି। ୩ଦିନ ପାଇଁ ଡିଲରମାନେ ଆଗୁଆ ତେଲ କିଣି ଦେଇଥିବାରୁ ଲକ୍ଷାଧିକ ଟଙ୍କା କ୍ଷତି ହୋଇଛି। ଏହାକୁ ବିଚାର କରି ସରକାର ସହାୟତା ରାଶି ପ୍ରଦାନ କରନ୍ତୁ। ସେହିପରି ୨୦୧୭ରୁ ବିକ୍ରିର କମିଶନରେ ବୃଦ୍ଧି କରାଯାଉ ନାହିଁ। ତେଣୁ କମିଶନକୁ ୫ ପ୍ରତିଶତ ବୃଦ୍ଧି କରାଯାଉ। ଡିଲରମାନଙ୍କ ଚୁକ୍ତି ଅନୁସାରେ ଡିପିଏମ୍ ସିଷ୍ଟମରେ ତେଲ ଦର ବୃଦ୍ଧି ଓ ହ୍ରାସ କରି ନିୟନ୍ତ୍ରଣ ଭିତରେ ରଖାଯାଉ ବୋଲି ଦାବି କରିଥିଲେ। ଫଳରେ ଡିଲର, ଖାଉଟି ଓ ସରକାର ସମସ୍ତଙ୍କୁ ସୁବିଧା ହେବ ବୋଲି କହିଥିଲେ।

## ସଂକ୍ଷେପରେ

### ଯୁବତୀଙ୍କ ଚୁଟି କାଟି ବିଷ ପିଆଇଦେଲେ

**ପୂର୍ବରୁ ହୋଇଥିଲା ଏଭଳି ଘଟଣା**

ସମ୍ବଲପୁର,୨୪।୫(ବ୍ୟୁରୋ): ସମ୍ବଲପୁର ଜିଲା ଧମା ଥାନା ଅଞ୍ଚଳରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଦୁର୍ବୃତ୍ତମାନେ ଘରେ ପଶି ଜଣେ ଯୁବତୀଙ୍କ ଚୁଟି କାଟି ବିଷ ପିଆଇ ଦେଇଥିଲେ। ଚେତାଶୂନ୍ୟ ହୋଇଯିବାରୁ ପରିବାର ଲୋକେ ଯୁବତୀଙ୍କୁ ଡାକ୍ତରଖାନା ନେଇଯାଇଥିଲେ। ପରିବାର ବର୍ଗଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୮୫/୨୨) ରୁଜୁ କରିଛି। ମିଳିଥିବା ସୂଚନା ଅନୁସାରେ ଯୁବତୀ ଜଣଙ୍କ ଘର ନିକଟ ପାଇଖାନାକୁ ଯାଇଥିବା ସମୟରେ କେତେଜଣ ଦୁର୍ବୃତ୍ତ ପଶି ଆସିଥିଲେ। ସେମାନେ ଯୁବତୀଙ୍କୁ ମାଡ଼ ମାରିବା ସହ ଜୋରଜବରଦସ୍ତ ବିଷ ପିଆଇ ଦେଇଥିଲେ। ଖବର ପାଇ ଧମା ଥାନା ପୋଲିସ ରାତିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲା। ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଯୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ପୋଲିସ କହିଛି। ଘଟଣା ପଛରେ କାରଣ ନେଇପୋଲିସ ତଦନ୍ତ କରୁଥିବା ସୂଚନା ଦେଇଛି। ୧୫ଦିନ ତଳେ ମଧ ଉକ୍ତ ଯୁବତୀଙ୍କୁ ଅନୁରୂପ ଭାବେ ଆକ୍ରମଣ କରାଯାଇଥିଲା। ଅଭିଯୋଗ କ୍ରମେ ପୋଲିସ ୭୦/୨୨ରେ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତ ସଞ୍ଜୀତ ଭରାସାଗରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଅନ୍ୟ ଅଭିଯୁକ୍ତମାନେ ଏବେ ବି ଫେରାର ଅଛନ୍ତି। ସେମାନଙ୍କୁ ଗିରଫ ନ କରିବା ଯୋଗୁ ପୁଣିଥରେ ଯୁବତୀଙ୍କୁ ଆକ୍ରମଣ କରାଯାଇଥିବା ଆଲୋଚନା ହେଉଛି।

### ବଜ୍ରପାତରେ ୪ ଗୋରୁ ମୃତ

କୁଚିଣ୍ଡା,୨୪।୫((ଡି.ଏନ.ଏ.): କୁଚିଣ୍ଡା ବ୍ଲକ ତେଲିତିଲେଇମାଲ ପଞ୍ଚାୟତର ମଦନମୋହନପୁର ଗ୍ରାମରେ ବଜ୍ରପାତରେ ବିଶ ଛତ୍ରିୟାଙ୍କ ୪ ଗୋରୁଙ୍କ ମୃତ୍ୟୁ ହୋଇଛି। ସୋମବାର ବିଳମ୍ବିତ ରାତିରେ ହଠାତ୍ ଝଡବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ବିଶଙ୍କ ବାଡିରେ ଶୋଇଥିବା ଗୋରୁମାନେ ବଜ୍ରପାତର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ମଙ୍ଗଳବାର କୁଚିଣ୍ଡା ପ୍ରାଣୀଧନ ଚିକିତ୍ସା ଅଧିକାରୀ ନବୀନ ମିଶ୍ର ମୃତ ଗୋରୁଙ୍କ ବ୍ୟବଚ୍ଛେଦ କରିଛନ୍ତି। ବିଶ ଜଣେ ଗରୀବ ଚାଷୀ ହୋଇଥିବାରୁ ଗୋରୁଙ୍କୁ ହରାଇ ଏବେ କେମିତି ଚାଷ କରିବେ ଚିନ୍ତାରେ ପଡିଛନ୍ତି। ତେଣୁ ସରକାର ତାଙ୍କୁ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ମୁଖ୍ୟ ବଜାର ସହ ଯୋଡ଼ିହେବେ ଚାଷୀ

ସମ୍ବଲପୁର,୨୪।୫(ବ୍ୟୁରୋ): ସମ୍ବଲପୁର ପାନ୍ଥ ନିବାସଠାରେ ଚାଷୀମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାଶକ୍ତି ଫାଉଣ୍ଡେଶନ ଉପସଭାନେତ୍ରୀ ରୋଜାଲିନ ଭୂୟାଁ ଅଧକ୍ଷତା କରିଥିଲେ। କୃଷି ବିଶେଷଜ୍ଞ ମିହିର ରଞ୍ଜନ ସାଗର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହାୟତାରେ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାଶକ୍ତି ଫାଉଣ୍ଡେଶନ ପରିଚାଳନାରେ ପ୍ରକଳ୍ପ ସମ୍ପୂର୍ଣ୍ଣର ଲୋକାର୍ପଣ ହୋଇଥିଲା। ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧକ୍ଷ ଡା. ଗୋକୁଳ ବିହାରୀ ଦାସ, ସହକାରୀ ପ୍ରଫେସର ଡ଼ା. ବିଜୟ କୁମାର ସେଠୀ, ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ବିଜୟ ଆନନ୍ଦ ପାଣ୍ଡେ, ଡିଡିଏମ୍ ନାବାର୍ଡ ସୁନାରାମ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପ ମାଧମରେ ଚାଷୀମାନେ ମୁଖ୍ୟବଜାର ସହ ଯୋଡି ହୋଇପାରିବେ ବୋଲି କହିଥିଲେ। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଯୁଗଳ କିଶୋର ପଟ୍ଟନାୟକ ଅତିଥି ପରିଚୟ ଓ ପ୍ରକଳ୍ପ ପରିଚାଳିକା ଅମ୍ରିତା କୁମାରୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମାନେଶ୍ୱର ଓ ଜମନକିରା ବ୍ଲକରୁ ଅଗ୍ରଣୀ ଚାଷୀ ଅଂଶଗ୍ରହଣ କରିଥିଲେ।

### ଜଙ୍ଗଲରୁ ଦେଶୀ ବନ୍ଧୁକ ଜବତ

ଜମନକିରା,୨୪।୫(ଡି.ଏନ.ଏ.): ସମ୍ବଲପୁର ଜିଲା ବଡ଼ରମା ରେଞ୍ଜ ଓଡସିଂ ସେକ୍ସନ ପଣ୍ଡବାହାଲ ଖୁଣ୍ଟିଗାଁ ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ଏକ ଦେଶୀ ବନ୍ଧୁକ ଜବତ ହୋଇଛି। ବଡ଼ରମା ରେଞ୍ଜର ଦିଲୀପ ମେଣ୍ଡୁୱାଲାଙ୍କ ନେତୃତ୍ୱରେ ଫରେଷ୍ଟର ଭେଙ୍କଟେଶ୍ୱର ପିଙ୍ଗ, ସତ୍ୟବାନ ମାଝି, ଫରେଷ୍ଟ ଗାର୍ଡ କଳ୍ପନା ମରେଇ ଜଙ୍ଗଲରେ ପାଟ୍ରୋଲିଂ କରୁଥିଲେ। ବନ କର୍ମଚାରୀଙ୍କୁ ଦେଖି ଜନ୍ତୁ ଶିକାରୀ ବନ୍ଧୁକ ଛାଡି ଫେରାର ହୋଇଯାଇଥିଲେ। ବନ୍ଧୁକ ଜବତ କରି ବନ ବିଭାଗ ଏକ ମାମଲା ରୁଜୁ କରିଛି।

## ଆର୍‌ଏସ୍‌ପିର ସଡ଼କ ସୁରକ୍ଷା ଅଭିଯାନ

ରାଉରକେଲା ଅଫିସ,୨୪।୫

ରାଉରକେଲା ଇସ୍ପାତ କାରଖାନା ମେନ୍ ଗେଟ୍ ସମ୍ମୁଖରେ ହଟ୍ ଷ୍ଟ୍ରିପ ମିଲ୍ ସାମୂହିକ ପକ୍ଷରୁ ମଙ୍ଗଳବାର ସଡ଼କ ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି। ହଟ୍ ଷ୍ଟ୍ରିପ ମିଲ୍ ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଦେବବ୍ରତ ଦତ୍ତ ଏହି ଅଭିଯାନର ନେତୃତ୍ୱ ନେଇଥିଲେ। ହଟ୍ ଷ୍ଟ୍ରିପ ମିଲ୍ ବିଭାଗର ଜିଡିଏମ୍ ଚନ୍ଦ୍ରହାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗାଡି ଚାଳକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଅଭିଯାନ ସମୟରେ ସୁରକ୍ଷା ପୋଷ୍ଟର, ପ୍ଲାକାର୍ଡ ପ୍ରଦର୍ଶିତ କରିବା ଭଳି ବିଭିନ୍ନ ପଦକ୍ଷେପ ବିଭାଗ ପକ୍ଷରୁ ନିଆଯାଇଥିଲା। ସଚେତନ ହୋଇ ଗାଡି ଚାଳନା କରିବା ଓ ସଡ଼କ ସୁରକ୍ଷା ପାଇଁ ବ୍ୟବହୃତ ସମସ୍ତ ନୀତି ନିୟମକୁ ମାନି ଚଳିବାକୁ ସମସ୍ତ ବିଭାଗୀୟ କର୍ମଚାରୀଙ୍କୁ ସଚେତନ କରାଯାଇଥିଲା। କାରଖାନା ଭିତରେ ଥିବା ବିଭିନ୍ନ ସ୍ଥାନରେ ଚେକ୍ ଅଭିଯାନ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର ସୂର୍ଯ୍ୟବଂଶୀଙ୍କ ମାର୍ଗ ଦର୍ଶନରେ ଆୟୋଜିତ ହୋଇଥିଲା।

## କ୍ଷୁଦ୍ର ଜଳସେଚନ ବିଭାଗରେ ବ୍ୟାପକ ଦୁର୍ନୀତି

■ କଟା ଖନନରେ ଅନିୟମିତତା

■ ପ୍ୟାକିଂରେ ଜଙ୍ଗଲ ପଥର ବ୍ୟବହାର

ସମ୍ବଲପୁର,୨୪।୫(ବ୍ୟୁରୋ)

ଭୂତଳ ଜଳ ସଂରକ୍ଷଣ, ଚାଷୀଙ୍କ ପାଇଁ ଚାଷ ଓ ସାଧାରଣ ଲୋକ, ବନ୍ୟପ୍ରାଣୀଙ୍କ ପାଇଁ ବିଭିନ୍ନ ସ୍ଥାନରେ ପୋଖାରୀ, କଟା ଖନନ କରାଯାଉଛି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଏହିସବୁ କାମ ହେଉଛି। ହେଲେ ସମ୍ବଲପୁର ଜିଲାରେ କ୍ଷୁଦ୍ର ଜଳସେଚନ ବିଭାଗରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହେଉଛି। ଯୁଯୁମୁରା ବ୍ଲକ କୟାକୁଦ କଟା ଖନନରେ ଅନିୟମିତତା ହୋଇଛି। ଏଥିରେ ବିଭାଗୀୟ ଅଧିକାରୀ ଓ ଠିକାଦାର ସମ୍ପୃକ୍ତ ରହୁଥିବା ଅଭିଯୋଗ କରାଯାଇଛି।

କୟାକୁଦ କଟା ମାଟି ଖନନ ଓ ଗେଟ ନିର୍ମାଣରେ ୪୨ ଲକ୍ଷ ଟଙ୍କା ଓ କଟାରେ ପଥର ପ୍ୟାକିଂ ଓ ସରପ୍ଲସ ନିର୍ମାଣ ପାଇଁ ୫୦ ଲକ୍ଷ ଏପରି ମୋଟ ୯୨ ଲକ୍ଷ ଟଙ୍କା ରହିଛି। ମାଟି ଖନନ କାମ ସମ୍ପୂର୍ଣ୍ଣ ହୋଇଯାଇଛି। କାମରେ ଅସନ୍ତୋଷ ପ୍ରକାଶ କରି ବିଭାଗ ପକ୍ଷରୁ ଶେଷ ବିଲ ଅଟକାଇ ଦିଆଯାଇଥିଲା। ଠିକାଦାର ଚାପ ପକାଇବା ପରେ ମଧ ଟଙ୍କା ଦିଆଯାଇ ନ ଥିଲା। କିଛିମାସ ପୂର୍ବରୁ ଠିକାଦାରଙ୍କୁ ପୁଣି ଫାଇନାଲ ବିଲ୍ ଦିଆଯାଇଥିବା ଜଣାପଡିଛି। ୪୨ ଲକ୍ଷ ଖର୍ଚ୍ଚ ପରେ ମଧ କଟା ଶୁଖିଲା ପଡିଛି। ଏବେ କଟାରେ ପଥର ପ୍ୟାକିଂ କାମରେ ବ୍ୟାପକ ଅନିୟମିତତା ହେଉଛି। ଟେଣ୍ଡର ଅନୁସାରେ ପଥର ବ୍ୟବହାର କରାଯାଉ ନାହିଁ। ନିକଟ ଜଙ୍ଗଲରୁ ପଥର ଆଣି ବ୍ୟବହାର କରାଯାଉଛି। ପଥରର ମାନ, ଆକାର, ଆୟତନ ପାଇଁ ଟେଣ୍ଡର ହୋଇଥିଲା। ହେଲେ ଏହର ଖିଲାପ କରାଯାଇ ଲାଲ ରଙ୍ଗର ଗୋଲ ଆକାର ଥିବା ଛୋଟ ବଡ ପଥର ଦିଆଯାଉଛି। ପଥର ପ୍ୟାକିଂ ପରେ କଟାର ହିଡ ସମାନ ରହୁ ନାହିଁ। ହାଲୁକା ପଥର ବ୍ୟବହାର ହେଉଥିବାରୁ ବର୍ଷା ହେଲେ ଏହା ବାହାରି ପଡିବା ସମ୍ଭାବନା ରହିଛି। ଏ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କଲାପରେ ମଧ ବିଭାଗୀୟ ଅଧିକାରୀ କିଛି ନ ଶୁଣି ଠିକାଦାର ସପକ୍ଷରେ ଯୁକ୍ତି ବାଢୁଥିବା ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି ହେଉଛି। ଏ ସମ୍ପର୍କରେ ଜଳସେଚନ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପଟ୍ଟନାୟକଙ୍କୁ ପଚାରିବାରୁ ପ୍ରକଳ୍ପ କାମ ନିର୍ମାଣାଧୀନ ରହିଛି। ବ୍ୟବହାର ପଥର ମାନ ଠିକ୍ ରହିବା ଆବଶ୍ୟକ। ପଥର ଓ ଅନ୍ୟ ସାମଗ୍ରୀ ଭଲ ଭାବେ ଯାଞ୍ଚ କରାଯାଇଥାଏ ବୋଲି କହିଥିଲେ।


କୟାକୁଦରେ ନିର୍ମାଣାଧୀନ କଟା।

## ରାଉରକେଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠାର ଯଥାର୍ଥତା ରହିଛି: ଓକିଲ ସଂଘ

ରାଉରକେଲା ଅଫିସ,୨୪।୫

ରାଉରକେଲାରେ ଓଡିଶା ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠାର ଯଥାର୍ଥତା ରହିଛି। ଏ ନେଇ ଉଦିତନଗର ସ୍ଥିତ ରାଉରକେଲା କୋର୍ଟ ପରିସରରେ ଓକିଲ ସଂଘ ସମ୍ପାଦକ ଅକ୍ଷୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ରାଉରକେଲା ଓକିଲ ସଂଘ ପକ୍ଷରୁ ଦାବି ହୋଇଛି। ଜଷ୍ଟିସ ଯଶୱନ୍ତ ସିଂଙ୍କ ରିପୋର୍ଟକୁ ଭିତ୍ତି କରି ରାଉରକେଲା ଓକିଲ ସଂଘ ଗତ ଦୁଇ ଦଶନ୍ଧି ଧରି ରାଉରକେଲାଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି କରିଆସୁଛି। ରାଉରକେଲାରେ ରେଲୱେ, ଏୟାରପୋର୍ଟ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ, ବିଶ୍ୱସ୍ତରୀୟ ଷ୍ଟାଡିୟମ୍, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ସଡ଼କ ପଥ ଓ ନିକଟରେ ଭିତ୍ତି ପ୍ରସ୍ତର ସ୍ଥାପନା କରାଯାଇଥିବା ମଡେଲ କୋର୍ଟ ଓ କୋର୍ଟର ପୂର୍ବ ବିଲ୍ଡିଂ ବେଞ୍ଚ ସ୍ଥାପନା ପାଇଁ ସର୍ବୋତ୍କୃଷ୍ଟ ଭିତ୍ତିଭୂମି ବୋଲି ସଂଘର ସମ୍ପାଦକ ସାହୁ ମତପ୍ରକାଶ କରିଛନ୍ତି। ସେହିପରି ସୁନ୍ଦରଗଡ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାରୁ ଦୂର ହୋଇଥିବାରୁ ଅଧିକାଂଶ ବ୍ୟକ୍ତି ନ୍ୟାୟ ପାଇଁ ଉଚ୍ଚନ୍ୟାୟଳୟର ଦ୍ୱାରସ୍ଥ ହେବା ଅସମ୍ଭବ। ତେଣୁ ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ରାଉରକେଲାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରା ନ ଗଲେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏହି ସମ୍ମିଳନୀରେ ରାଉରକେଲା ଓକିଲ ସଂଘ ସଭାପତି ସୁରେଶ ଚନ୍ଦ୍ର ମାଝୀ, ଉପସଭାପତି ସଦାନନ୍ଦ ସାହୁ, ଅକ୍ଷୟ କୁମାର ସାହୁ, ମାନସ ରଞ୍ଜନ ପଣ୍ଡା, ଏଲ୍.ଏଚ୍ ଡୋରା, ପୂର୍ବତନ ସଭାପତି ରମେଶ ବଳ, ଭାରତ ଭୂଷଣ ପାଣ୍ଡେ, ବିଜୟ ପଟ୍ଟନାୟକ, ଶ୍ରୀନିବାସ ପଣ୍ଡା, ବିସ୍ମୟ ଦାସ, ବାବୁଲି ପାତ୍ର, ଶରତ ବାରିକଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ରାଜ୍ୟପାଳଙ୍କ ଦ୍ୱାରା ସାମାଜିକ କର୍ମୀ ସମ୍ମାନିତ

ସମ୍ବଲପୁର,୨୪।୫(ବ୍ୟୁରୋ)

ବିଭନ୍ନ ସମାଜିକ କାମ କରି ପ୍ରଶଂସା ସାଉଁଟିଥିବା ସମ୍ବଲପୁର ମାଟିର ଦୁଇଜଣ ସାମାଜିକ କର୍ମୀ ବିପିନ ପଣ୍ଡା ଓ ଅଭିନାଶ ମିଶ୍ର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ସମ୍ମାନିତ ହୋଇଛନ୍ତି। ରାଜଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସେମାନେ ସମ୍ମାନ ଗ୍ରହଣ କରିଥିଲେ। ବିପିନ ନିଜ ଉଦ୍ୟମରେ ଅସହାୟ ବୃଦ୍ଧାଙ୍କୁ ସାହାରା ଦେବା ପାଇଁ ଆଶ୍ରମ ଖୋଲିଛନ୍ତି। ଏହା ସହ ବିଭିନ୍ନ ସ୍ୱାସ୍ଥ୍ୟଶିବିର, ରକ୍ତଦାନ ଶିବର, ଅଜଣା ମୃତଦେହ ସତ୍କାର କରିବା ଦିଗରେ କାମ କରିଆସୁଛନ୍ତି। ସେହିପରି ଅଭିନାଶ ୨୭ବର୍ଷ ବୟସରେ ୨୮ ଥର ରକ୍ତଦାନ କରିଛନ୍ତି। ଏହାସହ ବିଭିନ୍ନ ସମାଜିକ କାମରେ ଯୋଗଦାନ କରି ସହଯୋଗ କରିଆସୁଛନ୍ତି।



ସାମାଜିକ କର୍ମୀଙ୍କୁ ସମ୍ମାନିତ କରୁଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ।

## ନାକଟିଦେଉଳରେ କାଳବୈଶାଖୀର ତାଣ୍ଡବ

ନାକଟିଦେଉଳ, ୨୪।୫(ଡି.ଏନ.ଏ.)

ନାକଟିଦେଉଳ ବ୍ଲକରେ ସୋମବାର ରାତ୍ରିରେ କାଳବୈଶାଖୀର ତାଣ୍ଡବ ଦେଖିବାକୁମିଳିଛି। ପ୍ରାୟ ଏକଘଣ୍ଟା ଧରିଏହି କାଳବୈଶାଖୀ ନାକଟିଦେଉଳ, ସରାପାଲି, ବଳମ, ସାହେବି, ବାଟଗାଁ, ଯାମୁଯୋରୀ ପଞ୍ଚାୟତରେ ତାଣ୍ଡବ ରଚିଥିଲା। ଏହାର ପ୍ରଭାବରେ ନାକଟିଦେଉଳ ବସ୍‌ଷ୍ଟାଣ୍ଡରେ ଥିବା ତେନ୍ତୁଳି ଗଛ ଉପୁଡିପଡିବାରୁ ନିକଟରେ ଥିବା ଥଣ୍ଡା ପାନୀୟ ଦୋକାନ ଭାଙ୍ଗିଯାଇଛି। ବାଟଗାଁ ନାକଟିଦେଉଳ ଏବଂ ଗୋଧିଡିପ କିସିଣ୍ଡା ରାସ୍ତାରେ ବହୁ ଗଛ ଭାଙ୍ଗି ପଡିବାରୁ ଯାତାୟାତରେ ଅସୁବିଧା ଦେଖାଦେଇଥିଲା। ଲୋକଙ୍କ ଘର ଛାତରୁ ଟାଇଲ ଓ ଆଜବେଷ୍ଟସ୍ ଉଡିଯାଇଛି। ବିଭିନ୍ନ ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ତଳେ ପଡ଼ିଥିବା ଦେଖିବାକୁ ମିଳିଛି । ଫଳରେ ଗତ ରାତିଠାରୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। କ୍ଷୟକ୍ଷତି ଅନୁଧ୍ୟାନ କରି ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଭାବିତ ଲୋକେ ଦାବି କରିଛନ୍ତି । ଏ ସମ୍ପର୍କରେ ନାକଟିଦେଉଳ ତହସିଲଦାର ସୁକାନ୍ତ କୁମାର ନାଏକ କହନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ କିଛି ଅଭିଯୋଗ ଆସିନାହିଁ, ଯଦି ଜିଲା ସ୍ତରରୁ ନିର୍ଦ୍ଦେଶ ଆସେ ତେବେ ଆମେ କ୍ଷୟକ୍ଷତି ଅନୁଧ୍ୟାନ କରିବୁ ଓ ସରକାରଙ୍କ ନିୟମାନୁସାରେ ସହାୟତା ଯୋଗାଇ ଦିଆଯିବ।

## କାଳବୈଶାଖୀ: ବ୍ୟାପକ କ୍ଷୟକ୍ଷତି

ଜମନକିରା, ୨୪।୫(ଡି.ଏନ.ଏ.):

ସୋମବାର ରାତିରେ କାଳବୈଶାଖୀ ଯୋଗୁ ଜମନକିରା ବ୍ଲକର କେନାଡିପା ପଞ୍ଚାୟତ ସମେତ ଟିକିଲିପଡ଼ା, ଭୋଜପୁର, ଜମନକିରା ଆଦି ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କେନାଡ଼ିପା ପଞ୍ଚାୟତ ବେଲୁଆମାଲ ଗ୍ରାମର ଭୁତୁଲୁ ରାଉତଙ୍କ ଆଜବେଷ୍ଟସ୍ ଘର ଭାଙ୍ଗି ଯାଇଛି। ଭୁତୁଲୁ ସରକାରଙ୍କ ତରଫରୁ ଇନ୍ଦିରା ଆବାସ ଗୃହ ଖଣ୍ଡିଏ ପାଇଥିଲେ। ଏହି ଗୃହରେ ସେ ପଞ୍ଚାୟତରୁ ମିଳୁଥିବା ଚାଉଳ, ବ୍ୟବହାର୍ଯ୍ୟ ଜିନିଷ ରଖିଥିଲେ। ଏସବୁ ବର୍ଷାରେ ଭିଜିଯାଇଛି। ଭାଗ୍ୟବଶତଃ ସେ ରାତିରେ ପରିବାର ଅନ୍ୟ ବଖରାରେ ଶୋଇଥିବାରୁ ବର୍ତ୍ତି ଯାଇଛନ୍ତି। ୱାର୍ଡମେମ୍ବର ଓ ସରପଞ୍ଚଙ୍କୁ ଅବଗତ କରାଇବା ପରେ ସେମାନେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସେହିପରି ଏକ ତେନ୍ତୁଳି ଗଛ ଉପୁଡ଼ି ପଡ଼ିବାରୁ ଜମନକିରା ତହସିଲ ଛତାବର ଗ୍ରାମର ସମା ଓରାମଙ୍କ ଘର ଭାଙ୍ଗି ଯାଇଛି। କ୍ଷତିଗ୍ରସ୍ତ ପରିବାରଙ୍କୁ ପ୍ରଶାସନ ଶୀଘ୍ର ସହାୟତା ରାଶି ପ୍ରଦାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ହାଇକୋର୍ଟ ଓକିଲଙ୍କ ଆଭିମୁଖ୍ୟକୁ ବିରୋଧ

**ମୁଖ୍ୟ ବିଚାରପତିଙ୍କୁ ଭେଟିବେ ପ୍ରତିନିଧି**

ସମ୍ବଲପୁର,୨୪।୫(ବ୍ୟୁରୋ)

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟ ଓକିଲ ସଂଘ ପ୍ରସ୍ତାବ ପାରିତ କରିବା ପରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ସଭାସମିତି କରି ସମ୍ବଲପୁର ଜିଲା ଓକିଲ ସଂଘ, ବିଭିନ୍ନ ସମାଜିକ ଅନୁଷ୍ଠାନ, ଜନସାଧାରଣ, ନେତା ଏହାକୁ ନିନ୍ଦା କରୁଛନ୍ତି। ଏକ ୫ ଜଣିଆ ପ୍ରତିନିଧି ଦଳ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କଠାରୁ ସମୟ ନେଇ ଭେଟିବେ ବୋଲି ସ୍ଥିର କରିଛନ୍ତି। ରେଙ୍ଗାଲି ବିଧାୟକ ନାଉରୀ ନାଏକ ମଧ ଘଟଣାକୁ ନିନ୍ଦା କରିଛନ୍ତି। ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ରିପୋର୍ଟ ଶୀଘ୍ର ଦିଅନ୍ତୁ ଏବଂ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ସ୍ଥାୟୀ ବେଞ୍ଚକୁ ବିରୋଧ କରା ନ ଯାଉ ବୋଲି ଦାବି କରିଛନ୍ତି। ସାର୍ବଜନୀନ ଗ୍ରନ୍ଥାଗାରଠାରେ ସମ୍ବଲପୁର ଡେଭଲପମେଣ୍ଟ ଫୋରମ ପକ୍ଷରୁ ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ଆଦିତ୍ୟ ପ୍ରସାଦ ପାଢୀ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ବିଚାରପତି ଗୋଗରଞ୍ଜନ ଦୁବେ, ଡାକ୍ତର ରମା ବଲ୍ଲଭ ମିଶ୍ର, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ଡାକ୍ତର ବିନୋଦ ନାଏକ ଆଲୋଚନାରେ ଭାଗ ନେଇଥିଲେ। ପୂର୍ବରୁ ରାଜ୍ୟ ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ୫ କୋଟି ବଜେଟ ଅନୁମୋଦନ କରିଛନ୍ତି। ଆବଶ୍ୟକ ଜମି, ଭିତିଭୂମି ଯୋଗାଇଦେବାକୁ କେନ୍ଦ୍ରକୁ ଚିଠି କରିଛନ୍ତି। କେନ୍ଦ୍ର ସରକାର ମଧ ରାଜ୍ୟ ସରକାର ଓ ହାଇକୋର୍ଟଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ଏଭଳି ପରିସ୍ଥିତିରେ ହାଇକୋର୍ଟ ବାରର କେତେଜଣ ଓକିଲ ନିଜ ସ୍ୱାର୍ଥ ଦୃଷ୍ଟିରୁ ବିରୋଧ କରୁଛନ୍ତି। ହେଲେ ରାଜ୍ୟ ଓ କେନ୍ଦ୍ର ସରକାର କାହାରି ଚାପରେ ନ ଆସି ଆଇନଗତ ପ୍ରକ୍ରିଆ ଶେଷ କରି ଖୁବଶୀଘ୍ର ବେଞ୍ଚ ସ୍ଥାପନ କରନ୍ତୁ ବୋଲି କର୍ମକର୍ତ୍ତା ଦାବି କରିଥିଲେ।


ସମ୍ବଲପୁର ଡେଭଲପମେଣ୍ଟ ଫୋରମ ପକ୍ଷରୁ ଅନୁଷ୍ଠିତ ସଭା।

## ତଦନ୍ତ କଲେ ଲୋକାୟୁକ୍ତ ଅଧିକାରୀ

**ଅର୍ଡାବାହାଲ ପଞ୍ଚାୟତରେ ଦୁର୍ନୀତି**

କୁଚିଣ୍ଡା,୨୪।୫(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅର୍ଡାବାହାଲ ପଞ୍ଚାୟତର ବିଭିନ୍ନ ଦୁର୍ନୀତି ସମ୍ପର୍କରେ ଅର୍ଡାବାହାଲ ଗ୍ରାମର ସମୀର ନାଏକଙ୍କ ନେତୃତ୍ୱରେ ଗ୍ରାମବାସୀ ଭୁବନେଶ୍ୱର ଲୋକାୟୁକ୍ତଙ୍କୁ ଅଭିଯୋଗ କରିଥିଲେ। ଏହି ପଞ୍ଚାୟତ ଅନ୍ତର୍ଗତ ନାଗଡିହି ଛକରେ କମ୍ୟୁନିଟି ସେଣ୍ଟରକୁ ଦେଖାଇ ଯାତ୍ରୀ ପ୍ରତୀକ୍ଷାଳୟ ଟଙ୍କା ହଡପ କରିବା, ଅର୍ଡାବାହାଲ ଗ୍ରାମର ଲକ୍ଷ୍ମୀ କିସାନ ଗ୍ରାମର ବାଳିକା ହାଇସ୍କୁଲରେ ମହିଳା ଜଗୁଆଳୀ ସହ ୱାର୍ଡେନ ଭାବେ ନିଯୁକ୍ତ ଥିବା ବେଳେ ମାସକୁ ୧୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଦରମା ପାଇ ମଧ ରାଶନ କାର୍ଡ ଉପଭୋଗ କରିବା, ସେହି ଗ୍ରାମର କନକଲତା ମହାନନ୍ଦ ଏକ ବଡ ଦୋକାନ କରି ସେ ମଧ ରାଶନକାର୍ଡ ଫାଇଦା ଉଠାଉଥିବା ଆଦି ଅଭିଯୋଗ ପାଇବା ପରେ ଲୋକାୟୁକ୍ତ କେସ୍ ନଂ୧୧/୨୨ରେ ମାମଲା ପଞ୍ଜିକୃତ କରି ତା୧୦।୩।୨୨ ରେ ତଦନ୍ତ ପାଇଁ ସମ୍ବଲପୁର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଲୋକାୟୁକ୍ତଙ୍କ ଏହି ଆଦେଶ ବଳରେ ଅତିରିକ୍ତ ପିଡି (ବୈଷୟିକ) କୁଚିଣ୍ଡା ବିଡିଓଙ୍କ ସହ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ।

ତଦନ୍ତର ସ୍ୱଚ୍ଛତା ନେଇ ଅଭିଯୋଗକାରୀଙ୍କ ପକ୍ଷରୁ ପ୍ରଶ୍ନ ଉଠାଯିବା ପରେ ମଙ୍ଗଳବାର ଲୋକାୟୁକ୍ତ ସ୍ପେଶାଲ କୋର୍ଟର କ୍ଷେତ୍ର ତଦନ୍ତ ଅଧିକାରୀ ସୁନୀଲ ପଟ୍ଟନାୟକ ଅର୍ଡାବାହାଲ ପଞ୍ଚାୟତ ଗସ୍ତ କରି ତଦନ୍ତ କରିଥିଲେ। ତଦନ୍ତ ବେଳେ ନାଗଡିହି ଗାଁକୁ ୨୦୧୮-୧୯ରେ ଆମ ଗାଁ ଆମ ବିକାଶ ଯୋଜନାରେ ଏକ କମ୍ୟୁନିଟି ସେଣ୍ଟର ପାଇଁ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ଗ୍ରାମରେ ଜମି ଅଭାବରୁ ଗ୍ରମବାସୀ ଏହା ବସ୍‌ଷ୍ଟାଣ୍ଡ ଛକରେ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ନିର୍ମାଣ ପରେ ଏହା କମ୍ୟୁନିଟି ଗୃହ ସାଙ୍ଗକୁ ଯାତ୍ରୀ ପ୍ରତୀକ୍ଷାଳୟ ଭାବେ ବ୍ୟବହୃତ ହେଉଥିବା ଗ୍ରାମବାସୀ କହିଛନ୍ତି। ଯାତ୍ରୀ ପ୍ରତୀକ୍ଷାଳୟ ପାଇଁ ବ୍ଲକରୁ କୌଣସି ସରକାରୀ ଅନୁଦାନ ଆସି ନ ଥିବା ତଦନ୍ତ ବେଳେ ଲୋକାୟୁକ୍ତ ଅଧିକାରୀ ଜାଣିବାକୁ ପାଇଥିଲେ। ଏହାଛଡା ଲକ୍ଷ୍ମୀ କିସାନଙ୍କ ବାପା ବୁଧୁ କିସାନଙ୍କ ନାମରେ ଅନ୍ତ୍ୟୋଦୟ ଯୋଜନାରେ ଏକ କାର୍ଡ ରହିଥିଲା। ୨୦୧୯ ରେ ବାପାଙ୍କ ମୃତ୍ୟୁ ପରେ ଜତୀୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ମହିଳା ସଦସ୍ୟ ଭାବେ ଲକ୍ଷ୍ମୀଙ୍କ ନାମରେ ନୂତନ ରାଶନ ମିଳିଥିଲା। ମାତ୍ର ଲକ୍ଷ୍ମୀ ସରକାରୀ ଅନୁଷ୍ଠାନରେ କାର୍ଯ୍ୟ କରି ୨୦୨୧ରୁ ବର୍ଦ୍ଧିତ ଦରମା ୧୦ ହଜାରରୁ ଅଧିକ ପାଇବାରୁ ଅଭିଯୋଗ ପରେ ରାଶନ କାର୍ଡ ରଦ୍ଦ କରାଯାଇଥିବା ତଦନ୍ତରେ ଜଣାପଡିଛି। ଅନ୍ୟ ପକ୍ଷରେ ଅର୍ଡାବାହାଲ ବସ୍‌ଷ୍ଟାଣ୍ଡରେ କନକଲତା ମହାନନ୍ଦ ନାମ୍ନୀ ମହିଳା ଏକ ବଡ ଦୋକାନ କରି ମଧ ରାଶନ କାର୍ଡ ହାତେଇଥିବା ଅଭିଯୋଗର ତଦନ୍ତରେ ଅଧିକାରୀ ଜଣକ ପରିଦର୍ଶନ ବେଳେ ଦୋକାନରେ ୧୦ ହଜାର ଟଙ୍କାରୁ କମ ମୂଲ୍ୟର ସାମଗ୍ରୀ ଥିବା ଜାଣିବାକୁ ପାଇଥିଲେ ଓ ଦୈନିକ ୧୦୦/୨୦୦ଟଙ୍କା ବିକ୍ରି ହେଉଥିବା ପଚାରି ବୁଝିଥିଲେ। ତଦନ୍ତ ବେଳେ କୁଚିଣ୍ଡା ବିଡିଓ ନିରଞ୍ଜନ ସା, ଯୋଗାଣ ଅଧିକାରୀ ପ୍ରସନ୍ନ ଦେହୁରି, ସହକାରୀ ଯନ୍ତ୍ରୀ ଶ୍ୟାମସୁନ୍ଦର ମାଝି, କନିଷ୍ଠ ଯନ୍ତ୍ରୀ ରୁଦ୍ରପ୍ରତାପ ନାୟକ, ସରପଞ୍ଚ ସୁଲେଶରୀ ମାଝି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସନକ କୁମାର ଗଣିକ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗର ନେତୃତ୍ୱ ନେଇଥିବା ସମୀର ନାଏକଙ୍କୁ ଲୋକାୟୁକ୍ତଙ୍କ ପକ୍ଷରୁ ତଦନ୍ତ ବେଳେ ଉପସ୍ଥିତ ରହିବାକୁ ଚିଠି ହୋଇଥିଲେ ମଧ ସେ ଅନୁପସ୍ଥିତ ଥିବା ଦେଖି ବିଡିଓ ତାଙ୍କ ସହ ଫୋନରେ ଯୋଗାଯୋଗ କରିବାରେ ସେ ବାହାରେ ଥିବା କହି ଆସି ନ ଥିଲେ। ଏ ସମ୍ପର୍କରେ ତଦନ୍ତ ଅଧିକାରୀ ପଟ୍ଟନାୟକଙ୍କୁ ପଚାରିବାରେ ଅଭିଯୋଗର କୌଣସି ସତ୍ୟତା ନ ଥିବା କହି କେବଳ ଲକ୍ଷ୍ମୀଙ୍କ କ୍ଷେତ୍ରରେ ତାଙ୍କର ରାଶନକାର୍ଡ ରଦ୍ଦ ହୋଇଥିବା ଓ ପ୍ରଶାସନ ତାଙ୍କଠାରୁ ପାଇଥିବା ରାଶନ ଫେରସ୍ତ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା କହିଥିଲେ।


ତଦନ୍ତ କରୁଛନ୍ତି ଲୋକାୟୁକ୍ତ ଅଧିକାରୀ।

**ଖସିଲା ଶେୟାର ବଜାର**

**ମୁମ୍ବାଇ:** ସପ୍ତାହର ପ୍ରଥମ ଦିନ ଭଳି ୨ୟ କାରବାର ଦିବସରେ ଅର୍ଥାତ୍ ମଙ୍ଗଳବାର ମଧ ପୁଞ୍ଜିବଜାରରେ ସ୍ୱଳ୍ପ ହ୍ରାସ ଦେଖିବାକୁ ମିଳିଛି। ଦିନର ଟ୍ରେଡିଂ ସେସନରେ ସେନ୍‌ସେକ୍ସରେ ୨୩୬ (୦.୪୩%) ଏବଂ ନିଫ୍ଟିରେ ୮୯.୫୫ (୦.୫୫%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ବେଳକୁ ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୪,୦୫୩ ଏବଂ ୧୬,୧୨୫ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନର ଟପ୍ ଗେନର୍ସ ତାଲିକାରେ ଶିପ୍ଲା ମେଡିକେୟାର, ହିକଲ୍ ଲିମିଟେଡ୍, ବଜାଜ୍ ଇଲେକ୍ଟ୍ରିକାଲ୍ସ, ଟାନ୍‌ଲା ପ୍ଲାଟଫର୍ମ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ଇକ୍ୱିଟାସ୍ ସ୍ମଲ ଫାଇନାନ୍ସ ବ୍ୟାଙ୍କ, ରୁଟ୍ ମୋବାଇଲ, ଶ୍ରୀ ରେଡକା ସୁଗାର୍ସ, ଓ୍ୱେଲ୍‌ସ୍ପନ୍ ଇଣ୍ଡିଆ ରହିଛନ୍ତି। ମଙ୍ଗଳବାର ୧୦୦୫ ସଂଖ୍ୟକ ଶେୟାରରେ ବୃଦ୍ଧି ଏବଂ ୨୨୨୦ ଶେୟାରରେ ହ୍ରାସ ଦେଖିବାକୁ ମିଳିଥିଲା।

# ଚାଷୀଙ୍କ ପାଇଁ ତେଲଙ୍ଗାନା ସରକାରଙ୍କ ଅନନ୍ୟ ପଦକ୍ଷେପ

ନୂଆଦିଲ୍ଲୀ,୨୪।୫



ଦେଶର ପ୍ରଥମ ରାଜ୍ୟ ଭାବରେ ତେଲଙ୍ଗାନା ସରକାର 'ରାଇଟୁ ବନ୍ଧୁ' ଯୋଜନା ଜରିଆରେ ଫସଲ ପିଛା ୧୦,୦୦୦ ଟଙ୍କା ଫସଲ ଇନ୍‌ପୁଟ୍ ସହାୟତା ପ୍ରଦାନ କରୁଛନ୍ତି। ଗତ ୮ଟି ସିଜନ୍‌ରେ ତେଲଙ୍ଗାନା ସରକାର ଏହି ଯୋଜନା ମାଧ୍ୟମରେ ୬୩ ଲକ୍ଷ ଚାଷୀଙ୍କୁ ୫୦,୪୪୮ କୋଟି ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟର ଚାଷୀ ପରିବାରଗୁଡ଼ିକର ସହାୟତା ପାଇଁ ରାଇଟୁ ବନ୍ଧୁ ବୀମା ଯୋଜନା ମାଧ୍ୟମରେ ଚାଷୀର ଆକସ୍ମିକ ମୃତ୍ୟୁରେ ସରକାରଙ୍କ ଦ୍ୱାରା ୧୦୦% ପ୍ରିମିୟମ ପ୍ରଦାନ ଏବଂ ଏଲ୍‌ଆଇସି ଜରିଆରେ ମୃତ୍ୟୁର ୧୦ ଦିନ ମଧ୍ୟରେ ୫ଲକ୍ଷ ଟଙ୍କାର ଭରଣପୋଷଣ ଦାବି କରିହେବ। ବର୍ତ୍ତମାନ ସୁଦ୍ଧା ସରକାରୀ ବୀମା ଅର୍ଥ ୮୦,୬୦୦ ପୀଡ଼ିତ ଚାଷୀ ପରିବାର ନିକଟରେ ପହଞ୍ଚିସାରିଛି। ଏହାଛଡ଼ା ତେଲଙ୍ଗାନା ସରକାରଙ୍କ ପକ୍ଷରୁ ୩୫ ଲକ୍ଷ ଚାଷୀଙ୍କ ପାଇଁ ୨୨,୦୦୦ କୋଟି ଟଙ୍କାର ଋଣ ଛାଡ଼ କରାଯାଇଛି। ଏଥିସହିତ ଏକମାତ୍ର ରାଜ୍ୟ ଭାବରେ ତେଲଙ୍ଗାନା ସରକାର ଜଳକରକୁ ସ୍ଥାୟୀ ଭାବରେ ପ୍ରତ୍ୟାହୃତ କରିନେଇଛନ୍ତି। କୃଷକମାନେ ସମସ୍ତ ଜଳସେଚନ ପ୍ରକଳ୍ପରୁ ନିଜ ଜମି ପାଇଁ ମାଗଣାରେ ପାଣି ପାଇପାରୁଛନ୍ତି ଏବଂ କୃଷିକ୍ଷେତ୍ରକୁ ୨୪ ଘଣ୍ଟା ମାଗଣା ବିଦ୍ୟୁତ୍ ସେବା ଯୋଗାଣ କରାଯାଉଛି। ରାଜ୍ୟ ୨.୧୮ କୋଟି ଟନ୍ ଧାନ ଉତ୍ପାଦନ ସହିତ ଦେଶରେ ରେକର୍ଡ କରିପାରିଛି। ଫଳରେ ଗତ ୮ବର୍ଷରେ ତେଲଙ୍ଗାନାର କୃଷି ଉତ୍ପାଦନରେ ୮ଗୁଣ ବୃଦ୍ଧି ଘଟି ପଞ୍ଜାବ ସହିତ ସମାନ ହୋଇପାରିଛି। କପା ଉତ୍ପାଦନ କ୍ଷେତ୍ରରେ ମଧ୍ୟ ତେଲଙ୍ଗାନା ଶୀର୍ଷରେ ରହିଛି। ତେଲଙ୍ଗାନା ସରକାର ଚାଷରେ ଏହି ସମସ୍ତ ସୁବିଧା ପ୍ରଦାନ କରିବା ସହିତ ଗୋଦାମ ଷ୍ଟୋରେଜ୍ କ୍ଷମତା ୯.୯ ଲକ୍ଷ ଟନ୍‌ରୁ ୩୧.୯ ଲକ୍ଷ ଟନ୍‌କୁ ବୃଦ୍ଧି କରାଯାଇଛି। ଚାଷଜମିଗୁଡ଼ିକୁ ୨୬୦୧ କ୍ଲଷ୍ଟରରେ ଭାଗକରି ସେମାନଙ୍କ ସହାୟତା ପାଇଁ କୃଷି ସମ୍ପ୍ରସାରଣ ଅଧିକାରୀମାନଙ୍କୁ ନିଯୁକ୍ତ କରାଯାଇଛି।

## ଚିନି ରପ୍ତାନି ଉପରେ କଟକଣା ଲାଗିପାରେ

ନୂଆଦିଲ୍ଲୀ,୨୪।୫

ଗହମ ରପ୍ତାନି ଉପରେ କଟକଣା ଲଗାଇବା ପରେ ବର୍ତ୍ତମାନ ଭାରତ ସରକାର ଚିନି ଏକ୍ସପୋର୍ଟ ନେଇ ପ୍ରତିବନ୍ଧକ ଲଗାଇପାରନ୍ତି। ବିଶ୍ୱସ୍ତରରେ ଖାଦ୍ୟ ଦର ବୃଦ୍ଧିକୁ ନଜରରେ ରଖି ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇପାରେ ବୋଲି ଆଶଙ୍କା ରହିଛି। ଭାରତ ପକ୍ଷରୁ ନିଜ ଫୁଡ୍ ସପ୍ଲାଇ ସିକ୍ୟୁରିଟି ଅନୁସାରେ ଚିନି ରପ୍ତାନି ବନ୍ଦ କରି ଦିଆଯାଇପାରେ। ଜଣେ ସରକାରୀ ଅଧିକାରୀଙ୍କ ସୂଚନା ଅନୁସାରେ ସରକାର ସେପ୍ଟେମ୍ବରରେ ଶେଷ ହେବାକୁ ଥିବା ମାର୍କେଟିଂ ବର୍ଷ ପାଇଁ ଚିନି ରପ୍ତାନିକୁ ୧୦ ମିଲିୟନ ଟନ୍ କରିବାକୁ ଯୋଜନା ରଖିଛନ୍ତି। ଅକ୍ଟୋବରରେ ଆଗାମୀ ଚିନି ଉତ୍ପାଦନ ସିଜନ୍ ଆରମ୍ଭ ହେବା ପର୍ଯ୍ୟନ୍ତ ଭାରତୀୟ ବଜାରରେ ପର୍ଯ୍ୟାପ୍ତ ଚିନି ମହଜୁଦ ରଖିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଖବର ମୁତାବକ ଏନେଇ ଆଗାମୀ ଦିନରେ ଘୋଷଣା କରାଯାଇପାରେ। ସୂଚନାଯୋଗ୍ୟ, ତଥ୍ୟ ମୁତାବକ ଗତ ବର୍ଷ ବ୍ରାଜିଲ ପରେ ଭାରତ ବିଶ୍ୱ ସ୍ତରରେ ୨ୟ ଚିନି ରପ୍ତାନିକାରୀ ସ୍ଥାନରେ ରହିଛି।

## ଏଲ୍‌ଜିର ଓଏଲ୍‌ଇଡି ଟିଭିର ବଜାର ପ୍ରବେଶ



ନୂଆଦିଲ୍ଲୀ,୨୪।୫

ଦେଶର ଅଗ୍ରଣୀ କଞ୍ଜୁମର ଡ୍ୟୁରେବୁଲ୍ ବ୍ରାଣ୍ଡ ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ପକ୍ଷରୁ ମଙ୍ଗଳବାର ବହୁ ପ୍ରତୀକ୍ଷିତ ୨୦୨୨ ଓଏଲ୍‌ଇଡି ଟିଭିର ଲାଇନ ଅପ୍‌ର ଉପଲବ୍ଧତା ଘୋଷଣା କରାଯାଇଛି। ସିଇଏସ୍ ୨୦୨୨ରେ ଏହି ଟିଭି ଓଏଲ୍‌ଇଡି ଲାଇନ ଅପ୍ ମଧ୍ୟରେ ଉତ୍କୃଷ୍ଟ ପିକ୍‌ଚର କ୍ୱାଲିଟି, ଉତ୍ତମ ପ୍ରଦର୍ଶନ ଏବଂ ଆକର୍ଷକ ଡିଜାଇନର ବ୍ୟାପକ ଭାବରେ ପ୍ରଶଂସା କରାଯାଇଛି। ୨୦୨୨ ଏଲ୍‌ଇଡି ଲାଇନ ଅପ୍ ମଧ୍ୟରେ ସବୁଠାରୁ ବିସ୍ତୃତ ସିରିଜ୍ ଲଞ୍ଚ କରାଯାଇଛି। ଏହା ମଧ୍ୟରେ ୨୪୬ ସେଣ୍ଟିମିଟର ବିଶିଷ୍ଟ ଦୁନିଆର ସର୍ବବୃହତ୍ ଓଏଲ୍‌ଇଡି ଟେଲିଭିଜନଠାରୁ ଆରମ୍ଭକରି ୧୦୬ ସେଣ୍ଟିମିଟର ବିଶିଷ୍ଟ ବିଶ୍ୱର ପ୍ରଥମ ଓଏଲ୍‌ଇଡି ଟିଭି ସାମିଲ ଅଛନ୍ତି। ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆର ହୋମ୍ ଏଣ୍ଟରଟେନ୍‌ମେଣ୍ଟ ନିର୍ଦ୍ଦେଶକ ହକ୍ ହ୍ୟୁନ୍ କିମ୍ କହିଛନ୍ତି, ଚଳିତ ବର୍ଷ ଏଲ୍‌ଜି ଭାରତୀୟ ବଜାରରେ ୨୫ ବର୍ଷ ପୂରଣ କରିଛି। ଉପଭୋକ୍ତାଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମେ ପ୍ରଯୁକ୍ତିବିଦ୍ୟା ଏବଂ ଆବିଷ୍କାର ଉପରେ ଗୁରୁତ୍ୱ ଦେଇଥାଉ ଏବଂ ସେମାନଙ୍କୁ ଉତ୍କୃଷ୍ଟ ସେବା ପ୍ରଦାନ କରିବା ଦିଗରେ ସର୍ବଦା ପ୍ରତିବଦ୍ଧ ରହିଛୁ ବୋଲି କିମ୍ କହିଛନ୍ତି। ସୂଚନାଯୋଗ୍ୟ, ଏଲ୍‌ଜିର ଓଏଲ୍‌ଇଡି ଟିଭିଗୁଡ଼ିକର ଦର ୮୯,୯୯୦ ଟଙ୍କାରୁ ଆରମ୍ଭ ହୋଇ ୭୫,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।

## ଅଶୋଧିତ ତୈଳ ଉତ୍ପାଦନ ହ୍ରାସ

ନୂଆଦିଲ୍ଲୀ,୨୪।୫

ଗତ ମାସ ଅର୍ଥାତ୍ ଏପ୍ରିଲରେ ଅଶୋଧିତ ତୈଳ ଉତ୍ପାଦନରେ ହ୍ରାସ ଘଟିଛି। ତଥ୍ୟ ଅନୁସାରେ ଏପ୍ରିଲ ମାସରେ ଦେଶର ମୋଟ୍ ଅଶୋଧିତ ତୈଳ ଉତ୍ପାଦନ ୨.୪୭ ମିଲିୟନ ଟନ୍ ରହିଛି। ପୂର୍ବ ବର୍ଷ ଏପ୍ରିଲରେ ଏହି ଉତ୍ପାଦନ ୨.୫ ମିଲିୟନ୍ ଟନ୍ ରହିଥିଲା। ତେବେ ସରକାରୀ କ୍ଷେତ୍ରର କମ୍ପାନୀଗୁଡ଼ିକରେ ଅଶୋଧିତ ତୈଳ ଉତ୍ପାଦନ ବୃଦ୍ଧି ହୋଇଥିବା ବେଳେ ଘରୋଇ କ୍ଷେତ୍ରରେ ଏଥିରେ ୭.୫% ହ୍ରାସ ଘଟିଥିବା ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ପ୍ରାକୃତିକ ଗ୍ୟାସ୍ ଉତ୍ପାଦନରେ ବୃଦ୍ଧି ଦେଖିବାକୁ ମିଳିଛି। ତଥ୍ୟ ଅନୁସାରେ ଏପ୍ରିଲରେ ସରକାରୀ ତୈଳ ଉତ୍ପାଦନ କମ୍ପାନୀ ଓଏନ୍‌ଜିସି ୧୬.୫ ଲକ୍ଷ ଟନ୍ ଅଶୋଧିତ ତୈଳ ଉତ୍ପାଦନ କରିଥିଲା। ଏହା ଏପ୍ରିଲ ମାସ ପାଇଁ କମ୍ପାନୀ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ୫% ଅଧିକ ରହିଛି। ଅଏଲ୍ ଇଣ୍ଡିଆ ମଧ୍ୟ ପୂର୍ବ ବର୍ଷ ଅପେକ୍ଷା ୩.୬% ଅଧିକ ଅର୍ଥାତ୍ ୨,୫୧,୪୬୦ ଲକ୍ଷ ଟନ୍ ତୈଳ ଉତ୍ପାଦନ କରିଥିଲା। ତେବେ ଘରୋଇ କ୍ଷେତ୍ରରୁ ୫,୬୭,୫୬୦ ଟନ୍ ତୈଳ ଉତ୍ପାଦିତ ହୋଇଛି। ପୂର୍ବ ବର୍ଷ ତୁଳନାରେ ଏଥିରେ ୭.୫% ହ୍ରାସ ଘଟିଥିବା ମନ୍ତ୍ରଣାଳୟ ତଥ୍ୟରୁ ଜଣାଯାଇଛି।

## ଖାଇବା ତେଲରୁ ଶୁଳ୍କ ହ୍ରାସ ହୋଇପାରେ

**ନୂଆଦିଲ୍ଲୀ,୨୪।୫:** ଭାରତ ସରକାର ସୋୟାବିନ୍ ଏବଂ ସୂର୍ଯ୍ୟମୁଖୀ ତେଲର ଆମଦାନୀ ଟ୍ୟାକ୍ସ ହ୍ରାସ କରିବା ନେଇ ବିଚାର କରୁଛନ୍ତି। ବ୍ଲୁମ୍‌ବର୍ଗ ତଥ୍ୟ ଅନୁସାରେ କୃଷି ଭିତ୍ତିଭୂମି ଏବଂ ଡେଭେଲପ୍‌ମେଣ୍ଟ ସେସ୍ (୫%)କୁ ସମାପ୍ତ କରିବା ସମ୍ପର୍କରେ ସରକାର ବିଚାର କରୁଛନ୍ତି। ତେବେ ଚଳିତ ସପ୍ତାହ ଶେଷ ସୁଦ୍ଧା ଏନେଇ ଅନ୍ତିମ ନିର୍ଣ୍ଣୟ ନିଆଯିବ ବୋଲି ତଥ୍ୟରୁ ଜଣାଯାଇଛି। ତେବେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏନେଇ କୌଣସି ବୟାନ ଦିଆଯାଇନାହିଁ। ସରକାରଙ୍କ ପକ୍ଷରୁ ଅତିରିକ୍ତ ଟିକସର ବ୍ୟବହାର ଜମିବାଡ଼ି ସହ ଜଡ଼ିତ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଅର୍ଥ ଆଦାୟ ଲାଗି କରାଯାଇଥାଏ।

## ମେ ୩୦ରୁ ଜୀ ସାର୍ଥକରେ ନୂଆ ମେଗା ସିରିୟଲ 'ସୁନାଝିଅ'

କଟକ,୨୪।୫




ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ (ଟିଭି) ଜୀ ସାର୍ଥକରେ ଆଉ ଏକ ଭିନ୍ନ ଧରଣର ନୂଆ ସିରିୟଲ ଚଳିତ ମାସ ୩୦ରୁ ଆରମ୍ଭ ହେବାକୁ ଯାଉଛି, ଯାହାର ନାଁ ରହିଛି 'ସୁନାଝିଅ'। ଏହି ଧାରାବାହିକ ପ୍ରତ୍ୟେକ ଦିନ ସନ୍ଧ୍ୟା ୭ଟା ୩୦ରେ ପ୍ରସାରିତ ହେବ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି। ଏଥିରେ ଏକ ଓଡ଼ିଆ ଘରର ନିଛକ କାହାଣୀକୁ ସ୍ଥାନ ଦିଆଯାଇଛି। ବିଶେଷ କରି ଗୋଟିଏ ମା'ର ସୁରକ୍ଷା ଓ ସମ୍ମାନ ପାଇଁ କିଭଳି ଜଣେ ଝିଅ ନିଜକୁ ପ୍ରସ୍ତୁତ କରିଛି, ତା'ର ଝଲକ ଏହି ମେଗା ଧାରାବାହିକରେ ଦେଖିବାକୁ ମିଳିବ। ସେହିପରି ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇ ମଧ୍ୟ ତା'ର କଠିନ ପରିଶ୍ରମ ବଳରେ ଝିଅଟିଏ ନିଜ ସ୍ୱପ୍ନ ପୂରଣ କରିବା ସହ ଗୃହିଣୀ ମାଆ ଓ ସମାଜ ପାଇଁ ସୁନାଝିଅ ହେବା ଛୋଟିଆ କଥା ନୁହେଁ, ଯାହା କରିବାକୁ ଚେଷ୍ଟା କରିଛି ଝିଅଟିଏ। ପ୍ରକୃତରେ ଝିଅଟି 'ସୁନାଝିଅ' ହୋଇପାରୁଛି କି ନାହିଁ ତାହା ହିଁ ଏଥିରେ ଦେଖିବାକୁ ମିଳିବ। ଉକ୍ତ ଧାରାବାହିକରେ ବରିଷ୍ଠ କଳାକାର ଅର୍ପିତା କର ମା' ଭୂମିକାରେ ଥିଲାବେଳେ ଝିଅ ଭୂମିକାରେ ନଜର ଆସିବେ ୨୦୨୨ ରଜ କୁଇନ୍‌ର ପ୍ରତିଯୋଗୀ ଅଙ୍କିତା। ଅପରପକ୍ଷରେ ଯୁବ ଅଭିନେତା ତଥା ମଡେଲ ମାନସଙ୍କୁ ମଧ୍ୟ ଏଥିରେ ଭିନ୍ନ ଏକ ଭୂମିକାରେ ଦେଖିବାକୁ ମିଳିବ ବୋଲି ଜୀ ସାର୍ଥକ ପକ୍ଷରୁ ସୂଚନା ଦିଆଯାଇଛି।

ସେହିଭଳି ଓଡ଼ିଆ ଦର୍ଶକଙ୍କୁ ପୂର୍ବରୁ ଅନେକ ମେଗା ସିରିୟଲ ଜୀ ସାର୍ଥକ ଭେଟି ଦେଇଛି। ଏବେ ପୁଣି ଆସନ୍ତା ୩୦ରୁ ପ୍ରତ୍ୟେକ ଦିନ ସନ୍ଧ୍ୟା ୭ଟା ୩୦ରେ 'ସୁନାଝିଅ' ପ୍ରସାରିତ ହେବାକୁ ଥିବାବେଳେ ଏହି ନୂଆ ମେଗା ଧାରାବାହିକ ପୁଣିଥରେ ଟେଲି ଦୁନିଆରେ ଲୋକପ୍ରିୟ ହୋଇପାରିବ ବୋଲି ଚ୍ୟାନେଲ କର୍ତ୍ତୃପକ୍ଷ ଆଶାବ୍ୟକ୍ତ କରିଛନ୍ତି।

## ବିଓଆଇର ନେଟ୍ ଲାଭ ୧୪୨% ବୃଦ୍ଧି

**ଭୁବନେଶ୍ୱର,୨୪।୫:** ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ର ୨୦୨୧-୨୨ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଆର୍ଥିକ ଫଳାଫଳରେ ୬୦୬ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ ସହ ବ୍ୟାଙ୍କର ନେଟ୍ ଲାଭ ପୂର୍ବ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ତୁଳନାରେ ୧୪୨.୩୧% ଅଭିବୃଦ୍ଧି ଘଟିଛି। ସେହିଭଳି ରିଟର୍ନ ଅନ୍ ଆସେଟ (ଆର୍‌ଓଏ) ୧୭ ବିପିଏସ୍ ହାରରେ ୦.୩୦% ବୃଦ୍ଧି ପାଇଥିବା ବେଳେ ରିଟର୍ନ ଅନ୍ ଇକ୍ୟୁଟି (ଆର୍‌ଓଇ) ୨୬୭ ବିପିଏସ୍ ହାରରେ ୬.୬୪ % ବୃଦ୍ଧି ପାଇଛି। ବ୍ୟାଙ୍କର ସିଆର୍‌ଏଆର୍ ସିଇଟି-୧ ଅନୁପାତ ୧୭.୦୪ % ଏବଂ ୧୪.୦୨% ରହିଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ୧୦୧ ବିପିଏସ୍ ହ୍ରାସ ପାଇ ୨.୩୪%ରେ ପହଞ୍ଚିଛି। ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍) ୮୭.୬୭%ରେ ପହଞ୍ଚିଛି। ବ୍ୟାଙ୍କର କାସା ଡିପୋଜିଟ୍ ପୂର୍ବ ବର୍ଷ ୪୧.୨୭% ରହିଥିବା ବେଳେ ଗତ ଆର୍ଥିକ ବର୍ଷ ୨୦୨୧-୨୨ ଏହା ୪୫.୦୨%କୁ ବୃଦ୍ଧି ପାଇଛି। ବ୍ୟାଙ୍କର ମୋଟ୍ ସୁଧ ଆୟ ପୂର୍ବ ଆର୍ଥିକ ବର୍ଷ ୧୪,୨୬୯ କୋଟି ଥିବା ବେଳେ ଏହା ଚଳିତ ଆର୍ଥିକ ବର୍ଷ ୨୦୨୧-୨୨ରେ ୧୪,୦୬୨ କୋଟିରେ ପହଞ୍ଚିଛି। ବ୍ୟାଙ୍କର ଅଣ ସୁଧ ଆୟ ପୂର୍ବ ଆର୍ଥିକ ବର୍ଷରେ ୬,୮୪୨କୋଟି ଟଙ୍କା ରହିଥିବା ବେଳେ ଏହା ୧୫.୧୫% ଅଭିବୃଦ୍ଧି ହାରରେ ୭,୮୭୯ କୋଟି ଟଙ୍କାରେ ପହଞ୍ଚିଛି।

## କଟକରେ ସୁପ୍ରିମ ୨.୦ର ଉଦ୍‌ଘାଟନୀ ଉତ୍ସବ



କଟକ,୨୪।୫

ଦେଶର ପ୍ରମୁଖ ପ୍ଲାଷ୍ଟିକ ଗୃହୋପଯୋଗୀ ସାମଗ୍ରୀ ନିର୍ମାତା 'ସୁପ୍ରିମ' ପକ୍ଷରୁ ଓଡ଼ିଶାରେ ଗତ ୨ଦିନରେ ୨ଟି ପ୍ରିମିୟମ ଶୋ'ରୁମ୍ ବା କମ୍ପାନୀର ୨.୦ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ସୁପ୍ରିମ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଏସ୍‌ଆଇଏଲ୍)ର ବରିଷ୍ଠ ସାଧାରଣ ପରିଚାଳକ ମୁକେଶ କୌଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପ୍ରିମର ରାଜ୍ୟ ମୁଖ୍ୟ ତ୍ରିନାଥ ମହାନ୍ତି, ସିନିୟର ଏକ୍‌ଜିକ୍ୟୁଟିଭ ସାଇଶେଖର ମହାନ୍ତି, ଭେନସ୍ ଫର୍ନିଚରର ସ୍ୱତ୍ୱାଧିକାରୀ ବାଣୀ ସେଠି ହରିନାରାୟଣଙ୍କ ସମେତ ବିନୋଦ ପାତ୍ର, କାଳିପ୍ରସାଦ ବେହେରା, ବାନାମ୍ବର ଶତପଥୀ, ତୁଷାରକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ହେଉଛି କମ୍ପାନୀର ଏକ ପ୍ରମୁଖ ବଜାର। ଏହି ପରିପ୍ରେକ୍ଷୀରେ କମ୍ପାନୀ ତା'ର ପ୍ରିମିୟମ ବର୍ଗର ୨ଟି ଶୋ'ରୁମ୍ ସିଲିଭର ସିଟି କଟକରେ ଖୋଲି ବେଶ୍ ଖୁସି ଅଛି। ଏପରିକି ଆଗାମୀ ଦିନରେ ଭୁବନେଶ୍ୱର , କୋରାପୁଟ, ଢେଙ୍କାନାଳ ଓ ସମ୍ବଲପୁର ଭଳି ସହରରେ ମଧ୍ୟ ଖୋଲିବା ଯୋଜନା ରହିଛି ବୋଲି ମୁକେଶ କହିଛନ୍ତି। ସେହିଭଳି କମ୍ପାନୀର ସମସ୍ତ ପ୍ରିମିୟମ ବ୍ରାଣ୍ଡ ଏଠାରେ ଡିସ୍‌ପ୍ଲେ କରିବା ସହ ଅତ୍ୟାଧୁନିକ ପ୍ରଣାଳୀରେ ଶୋ'ରୁମ୍‌ର ସାଜସଜ୍ଜା ଗ୍ରାହକଙ୍କୁ ଆକର୍ଷଣ କରିବ। ଏପରିକି କମ୍ପାନୀର ସମସ୍ତ ପ୍ରଡକ୍ଟ ଗ୍ରାହକଙ୍କ ପସନ୍ଦ ଆସିବ ବୋଲି ମୁକେଶ ମତବ୍ୟକ୍ତ କରିଛନ୍ତି।

ଅପରପକ୍ଷରେ ସୋମବାର କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ପଏଣ୍ଟ 'ଭିନ୍‌ଟେଜ ଫର୍ନିଚର'(କମ୍ପାନୀର ୫୩ତମ ଏକ୍ସକ୍ଲୁସିଭ ଷ୍ଟୋର)ର ଉଦ୍‌ଘାଟନ ହୋଇଯାଇଥିବା ବେଳେ ମଙ୍ଗଳବାର ମଧ୍ୟ ସ୍ଥାନୀୟ ବକ୍ସିବଜାରସ୍ଥିତ ଭେନସ୍ ଫର୍ନିଚର (କମ୍ପାନୀର ୫୪ତମ ଏକ୍ସକ୍ଲୁସିଭ ଷ୍ଟୋର) ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ମହା ଆଡ଼ମ୍ବରରେ ଶେଷ ହୋଇଯାଇଛି।

# ଫୁରସତ୍

## ମହାସାଗର ଶଯ୍ୟାରେ 'ସୁଗର ମାଉଣ୍ଟେନ୍'



**ନୂଆଦିଲ୍ଲୀ:** ମାକ୍ସ ପ୍ଲାଙ୍କ୍ ଇନ୍‌ଷ୍ଟିଚ୍ୟୁଟର ମେରାଇନ୍ ମାଇକ୍ରୋବାୟୋଲଜିର ବୈଜ୍ଞାନିକମାନେ ମହାସମୁଦ୍ର ଘାସ ତଳୁ ଚିନିର ଖୋଜ୍ କରିଛନ୍ତି। ବିଶେଷଜ୍ଞଙ୍କ ମତରେ ସମୁଦ୍ର ଭିତରେ ଥିବା ଘାସ ବହୁଳମାତ୍ରାରେ କାର୍ବନ ବା ଅଙ୍ଗାରକାମ୍ଳ ଗ୍ରହଣ କରିଥାଏ। ସ୍ଥଳଭାଗରେ ଥିବା ଜଙ୍ଗଲ ତୁଳନାରେ ମହାସମୁଦ୍ରର ୧ ସ୍କୋୟାର କିଲୋମିଟର ସମୁଦ୍ର ଘାସ ୩୫ ପ୍ରତିଶତ ଅଧିକ କାର୍ବନ ସମୁଦ୍ର ଜଳରାଶିରୁ ଶୋଷି ନେଇଥାଏ। ବୈଜ୍ଞାନିକମାନେ ଯେତେବେଳେ ସମୁଦ୍ର ଶଯ୍ୟାରେ ଥିବା ଘାସକୁ ଆକଳନ କରିଥିଲେ ତେବେ, ତା'ଠାରୁ ପ୍ରଚୁର ପରିମାଣର ଚିନିଥିବା ସେମାନେ କହିଛନ୍ତି। ସମଗ୍ର ବିଶ୍ୱରେ ଥିବା ସମୁଦ୍ରକୁ ଯଦି ଆକଳନ କରାଯାଏ ତେବେ ୦.୬ରୁ ୧.୩ ବିଲିୟନ୍ ଟନ୍ ଚିନି ସମୁଦ୍ରରୁ ମିଳିବ ବୋଲି ଚିନି ସନ୍ଧାନ ପାଇଥିବା ବୈଜ୍ଞାନିକ ଦଳର ମୁଖ୍ୟ ମାନୁଏଲ ଲିବେକେ କହିଛନ୍ତି। ତେବେ ଏହା ୩୨ ବିଲିୟନ୍ କେନ୍ସ କୋକାକୋଲା ପରିମାଣ ସହ ସମାନ ହେବାର ସମ୍ଭାବନା ରହିଛି। ସେହିପରି ପୂର୍ବଦିନଗୁଡ଼ିକ ତୁଳନାରେ ବର୍ତ୍ତମାନ ସମୁଦ୍ରରେ ୮୦% ଅଧିକ ଚିନି ମହଜୁଦ ଥିବା କୁହାଯାଉଛି। ସମୁଦ୍ର ଶଯ୍ୟାରେ ଥିବା ଘାସ ତଳେ ପ୍ରଚୁର ପରିମାଣରେ ସୁକ୍ରୋଜ୍ ମଧ୍ୟ ଜମା ହୋଇ ରହିଛି, ଯାହା ଫଳରେ ଜଳରାଶିରୁ ଘାସ ଗ୍ରହଣ କରୁଥିବା ଅଙ୍ଗାକାମ୍ଳର ପରିମାଣ କମୁଥିବା ବିଶେଷଜ୍ଞ କହିଛନ୍ତି। ବିଶ୍ୱରେ ପ୍ରତିଦିନ ୧.୫୪ ମିଲିୟନ୍ ଟନ୍ କାର୍ବନ୍ ଡାଇଅକ୍ସାଇଡ୍ ନିର୍ଗତ ହେଉଛି। ସମାନ ପରିମାଣର କାର୍ବନ ଅକ୍ସାଇଡ୍ ପ୍ରତିବର୍ଷ ୩,୩୦,୦୦୦ କାର୍‌ରୁ ନିର୍ଗତ ହୋଇଥାଏ।

## 'ମାଉଥ୍ ଟୁ ହେଲ୍'

**ମସ୍କୋ:** ସାଇବେରିଆର ବାଟାଗୋଇକା ଗର୍ତ୍ତର ଗଭୀରତା ଏବଂ ଲମ୍ବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଠାରେ ବାସ କରୁଥିବା ଯାକୁବ ସମ୍ପ୍ରଦାୟର ଲୋକଙ୍କ ବିଶ୍ୱାସ ଯେ, ଏହି ଗର୍ତ୍ତ ମାଉଥ୍ ଟୁ ହେଲ୍ (ନର୍କର ପ୍ରବେଶ ଦ୍ୱାର) କିମ୍ବା ଭୂତଳକୁ ରାସ୍ତା। ପ୍ରତିବର୍ଷ ୨୦ରୁ ୩୦ ମିଟର ବୃଦ୍ଧି ପାଇବାରେ ଲାଗିଛି ଏହି ଗର୍ତ୍ତ। ବର୍ତ୍ତମାନ ଏହି ଗର୍ତ୍ତର ଗଭୀରତା ୨୮୨ ଫୁଟ୍ ରହିଛି। ୧୯୮୦ରୁ ଏହାର ସନ୍ଧାନ ବିଶେଷଜ୍ଞମାନଙ୍କୁ ମିଳିଥିଲା। ଏହାର ଆକାର ପ୍ରତିବର୍ଷ ବୃଦ୍ଧି ପାଇବାରେ ଲାଗିଛି। ତେବେ ଏହି ବାଟାଗୋଇକା ଗର୍ତ୍ତ ୬,୫୦,୦୦୦ ବର୍ଷ ପୁରୁଣା ବୋଲି ବିଶେଷଜ୍ଞଗଣ ଅନୁମାନ କରିଛନ୍ତି। ଜଙ୍ଗଲର କିଛି ଅଂଶ କାଟି ପଦା କରିବା ପରେ ପରମାଫ୍ରୋଷ୍ଟ (ମାଟି, ଗୋଡି ଓ ବାଲିମିଶ୍ରିତ ଭାବେ ରହିଥିବାବେଳେ ଏହାର ତାପମାତ୍ରା ଶୂନ୍ୟ ଡିଗ୍ରୀ ସେଲ୍‌ସିୟସ୍‌ରୁ ମଧ୍ୟ କମ୍ ରହିଥାଏ)ରେ ସୂର୍ଯ୍ୟ କିରଣ ପଡ଼ିବା ପରେ ଭୂଇଁ ଧୀରେ ଧୀରେ ତଳକୁ ଦବିବା ଆରମ୍ଭ କରିଥିବା କୁହାଯାଇଛି।

## ଅଭିନେତ୍ରୀରୁ ଉଦ୍ୟୋଗୀ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କ୍ରିତି ସନୋନ ଉଦ୍ୟୋଗୀ ଭାବେ ନିଜର ନୂଆ ଯାତ୍ରା ଆରମ୍ଭ କରିଛନ୍ତି। କ୍ରିତି 'ଟ୍ରାଇବ୍' ନାମରେ ନିଜର ଏକ ଫିଟ୍‌ନେଶ୍ ଆସେସରିଜ୍ ବ୍ରାଣ୍ଡ ଲଞ୍ଚ କରିଛନ୍ତି। ଏ ନେଇ ସୋସିଆଲ ମିଡିଆରେ ସେ ଏକ ପୋଷ୍ଟ ଶେୟାର କରିଛନ୍ତି। ଫିଲ୍ମ ଜଗତରେ କ୍ରିତିଙ୍କ ଯାତ୍ରାକୁ ଆଜି ଆଠ ବର୍ଷ ପୂରିଥିବାବେଳେ ଆଜିର ଦିନରେ ଉଦ୍ୟୋଗୀ ଭାବେ ନିଜ ଯାତ୍ରା ଆରମ୍ଭ କରିଥିବା ସେ କହିଛନ୍ତି। କ୍ରିତିଙ୍କ ସହ ଅନୁଷ୍କା ନନାନୀ, କରନ ସନି ଏବଂ ରୋବିନ ବେହଲ 'ଟ୍ରାଇବ୍'ର କୋ-ଫାଉଣ୍ଡର ଅଛନ୍ତି। ଜଣେ ଅଭିନେତ୍ରୀ ଭାବେ ଦର୍ଶକଙ୍କ ଭଲପାଇବା ମିଳିଥିବାବେଳେ ଜଣେ ଉଦ୍ୟୋଗୀ ଭାବେ ମଧ୍ୟ ଲୋକ ତାଙ୍କୁ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

## ଖାପାଙ୍ଗି ବିଶ୍ୱର ସବୁଠାରୁ କମ୍ ଉଚ୍ଚତା ବିଶିଷ୍ଟ କିଶୋର



**କାଠମାଣ୍ଡୁ:** ବିଶ୍ୱର ସବୁଠାରୁ କମ୍ ଉଚ୍ଚତା ଶ୍ରେଣୀରେ ନେପାଳର ଡୋର ବାହାଦୁର ଖାପାଙ୍ଗିଙ୍କ ନାମ ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ବର୍ତ୍ତମାନ ଖାପାଙ୍ଗି ପାଲଟିଛନ୍ତି ବିଶ୍ୱର ସବୁଠାରୁ କମ୍ ଉଚ୍ଚତା କିଶୋର। ୨ ଫୁଟ ୪.୯ ଇଞ୍ଚ ତାଙ୍କ ଉଚ୍ଚତା ହୋଇଥିବାବେଳେ ୨୦୦୪ ନଭେମ୍ବର ୧୪ ତାରିଖରେ ସେ ଜନ୍ମ ହୋଇଥିଲେ। ନେପାଳର ଟୁରିଷ୍ଟ ବୋର୍ଡ ପକ୍ଷରୁ ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ବୋର୍ଡର ସିଇଓ ଧନଞ୍ଜୟ ରେଗ୍‌ମି ଖାପାଙ୍ଗିଙ୍କୁ ଗିନିଜ୍ ୱାର୍ଲ୍ଡ ରେକର୍ଡର ପ୍ରମାଣପତ୍ର ପ୍ରଦାନ କରିଛନ୍ତି।

## କୁକୁର ପରି ଦେଖାଯିବା ପାଇଁ ୧୨ ଲକ୍ଷର କଷ୍ଟ୍ୟୁମ୍



ଟୋକିଓ: ଆଜିକାଲିର ଆଧୁନିକ ଯୁଗରେ ଲୋକଙ୍କ ରୁଚି ବଦଳିବାରେ ଲାଗିଛି। କିଛି ଲୋକ ନିଜ ରୂପକୁ ନେଇ ଖୁସି ନ ଥିବାବେଳେ ପ୍ଲାଷ୍ଟିକ୍ ସର୍ଜରି ଦ୍ୱାରା ଆକାର ବଦଳାଉଛନ୍ତି। ସେହିପରି ଆଉକିଛି ଲୋକ ନିଜ ପ୍ରିୟ କଳାକାରଙ୍କ ପରି ଦେଖିବାକୁ ଚାହାନ୍ତି। ଦୁନିଆରେ ଏମିତି କିଛି ଲୋକ ରହିଛନ୍ତି ଯେଉଁମାନଙ୍କ ଚିନ୍ତାଧାରା ସାଧାରଣ ଲୋକଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଜାପାନର ଜଣେ ବ୍ୟକ୍ତିଙ୍କ ପ୍ରିୟ ପଶୁ ହେଉଛି କୁକୁର। ତେବେ ଏହି ବ୍ୟକ୍ତି ଜଣଙ୍କ କୁକୁର ପରି ଦେଖାଯିବା ପାଇଁ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଖବର ଏବେ ଚର୍ଚ୍ଚା ଧରିଛି। କୁକୁର ପରି ଦେଖାଯିବା ପାଇଁ ସେ ପ୍ରଫେଶନାଲଙ୍କ ସହାୟତାରେ ଏକ ଅଲଟ୍ରା ରିୟଲିଷ୍ଟିକ୍ ଡଗ୍ କଷ୍ଟ୍ୟୁମ୍ ଡିଜାଇନ୍ କରିଛନ୍ତି, ଯାହାକୁ ପିନ୍ଧିବା ପରେ ସେ ଅବିକଳ ଏକ କୁକୁର ପରି ଦେଖାଯାଉଛନ୍ତି। ଏ ନେଇ ବ୍ୟକ୍ତି ଜଣଙ୍କ ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ଏକ ଭିଡିଓ ଜାରି କରିଛନ୍ତି।

**ସିବିଆଇ ତଦନ୍ତ ହେଲେ ସମସ୍ତେ ବନ୍ଧା ହେବେ: ବିଜୟ**

ଭୁବନେଶ୍ୱର,(ବ୍ୟୁରୋ): ଏଏସଆଇ(ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ) ଡିଜି ହେଉଛନ୍ତି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅନ୍ତର୍ଗତ ଚାଲିଥିବା ବେଆଇନ ନିର୍ମାଣ କାମର ପ୍ରଥମ ଅଭିଯୁକ୍ତ। ଏଏସଆଇ ଡିଜି କଣ୍ଡିସନାଲ ଅନୁମତି ପ୍ରଦାନ କରି ପ୍ରଥମ ଭୁଲ୍ କରିଛନ୍ତି। ଜିଲା ପ୍ରଶାସନ ଶ୍ରୀମନ୍ଦିର ପ୍ରତି ସବୁଠାରୁ ଅଧିକ ଦାୟିତ୍ୱହୀନ ହୋଇ କାମ ଚଳାଉଛି। ସିବିଆଇ ତଦନ୍ତ କରାଗଲେ ଏ ସମସ୍ତେ ବନ୍ଧା ହେବେ ବୋଲି ମଙ୍ଗଳବାର ଭାଜପା ବରିଷ୍ଠ ନେତା ବିଜୟ ମହାପାତ୍ର କହିଛନ୍ତି।

# ୩୧ ଯାଏ ନାମାଙ୍କନ ଦାଖଲ

**ରାଜ୍ୟ ସଭା ନିର୍ବାଚନ ବିଜ୍ଞପ୍ତି**
- ୩ରେ ପ୍ରତ୍ୟାହାର
- ଜୁନ୍ ୧୦ରେ ଭୋଟ
- ସଂଖ୍ୟାରେ ବିଜେଡି ଆଗରେ

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ଆସନ୍ତା ଜୁନ୍ ୧୦ରେ ଓଡ଼ିଶାରେ ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବ। ଏଥିସହ ଗୋଟିଏ ଆସନ ଲାଗି ଜୁନ୍ ୧୩ରେ ଉପନିର୍ବାଚନ ହେବ। ଏଥିପାଇଁ ମଙ୍ଗଳବାର ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମେ ୨୪ରୁ ୩୧ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଛୁଟିଦିନ ବ୍ୟତୀତ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ବିଧାନସଭା ସଚିବାଳୟର ସମ୍ମିଳନୀ କକ୍ଷରେ ନାମାଙ୍କନପତ୍ର ଦାଖଲ କରିପାରିବେ। ଜୁନ୍ ୧ରେ ପ୍ରାର୍ଥିପତ୍ର ଯାଞ୍ଚ ଏବଂ ଜୁନ୍ ୩ ତାରିଖ ଅପରାହ୍ନ ୩ଟା ମଧ୍ୟରେ ପ୍ରତ୍ୟାହାରର ଶେଷ ଦିନ ଧାର୍ଯ୍ୟ କରାଯାଇଛି। ଜୁନ୍ ୧୦ରେ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଧାନସଭା ସଚିବାଳୟର ୫୪ ନମ୍ବର ପ୍ରକୋଷ୍ଠରେ ଭୋଟ ଗ୍ରହଣ କରାଯିବ। ଜୁନ୍ ୧୩ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ପ୍ରଥମ ଦିବସରେ କେହି ନାମାଙ୍କନପତ୍ର ଦାଖଲ କରି ନ ଥିବା ଜଣାପଡ଼ିଛି।

ଉପନିର୍ବାଚନ ପାଇଁ ମେ ୨୭ରୁ ପ୍ରାର୍ଥୀପତ୍ର ଦାଖଲ ହୋଇ ଜୁନ୍ ୨ ପର୍ଯ୍ୟନ୍ତ ଚାଲିବ। ଜୁନ୍ ୧୩ରେ ହେବ ଉପନିର୍ବାଚନ। ପ୍ରସନ୍ନ ଆଚାର୍ଯ୍ୟ, ଏନ୍. ଭାସ୍କର ରାଓ ଏବଂ ସସ୍ମିତ ପାତ୍ରଙ୍କର ରାଜ୍ୟ ସଭା କାର୍ଯ୍ୟକାଳ ଆସନ୍ତା ଜୁଲାଇ ୧ ତାରିଖରେ ଶେଷ ହେଉଛି। ୩ଟି ଆସନରେ ନିର୍ବାଚନ ହେବାକୁ ଥିବାବେଳେ ସୁଭାଷ ସିଂ ରାଜ୍ୟ ସଭାରୁ ଇସ୍ତଫା ଦେଉଥିବାରୁ ଗୋଟିଏ ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ୪ଟି ଯାକ ଆସନ ବିଜେଡି ଖାତାକୁ ଯିବା ଏକପ୍ରକାର ନିଶ୍ଚିତ ହୋଇଛି। ଦୁଇ ବିରୋଧୀ ଦଳ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଦେବେ ନାହିଁ ବୋଲି ପୂର୍ବରୁ ସଙ୍କେତ ଦେଇ ସାରିଛନ୍ତି।

# ୩ କମିଟି ଗଠନ କଲା କଂଗ୍ରେସ

**୨୦୨୪ ନିର୍ବାଚନ ପାଇଁ ରଣନୀତି**

ନୂଆଦିଲ୍ଲୀ,୨୪।୫

୨୦୨୪ ଲୋକ ସଭା ନିର୍ବାଚନ ପାଇଁ ପୂର୍ବ ପ୍ରସ୍ତୁତି ନିମନ୍ତେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ୩ଟି କମିଟି ଗଠନ କରେଇ ଘୋଷଣା କରିଛନ୍ତି। ଏକ ୮ ଜଣିଆ ରାଜନୈତିକ ବ୍ୟାପାର କମିଟି ସାଙ୍ଗକୁ ଟାସ୍କ ଫୋର୍ସ ଗଠନ କରାଯାଇଛି। ଦଳର ଅସନ୍ତୁଷ୍ଟ ୨୩ ନେତା (ଜି-୨୩)ଙ୍କୁ ଦଳର ସାଂଗଠନିକ ସଂସ୍କାର ଦାୟିତ୍ୱ ଦିଆଯିବା ସହ କମିଟିରେ ନିଆଯାଇଛି। ସେହିପରି ଦଳ ଏହାର ଭାରତ ଯୋଡ଼ ଯାତ୍ରା ଲାଗି ଏକ କେନ୍ଦ୍ରୀୟ ଯୋଜନା ଗ୍ରୁପ୍ ଗଠନ କରିଛି। ରାଜନୈତିକ ବ୍ୟାପାର ଗ୍ରୁପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖାର୍ଗେ, ଅମ୍ବିକା ସୋନି, ଦିଗ୍ବିଜୟ ସିଂ, କେ.ସି. ବେଣୁଗୋପାଳ,


କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ

ଜିତେନ୍ଦ୍ର ସିଂ ଏବଂ ଜି-୨୩ ନେତା ଗୁଲାମ ନବୀ ଆଜାଦ ଓ ଆନନ୍ଦ ଶର୍ମା ରହିଛନ୍ତି। ସେହିପରି ଟାସ୍କଫୋର୍ସରେ ବରିଷ୍ଠ ନେତା ପି. ଚିଦାମ୍ବରମ, ମୁକୁଲ ୱାସନିକ, ଜୟରାମ ରମେଶ, କେ.ସି. ବେଣୁଗୋପାଳ, ଅଜୟ ମାକେନ, ପ୍ରିୟଙ୍କା ଗାନ୍ଧୀ, ରଣଦୀପ୍ ସୁର୍ଜେୱାଲା ଏବଂ ସୁନୀଲ କନୁଗୋଲୁଙ୍କୁ ନିଆଯାଇଛି। ଟାସ୍କ ଫୋର୍ସର ପ୍ରତି ସଦସ୍ୟଙ୍କୁ ସଂଗଠନ, ଯୋଗାଯୋଗ, ମିଡିଆ, ଫାଇନାନ୍ସ, ନିର୍ବାଚନ ପରିଚାଳନା ଓ ଲୋକଙ୍କ ସହ ସମ୍ପର୍କ ରଖିବା ଆଦି ଭିନ୍ନ ଭିନ୍ନ ଦାୟିତ୍ୱ ଦିଆଯାଇଛି। ସେମାନଙ୍କ ଅଧୀନରେ ଗୋଟିଏ ଲେଖାଏ ଟିମ୍ ରହିବ। ସେହିପରି ଭାରତ ଯୋଡ଼ ଯାତ୍ରାରେ ସମନ୍ୱୟ ରକ୍ଷା ଲାଗି ଗଠିତ ସେଣ୍ଟ୍ରାଲ ପ୍ଲାନିଂ ଗ୍ରୁପରେ ୯ ସଦସ୍ୟ ରହିଛନ୍ତି। ସେମାନେ ହେଲେ ଦିଗ୍ବିଜୟ ସିଂ, ସଚିନ ପାଇଲଟ, ଶଶୀ ଥରୁର, ରଭନୀତ୍ ସିଂ ବିଟ୍ଟୁ, କେ.ଜେ. ଜର୍ଜ, ଜୋଥିମଣି, ପ୍ରଦ୍ୟୁତ୍ ବରଦୋଲୋଇ, ଜିତୁ ପଟୱାରି ଏବଂ ସଲିମ ଅହମଦ। ସୂଚନାଯୋଗ୍ୟ, ଗଲା ସପ୍ତାହ ପୂର୍ବରୁ ରାଜସ୍ଥାନର ଉଦୟପୁରରେ ଅନୁଷ୍ଠିତ କଂଗ୍ରେସ ଚିନ୍ତନ ଶିବିରରେ ସାଂଗଠନିକ ସ୍ତରରେ ସଂସ୍କାର ଆଣିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସଂଗଠନକୁ କିପରି ମଜଭୁତ କରାଯାଇ ଆଗାମୀ ନିର୍ବାଚନ ଲାଗି ପ୍ରସ୍ତୁତ କରାଯିବ ସେ ନେଇ ଦଳୀୟ ନେତାମାନେ ମାନସ ମନ୍ଥନ ବୈଠକରେ ନିଷ୍ପତ୍ତି ନେଇଥିଲେ।

# ଭାଜପାରେ ଏଏପି ନେତା ଅଜୟ କୋଠିୟାଲ


ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏବଂ ବରିଷ୍ଠ ଭାଜପା ନେତା ଗତ ନିର୍ବାଚନରେ ଏଏପିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଅଜୟ କୋଠିୟାଲଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

ଡେରାଡୁନ୍,୨୪।୫

ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମି ପାର୍ଟି (ଏଏପି)ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଥିବା ଅବସରପ୍ରାପ୍ତ କର୍ଣ୍ଣେଲ ଅଜୟ କୋଠିୟାଲ ମଙ୍ଗଳବାର ଭାଜପାରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏବଂ ରାଜ୍ୟ ଭାଜପା ସଭାପତି ମଦନ କୌଶିକଙ୍କ ଉପସ୍ଥିତିରେ ପୂର୍ବତନ ଏଏପି ନେତା ପଦ୍ମ ଧରିଛନ୍ତି। ସୂଚନାଯୋଗ୍ୟ, ଗତ ବିଧାନସଭା ନିର୍ବାଚନରେ ଉତ୍ତରାଖଣ୍ଡରେ ବଡ଼ ସଫଳତା ହାସଲ କରିବ ବୋଲି ଏଏପି ଲକ୍ଷ୍ୟ ରଖିଥିଲା। ସେଥିପାଇଁ ସମସ୍ତ ୭୦ ଆସନରେ ଦଳ ପ୍ରାର୍ଥୀ ଦେବା ସହ କୋଠିୟାଲଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିଥିଲା। ଭୋଟରଙ୍କୁ ପ୍ରଲୋଭିତ କରିବା ଲାଗି ଆମ୍ ଆଦ୍‌ମି ପାର୍ଟି ଅନେକ ପ୍ରତିଶ୍ରୁତି ମଧ୍ୟ ଦେଇଥିଲା। ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରି କ୍ଷମତା ବଜାୟ ରଖିବା ପରେ ଗତ ୧୮ ତାରିଖରେ କୋଠିୟାଲ ଏଏପିରୁ ଇସ୍ତଫା ଦେଇଥିଲେ।

# ମୁହଁ ଖୋଲୁନାହାନ୍ତି ରାଜନୈତିକ ଦଳ

**୨୩ବର୍ଷ ହେଲା ବନ୍ଦ ରହିଛି ଓରିଏଣ୍ଟ ପେପର ମିଲ୍**

ବ୍ରଜରାଜନଗର,୨୪।୫(ଡି.ଏନ.ଏ.)

ବ୍ରଜରାଜନଗର ଉପନିର୍ବାଚନକୁ ଆଉ ଦିନ କେଇଟା ବାକିଥିବାବେଳେ ବିଭିନ୍ନ ରାଜନୈତିକ ଦଳର ନେତା ନିଜ ଏଜେଣ୍ଡାରେ ବିକାଶ କଥା କହୁଛନ୍ତି। ହେଲେ ବ୍ରଜରଜନଗରର ଭାତହାଣ୍ଡି କୁହାଯାଉଥିବା ଓରିଏଣ୍ଟ ପେପର ମିଲ୍ ଯାହା ୨୩ବର୍ଷ ହେଲା ବନ୍ଦ ପଡିଛି ସେ ବିଷୟରେ କେହି ମୁହଁ ଖୋଲୁ ନାହାନ୍ତି। ଏ ନେଇ ପ୍ରମୁଖ ରାଜନୈତିକ ଦଳର ନେତାମାନେ ଭିନ୍ନ ମତ ରଖୁଥିବାବେଳେ ଶାସକଦଳ ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢିଥିବା ପ୍ରକାଶ କରିଛି।

ଭାଜପା ମିଡ଼ିଆ ପ୍ରଭାରୀ ସୁଶୀଲ ପୁରୋହିତ କହନ୍ତି, ଦୀର୍ଘ ୨୩ବର୍ଷ ଧରି ଶାସକ ଦଳ ଓରିଏଣ୍ଟ ପେପର ମିଲ ଖୋଲିବାରେ କୌଣସି ଆଗ୍ରହ ଦେଖାଇ ନାହିଁ। ତେଣୁ ମିଲ ଅଧୀନରେ ଥିବା ୯୩୬ଏକର ଜମିର ଲିଜ୍ କ୍ୟାନ୍‌ସେଲ୍ କରାଯାଉ। ସିପିଆଇ ପ୍ରାର୍ଥୀ ରମେଶ ତ୍ରିପାଠୀ କହିଛନ୍ତି, ବାମପନ୍ଥୀ ଦଳକୁ ଯଦି ବ୍ରଜରାଜନଗରବାସୀ ଆଶୀର୍ବାଦ ପ୍ରଦାନ କରିବେ ତେବେ ମିଲ୍ ଖୋଲିବା ପର୍ଯ୍ୟନ୍ତ ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢେଇ କରିବେ। କଂଗ୍ରେସ ଦଳର ସହର ସଭାପତି ପ୍ରମୋଦ ପଣ୍ଡା କହନ୍ତି, ଦୀର୍ଘବର୍ଷ ହେଲା କଂଗ୍ରେସ ଦଳ କ୍ଷମତା ବାହାରେ ରହିଛି। ବିଗତ ଦିନରେ କଂଗ୍ରେସର ତତ୍କାଳୀନ ବିଧାୟକ ମିଲ୍ ସମସ୍ୟା ବିଧାନସଭାରେ ଉତ୍ଥାପନ କରିଛନ୍ତି। ହେଲେ ତାଙ୍କ ଦାବିକୁ ବିଜେଡି ସରକାର ଶୁଣିନାହାନ୍ତି। ଦଳ କ୍ଷମତାକୁ ଆସିଲେ ପେପର ମିଲ୍‌ର ପୁନଃ ଉଦ୍ଧାର ହେବା ନିଶ୍ଚିତ। ତିନି ପ୍ରମୁଖ ରାଜନୈତିକ ଦଳର ନେତାମାନଙ୍କ ଅଭିଯୋଗର ସତ୍ୟତା ନ ଥିବା ପ୍ରକାଶ କରିଛନ୍ତି ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟ ପ୍ରଭାତ ଦାଶ। ସେ କହିଛନ୍ତି, ପେପର ମିଲ୍ ବନ୍ଦଠାରୁ ୨୦୧୯ ପର୍ଯ୍ୟନ୍ତ ଅନ୍ୟ ଦଳର ବିଧାୟକମାନେ ବ୍ରଜରାଜନଗରରୁ ପ୍ରତିନିଧିତ୍ୱ କରୁଥିଲେ। ଦିନେ ହେଲେ ମିଲ୍ ଖୋଲିବା ନେଇ ବିଧାନସଭାରେ ମୁହଁ ଖୋଲି ନାହାନ୍ତି। ୨୦୧୯ରେ ବିଜେଡିର କିଶୋର ମହାନ୍ତି ନିର୍ବାଚିତ ହେଲା ପରେ ମିଲ ସମସ୍ୟା ଉତ୍ଥାପନ କରିବା ସହିତ ରାଜ୍ୟ ସରକାରଙ୍କ ଶିଳ୍ପମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଚଳିତ ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ନିର୍ବାଚିତ ହେଲେ ମିଲ୍ ଖୋଲିବା ଦିଗରେ ପଦକ୍ଷେପ ନେବେ ବୋଲି ଦାଶ କହିଛନ୍ତି। ଅନ୍ୟପକ୍ଷେ ଏହି ମିଲ୍ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ବ୍ରଜରାଜନଗରବାସୀ ନିର୍ଭରଶୀଳ। ତେଣୁ ଯେଉଁ ଦଳ ମିଲ୍ ଖୋଲିପାରିବ ସେହି ଦଳ ହିଁ ବିକାଶ କରିପାରିବ ବୋଲି ଅଞ୍ଚଳବାସୀ ମତ ପୋଷଣ କରିଛନ୍ତି।

# ଅଲକାଙ୍କୁ ଜିତାଇବାକୁ ଆହ୍ୱାନ



କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ବିଜେଡି ନେତୃବୃନ୍ଦ।

ବ୍ରଜରାଜନଗର,୨୪।୫(ଡ.ଏନ.ଏ.)

ସ୍ଥାନୀୟ ଗୋପବନ୍ଧୁ ଛକଠାରେ ମଙ୍ଗଳବାର ବିଜୁ ଜନତା ଦଳ ତରଫରୁ କର୍ମୀ ସମ୍ମିଳନୀ କରାଯାଇ ନିର୍ବାଚନ ପ୍ରଚାର କରାଯାଇଥିଲା। ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି, ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମା ଅନ୍ୟତମ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣ କାରୀ ଯୋଜନା ସମ୍ପର୍କରେ କହିଥିଲେ। ବ୍ରଜରାଜନଗର ପୌରାଞ୍ଚଳରେ ସ୍ୱର୍ଗତ କିଶୋର ମହାନ୍ତି ଯେଉଁ ସବୁ କାର୍ଯ୍ୟକ୍ରମ ଅଧାରେ ଛାଡି ଯାଇଛନ୍ତି ତାକୁ ପୂରଣ କରିବା ପାଇଁ ପ୍ରାର୍ଥିନୀ ଅଲକା ମହାନ୍ତିଙ୍କୁ ଜିତାଇବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ସଞ୍ଜିତ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ନଗର ସଭାପତି ରାଧାକାନ୍ତ ପ୍ରଧାନ ସଭା ପରିଚାଳନା କରିଥିଲେ।

# ପ୍ରଚାରକୁ ଓହ୍ଲାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଝାରସୁଗୁଡ଼ା ଅଫିସ,୨୪।୫

ବ୍ରଜରାଜନଗର ଉପନିର୍ବାଚନକୁ ଆଉ ସପ୍ତାହେ ବାକି ଥିବାବେଳେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ଏଥିରେ ବିଭିନ୍ନ ଦଳର ଷ୍ଟାର ପ୍ରଚାରକ ସାମିଲ ହୋଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଭିକ୍ଷା କରୁଛନ୍ତି। ଭାଜପା ପ୍ରାର୍ଥିନୀ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡାଙ୍କୁ ଜିତାଇବା ପାଇଁ କେନ୍ଦ୍ରମନ୍ତ୍ରୀ, ଏମ୍‌ପି, ବିଧାୟକ ଲାଗିପଡିଛନ୍ତି। କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନିର୍ବାଚନ ମଣ୍ଡଳୀରେ ମାରାଥନ ପ୍ରଚାର କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ପ୍ରଧାନ ସମ୍ବଲପୁରରୁ ସଡକ ପଥରେ ଆସି ରମ୍ପେଲା ବ୍ରିଜ୍‌ଦେଇ ଝୁଞ୍ଜୁନ୍ ଛକରେ ପହଞ୍ଚିଥିଲେ। ସେଠାରୁ ସେ ଚାରପାଲି, ଖମାରଡିହି, ଦଲଗାଁ ଆଦି ଗ୍ରାମରେ ନିର୍ବାଚନ ପ୍ରଚାରକରି ଅଡାପଡା ଗ୍ରାମରେ ଥିବା ପୂର୍ବତନ ବିଧାୟକ ଜନନେତା ସ୍ୱର୍ଗତ ପ୍ରସନ୍ନ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବାଘମୁଣ୍ଡା ଗ୍ରାମରେ ଅନୁଷ୍ଠିତ ନିର୍ବାଚନୀ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ସମେତ ପ୍ରାର୍ଥିନୀ ପଣ୍ଡା, ଏମ୍‌ପି ସୁରେଶ ପୂଜାରୀ, ଏମ୍‌ପି ବସନ୍ତ ପଣ୍ଡା, ବିଧାୟକ ଶଙ୍କର ଓରାମ, ବିଧାୟକ ସୁବାସ ପାଣିଗ୍ରାହୀ, ବିଧାୟକ ଡ. ମୁକେଶ ମହାଲିଙ୍ଗ, ନାଉରୀ ନାୟକ, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ପୂର୍ବତନ ଏମ୍‌ପି କନକ ବର୍ଦ୍ଧନ ସିଂଦେଓ ପ୍ରମୁଖ ଯୋଗଦେଇଥିଲେ। ସଭାକୁ ଜିଲା ସଭାପତି ମଙ୍ଗଳ ସାହୁ ପରିଚାଳନା କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ, ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଲଖନପୁର ବ୍ଲକ୍‌ବାସୀ ଦେଶ ଓ ରାଜ୍ୟ ଉଦ୍ଦେଶ୍ୟରେ ବହୁତ୍ୟାଗ କରିଛନ୍ତି। ଏତେ ତ୍ୟାଗ ପରେ ଅଞ୍ଚଳବାସୀ କ'ଣ ପାଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ତେବେ ଏ ଅଞ୍ଚଳର ବିକାଶ ଜରୁରୀ ହୋଇପଡିଛି। ଏଥିପାଇଁ ନାରୀନେତ୍ରୀ ତଥା ପୂର୍ବତନ ବିଧାୟିକା ପଣ୍ଡାଙ୍କୁ ଜୟଯୁକ୍ତ କରାଇବା ଲାଗି ସେ ଭୋଟରଙ୍କୁ ଅନୁରୋଧ କରିଥିଲେ। ସନ୍ଧ୍ୟାରେ ଅନ୍ୟ ନେତାମାନଙ୍କ ସହ ସେ ବେଲପାହାଡ ଓ ବ୍ରଜରାଜନଗର ପୌରାଞ୍ଚଳରେ ରୋଡ୍ ଶୋ କରି ପ୍ରଚାର କରିଥିଲେ।


ବାଘମୁଣ୍ଡା ସଭାରେ ଉଦ୍‌ବୋଧନ ଦେଉଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।


**OFFICE OF THE BLOCK DEVELOPMENT OFFICER SIMULIA BLOCK, DIST: BALASORE**
E-mail: ori-simulia@nic.in

**TENDER CALL NOTICE**

Advt.No.1976/Simulia/Bls. of 2022-23 Date:23.05.2022

**No.i-24:** Sealed Tenders (Percentage Rates) in conformity with the DTCN are invited from the "C" and "B" Class Contractors registered with the State Govt./ Central Govt. for Execution of 01 no. of Civil Works of Rs. 31.59 lakhs per unit for Construction of New Sub-Centre Building at Maitapur SC under Simulia Block in the Dist. of Balasore. The tender documents (DTCN & BOQ) can be obtained (Download) from district NIC website (www.baleswar.nic.in) from Dated: 24.05.2022 to 13.06.2022 till 5 P.M. The tenders will received up to Dated: 16.06.2022 till 5 P.M. and Opened on 18.06.2022 at 03.30 P.M. and Address to Office of the BDO, Simulia Panchyat Samiti, Simulia Block, Dist. Balasore through Registered Post/ Speed Post/ Courier service only. The incomplete Bid in any form is liable for rejection. The detail terms and conditions can be downloaded at NIC Website (www. baleswar.nic.in).

**Sd./- BDO, Simulia Block**
OIPR-19205/11/0002/2223

**WASSAN**
Ref No: WSN/2021-22 Dt: 24.05.2022

Sealed and signed Expression of Interest (EoI) are invited from eligible applicants with superscribe on the top of the envelope **"EoI for FNGO at XXXXX block, XXXXX district"**. The EoI will be available under the Tender section of www.nfodisha.in from 25.05.2022. The sealed tender paper should reach the undersigned on or before 08.06.2022, 5:00 PM through Registered Post/ Speed Post/ Courier and will be opened on same day 4:00 PM. The undersigned reserve the rights to cancel the whole or part of EoI at any stage without assigning the reason thereof.

**Sd/- State Programme Lead**
**WASSAN**

E-Mail Id.- eeidjaraka@yahoo.com
**Government of Odisha**
**Department Of Water Resources**
**OFFICE OF THE SUPERINTENDING ENGINEER**
**JARAKA IRRIGATION DIVISION, JARAKA**

No.A-274: **"e" Procurement Notice**
**Bid Identification No.– JKID-03/2022-23**

1. Name of the Work: Irrigation Project Works as per DTCN.
2. Total No. of Works: 08 (Eight) nos. work.
3. Estimated Cost: Varies of Rs. 5.41 Lakh to Rs.49.94 Lakh
4. Period of Completion: Sl.No. (1) to Sl.No.(8) 90 Days.
5. Date & Time of Availability of Bid Document in the Portal: 10.00 A.M. of Dt. 26.06.2022 up to 05.00 P.M. of Dt. 02.06.2022.
6. Last Date & Time for Receipt of Bids in the Portal : Up to 05.00 P.M. of Dt. 02.06.2022
7. Date of Opening of Bids : Dt. 03.06.2022 at 10.00 A.M. onwards.
8. Name and Address of the Officer Inviting Tender : Superintending Engineer, Jaraka Irrigation Division, Jaraka.
9. Further details can be seen from the e-Procurement Portal **"https://tendersodisha.gov.in"**.

**Sd/- Superintending Engineer,**
**Jaraka Irrigation Division, Jaraka**
OIPR-32098/11/0004/2223

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER CUM DISTRICT MISSION DIRECTOR, NHM, BARGARH**
Advt No.4856/DPMU/NHM, Bargarh Date:23.05.22

**WAIK-IN-INTERVIEW FOR IN-HOUSE REPOSITIONING**

**No.E-103:** Walk in Interview will be conducted for the contractual employees currently working under NHM in the same position of OSH & FW society in other district, desiring to be posted in BARGARH District against the vacant position mentioned below.

| Sl. No. | Name of the Post | No. of Vacancy | Date of Walk-In-Interview |
|---|---|---|---|
| 1 | Finance cum Logistic Assistant, NVBDCP | 1 No. | Dt.03.06.2022, Regd. Time 8.00 A.M. to 10.00 A.M. |
| 2 | Block Accounts Manager | 1 No. | |

Interested In-house candidates of NHM may login www.bargarh.nic.in for details terms and conditions & application form etc. The eligible candidates may attend at Office of the Chief District Medical & Public Health Officer, Bargarh on dt- 03.06.2022 from 8.00 A.M to 10.00 A.M alongwith the required documents and application form. No candidates shall be allowed beyond the schedule time. The undersigned reserves the right to cancel/reject any or all the applications without assigning any reason thereof.

**Sd./- Chief District Medical & PHO cum DMD, Bargarh**
**OIPR-10124/11/0006/2223**

GOVERNMENT OF ODISHA No.L-35:
**DEPARTMENT OF AGRICULTURE AND FARMERS' EMPOWERMENT**
**QUOTATION/TENDER CALL NOTICE**
Bhubaneswar, Dtd.18.05.2022

**No.PT1-DAFE-OEII-MV-0001-2022/9750/A&FE.** The last date of sale of Tender document & submission of the same in the Tender published vide this Department Quotation/Tender Call Notice No. 8518, Dt.30.04.2022 which was on dt.19.05.2022 is hereby extended upto 26.05.2022.

**By Order of Additional Chief Secretary**
**Sd./- Under Secretary to Government**
OIPR-01425/11/0003/2223

**GOVERNMENT OF ORISSA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KARANJIA (MAYURBHANJ)**
**E-mail ID: eerwkaranjia@yahoo.com**
**Letter No. 1816/ Date 19.05.22**
**'e' Procurement Notice for Special Repair to Roads for year 2022-23**
**Bid Identification No. - RWDKNJ-02/2022-23**

No.O-326:- 1. Name of the work: Road works (As per Annexure). 2. Estimated cost : Rs.10.56 to Rs.42.24 lakhs approximately (As per Annexure). 3. Class of contractor: 'D', 'C' & 'B' Class, (As per Annexure). 4. Period of completion: As per Annexure. 5. Tender paper cost: Paper cost of bid as mentioned in Annexure of Road Works.
Further details can be seen from the website www.tendersodisha.gov.in.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o S.E.R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Road Online RWDKNJ-02/22-23 | Dt.27.05.2022 at 10.00 A.M. | Dt.08.06.2021 upto 5.00 P.M. | Dt.07.06.2022 upto 1.00 P.M. | Dt.09.06.2022 at 10.00 A.M. |

**Sd./- Superintending Engineer, R.W. Division, Karanjia**
OIPR-25086/11/0002/2223

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852
E-mail: serifedodisha@gmail.com, Website: www.serifedodisha.in

Bid Identification No:- VI-36(09)/SERIFED/2022-23/683 DT.23.05.2022

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE only, for Phase II work of Establishment of Bunakar Bazar at Balijury (Behera), Bargarh. The contractor having experiences in executing similar type of work shall participate in the tender. The bid documents such as DTCN/BOQ etc. can be seen/downloaded from the government website : **www.tendersodisha.gov.in** during the period **dt. 28.05.2022 to 17.00 hours up to dt. 23.06.2022.** Online bids shall be received till **17.00 hours dt. 23.06.2022** & shall be opened **at 11.30 AM on Dt. 24.06.2022.** Any addendum / corrigendum / cancellation of tender can also be seen in the said website.

Sd/-
**MANAGING DIRECTOR**

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E_Mail ID : serwcbaripada@gmail.com, Ph-No-06792-261343/261344
Gangraj, Baripada
**"e" Procurement Notice for Road Work**
**Identification No.- Online Tender- Road N.C.B. No. 226 for 2022-23.**
**Letter No. 1691 / Date. 20.05.2022**

No.O-302:- 1. Name of the Work : Periodical Maintenance Work for financial Year 2022-23 (Road Work). 2. Total No. of Work : 16 Nos. (Sixteen). 3. Estimated Cost : Rs.90.24 lakhs to Rs.340.92 lakhs (Approximately). 4. Eligible Class of Contractor : As per annexure. 5. Period of Completion : As per annexure. 6. Other details :-

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o C.C.E.,R.W. Circle, Baripada | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No. 226 | Dt.02.06.2022 at 11.00 A.M. | Dt.16.06.2022 upto 5.00 P.M. | Dt.13.06.2022 upto 5.00 P.M. | Dt.17.06.2022 at 11.00 A.M. | 21.06.2022 at 11.00 A.M. |

Further details can be seen from the website: www.tendersodisha.gov.in. Any Corrigendum / Addendum will be displayed in the above e_tender website only.
OIPR-25181/11/0010/2223 **Sd./- Chief Construction Engineer, R.W. Circle, Baripada**

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-W-211/ 2355 Date :24.05.2022

No.CAD-617: e-TENDER NOTICE NO. HHEP-22/2022

Unit Head, HHEP, Burla invites e-tender from the firm / agency / eligible class of contractor, registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal **https://tendersodisha.gov.in**. Only those bidders who successfully remit their cost of tender paper & EMD online would be able to eligible in the tender.

| Sl. No | Name of work | Approx. tender value of work (in Rs.) | Cost of tender (Non-Refundable) |
|---|---|---|---|
| 1 | Annual cleaning contract for HHEP colony, Burla | 16,87,781/- | Rs. 7080/- (Rs. 6000/- + GST18%) |

- Availability of bids online : 26.05.2022 (11.00AM) to 09.06.2022 (11.00AM)
- Last date and time of receipt of bid online : 09.06.2022 upto 11.00AM
- Date & time of opening of tender : 09.06.2022 at 11.30 AM
- **EMD : In Shape of Bid Security Declaration form**
- The bidders shall have to participate in online only in the portal **https://tendersodisha.gov.in**

Further details can be seen from the e-procurement portal https://tendersodisha.gov.in / www.ohpcltd.com

OIPR-04007/11/0011/2223 **Sd./- Unit Head, HHEP, Burla**

idco | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWERS, BHUBANESWAR**
No. CAD-627
**Tender Call Notice No. H.O./P&C/EST-E-1926/03/2022-12892 Dated: 23.05.2022**

**NOTICE INVITING TENDER THROUGH e-Procurement**

1. Name of the Work : Construction of approach road & spine road of MSME Park at Talamulasasan, Angul.
2. Estimated Cost : Rs.465.76 lakh (apprx.)
3. Period of Completion : 05 (Five) Calendar Months

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Id No. PC/ EST/E-20/2022-23 | 17.00 hours of 31.05.2022 | 17.00 hours of 20.06.2022 |

Further details can be seen from the e-Procurement Portal: **www.tendersorissa.gov.in.** and Corrigendum if any will not be published in Newspapers and can only be seen in the e-Procurement portal **www.tendersorissa.gov.in** and IDCO website: **www.idco.in**

**OIPR-14003/11/0047/2223 Sd./- Chief General Manager (P&C), IDCO, Bhubaneswar**





କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୪ ପୁରୁଷ ୧୦୦ ମିଟର ରେସ୍ ଅବସରରେ ଓଡ଼ିଶାର ଅମିୟ ମଲିକ (ଡାହାଣ) ଓ ଆର୍ଯ୍ୟନ ଏକ୍କା (ବାମରୁ ତୃତୀୟ)। ଫଟୋ: ବିକାଶ ନାୟକ

# ମହିଳା ଲଙ୍ଗ୍‌ଜମ୍ପରେ ନୟନା ଜେମ୍ସଙ୍କ ଚମକ

ଭୁବନେଶ୍ୱର, ୨୪।୫ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଇଣ୍ଡିଆନ ଗ୍ରାଁ ପ୍ରି-୪ ଅନୁଷ୍ଠିତ ହୋଇ ଯାଇଛି। ହାଇ ପ୍ରୋଫାଇଲ ମହିଳା ଲଙ୍ଗଜମ୍ପରେ ବାଜି ମାରିଛନ୍ତି କେରଳର ନୟନା ଜେମ୍ସ । ସେ ୬.୩୭ ମିଟର ଜମ୍ପ କରି ନିଜ ରାଜ୍ୟର ଆନ୍‌ସି ସୋଜାନ ଇ. (୬.୩୫)ଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସୋଜାନ ରୌପ୍ୟ ଏବଂ ବିଶ୍ୱ ୨୦ ବର୍ଷରୁ କମ୍ ରୌପ୍ୟ ପଦକ ବିଜୟିନୀ ଉତ୍ତର ପ୍ରଦେଶର ସାଇଲି ସିଂ (୬.୨୭ମି.) ବ୍ରୋଞ୍ଜ ପଦକ ପାଇଛନ୍ତି। ୪ର୍ଥ ରାଉଣ୍ଡ ପର୍ଯ୍ୟନ୍ତ ୨୧ ବର୍ଷୀୟା ସୋଜାନ ଅଗ୍ରଣୀ ରହିଥିଲେ। ମାତ୍ର କ୍ରମାଗତ ୨ ଥର ୬.୩୭ ମିଟର ଜମ୍ପ କରି ୨୬ ବର୍ଷୀୟା ନୟନା ଟାଇଟଲ ହାସଲ କରିଥିଲେ। ଏଥିରେ ଭାଗ ନେଇଥିବା ଓଡ଼ିଶାର ମନୀଷା ମେରେଲ ୫.୮୬ ମିଟର କ୍ଲିୟର କରି ୬ଷ୍ଠ ସ୍ଥାନରେ ରହିଥିଲେ।

ପୁରୁଷ ଡିସ୍କସ୍ ଥ୍ରୋରେ ପଞ୍ଜାବର କ୍ରିପାଲ ସିଂ (୫୯.୨୯ ମିଟର) ସ୍ୱର୍ଣ୍ଣ, ଉତ୍ତର ପ୍ରଦେଶର ବନବୀର ସିଂ (୫୦.୩୬) ରୌପ୍ୟ ଓ ମଧ୍ୟପ୍ରଦେଶର ଇକରାମ ଖାଁ (୪୮.୪୫) ବ୍ରୋଞ୍ଜ ପଦକ ପାଇଛନ୍ତି। ମହିଳା ପୋଲଭଲ୍ଟରେ ତାମିଲନାଡୁ ପ୍ରତିଯୋଗୀମାନେ ପଦକ ସୁଇପ୍ କରିଛନ୍ତି। ବାରାନିକା ଇଲାନଗୋଭାନ (୪.୦୫ ମିଟର), ରୋଜି ମୀନା ପାଉଲରାଜ (୪.୦୦) ଓ ପ୍ରୀଥିକା ଆନନ୍ଦନ (୩.୪୦) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୁରୁଷ ୪୦୦ ମିଟର ଏ', ବି', ସି' ଓ ଡି' ୪ ପର୍ଯ୍ୟାୟ ରେସ୍ ପରେ ଟାଇମିଂ ଭିତ୍ତିରେ ତାମିଲନାଡୁର କେ. ସରନ (୪୭.୪୨ ସେକେଣ୍ଡ) ସ୍ୱର୍ଣ୍ଣ, ହରିୟାଣାର ଆୟୁଷ ଦାବାସ (୪୭.୪୯) ରୌପ୍ୟ ଓ ଦିଲ୍ଲୀର ରଶିଦ ରଶିଦ (୪୮.୨୮) ବ୍ରୋଞ୍ଜ ପଦକ ପାଇଛନ୍ତି। ଏଥିରେ ଭାଗ ନେଇଥିବା ଓଡ଼ିଶାର ବିଘ୍ନରାଜ ମିରିଡିଆ ୪୮.୭୪ ସେକେଣ୍ଡ ସମୟ ନେଇ ରେସ୍ ଶେଷ କରିଥିଲେ। ମହିଳା ୪୦୦ ମିଟରରେ ତାମିଲନାଡୁର ଆର. ଭିଥ୍ୟା ରାମରାଜ (୫୩.୯୫ ସେକେଣ୍ଡ), କର୍ଣ୍ଣାଟକର ଜି.କେ. ବିଜୟାକୁମାରୀ (୫୪.୬୭) ଓ ପଶ୍ଚିମବଙ୍ଗର ସୋନିଆ ବୈଶ୍ୟ (୫୪.୭୮) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ମହିଳା ଡିସ୍କସ୍ ଥ୍ରୋରେ ପଞ୍ଜାବର ନଭଜିତ କୌର ଧିଲୋନ (୫୪.୭୯ ମିଟର), ଉତ୍ତର ପ୍ରଦେଶର ସୀମା ପୁନିଆ (୫୩.୫୭) ଓ ହରିୟାଣାର ନିଧି ରାଣୀ (୪୯.୮୫) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଓଡ଼ିଶାର ପାର୍ବତୀ ସେଠୀ ୪୩.୨୩ ମିଟର ଥ୍ରୋ କରି ୫ମ ସ୍ଥାନ ପାଇଛନ୍ତି।

ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ଉତ୍ତର ପ୍ରଦେଶର ପାରୁଲ ଚୌଧାରୀ ୯:୪୨.୨୪ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ, ମହାରାଷ୍ଟ୍ରର କୋମଲ ଚନ୍ଦ୍ର ଜଗଦଲେ ୧୦:୦୦.୨୦ ସେକେଣ୍ଡ ସହ ରୌପ୍ୟ ଓ ଉତ୍ତର ପ୍ରଦେଶର କାଜଲ ଶର୍ମା ୧୦:୨୩.୧୦ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରୁଷ ଜାଭେଲିନ୍ ଥ୍ରୋରେ ରାଜସ୍ଥାନର ଯଶବୀର ସିଂ (୮୨.୧୩ ମିଟର), ଉତ୍ତର ପ୍ରଦେଶର ରୋହିତ ଯାଦବ (୮୦.୮୮ମି.) ଓ କର୍ଣ୍ଣାଟକର ମନୁ ଡି.ପି. (୭୭.୭୬) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶାର କିଶୋର କୁମାର ଜେନା ୭୩.୫୪ ସେକେଣ୍ଡ ସହ ୫ମ ସ୍ଥାନରେ ରହିଛନ୍ତି। ପୁରୁଷ ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ହରିୟାଣାର ବାଲ୍‌କିଷନ ୮:୩୯.୭୪ ସେକେଣ୍ଡ, ନବୀନ କୁମାର ଡାଗର ୯:୧୬.୦୦ ଓ ଉତ୍ତର ପ୍ରଦେଶର ରାଘବ ୯:୨୪.୬୪ ସେକେଣ୍ଡ ସହ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ପୁରୁଷ ଲଙ୍ଗଜମ୍ପରେ

## ଇଣ୍ଡିଆନ ଗ୍ରାଁ ପ୍ରି-୪

କେରଳର ମହମ୍ମଦ ଆନେସ ଯାହିୟା (୮.୧୫ ମିଟର) ସ୍ୱର୍ଣ୍ଣ, ଉତ୍ତର ପ୍ରଦେଶର ଯୁଗନ୍ନ ଶେଖର ସିଂ (୭.୭୩) ଓ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ (୭.୫୮) ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅନ୍ୟତମ ଓଡ଼ିଆ ଆଥଲେଟ୍ ସରୁନ ପାୟାସିଂ (୬.୭୭) ଓ ସମ୍ରାଟ ସ'(୬.୭୩) ଯଥାକ୍ରମେ ୧୨ ଓ ୧୩ତମ ସ୍ଥାନରେ ରହିଛନ୍ତି। ପୁରୁଷ ୪୦୦ ମିଟର ହର୍ଡଲ୍ସରେ କେରଳର ଜବିର ମଡାରି ପାଲିଆଲିଲ୍ ୫୦.୧୯ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ପାଇଛନ୍ତି।



ମହିଳା ଲଙ୍ଗଜମ୍ପ ଇଭେଣ୍ଟରେ କେରଳର ନୟନା ଜେମ୍ସ।

ମହିଳା ୧୦୦ ମିଟର ରେସ୍ ଅବସରରେ ଶ୍ରାବଣୀ ନନ୍ଦ।

# ନମିତା ପ୍ରଧାନଙ୍କୁ ରୌପ୍ୟ

ଭୁବନେଶ୍ୱର, ୨୪।୫ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଇଣ୍ଡିଆନ ଗ୍ରାଁ ପ୍ରି-୪ର ମହିଳା ୧୫୦୦ ମିଟରରେ ଓଡ଼ିଶାର ନମିତା ପ୍ରଧାନ ୪:୫୯.୦୯ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ପାଇଛନ୍ତି। ପଶ୍ଚିମବଙ୍ଗର ଲିଲି ଦାସ (୪:୨୨.୨୯) ସ୍ୱର୍ଣ୍ଣ ପାଇଛନ୍ତି। ପୁରୁଷ ୧୫୦୦ ମିଟରରେ ଉତ୍ତର ପ୍ରଦେଶର ଅଜୟ କୁମାର ସରୋଜ (୩:୪୩.୩୬ ସେକେଣ୍ଡ), ଦିଲ୍ଲୀର ରାହୁଲ (୩:୪୩.୯୫) ଓ ପଶ୍ଚିମବଙ୍ଗର ଶଶି ଭୂଷଣ ସିଂ (୩:୪୬.୭୩) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ମହିଳା ଜାଭେଲିନ ଥ୍ରୋରେ ରାଜସ୍ଥାନର ସଞ୍ଜନା ଚୌଧାରୀ (୫୬.୫୯ମି.) ସ୍ୱର୍ଣ୍ଣ, ହରିୟାଣାର କୁମାରୀ ଶର୍ମିଳା (୫୫.୪୮) ରୌପ୍ୟ ଓ ଶିଳ୍ପା ରାଣୀ (୫୧.୯୮) ବ୍ରୋଞ୍ଜ ପଦକ ପାଇଛନ୍ତି। ମହିଳା ୪୦୦ ମିଟର ହର୍ଡଲ୍ସରେ କେରଳର ଅନୁ ଆର. ୫୯.୭୦ ସେକେଣ୍ଡ ସହ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।

## ରାଜ୍ୟ ଖବର

# କୋଷ୍ଟ କେନାଲକୁ ପୋତି ରାସ୍ତା ନିର୍ମାଣ

ଅରୂପ ଦାସ
ବାହାନଗା, ୨୪।୫



ଅଭଣା ପଞ୍ଚାୟତର ବରଜଦେଉଳି ଯିବା ରାସ୍ତାରେ ଥିବା କୋଷ୍ଟ କେନାଲକୁ ପୋତାଯାଇ ରାସ୍ତା ନିର୍ମାଣ କରାଯାଇଛି।

■ ସତ୍ତା ହରାଇବାକୁ ବସିଛି ବ୍ରିଟିଶ ଅମଳର ମୂକସାକ୍ଷୀ
■ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଟଙ୍କା ହଡ଼ପ ଅଭିଯୋଗ

ସତ୍ତା ହରାଇବାକୁ ବସିଛି ବ୍ରିଟିଶ୍ ଶାସନର ମୂକସାକ୍ଷୀ ତଥା ଐତିହ୍ୟସମ୍ପନ୍ନ ଓଡ଼ିଶା କୋଷ୍ଟକେନାଲ। ବାଲେଶ୍ୱର ଜିଲା ବାହାନଗା ବ୍ଲକର ଅଭଣା, ବରିପଦା, ଆରୁହାବାଡ଼ ଓ ଖରାସାହାପୁର ଅଞ୍ଚଳ ଦେଇ ଯାଇଥିବା କୋଷ୍ଟ କେନାଲ ମଝିରେ ପାଣିକୁ ଅବରୋଧ କରାଯାଇ ଠାଏ ଠାଏ ପୋତି ରାସ୍ତା କରାଯାଇଛି, ଯାହାକି ନିୟମ ବହିର୍ଭୂତ। ଓଡ଼ିଶା କୋଷ୍ଟ କେନାଲ ଅଧିନିୟମ ଅନୁଯାୟୀ କେନାଲ ମଝିରେ ବନ୍ଧ ପକାଯାଇ ଜଳ ନିଷ୍କାସନ ରୋକାଯାଇପାରିବ ନାହିଁ। ହେଲେ ଏହାକୁ ଉଲ୍ଲଂଘନ କରାଯାଇ ରାସ୍ତା ନିର୍ମାଣ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

କୋଷ୍ଟ କେନାଲକୁ ପୁନରୁଦ୍ଧାର କରିବା ନାଁରେ ସମ୍ପୃକ୍ତ ପଞ୍ଚାୟତର ଲୋକପ୍ରତିନିଧିମାନେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। କେନାଲ ଖୋଳିବା ବାହାନାରେ କେବଳ କୋଦାଳ ସାହାଯ୍ୟରେ ମାଟି ଚାଞ୍ଛି ବନ୍ଧ ଉପରେ ପକାଇ ଡ୍ରେସିଂ କରାଯାଇ କାମ ସାରିଦିଆଯାଇଛି। କୋଷ୍ଟ କେନାଲରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିବା ପାଇଁ ଅନୁମତି ନାହିଁ । ଯଦି ସେପରି କରାଯାଏ, ତା' ହେଲେ ଜଳସମ୍ପଦ ବିଭାଗଠାରୁ ଅନୁମତି ନେବାର ନିୟମ ରହିଛି। ହେଲେ କୌଣସି ଅନୁମତି ନ ନେଇ ସଲାସୁତୁରାରେ କାମ କରାଯାଉଛି। ୨୦୧୧ରେ ଏହି କେନାଲକୁ ରେମୁଣା ବ୍ଲକ ତାଳପଦା ପଞ୍ଚାୟତରେ ପୋତି ଏକ ଛୋଟ ପୋଲ ତିଆରି କରାଯାଇ ରାସ୍ତା ନିର୍ମାଣ ହୋଇଥିଲା। ଅଭିଯୋଗ ପରେ ତାହାର ତଦନ୍ତ କରାଯାଇ ଜଳସେଚନ ବିଭାଗ ପକ୍ଷରୁ ଉକ୍ତ ପଞ୍ଚାୟତକୁ ଦାୟୀ କରାଯାଇ ପୋଲ ଓ ରାସ୍ତାକୁ ଭାଙ୍ଗି ଦିଆଯାଇଥିଲା । ସେହିପରି ବରିପଦା ପଞ୍ଚାୟତର ବଳରାମପୁର ନିକଟରେ ୨୦୧୭ରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କୋଷ୍ଟ କେନାଲକୁ ପୋତାଯାଇ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ଅଭିଯୋଗ ହେବାରୁ ପୋଲ କରାଯାଇ ରାସ୍ତା ନିର୍ମାଣ ହୋଇଥିଲା। ଅଭଣା ପଞ୍ଚାୟତରେ ଦୀର୍ଘବର୍ଷ ହେଲାଣି କେନାଲକୁ ଅବରୋଧ କରାଯାଇ ସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଏଥିପ୍ରତି ଜଳସମ୍ପଦ ବିଭାଗ କିମ୍ବା ଡ୍ରେନେଜ ବିଭାଗର ନିଘା ନାହିଁ। କେନାଲ ଖୋଲା ହେବା ଦ୍ୱାରା ବନ୍ୟା ନିୟନ୍ତ୍ରଣ ସହିତ ବର୍ଷା ଜଳ ନିଷ୍କାସନ, ଲୁଣା ଜଳ ପ୍ରତିରୋଧ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହେଉଥିଲା। ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି କେନାଲକୁ ପୁନରୁଦ୍ଧାର କରାଗଲେ କୃଷି କ୍ଷେତ୍ରରେ ବ୍ୟାପକ ଉନ୍ନତି ହୋଇପାରନ୍ତା। ଏ ସମ୍ପର୍କରେ ବିଡିଓ ଗୌରାଙ୍ଗ ଘୋଷଙ୍କୁ ପଚରାଯିବାରୁ ସେ କହିଛନ୍ତି, ଜିଲା ପ୍ରକଳ୍ପ ଅଧିକାରୀଙ୍କଠାରୁ ଅନୁମତି ନେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ କେନାଲ କାମ କରାଯାଉଛି। ତେବେ ଯେଉଁଠି କେନାଲକୁ ପୋତାଯାଉଛି, ତାହା ଅସ୍ଥାୟୀ ଭାବେ ପୋତି କାମ କରାଯାଉଛି। ପରମୁହୂର୍ତ୍ତରେ ଖୋଲି ଦିଆଯିବ। ମାତ୍ର ଅଭଣାରେ ରାସ୍ତା ନିର୍ମାଣ ସମ୍ପର୍କରେ ସେ କିଛି ଜାଣି ନ ଥିବା କହିଛନ୍ତି। ଜଳସେଚନ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଭାତ ପ୍ରଧାନ କହିଛନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଯେଉଁଠି କରାଯାଉଛି ବ୍ଲକ ତରଫରୁ ଆମ ନିକଟରୁ ଅନୁମତି ନିଆଯାଇ କାମ ହେଉଛି । ମାତ୍ର କେନାଲକୁ ପୋତି ରାସ୍ତା ନିର୍ମାଣ ବିଷୟରେ ଖବର ନାହିଁ କି ଆମପାଖରୁ ଅନୁମତି କେହି ନେଇନାହାନ୍ତି। କେନାଲକୁ କେହି ଅବରୋଧ କରି ତା' ଉପରେ ରାସ୍ତା ନିର୍ମାଣ କରିପାରିବେ ନାହିଁ। ଯଦି ହୋଇଥିବ, ତେବେ ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏ ସମ୍ପର୍କରେ ଅଭିଯୋଗ ଆସିଲେ ଆମେ ତାହା ଉପରେ ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି।

# ସମ୍ବଲପୁରରେ ହେବ ବିଜ୍ଞାନ କଂଗ୍ରେସ

ଭୁବନେଶ୍ୱର, ୨୪।୫ (ବ୍ୟୁରୋ)

ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ କାର୍ଯ୍ୟରତ ବୈଜ୍ଞାନିକ, ଶିକ୍ଷାବିତ୍, ଗବେଷକ ଏବଂ ଛାତ୍ରୀଛାତ୍ରଙ୍କୁ ଗୋଟିଏ ପ୍ଲାଟଫର୍ମରେ ଏକତ୍ରିତ କରି ବିଜ୍ଞାନର ବିଭିନ୍ନ ଦିଗନ୍ତରେ ଘଟୁଥିବା ଅଗ୍ରଗତି ଓ ସଫଳତା ସମ୍ପର୍କରେ ଆଲୋଚନା କରିବା ନିମନ୍ତେ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ୧୯୯୭ରୁ ଆୟୋଜିତ ହୋଇଆସୁଥିବା ଏହି କଂଗ୍ରେସର ୨୩ତମ ଅଧିବେଶନ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଛି। ଓଡ଼ିଶା ପରିବେଶ ସମିତି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା ନଭେମ୍ବର ୨୬ ଓ ୨୭ ଦୁଇଦିନ ଏହା ଆୟୋଜିତ ହେବ। ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବାରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଭୂମିକା'। ପାଞ୍ଚ ଶହରୁ ଅଧିକ ପ୍ରତିନିଧି ଏହି କଂଗ୍ରେସରେ ଯୋଗଦେବାର ଯୋଜନା ରହିଛି ବୋଲି ସୂଚନା ଦିଆଯାଇଛି।

ଏହି ପରିପ୍ରେକ୍ଷୀରେ ଭର୍ଚୁଆଲରେ ଏକ ସଭା ସମିତି ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଡ. ଜୟକୃଷ୍ଣ ପାଣିଗ୍ରାହୀ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ଆବାହକ ତଥା ରସାୟନ ବିଜ୍ଞାନ ମୁଖ୍ୟ ପ୍ରଫେସର ଅମରେଶ ମିଶ୍ର ଏବଂ ଆୟୋଜନ ସମ୍ପାଦକ ତଥା ଜୈବପ୍ରଯୁକ୍ତି ବିଭାଗର ପ୍ରାଧ୍ୟାପିକା ଡ. ସ୍ମରଣିକା ପଟ୍ଟନାୟକ, ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ମୁଖ୍ୟ ପ୍ରଫେସର ସୂର୍ଯ୍ୟ ନାରାୟଣ ନାୟକ, ଭୂବିଜ୍ଞାନ ମୁଖ୍ୟ ଡ. ଜଗଦୀଶ କୁମାର ତ୍ରିପାଠୀ, ଉତ୍କଳ ବିଶ୍ୱବିଦ୍ୟାଳୟ ଭୂବିଜ୍ଞାନ ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ, ପରିବେଶ ସମିତିର ଉପ ସଭାପତି ଡ. ବିଜୟ କେତନ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଗାଁରେ ପଶିଲା ବଜ୍ରକାପ୍ତା

ମାଲକାନଗିରି, ୨୪।୫ (ଡି.ଏନ୍.ଏ.): ଖାଦ୍ୟ ଅନ୍ୱେଷଣରେ ଗାଁକୁ ଚାଲିଆସିଥିବା ଏକ ବଜ୍ରକାପ୍ତାକୁ ମାଲକାନଗିରି ଜିଲା ମାଥିଲି ବନ ବିଭାଗ ଟିମ୍ ସୋମବାର ରାତିରେ ଗ୍ରାମବାସୀଙ୍କ ସହଯୋଗରେ ଉଦ୍ଧାର କରିଛନ୍ତି। ମାଥିଲି ଅଞ୍ଚଳର ପ୍ରାଣକୃଷ୍ଣ ପଣ୍ଡା ରାତିରେ ବାହାରକୁ ଆସିଥିବାବେଳେ ବଜ୍ରକାପ୍ତାଟି ଗାଁରେ ବୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ତୁରନ୍ତ ମାଥିଲି ବନ ବିଭାଗକୁ ଜଣାଇଥିଲେ। ମାଥିଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ଏବଂ ବିଭାଗୀୟ ଟିମ୍ ଗାଁରେ ପହଞ୍ଚି ବଜ୍ରକାପ୍ତାଟିକୁ ଉଦ୍ଧାର କରିଛନ୍ତି। ପ୍ରବଳ ଗରମ ଏବଂ ଜଙ୍ଗଲରେ ଖାଦ୍ୟାଭାବ ଯୋଗୁ ବଜ୍ରକାପ୍ତାଟି ଗାଁ ମୁହାଁ ହୋଇଥିବା ବନ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ବଜ୍ରକାପ୍ତାଟିର ଓଜନ ପ୍ରାୟ ୫ କେ.ଜି. ରହିଥିବାବେଳେ ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ।

# ୧.୯ କେଜି ବଜ୍ରକାପ୍ତା କାତି ଜବତ, ୨ ଗିରଫ



ଜବତ ବଜ୍ରକାପ୍ତା କାତି ଓ ଗିରଫ ୨ ଅଭିଯୁକ୍ତ।

କୋରୁକୋଣ୍ଡା/ମାଲକାନଗିରି, ୨୪।୫(ଡି.ଏନ୍.ଏ.)

ଚୋରାଚାଲାଣ ବେଳେ ମାଲକାନଗିରି ଜିଲା ଓର୍କେଲ ପୋଲିସ ଏବଂ ବାଲିମେଳା ବନ ବିଭାଗ ପକ୍ଷରୁ ସୋମବାର ରାତିରେ ମିଳିତ ଚଢ଼ାଉ କରାଯାଇ ୧ କେଜି ୯ଶହ ଗ୍ରାମ୍‌ର ବଜ୍ରକାପ୍ତା କାତି ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉସକାପାଲି ଗ୍ରାମର ଇର୍ମା ସୋଡି (୩୩) ଏବଂ ଗଙ୍ଗା ମାଡକାମୀ(୨୪)।

ସୂଚନା ଅନୁଯାୟୀ, ବାଇକ୍ ଯୋଗେ ବଜ୍ରକାପ୍ତା କାତି ଚାଲାଣ ହେଉଥିବା ଓର୍କେଲ ଥାନା ପୋଲିସ ସୂଚନା ପାଇଥିଲା। ଏହାପରେ ପୋଲିସ ଏସ୍‌ଆଇ ରାଜେଶ କୁମାର ସେଠୀ ଓ ବାଲିମେଳା ବନପାଳ ଶିବାନନ୍ଦ ଲେଙ୍କାଙ୍କ ନେତୃତ୍ୱରେ ଏକ ଟିମ୍ ପୁରୁଣା ଚିତାପାରି ଓ ଉସ୍‌କାପାଲି ଗ୍ରାମରେ ପାଟ୍ରୋଲିଂ ଚଳାଇଥିଲେ। ଏହି ସମୟରେ ଏକ ବାଇକ୍‌ରେ ୨ଜଣ ବ୍ୟକ୍ତି ଦ୍ରୁତଗତିରେ ଆସୁଥିବା ବେଳେ ପାଟ୍ରୋଲିଂ ଟିମ୍ ସନ୍ଦେହରେ ଗାଡ଼ିକୁ ଅଟକାଇଥିଲେ। ଯାଞ୍ଚବେଳେ ସେମାନଙ୍କ ନିକଟରୁ ବଜ୍ରକାପ୍ତା କାତି ମିଳିଥିଲା। ବାଇକ୍ ଏବଂ ବଜ୍ରକାପ୍ତା କାତି ଜବତ କରାଯିବା ସହ ମଙ୍ଗଳବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

ମନେ ପଡ଼ନ୍ତି

ଅମ୍ଲାନ ସ୍ମୃତିରେ
(ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି)



୰ ଦୁର୍ଯ୍ୟୋଧନ ରାଜହଂସ
ଆବିର୍ଭାବ: ୨୦।୦୩।୧୯୪୭
ତିରୋଧାନ: ୦୪।୦୨।୨୦୨୧
ଗୁରୁ ଶ୍ରୀରାମଙ୍କ ଅନୁଗତ ଶିଷ୍ୟ ଯୁଗନିର୍ମାଣୀ, ପୁଣ୍ୟାତ୍ମାପ୍ରବର ଗାୟତ୍ରୀ ସାଧକ ପରଶମଣି।
ଅଶ୍ରୁଳ ପରିବାରବର୍ଗ: ଧର୍ମପତ୍ନୀ: ରଜନୀରାଣୀ ରାଜହଂସ, ପୁତ୍ର: ଆଶିଷ ରାଜହଂସ, ପୁତ୍ରବଧୂ: ସସ୍ମିତା, ରିମା, ମାମା, ଭୁବନେଶ୍ୱର ୟୁନିଟ୍ ୯ର ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି ଶ୍ରୀଯୁକ୍ତ ମାୟାଧର ବେହେରା, ବଳରାମ ସାମନ୍ତରାୟ ଓ ସମସ୍ତ ପରିଜନବୃନ୍ଦ ।
ଧ-୭୩୯୦୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ସଂଗ୍ରାମ କିଶୋର ସେନାପତି
ପ୍ଲଟ୍ ନଂ. ୧୨୮୯ (ଏ), ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ : ୧୧.୦୫.୧୯୬୪
ତିରୋଧାନ : ୦୪.୦୬.୨୦୨୧
ଶୋକସନ୍ତପ୍ତ :- ପରିବାରବର୍ଗ, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ
ଧ-୫୬୦

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମହାନ୍ତି
ଗୋବିନ୍ଦପୁର, ପିପିଲି
ଆବିର୍ଭାବ: ୦୯।୦୩।୧୯୪୬
ତିରୋଧାନ: ୦୫।୦୬।୨୦୨୧
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ: ସୁଷମା, ପ୍ରଭାତ, ମାନସ, ରୀନା, ଗୀତା, ପୁଷ୍ପ, ଲିପି, ମୁନୁ, ଟୁବୁଲ୍, ଗୁଡୁଲି, ଗୁଗୁଲ୍, ଡୁଡୁଲ୍, ଲଭ୍‌ଲି, ପୁପୁନ୍, ପ୍ରସନ୍ନ, ନବଘନ, ଅଜୟ, ଅମ୍ବିକା, ପ୍ରସନ୍ନ, ରୁନା, ସନ୍ତୁ, ।
ଧ-୫୫୧

## କୁକୁଡ଼ାଘରର ଯତ୍ନ



କୁକୁଡ଼ା ଓ ବତକ ଘରକୁ ଶୁଖିଲା, ଥଣ୍ଡା ରଖନ୍ତୁ ଓ ମୁକ୍ତ ପବନ ଚଳାଚଳର ସୁବିଧା କରନ୍ତୁ । ସନ୍ତୁଳିତ ଦାନା ତଥା ନିର୍ମଳ ଥଣ୍ଡା ପାଣି ଅଧିକ ପରିମାଣରେ ପିଇବାକୁ ଦିଅନ୍ତୁ। ଦିନକୁ ୨ରୁ ୩ ଥର ପାଣି ବଦଳାନ୍ତୁ। ଦିନ ୧୧ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ା ଘର ଜାଲିରେ ଓଦାଅଖା ଟାଣନ୍ତୁ। ୨ମାସରୁ ଅଧିକ ବୟସର ସବୁ କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ। ଦାନା ଯଥା ସମ୍ଭବ ସକାଳୁ ଏବଂ ସନ୍ଧ୍ୟା ସମୟରେ ଦିଅନ୍ତୁ। ଦିନ ୧୦ଟା ପରେ ଦାନା ଦିଅନ୍ତୁ ନାହିଁ।

## ସୂର୍ଯ୍ୟମୁଖୀରେ କଳଙ୍କି ରୋଗ

ସୂର୍ଯ୍ୟମୁଖୀ ଚାଷରେ କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ ଟେବୁକୋନାଜୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ । ପତ୍ରଚିତା ରୋଗ ଥିଲେ ମଧ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ । ଏଥିରେ ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ /ଥାୟୋଫ୍ୟାନେଟ୍ ମିଥାଇଲ୍ ୧ ଗ୍ରାମ୍ / ଲିଟର ମିଶାଇ ସିଞ୍ଚନ କରନ୍ତୁ ।



## ପନିପରିବା ତଳିରେ ସାର ପ୍ରୟୋଗ



ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜ କରି ୨ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନ କରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ। ଝରାରେ ପାଣି ଦିଅନ୍ତୁ। ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧରେ କରନ୍ତୁ।

# ପ୍ରାଣୀଙ୍କ ପ୍ରତିଷେଧକ ପାଇଁ ...



ଡା. ବୀରକିଶୋର ପରିଡ଼ା

ମୌସୁମୀ ବର୍ଷାର ଆଗମନରେ ବାୟୁମଣ୍ଡଳର ଆର୍ଦ୍ରତା ଓ ଉତ୍ତାପ ବୃଦ୍ଧି ସହିତ ମଶା, ମାଛି ଓ ଡାଆଁଶଙ୍କ ସଂଖ୍ୟା ବୃଦ୍ଧି ଘଟିଥାଏ। ଅନ୍ୟପକ୍ଷରେ ମୃତ୍ତିକା ଜଳମଗ୍ନ ବା ସନ୍ତସନ୍ତିଆ ରହିବା ଯୋଗୁ ବିଭିନ୍ନ ପ୍ରକାର ଅଣୁଜୀବ, ଯଥା-ଜୀବାଣୁ, ଭୂତାଣୁ, କବକ ଏବଂ ଏକକୋଷୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ। ଏହା ସହ ପରିବେଶରେ ଗେଣ୍ଡାଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ଗୋରୁ, ଛେଳି, ମେଣ୍ଢାଙ୍କ କଲିଜା କୃମିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି। ଏହାସହ ବର୍ଷାଦିନେ ବିଭିନ୍ନ ପ୍ରକାର ଜୀବାଣୁ ଓ ଭୂତାଣୁଜନିତ ସଂକ୍ରାମକ ରୋଗ ଯଥା-ସାହାଣା, ବଜବଜିଆ, ଅଦେରିଆ, ଫାଟୁଆ, ଗୋମଡକ ଇତ୍ୟାଦି ବାଦ୍ କେତେକ ସାଧାରଣ ରୋଗ-ସର୍ଦ୍ଦି ଓ କାଶ (ବେଙ୍ଗା ଦୋଷ), ଥନହରା, ପାଦ ପଚା ରୋଗ, ଆଖିଝରା, ନାଳରକ୍ତ ଝାଡ଼ା ରୋଗ ମଧ ପ୍ରାଣୀଙ୍କଠାରେ ଦେଖାଦେଇଥାଏ। ଏହା ପ୍ରାଣୀ ସମ୍ପଦ ବିକାଶ ଧାରାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। କଥାରେ ଅଛି,ପ୍ରତିକାର ଅପେକ୍ଷା ପ୍ରତିଷେଧକ ବ୍ୟବସ୍ଥା ଶ୍ରେୟସ୍କର। ତେଣୁ ବେଳ ଥାଉ ଥାଉ ସାବଧାନ ହେଲେ ବିପଦର ଆଶଙ୍କାକୁ ଏଡାଇ ଦିଆଯାଇପାରିବ। କେତେକ ସଂକ୍ରାମକ ରୋଗ ସହ କୃମିଜନିତ ରୋଗରୁ କିଭଳି ପ୍ରାଣୀ ସମ୍ପଦକୁ ମୁକ୍ତ ରଖି ହେବ ସେ ସମ୍ପର୍କରେ ସୂଚିତ କରାଯାଉଛି।

**ସାହାଣା ରୋଗ**

ସାଧାରଣତଃ ସାହାଣା ରୋଗ ପ୍ରାପ୍ତ ବୟସ୍କ ବା ଦୁଇ ବର୍ଷରୁ ଊର୍ଦ୍ଧ୍ୱ ବୟସର ଗୋରୁଙ୍କଠାରେ ଦେଖାଯାଇଥାଏ। ଏହି ଗୋରୁଙ୍କ ଶାରୀରିକ ଉତ୍ତାପ ୧୦୪ ଡିଗ୍ରୀରୁ ୧୦୬ ଡିଗ୍ରୀ ଫାରେନ୍‌ହିଟ୍‌କୁ ବୃଦ୍ଧି ପାଇଥାଏ। ଏପରି ରୋଗ ହେଲେ ଗୋରୁଙ୍କ ନାକରୁ ପ୍ରଥମେ ପତଳା ଓ ପରେ ମୋଟା ବହଳ ସିଂଘାଣି ବାହାରେ। ଜିଭ ମୂଳ ମଧ ଫୁଲି ଯିବା ଯୋଗୁ ବେଳେବେଳେ ପାଟିବାଟେ ନିଃଶ୍ୱାସ ପ୍ରଶ୍ୱାସ ନେବା ସହ ଜିଭ ପଦାକୁ ବାହାରି ଆସେ। ଗଳା ଅଂଶ ଫୁଲି ଯନ୍ତ୍ରଣା ହୁଏ। ଶରୀରରେ ଏହି ରୋଗ ଆରମ୍ଭ ହେବା ମାତ୍ରେ ଖୁବ୍ ଶୀଘ୍ର ବଢ଼ିଯାଏ।

**ପ୍ରତିଷେଧକ ବ୍ୟବସ୍ଥା :** ସାହାଣା ରୋଗର ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଦୁଇ ପ୍ରକାର ଟିକା ଓଡ଼ିଶା ଜୀବଟିକା ଉତ୍ପାଦନ ପ୍ରତିଷ୍ଠାନ(ରାଜ୍ୟ ସରକାରଙ୍କର)ରେ ପ୍ରସ୍ତୁତ କରାଯାଇ ଗୋରୁଙ୍କ ସୁରକ୍ଷା ନିମନ୍ତେ ସମସ୍ତ ପଶୁ ଚିକିତ୍ସା କେନ୍ଦ୍ରକୁ ଯୋଗାଇ ଦିଆଯାଉଛି। ସେଗୁଡିକ ହେଲା-ଆଲମ୍ ପ୍ରେସିପିଟେଟେଡ୍ ଭାକ୍ସିନ୍ ଯାହାକି ପ୍ରାଣୀଙ୍କ ଶରୀରରେ ୬ ମାସ ପର୍ଯ୍ୟନ୍ତ ଏହି ରୋଗ ଦାଉରୁ ସୁରକ୍ଷା ଦେଇଥାଏ। ଅନ୍ୟଟି ହେଲା ଅଏଲ ଆଡଜୁଭାଣ୍ଟ ଭାକ୍ସିନ୍ ଯାହାର ସୁରକ୍ଷା କାଳ ହେଉଛି ୧ ବର୍ଷ। ଏଥିସହିତ ଆକ୍ରାନ୍ତ ପଶୁକୁ ସୁସ୍ଥ ପଶୁଠାରୁ ଦୂରେଇ ରଖନ୍ତୁ। ମୃତ ପଶୁକୁ ଗଭୀର ଗର୍ତ୍ତ କରି ଚୂନ ଦେଇ ପୋତିଦେବା ଦରକାର। ଗୋରୁଙ୍କୁ ଓଦା ଓ ଆବଦ୍ଧ ଗୁହାଳରେ ନ ରଖି ମୁକ୍ତ ବାୟୁ ଚଳାଚଳ କରୁଥିବା ଓ ଆଲୋକ ପ୍ରବେଶ କରୁଥିବା ଗୁହାଳେ ରଖନ୍ତୁ। ଦୁର୍ବଳ ଅବସ୍ଥାରେ ଅତ୍ୟଧିକ ପରିଶ୍ରମ କରାଇବାକୁ ଦିଅନ୍ତୁ ନାହିଁ।





**ବଜବଜିଆ ରୋଗ**

ବୟସ୍କ ବା ୪ ମାସରୁ ୩ ବର୍ଷର ଉତ୍ତମ ସ୍ୱାସ୍ଥ୍ୟବାନ୍ ବାଛୁରୀଙ୍କଠାରେ ଏହି ରୋଗ ଦେଖାଦେଇଥାଏ। ଏହି ରୋଗରେ ବାଛୁରୀର ଶାରୀରିକ ଉତ୍ତାପ ୧୦୨ ଡିଗ୍ରୀରୁ ୧୦୩ ଡିଗ୍ରୀ ଫାରେନ୍‌ହିଟ୍ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ। ଆଗ ଗୋଡ଼ର ଉପର ଅଂଶ କିମ୍ବା ପଛ ଗୋଡ଼ର ଚଟୁଆ ଅଂଶ ଖୁବ୍ ଶୀଘ୍ର ଫୁଲିଯାଏ। ଏହି ଫୁଲା ସ୍ଥାନରେ ଗ୍ୟାସ୍ ସୃଷ୍ଟି ହେବା ଯୋଗୁ ହାତରେ ଚିପିଲେ କଡ଼କଡ଼ ଶବ୍ଦ ହୁଏ। ବାଛୁରୀମାନେ ଛୋଟେଇ ଥାଆନ୍ତି। ଏହି ରୋଗରେ ଆକ୍ରାନ୍ତ ହେଲେ ଗୋରୁ ୨୪ରୁ ୪୮ ଘଣ୍ଟା ମଧ୍ୟରେ ମୃତ୍ୟୁବରଣ କରନ୍ତି।

**ପ୍ରତିଷେଧକ ବ୍ୟବସ୍ଥା :** ଆମ ରାଜ୍ୟର ଭୁବନେଶ୍ୱରସ୍ଥ ଜୈବିକ ଟିକା ଉତ୍ପାଦନ ପ୍ରତିଷ୍ଠାନରୁ ଏହି ରୋଗର ଦମନ ପାଇଁ 'ବିକ୍ୟୁ ଭାକ୍ସିନ୍' ଉତ୍ପାଦିତ ହୋଇ ସମଗ୍ର ପଶୁ ଚିକିତ୍ସା କେନ୍ଦ୍ରକୁ ଯୋଗାଇ ଦିଆଯାଉଛି। ତେଣୁ ସମସ୍ତ ବାଛୁରୀଙ୍କୁ

> "ସାଧାରଣତଃ ସାହାଣା ରୋଗ ପ୍ରାପ୍ତବୟସ୍କ ବା ୨ ବର୍ଷରୁ ଊର୍ଦ୍ଧ୍ୱ ବୟସର ଗୋରୁଙ୍କଠାରେ ଦେଖାଯାଇଥାଏ। ଏହି ଗୋରୁଙ୍କ ଶାରୀରିକ ଉତ୍ତାପ ୧୦୪ ଡିଗ୍ରୀରୁ ୧୦୬ ଡିଗ୍ରୀ ଫାରେନ୍‌ହିଟ୍‌କୁ ବୃଦ୍ଧି ପାଇଥାଏ। ଏପରି ରୋଗ ହେଲେ ଗୋରୁଙ୍କ ନାକରୁ ପ୍ରଥମେ ପତଳା ଓ ପରେ ମୋଟା ବହଳ ସିଂଘାଣି ବାହାରେ। ଜିଭ ମୂଳ ମଧ ଫୁଲିଯିବା ଯୋଗୁ ବେଳେବେଳେ ପାଟି ବାଟେ ନିଃଶ୍ୱାସ ପ୍ରଶ୍ୱାସ ନେବା ସହ ଜିଭ ପଦାକୁ ବାହାରି ଆସେ। ଗଳା ଅଂଶ ଫୁଲି ଯନ୍ତ୍ରଣା ହୁଏ।"

ଏହି ଟିକା ଦିଆଯିବାର ଦଶମ ଦିନରେ ଆଉ ଥରେ ବୁଷ୍ଟର ଟିକା ଦେବାକୁ ଭୁଲନ୍ତୁ ନାହିଁ। ମୃତ ବାଛୁରୀକୁ ଏଣେତେଣେ ନ ଫିଙ୍ଗି ବା ବ୍ୟବଚ୍ଛେଦ ନ କରି ଗଭୀର ଗର୍ତ୍ତ କରି ପୋତିଦେବା ଦରକାର। ପୋତିବା ସ୍ଥାନରେ ଚୂନ କିମ୍ବା କଷ୍ଟିକ ସୋଡ଼ା ପକାଇବା ଆବଶ୍ୟକ ନଚେତ୍ ମୃତ ବାଛୁରୀକୁ ଫିଙ୍ଗାଯାଇଥିବା ସ୍ଥାନରେ ରୋଗର ଜୀବାଣୁ ସେଠାରେ କୋଷା ବାନ୍ଧି ବର୍ଷ ବର୍ଷ ଧରି ରହିବା ଦ୍ୱାରା ଏହି ସ୍ଥାନ ଉକ୍ତ ରୋଗର ଉତ୍ପତ୍ତି ସ୍ଥଳ ପାଲଟିଥାଏ।

**ଅଢ଼େଇଆ ଜ୍ୱର**

ଏହା ଏକ ଭୂତାଣୁଜନିତ ରୋଗ। ବର୍ଷାଋତୁ ଆରମ୍ଭରେ ମଶା ଡାଆଁଶଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥାଏ। ଫଳରେ ବୟସ୍କ ଗୋରୁଙ୍କଠାରେ ଏହି ରୋଗ ଦେଖାଦେଇଥାଏ। ଏହି ରୋଗରେ ଗୋରୁଙ୍କ ଶାରୀରିକ ଉତ୍ତାପ ୧୦୩ ଡିଗ୍ରୀରୁ ୧୦୭ ଡିଗ୍ରୀ ଫାରେନ୍‌ହିଟ୍ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ। ଗୋରୁ ଥରିବା ସହ ଛୋଟେଇ ଥାଆନ୍ତି। ନାକ, ଆଖି ଏବଂ ପାଟିରୁ ପାଣି ବା ଲାଳ ବାହାରେ। ପ୍ରଥମେ କଠିନ ଏବଂ ପରେ ତରଳ ଝାଡ଼ା ହୁଏ। ଗାଈଙ୍କ ଦୁଗ୍ଧ ଦେବା ପରିମାଣ ହ୍ରାସ ପାଏ। ଗୋରୁ ଅଢ଼େଇ ଦିନ ପରେ ଆପେ ଆପେ ଆରୋଗ୍ୟ ଲାଭ କରେ। କିନ୍ତୁ ଛୋଟ ବାଛୁରୀଗୁଡିକ ନିମୋନିଆର ଶିକାର ହୋଇ ମୃତ୍ୟୁବରଣ କରନ୍ତି।

**ପ୍ରତିଷେଧକ ବ୍ୟବସ୍ଥା :** ଏ ରୋଗରେ ଟିକା ଦେବାର ବ୍ୟବସ୍ଥା ନାହିଁ। ମଶା ଏବଂ ଡାଆଁଶଙ୍କୁ ନିୟନ୍ତ୍ରଣ କରିବା ଦ୍ୱାରା ଏହି ରୋଗକୁ ଦମନ କରାଯାଇପାରିବ। ସେଥିପାଇଁ ଗୁହାଳ ଚତୁଃପାର୍ଶ୍ୱରେ ଅନାବନା ଗଛ କାଟି ସଫାସୁତରା ରଖନ୍ତୁ ଏବଂ ଖତଗଦା ଓ ଗୁହାଳଠାରୁ ଦୂରେଇ ରଖନ୍ତୁ। ସନ୍ଧ୍ୟା ସମୟରେ ଗୁହାଳେ ଝୁଣାଧୂଆଁର ବ୍ୟବସ୍ଥା କରନ୍ତୁ। ଗୁହାଳ ଭିତରେ କିମ୍ବା ବାହାରେ ଖାଲ ସୃଷ୍ଟି ନ କରି ପାଣି ଜମିବାକୁ ଦିଅନ୍ତୁ ନାହିଁ। ଗୁହାଳକୁ ସବୁବେଳେ ଶୁଖିଲା ରଖିବାକୁ ଚେଷ୍ଟା କରନ୍ତୁ। ଗୁହାଳେ ଗୋବର ବେଶି ସମୟ ପଡ଼ି ରହିବାକୁ ଦିଅନ୍ତୁ ନାହିଁ।

-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

## ଧାନଚାଷ ଲାଗି ପ୍ରାକ୍ ପ୍ରସ୍ତୁତି

ଆଉ ଦିନ କେଇଟା ପରେ ବର୍ଷାଦିନ ଆସିଯିବ। ଏହି ସମୟରେ ଅର୍ଥାତ୍ ଧାନଚାଷ ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟିକୁ ଗୁଣ୍ଡ କରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ । ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଛଟାବୁଣା ନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨-୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ । ବୁଣି ସାରି ଥରେ ମଇ ଦିଅନ୍ତୁ । ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନ କରି ବୁଣନ୍ତୁ । ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ଏକ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ଏକ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଉଚ୍ଚତାର ନାଳି ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଦୋରସା ମାଟି ଥିବା ବର୍ଷାଧାରିତ ଜମିରେ ଶୁଖିଲା ତଳି ପଟି ମଧ କରାଯାଇପାରିବ । ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ। ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ । ଗଜା ହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ ।

### ଜାଣି ରଖନ୍ତୁ



- ମୁଗ, ବିରି ଆଦି ଡାଲିଜାତୀୟ ଫସଲରେ ଛୁଇଁ ୮୦ ରୁ ୮୫ ଭାଗ ପାକଳ ହୋଇଥିଲେ ଅମଳ କରିଦିଅନ୍ତୁ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ସାଇତି ରଖନ୍ତୁ । ଖରାଟିଆ ବିରି ଓ ମୁଗ ଫୁଲଫଳ ଅବସ୍ଥାରେ ଥିଲେ ହାଲୁକା ଜଳସେଚନ କରନ୍ତୁ ।
- ଏପ୍ରିଲ ମାସରେ ବୁଣାଯାଇଥିବା ନଳିତା ୧୫ ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ ଓ ଗଛ ବହଳିଆ ହୋଇଥିଲେ ଗଛକୁ ଗଛ ୮ ସେ.ମି.ରୁ ୧୦ ସେ.ମି. ରଖି ପତଳା କରିଦିଅନ୍ତୁ । ନଳିତା ଗଛ ୧୧-୨୦ ଦିନ ହୋଇଗଲେ ଏକବୀଜପତ୍ରୀ ଘାସକୁ ନିୟନ୍ତ୍ରଣ କରିବା ପାଇଁ ଫସଲକୁ ୧୫-୨୦ ଦିନ ସମୟରେ ଟର୍ଗାସୁପର ତୃଣନାଶକ ୨ ମି.ଲି. x ଧନୁଭିଟ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ଜଳସେଚନର ସୁବିଧା ଥିଲେ ଜମିକୁ କୋଡ଼ାଖୋସା କରି ଆଖୁର ହୁଡ଼ା ଟେକା ପୂର୍ବର ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର (୬୫ କି.ଗ୍ରା./ହେକ୍ଟର) ପ୍ରୟୋଗ କରନ୍ତୁ । ଜଳସେଚନର ସୁବିଧା ନ ଥିଲେ ପ୍ରଥମ ବର୍ଷା ପରେ ଏହି ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର ପ୍ରୟୋଗ କରି ହୁଡ଼ା ଟେକିବେ ।
- ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ । ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୦.୫ ଗ୍ରାମ୍ ଇମାମେକ୍‌ଟିନ୍ ବେନ୍‌ଜୋଏଟ୍ ୫% ଏସ୍‌ଜି ମିଶାଇ ପ୍ରୟୋଗ କରନ୍ତୁ । ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖି ଆସିଲେ ରାଶି ଅମଳ କରନ୍ତୁ ।

## ଆଖୁ କାଟିବା ସମୟରେ...

ଆଖୁଗଛକୁ ଏକ ଧାରୁଆ କଟୁରିରେ ଭୂମି ପତ୍ତନ ସହ ସମାନ କରି କାଟି ଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଉଚିତ। ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗି ଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ। ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ। ଏଥିପାଇଁ ଆଖୁ କାଟିବା ବେଳେ ଆଖୁଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ।



# ପାଳଛତୁ ଚାଷ

ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡ଼ିକୁ (୩୦ ବିଡ଼ା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ି ଦେବା ପାଇଁ ବିଡ଼ାଗୁଡିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗ କରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡ଼ା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣି ଦିଅନ୍ତୁ।



ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡ଼ାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ - ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢ଼ି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩-୪ ଥର ପାଣି ସ୍ପ୍ରେ କରନ୍ତୁ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ମେ ୨୫/୨୦୨୨ Sambalpur, Wednesday, May 25/ 2022

# ବଟଲରଙ୍କ ବିସ୍ଫୋରକ ୮୯



ଅର୍ଦ୍ଧଶତକ ହାସଲ ଅବସରରେ ଶଟ୍ ଖେଳୁଛନ୍ତି ଜୋଶ୍ ବଟଲର।

**କୋଲକାତା,୨୪।୫**

ଐତିହାସିକ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ମଙ୍ଗଳବାର ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଖେଳାଯାଇଥିବା ଆଇପିଏଲ୍‌ର ପ୍ରଥମ କ୍ୱାଲିଫାୟାରରେ ରାଜସ୍ଥାନ ରୟାଲ୍ସ ଓପନର ଜୋସ ବଟଲର ବିସ୍ଫୋରକ ୮୯ ରନ୍‌ର ଇନିଂସ ଖେଳିଛନ୍ତି। ତାଙ୍କ ସହିତ ଅଧିନାୟକ ସଞ୍ଜୁ ସାମସନଙ୍କ ୪୭ ରନ୍‌ର ଉପଯୋଗୀ ଇନିଂସ ଯୋଗୁ ରାଜସ୍ଥାନ ୨୦ ଓଭରରେ ୬ ଉଇକେଟ ହରାଇ ୧୮୮ ରନ୍ କରିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଗୁଜରାଟ ୩ ଓଭରରେ ଗୋଟିଏ ଉଇକେଟ ହରାଇ ୨୯ ରନ୍ କରିଛି। ରିଦ୍ଧିମାନ ଶାହା ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିବା ବେଳେ ଏବେ ମାଥ୍ୟୁ ୱେଡ୍ (୧୮) ଓ ଶୁବମାନ ଗିଲ(୬) ବ୍ୟାଟିଂ କରୁଛନ୍ତି।

ଇଡେନ ଗାର୍ଡେନ୍ସର ପେସରଙ୍କୁ ସୁହାଉଥିବା ପିଚ୍‌ରେ ଟସ୍ ଜିତି ଗୁଜରାଟ ଅଧିନାୟକ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କ ନିଷ୍ପତ୍ତିକୁ ଦ୍ୱିତୀୟ ଓଭରରେ ଉଚିତ ସାବ୍ୟସ୍ତ କରିଥିଲେ ଯଶ ଦୟାଲ। ସେ ଯଶସ୍ୱୀ ଜୟସ୍ୱାଲ(୩)ଙ୍କୁ ଉଇକେଟ ପଛରେ କ୍ୟାଚ୍ ଆଉଟ୍ କରାଇଥିଲେ। ୩ ନଂରେ ବ୍ୟାଟିଂ ଆସିଥିବା ଅଧିନାୟକ ସାମସନ ପ୍ରଥମ ବଲରେ ଛକା ଲଗାଇ ଇନିଂସ ଆରମ୍ଭ କରିଥିଲେ। ସେ ୨୬ ବଲରେ ୪୭ ରନ୍ କରିଥିବା ବେଳେ ଛକା ମାରିବାକୁ ଯାଇ ବାଉଣ୍ଡ୍ରି ଲାଇନ୍‌ରେ ଧରାପଡ଼ିଥିଲେ। ତାଙ୍କ ଇନିଂସରେ ୫ ଚୌକା ଓ ୩ ଛକା ସାମିଲ ଥିଲା। ତା' ପରେ ଦେବଦତ୍ତ ପଡିକଲ ୨୮ (୨ ଲେଖାଏ ଚୌକା ଓ ଛକା) ରନ୍ କରି ଆଉଟ୍ ହେବା ପରେ ଗିୟର ବଦଳାଇଥିଲେ ବଟଲର। ଆରମ୍ଭରୁ ଧୀମା ବ୍ୟାଟିଂ କରୁଥିବା ଇଂଲିଶ ବ୍ୟାଟର ଅନ୍ତିମ ଓଭରରେ କେବଳ ଛକା, ଚୌକା ବର୍ଷା କରିଥିଲେ। ଏଥିଯୋଗୁ ରାଜସ୍ଥାନ ଅନ୍ତିମ ୪ ଓଭରରେ ୬୦ ରନ୍ ସ୍କୋର କରିଥିଲା। ଫଳରେ ରାଜସ୍ଥାନ ୨୦ ଓଭରରେ ୬ ଉଇକେଟ ହରାଇ ୧୮୮ ରନ କରିପାରିଥିଲା। ବଟଲର ୫୬ ବଲରେ ୧୨ ଚୌକା ଓ ୨ ଛକା ସହାୟତାରେ ୮୯ ରନ୍ କରିଥିଲେ। ଗୁଜରାଟ ପକ୍ଷରୁ ମହମ୍ମଦ ଶାମି, ଦୟାଲ, ଆର. ସାଇ କିଶୋର ଓ ଅଧିନାୟକ ହାର୍ଦ୍ଦିକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୧୮୮/୬ (ଜୋସ ବଟଲର–୮୯, ସଞ୍ଜୁ ସାମସନ–୪୭, ଦେବଦତ୍ତ ପଡିକଲ–୨୮, ହାର୍ଦ୍ଦିକ ପାଣ୍ଡ୍ୟା–୧/୧୪, ମହମ୍ମଦ ଶାମି–୧/୪୩, ଆର. ସାଇ କିଶୋର–୧/୪୩, ଯଶ ଦୟାଲ–୧/୪୬)।

## ଲକ୍ଷ୍ନୌକୁ ମିଡ୍‌ଲ ଅର୍ଡର ଚିନ୍ତା

**କୋଲକାତା,୨୪।୫(ପିଟି):** ବିରାଟ କୋହଲି ଫର୍ମକୁ ଫେରିବା ଏବଂ ଆଇପିଏଲ୍ ପ୍ଲେଅଫ୍‌ରେ ରୋମାଞ୍ଚକ ପ୍ରବେଶ ଯୋଗୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହିତ ବୁଧବାର ଏଲିମିନେଟରରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ଭେଟିବ। ଲଗାତର ବିଫଳ ହେବା ପରେ କୋହଲି ଗୁଜରାଟ ଟାଇଟାନ୍ସ ବିପକ୍ଷରେ ୫୪ ବଲରେ ୭୩ ରନ୍‌ର ଇନିଂସ ଖେଳି ଫର୍ମକୁ ଫେରିବା ସଙ୍କେତ ଦେଇଥିଲେ। ଚଳିତ ଆଇପିଏଲରେ ଏହା ତାଙ୍କର ଦ୍ୱିତୀୟ ଅର୍ଦ୍ଧଶତକ। ତାଙ୍କ ଯୋଗୁ ଆରସିବି ଅତି ସହଜରେ ତା'ର ଅନ୍ତିମ ଲିଗ୍ ମ୍ୟାଚ୍ ଜିତିବା ସତ୍ତ୍ୱେ ପ୍ଲେଅଫ୍‌ରେ ପ୍ରବେଶ କରିବା ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଉପରେ ନିର୍ଭର କରିବାକୁ ପଡ଼ିଥିଲା। ମୁମ୍ବାଇ ତା'ର ଅନ୍ତିମ ମ୍ୟାଚ୍‌ରେ ଦିଲ୍ଲୀକୁ ହରାଇବାରୁ ଆରସିବି ପ୍ଲେଅଫ୍‌ରେ ପ୍ରବେଶ କରିଥିଲା। କୋହଲି ଫର୍ମକୁ ଫେରିବା ଦଳର ଟପ୍ ଅର୍ଡର ପାଇଁ ବଡ଼ ପ୍ଲସ୍ ପଏଣ୍ଟ। ଏଥିସହିତ ଫାଫ ଡୁପ୍ଲେସିଙ୍କ ନେତୃତ୍ୱଶୈଳୀ, ଦୀନେଶ କାର୍ତ୍ତିକଙ୍କ ମ୍ୟାଚ୍ ଫିନିଶିଂ ଦକ୍ଷତା, ଜୋଶ ହାଜେଲଉଡ, ୱାନିନ୍ଦୁ ହାସରଙ୍ଗା ଓ ହର୍ଷଲ ପଟେଲଙ୍କ ତ୍ରିମୁଖୀ ବୋଲିଂ ଆକ୍ରମଣ ବଳରେ ଆରସିବି ପ୍ରତିପକ୍ଷ ଲକ୍ଷ୍ନୌ ଉପରେ ଭାରି ପଡ଼ିପାରେ।୩ ଥର ଆଇପିଏଲ୍ ଫାଇନାଲ ଖେଳିଥିବା ତାରକା ଖଚିତ ଆର୍‌ସିବି ପ୍ରତ୍ୟେକ ଥର ପ୍ରଶଂସକଙ୍କୁ ନିରାଶ କରିଛି। କିନ୍ତୁ ୩ ଥର ଆଇପିଏଲ ଚାମ୍ପିୟନ ଡୁ'ପ୍ଲେସିଙ୍କ ନେତୃତ୍ୱରେ ବାଙ୍ଗାଲୋର ଦଳରେ ଭଲ ସନ୍ତୁଳନ ଦେଖିବାକୁ ମିଳିଛି।

# ଭେଲୋସିଟିର ସହଜ ବିଜୟ

**ପୁଣେ, ୨୪।୫ (ପି.ଟି.)**

ମହିଳା ଟି୨୦ ଚ୍ୟାଲେଞ୍ଜରେ ଶେଫାଳି ବର୍ମା ଓ ଲାଉରା ଓଲଭାର୍ଡଟଙ୍କ ଚମତ୍କାର ଅର୍ଦ୍ଧଶତକ ସହାୟତାରେ ଭେଲୋସିଟି ୭ ଉଇକେଟରେ ସୁପରନୋଭାସ୍‌କୁ ହରାଇ ଦେଇଛି। ବିପକ୍ଷ ଦଳ ଦ୍ୱାରା ଧାର୍ଯ୍ୟ୧୫୧ରନର ବିଜୟ ଲକ୍ଷ୍ୟକୁ ଭେଲୋସିଟି ୧୦ଟି ବଲ୍ ବାକିଥାଇ ୩ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ମଙ୍ଗଳବାର ଅନୁଷ୍ଠିତ ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ବ୍ୟାଟିଂରେ ବିଶେଷ ଅବଦାନ ରଖିଥିବା ଶେଫାଳି ୩୩ ବଲ୍‌ରେ ଦ୍ରୁତ ୫୧ ରନ, ଲାଉରା ଓଲ୍‌ଭାର୍ଡଟ୍ ୩୫ ବଲ୍‌ରୁ ୫୧* ଓ ଦୀପ୍ତି ଶର୍ମା ୨୪ରନ କରି ଅପରାଜିତ ରହିଥିଲେ। ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ସୁପରନୋଭାସ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୧୫୦ ରନ କରିଥିଲା। ଦଳର ଟପ୍ ସ୍କୋରର ହରମନପ୍ରୀତ କୌର ୭୧ରନ(୫୧ବଲ୍) କରିଥିଲେ। ଭାରତର ଟି୨୦ ଅଧିନାୟିକା ହରମନପ୍ରୀତ ୭ ଚୌକା ଓ ୩ ଛକା ଲଗାଇଥିଲେ। ଟାନିୟା ଭାଟିଆ ଉପଯୋଗୀ ବ୍ୟାଟିଂ କରିଥିଲେ। ସେ ୩୨ ବଲ୍‌ରୁ ୩ଚୌକା ସହ ୩୬ରନ କରିଥିଲେ। ସୁପରନୋଭାସ ଚତୁର୍ଥ ଓଭର ବେଳକୁ ଏକଦା ୧୮ ରନ ବିନିମୟରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିବାବେଳେ ଚତୁର୍ଥ ଉଇକେଟରେ ହରମନପ୍ରୀତ ଓ ଭାଟିଆ ମହତ୍ତ୍ୱପୂର୍ଣ୍ଣ ୮୨ ରନ ଯୋଗ କରିଥିଲେ। ଲୋୟର ଅର୍ଡରରେ ସୁନେ ଲୁସ୍ ୧୪ ବଲ୍‌ରୁ ୨୦ରନ କରି ଅପରାଜିତ ରହିଥିଲେ। ସେ ୩ ଚୌକା ଲଗାଇଥିଲେ। ଭେଲୋସିଟି ବୋଲରମାନଙ୍କ ମଧ୍ୟରୁ କେଟ୍ କ୍ରସ ସବୁଠାରୁ ସଫଳ ବୋଲର ଭାବେ ତାଙ୍କ ୪ ଓଭର ବୋଲିଂରେ ୨୪ ରନ ବିନିମୟରେ ୨ଟି ଉଇକେଟ ନେଇଥିଲେ। ଦୀପ୍ତି ଶର୍ମା ଓ ରାଧା ଯାଦବ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ହରମନପ୍ରୀତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ଶେଫାଳୀ ବର୍ମା (ଡାହାଣ)।

**ସଂକ୍ଷିପ୍ତ ସ୍କୋର**

ସୁପରନୋଭାସ: ୨୦ ଓଭରରେ ୧୫୦/୫ (ହରମନପ୍ରୀତ କୌର–୭୧, ଟାନିଆ ଭାଟିଆ–୩୬, ସୁନେ ଲୁସ୍–୨୦*; କେଟ୍ କ୍ରସ୍–୨/୨୪, ରାଧା ଯାଦବ–୧/୨୨, ଦୀପ୍ତି ଶର୍ମା–୧/୩୧)। ଭେଲୋସିଟି: ୧୮.୨ ଓଭରରେ ୧୫୧/୩ (ଶେଫାଳି ବର୍ମା–୫୧, ଲାଉରା ଓଲ୍‌ଭାର୍ଡଟ୍–୫୧*, ଦୀପ୍ତି ଶର୍ମା–୨୪*; ଡିଣ୍ଡ୍ରା ଡଟିନ–୨/୨୧, ପୂଜା ବସ୍ତ୍ରକାର–୧/୨୭)।

# ବାଂଲାଦେଶକୁ ଶ୍ରୀଲଙ୍କାର ଦୃଢ଼ ଜବାବ

**ଢାକା,୨୪।୫**

ଶେରେ ବାଂଲା ଜାତୀୟ ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶକୁ ଦୃଢ଼ ଜବାବ ଦେଇଛି ଶ୍ରୀଲଙ୍କା। ପୂର୍ବଦିନର ସ୍କୋର (୨୭୭/୫)ରୁ ବ୍ୟାଟିଂ ଆରମ୍ଭ କରିଥିବା ଘରୋଇ ବାଂଲାଦେଶ ବଳକା ୫ ଉଇକେଟରେ ୮୮ ରନ୍ ଯୋଡ଼ି ପାରିଥିଲା। ଫଳରେ ବାଂଲାଦେଶର ପ୍ରଥମ ଇନିଂସ ୩୬୫ ରନ୍‌ରେ ସୀମିତ ରହିଥିଲା। ମୁଶଫିକର ରହିମ (୧୭୫,୨୧ ଚୌକା) ଶେଷ ପର୍ଯ୍ୟନ୍ତ ନଟ୍‌ଆଉଟ୍ ଥିବାବେଳେ ଲିଟନ ଦାସ ୧୪୧ ରନ୍ କରିଥିଲେ। ଭ୍ରମଣକାରୀ ବୋଲରଙ୍କ ମଧ୍ୟରେ କାସୁନ ରଜିଥା ୫ ଓ ଅସିଥା ଫର୍ନାଣ୍ଡୋ ୪ ଉଇକେଟ ସଫଳତା ହାସଲ କରିଥିଲେ। ଜବାବରେ ଶ୍ରୀଲଙ୍କା ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୨ ଉଇକେଟ ହରାଇ ୧୪୩ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ଦିମୁଥ କରୁଣାରତ୍ନେ ୭୦ (୭ ଚୌକା) ଓ ରଜିଥା (୦) ଅପରାଜିତ ଥିଲେ। ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବା ପାଇଁ ଦଳକୁ ୨୨୩ ରନ୍ ଦରକାର ଥିବା ବେଳେ ହାତରେ ୮ ଉଇକେଟ ବାକି ରହିଛି।

# ବିଶ୍ୱ ଜୁନିୟର ଆଥଲେଟିକ୍ସ ପାଇଁ ଲାଲୁଙ୍କୁ ଯୋଗ୍ୟତା

**ଭୁବନେଶ୍ୱର, ୨୪।୫ (କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି–୪ର ପୁରୁଷ ଲଙ୍ଗଜମ୍ପ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି ଓଡ଼ିଶାର ଲାଲୁ ପ୍ରସାଦ ଭୋଇ। ସେ ୭.୫୮ ମିଟର ଜମ୍ପ କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ଲାଲୁ ଆଗାମୀ ଜୁଲାଇରେ ଟରଣ୍ଟୋରେ ହେବାକୁଥିବା ବିଶ୍ୱ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଲାଲୁ ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ +୩ ପ୍ରଥମ ବର୍ଷ ବାଣିଜ୍ୟରେ ଅଧ୍ୟୟନରତ। ଏହି ସଫଳତା ପାଇଁ ଲାଲୁଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



ଲାଲୁ ପ୍ରସାଦ ଭୋଇ

# ମେଡଭେଡେଭ, ପ୍ଲିସ୍‌କୋଭା ଦ୍ୱିତୀୟ ରାଉଣ୍ଡରେ

**ପ୍ୟାରିସ, ୨୪।୫ (ଏପି)**

ଡାନିଲ ମେଡଭେଡେଭ ଫ୍ରେଞ୍ଚ ଓପନ ଟେନିସରେ ବିଜୟ ସହ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ସିଙ୍ଗଲ୍ସରେ ୮ମ ସିଡ୍ ତଥା ଚେକ୍ ରିପବ୍ଲିକର କାରୋଲିନା ପ୍ଲିସ୍‌କୋଭା କଷ୍ଟସାଧ୍ୟ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୟୁଏସ ଚାମ୍ପିୟନ ତଥା ଏଠାରେ ଦ୍ୱିତୀୟ ସିଡ୍ ମେଡଭେଡେଭ ୬–୨, ୬–୨, ୬–୨ ସେଟ୍‌ରେ ଆର୍ଜେଣ୍ଟିନାର ଫାକୁଣ୍ଡୋ ବାଗାନିସ୍‌ଙ୍କୁ ହରାଇ ଦେଇଛନ୍ତି। ରୁଷୀୟ ଖେଳାଳି ଗତବର୍ଷ କ୍ରମାଗତ ୪ଟି ଟୁର୍ନାମେଣ୍ଟରେ ପ୍ରଥମ ରାଉଣ୍ଡରୁ ବିଦାୟ ନେବା ପରେ ରୋଲାଣ୍ଡ ଗ୍ୟାରସଠାରେ କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଉଠିପାରିଥିଲେ। ପାଖାପାଖି ଦୁଇ ମାସ ପୂର୍ବେ ହର୍ନିଆ ଅସ୍ତ୍ରୋପଚାର ପରେ ମେଡଭେଡେଭଙ୍କର ଏହା ହେଉଛି ପ୍ରଥମ ବିଜୟ। ଗତ ସପ୍ତାହରେ ଟେନିସକୁ ପ୍ରତ୍ୟାବର୍ତ୍ତନ ପରେ ଜେନେଭା ଓପନ ପ୍ରଥମ ରାଉଣ୍ଡ ମ୍ୟାଚ ସେ ହାରିଯାଇଥିଲେ। ରୁଷୀୟ ଖେଳାଳି ଏହିବର୍ଷ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ରାଫେଲ ନାଡାଲଙ୍କଠାରୁ ୫ସେଟ୍ ବିଶିଷ୍ଟ ମ୍ୟାଚରେ ହାରିଯାଇଥିଲେ। ପୁରୁଷ ସିଙ୍ଗଲ୍ସରେ ପୂର୍ବରୁ ସୋମବାର ରାଫାଲ ନାଡାଲ ଓ ନୋଭାକ ଜୋକୋଭିଚ୍ ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ଜିତିସାରିଛନ୍ତି। ମହିଳା ସିଙ୍ଗଲ୍ସରେ ପ୍ଲିସ୍‌କୋଭାଙ୍କୁ ଫ୍ରେଞ୍ଚ ୱାଇଲ୍ଡ କାର୍ଡ ଟେଶା ଆଣ୍ଡ୍ରିଆନ୍‌ଜାଫିଟ୍ରିମୋଙ୍କୁ ୨–୬, ୬–୩, ୬–୧ ସେଟ୍‌ରେ ହରାଇ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଆମେରିକାର ଡାନିଲି କଲିନ୍ସଙ୍କୁ ଭେଟିବେ। କଲିନ୍ସ ୬–୦, ୬–୪ରେ ବୁଲଗେରିଆର ଭିକ୍ଟୋରିଆ ଟୋମୋଭାଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ଚାମ୍ପିୟନ ଜେଲେନା ଓଷ୍ଟାପେଙ୍କୋ ୬–୧, ୬–୪ ସେଟ୍‌ରେ ଲୁସିଆ ବ୍ରୋନ୍‌ଜେଟିଙ୍କୁ ପରାସ୍ତ କରିଛନ୍ତି।



ଡାନିଲ ମେଡଭେଡେଭ

**ଫ୍ରେଞ୍ଚ ଓପନ୍ ଟେନିସ**

# ଏସିଆ କପ୍ ହକି : ଜାପାନଠାରୁ ହାରିଲା ଭାରତ

**ଜାକର୍ତ୍ତା, ୨୪।୫ (ପି.ଟି.)**

ପୁରୁଷ ଏସିଆକପ୍ ହକି ଚାମ୍ପିୟନଶିପ୍‌ର ଗ୍ରୁପ୍ ଏ'ରେ ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଜାପାନ ୫–୨ ଗୋଲରେ ଭାରତକୁ ହରାଇ ଦେଇଛି। ପାକିସ୍ତାନ ବିପକ୍ଷ ଓପନିଂ ମ୍ୟାଚରେ ଡ୍ର ରଖିଥିବା ଭାରତ ଏହି ମ୍ୟାଚରେ ନିଶ୍ଚିତ ବିଜୟ ଦରକାର କରୁଥିଲା। କାରଣ ଇଣ୍ଡୋନେସିଆ ବିପକ୍ଷରେ ଏହାର ପରବର୍ତ୍ତୀ ମ୍ୟାଚରେ ବୃହତ୍ ବିଜୟ ନକ୍‌ଆଉଟ ପର୍ଯ୍ୟାୟ ଯୋଗ୍ୟତା ହାସଲ ପାଇଁ ଯଥେଷ୍ଟ ହେବ ନାହିଁ। ଜାପାନ ତରଫରୁ କେନ୍ ନାଗାୟୋଶି, କୋସେଇ କାୱାବେ (ଦୁଇଟି) ଓ କୋଜି ୟାମାସାକି ଗୋଲ୍ ସ୍କୋର କରିଥିବା ବେଳେ ଭାରତ ପକ୍ଷରୁ ପୱନ ରାଜ୍‌ଭାର୍ ଓ ଉତ୍ତମ ସିଂ ଗୋଲ ଦେଇଥିଲେ। ଭାରତର ଯୁବ ଖେଳାଳିମାନେ ଅଧିକ ସଂଗଠିତ ହୋଇ ଖେଳୁଥିବା ଜାପାନୀମାନଙ୍କ କୌଶଳକୁ ବୁଝିପାରୁ ନ ଥିଲେ। ସେମାନେ ବାରମ୍ବାର ଭାରତ ଗୋଲପୋଷ୍ଟ ଉପରେ ଆକ୍ରମଣ କରିଥିଲେ। ଦଳର ଦୁଇ ସିନିୟର ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଏସ୍.ଭି ସୁନିଲଙ୍କଠାରୁ ଆଶାନୁରୂପ ପ୍ରଦର୍ଶନ ଦେଖିବାକୁ ମିଳି ନ ଥିଲା। ଭାରତୀୟ ଦଳର ଅଧିନାୟକ ଲାକ୍ରା କହିଛନ୍ତି, ପ୍ରଥମ ଦୁଇ କ୍ୱାର୍ଟରରେ ଆମ ଖେଳାଳିମାନଙ୍କ ମଧ୍ୟରେ ତାଳମେଳର ଅଭାବ ରହିଥିଲା। ଅନ୍ତିମ ଦୁଇ କ୍ୱାର୍ଟରରେ ଆମେ ଅପେକ୍ଷାକୃତ ଭଲ ଖେଳିଥିଲେ ମଧ୍ୟ ଅଧିକ ସୁଯୋଗ ସୃଷ୍ଟି କରିପାରି ନ ଥିଲୁ।



ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ବୋପାନ୍ନା–ମିଡେଲକୁପ୍ ଯୋଡ଼ିଙ୍କ ବିଜୟ

**ପ୍ୟାରିସ୍, ୨୪।୫ (ପି.ଟି.):** ଭାରତର ରୋହନ ବୋପାନ୍ନା ଓ ତାଙ୍କ ପାର୍ଟନର ମାଟୱେ ମିଡେଲକୁପ୍ ଫ୍ରେଞ୍ଚ ଓପନ ପୁରୁଷ ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ସେମାନେ ସ୍ଥାନୀୟ ୱାଇଲ୍ଡ କାର୍ଡ ସାସ୍‌ଚା ଗୁଏମାଡ୍ ୱେନ୍‌ବର୍ଗ ଏବଂ ଲୁକା ଭାନ୍ ଆସେଙ୍କୁ ୬–୪, ୬–୧ ସେଟ୍‌ରେ ହରାଇ ଦେଇଛନ୍ତି। ରାମକୁମାର ରମାନାଥନ ମଧ୍ୟ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ସେ ଆମେରିକାର ହଣ୍ଟର ରେସିଙ୍କୁ ତାଙ୍କ ପାର୍ଟନର କରିଛନ୍ତି। ଏହି ଯୋଡ଼ି ଜର୍ମାନ ଟିମ୍ ଡାନିଲ ଅଲ୍‌ଟମେର୍ ଓ ଓସ୍କାର ଓଟେଙ୍କୁ ଭେଟିବେ। ମହିଳା ଡବଲ୍ସରେ ସାନିଆ ମିର୍ଜା ଓ ତାଙ୍କ ଚେକ୍ ପାର୍ଟନର ଲୁସି ହ୍ରାଡେକାଙ୍କୁ ୧୦ମ ସିଡ୍ ମାନ୍ୟତା ମିଳିଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ଦିଅର ଆକ୍ରମଣରେ ଭାଉଜ ଆହତ

ବୋଡେନ,(ଡି.ଏନ୍.ଏ.): ନୂଆପଡ଼ା ଜିଲା ବୋଡେନ ଥାନା ଅନ୍ତର୍ଗତ ରୋକାଲ ପଞ୍ଚାୟତସ୍ଥିତ ଖୀରମାଳ ଗାଁରେ ଦିଅରଙ୍କ ଆକ୍ରମଣରେ ଭାଉଜ ଆହତ ହୋଇଛନ୍ତି। ଗତ ୨୨ ତାରିଖ ଦୟାନିଧି ବାଗଙ୍କ ସ୍ତ୍ରୀ ଦାଲିମ୍ବ ଜଗତ ପୁଅକୁ ନିଜ ଘରର କୂଅ ପାଖରେ ଶୌଚ କରାଉଥିଲେ। ଏହି ସମୟରେ ତାଙ୍କ ଦିଅର ଲୋହିତ ବାଗ ଆସି ଅଶ୍ଳୀଳ ଇଙ୍ଗିତ କରିଥିଲେ। ପ୍ରତିବାଦ କରିବାରୁ ତାଙ୍କ ଦିଅର ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଲୁହା ଛଡରେ ତାଙ୍କ ମୁଣ୍ଡରେ ଆଘାତ କରିଥିଲେ। ତାଙ୍କୁ ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ପରେ ସେ ବୋଡେନ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

**ସଂକ୍ଷେପରେ**

## ଦେଶୀ ମଦ ସହ ବନ୍ଧୁକ ଜବତ, ଜଣେ ଗିରଫ

**କୋକସରା,୨୪।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ପୋଲିସ ଧୋବେନ ଚଞ୍ଚରା ଗ୍ରାମରେ ଚଢାଉ କରି ୧୫ ଲିଟର ଦେଶୀ ମଦ ଓ ଦେଶୀ ବନ୍ଧୁକ ଜବତ କରିଛି। ଏହି ଘଟଣାରେ ପଦୁ ଚଲାନଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଆମପାଣି ଥାନା ଅଧିକାରୀ ଚତୁର୍ଭୁଜ ନାଏକଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଧୋବେନ ଚଞ୍ଚରା ଗ୍ରାମରେ ଚଢାଉ କରିଥିଲେ। ପଦୁଙ୍କ ବଗିଚାରୁ ମଦ ସହ ବନ୍ଧୁକ ଜବତ ହୋଇଥିଲା।

## ଶିକ୍ଷୟିତ୍ରୀଙ୍କ ବଦଳି ଦାବି କଲେ ଗ୍ରାମବାସୀ

**ଲୋଇସିଂହା,୨୪।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସ୍ଥାପିତ ସମସ୍ତ ଶିକ୍ଷୟିତ୍ରୀଙ୍କ ବଦଳି ଦାବି କରିଛନ୍ତି ଗ୍ରାମବାସୀ। ଏ ନେଇ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନା ବେହେରାଙ୍କ ନିକଟରେ ସେମାନେ ଫେରାଦ ହୋଇଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଛି। ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ଅଛନ୍ତି। ଗମନାଗମନ ସୁବିଧା ଦୃଷ୍ଟିରୁ ଶିକ୍ଷା ବିଭାଗ ପକ୍ଷରୁ ଅଧିକାଂଶ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି। ହେଲେ ନିୟମିତ ଭାବେ ଶିକ୍ଷୟିତ୍ରୀମାନେ ବିଳମ୍ବରେ ସ୍କୁଲ ଆସି ଆଗୁଆ ଚାଲି ଯାଉଛନ୍ତି। ଫଳରେ ବିଦ୍ୟାଳୟରେ ପାଠପଢା ବାଧାପ୍ରାପ୍ତ ସୃଷ୍ଟି ହେଉଛି। ଶିକ୍ଷୟିତ୍ରୀମାନେ ଅନେକ ସମୟରେ ଅଫିସରେ ବସି ରହୁଥିବାବେଳେ ପିଲାମାନେ ବାହାରେ ବୁଲୁଥିବା ଦେଖାଯାଉଛି। ଏହାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେକ ଶିକ୍ଷୟିତ୍ରୀ ଦୀର୍ଘବର୍ଷ ହେଲା ଏଠାରେ ରହିଥିବାରୁ କାମରେ ଅବହେଳା କରୁଛନ୍ତି। ଏଣୁ ସେମାନଙ୍କୁ ବଦଳି କରି ବିଦ୍ୟାଳୟରେ ପାଠପଢା ସ୍ୱାଭାବିକ କରିବାକୁ ଗ୍ରାମବାସୀ ଆଶାବ୍ୟକ୍ତ କରିଛନ୍ତି।

## କେନ୍ଦୁପତ୍ର ତୋଳିବାକୁ ଯାଇ ୩ ମହିଳା ବାର୍‌ହା ଆକ୍ରମଣର ଶିକାର

**ସଇଁତଳା,୨୪।୫(ଡି.ଏନ.ଏ.):** ସଇଁତଳା ବ୍ଲକ କୁମ୍ଭାରୀ ଗ୍ରାମର ତିନିଜଣ ମହିଳା ମଙ୍ଗଳବାର ସକାଳେ ନିକଟସ୍ଥ ସୁଲିଆ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିବାବେଳେ ବାର୍‌ହା ଆକ୍ରମଣର ଶିକାର ହୋଇଛନ୍ତି। ସେମାନେ ହେଲେ କୁମ୍ଭାରୀ ଦେବକୀ ରଣା(୪୩), ଇନ୍ଦୁରେଖା ଛତ୍ରିଆ(୩୮) ଓ ଲମକାନୀ ଗ୍ରାମର ସତ୍ୟଭାମା ରଣା(୩୬)। ପତ୍ର ତୋଳୁଥିବା ସମୟରେ ବାର୍‌ହା ସେମାନଙ୍କୁ ଆକ୍ରମଣ କରିଥିଲା। ସେମାନଙ୍କ ଚିତ୍କାର ଶୁଣି ନିକଟରେ ଥିବା ଲୋକେ ଘଟଣାସ୍ଥଳକୁ ଆସି ବାର୍‌ହାକୁ ଘଉଡ଼ାଇ ଦେଇଥିଲେ। ଖବର ପାଇ ତାଲବାହାଲ ସରପଞ୍ଚ ନନ୍ଦି କିଶୋର ବର୍ଗର୍ତ୍ତା ଓ ନାଏବ ସରପଞ୍ଚ ବୁଲୁ ବର୍ଗର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ସହାୟତାରେ ତିନିଜଣ ମହିଳାଙ୍କୁ ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଦେବକୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବନ ବିଭାଗ କର୍ମଚାରୀ ବାର୍‌ହାକୁ ଧରିବାକୁ ଚେଷ୍ଟା କରୁଥିବା ଖବର ମିଳିଛି। ଆହତମାନେ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଠିକ୍ ସମୟରେ ମିଳୁନି ପାରିଶ୍ରମିକ

**ଆଶାକର୍ମୀ ଉପଜିଲାପାଳଙ୍କ ଦ୍ୱାରସ୍ଥ**

**ଧର୍ମଗଡ,୨୪।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆଶା ଦିଦିମାନଙ୍କୁ ଠିକ୍ ସମୟରେ ପାରିଶ୍ରମିକ ମିଳୁ ନାହିଁ। ଏଭଳି ଅଭିଯୋଗ କରି ମଙ୍ଗଳବାର ବ୍ଲକ ଆଶାକର୍ମୀ ସଂଘ କର୍ମକର୍ତ୍ତାମାନେ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଅବସରରେ ସଂଘ ପକ୍ଷରୁ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ଉପଜିଲାପାଳ ଉପସ୍ଥିତ ନ ଥିବାରୁ ସହକାରୀ ଜିଲାପାଳ ଅଜିତ ଶବର ଦାବିପତ୍ର ଗ୍ରହଣ କରିଥିଲେ।

ନିରାପଦ ମାତୃ ଓ ଶିଶୁ ମୃତ୍ୟୁ ହାର ରୋକିବାକୁ ସରକାର ଗାଁ ଗାଁରେ ଆଶାକର୍ମୀମାନଙ୍କୁ ନିୟୋଜନ କରିଛନ୍ତି। ପ୍ରସୂତିକାଳୀନ ସେବା ଓ ସଚେତନତା ସୃଷ୍ଟି କରିବାରେ ଏମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି।



ସହକାରୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କେବଳ ପ୍ରସୂତିଙ୍କ ସେବା ନୁହେଁ ଏମାନଙ୍କୁ ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ ନିୟୋଜିତ କରାଯାଇଥାଏ। ଏଥିପାଇଁ ଏମାନଙ୍କୁ ପାରିଶ୍ରମିକ ବାବଦକୁ ମାତ୍ର ୩୫୦୦ଟଙ୍କା ମିଳିଥାଏ। ଏହାଛଡା ଛୁଆ ଜନ୍ମ କରିବାକୁ ଆସୁଥିବା ଜଣେ ପ୍ରସୂତିଙ୍କ ପିଛା ଏମାନଙ୍କୁ ମାତ୍ର ୬୦୦ ଟଙ୍କା ମିଳିଥାଏ। ଏହି ସମସ୍ତ ପାରିଶ୍ରମିକ ମାସର ୧୦ତାରିଖ ସୁଦ୍ଧା ମିଳିବା କଥା। କିନ୍ତୁ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆଶାଦିଦିମାନଙ୍କୁ ଏହି ପ୍ରାପ୍ୟ ଠିକ୍ ସମୟରେ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏ ମାସ ପୂରିବାକୁ ଆଉ ମାତ୍ର ୬ ଦିନ ଥିବାବେଳେ ଗତ ମାସର ପାରିଶ୍ରମିକ ଏପର୍ଯ୍ୟନ୍ତ ମିଳିନାହିଁ ଛଅ ମାସ ଧରି ଏହି ଅବ୍ୟବସ୍ଥା ଲାଗି ରହିଛି। ଏନେଇ ଅଭିଯୋଗ କରି ଆସୁଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ କର୍ତ୍ତୃପକ୍ଷ ଆଶାକର୍ମୀଙ୍କ ଦାବିକୁ ଅଣଦେଖା କରୁଥିବା ଅଭିଯୋଗ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ମମତା ବିଶି,ଦେବିକି ମଙ୍ଗରାଜ,କୁନି ଦୁର୍ଗା,ନୁର ଭଇସାଲ,ବନିତା ବାଗ, ସାବିତ୍ରୀ ବାଗ, ସବିତା ଶବର,ଜେମାମଣି ମୁଣ୍ଡା, ମମତା ସୁନା,ରୀତାଞ୍ଜଳୀ ବାଗ,ରଶ୍ମିତା ପଟେଲ,ଭେଷସ୍ମିତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ମଦର ଟେରେସା ସେବା ସଙ୍ଗଠନ ମହିଳା ଫୋରମ୍ ଗଠିତ



ମୁଖ୍ୟ ଅତିଥିଙ୍କ ଗହଣରେ ମହିଳା ନେତ୍ରୀମାନେ।

**ନୂଆପଡ଼ା ଅଫିସ,୨୪।୫**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ବୃଦ୍ଧିକୋମନା ପଞ୍ଚାୟତର ପଣ୍ଡରାପଥର ଗାଁରେ ଥିବା ମଦରଟେରେସା ସେବା ସଙ୍ଗଠନ ପକ୍ଷରୁ ମଙ୍ଗଳବାର ମହିଳା ଫୋରମ ଗଠନ କରାଯାଇଛି। ସଙ୍ଗଠନର ସମ୍ପାଦକ ଶେଷଦେବ ପ୍ରଧାନୀ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ନାରୀନେତ୍ରୀମାନଙ୍କୁ ସଙ୍ଗଠିତ କରିବା ପାଇଁ ପ୍ରତି ପଞ୍ଚାୟତରୁ ଦୁଇ ଜଣ ଲେଖାଏଁ ମହିଳାଙ୍କୁ ନେଇ ନୂଆପଡ଼ା ଜିଲା ମହିଳା ଫୋରମ ଗଠନ କରାଯାଇଛି। ଯାହାଦ୍ୱାରା ଜିଲାର ବିକାଶ ହେବା ସଙ୍ଗେ ସଙ୍ଗେ ଅଞ୍ଚଳ ବିକାଶ ପଥରେ ଆଗେଇ ଆସିବ। ନିଜ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ବୃକ୍ଷରୋପଣ, ରକ୍ତଦାନ, ରାସ୍ତାଘାଟ ସଫେଇ, ନାରୀଶିକ୍ଷା, ଦିବ୍ୟାଙ୍ଗ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ମହିଳା ଫୋରମ ଜାରି ରଖିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ କୁରେଶ୍ୱର ସରପଞ୍ଚ ବିଜୟ ଲକ୍ଷ୍ମୀ ବରାଳ ଯୋଗଦେଇଥିଲେ। ସଙ୍ଗଠନର କାର୍ଯ୍ୟକର୍ତ୍ତା କୁନ୍ତଳା ବେମାଲ, ଡୋଲେଶ୍ୱରୀ କଟା, ଟେବାବତୀ ଦୀପ, ସାବିତ୍ରୀ ମହାନନ୍ଦ, ଗୋମତୀ ସୁନାନୀ, ପୁଷ୍ପା ଆଡବଙ୍ଗ, ସୁଲୋଚନା ରଣା, ଗୀତା ଆଡବଙ୍ଗ, ସୁକାନ୍ତି ମାଝି, ଫକିର ରାଉତ, କ୍ଷମା ଭୋଇ, ଧବିର ଶବର, ଘନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ବସାଧାରଣ ରାସ୍ତାରେ ବେଆଇନ ଗୃହ ନିର୍ମାଣ

**ଜିଲାପାଳଙ୍କୁ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ**

**ଲାଠୋର,୨୪।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲ୍ଲା ଲାଠୋର ରାଜକଟା (ପୋଖରୀ) କୁ ଯିବା ପାଇଁ ଥିବା ସରକାରୀ ରାସ୍ତା ଉପରେ ଗ୍ରାମର ଜଣେ ବ୍ୟକ୍ତି ବେଆଇନ ଭାବେ ଦୋକାନ ଗୃହ ନିର୍ମାଣ କରୁଛନ୍ତି। ଏ ନେଇ ଲାଏବାନ ସୁନା ୨୦୨୨ ମେ ୯ ତାରିଖରେ ଖପ୍ରାଖୋଲ ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ହେଲେ ପ୍ରଶାସନ ଏହି ବେଆଇନ ନିର୍ମାଣକୁ ରୋକିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଅଭିଯୋଗ ଅନୁସାରେ ଗ୍ରାମର ଅଗ୍ରସେନ ଭବନ ନିକଟ ଦେଇ ରାଜକଟାକୁ ଯିବା ଆସିବା ପାଇଁ ୩୩ଫୁଟ ଚଉଡାର ଏକ ରାସ୍ତାଥିଲା। କାଳକ୍ରମେ ଏହି ରାସ୍ତାର ଉଭୟପାର୍ଶ୍ୱ ଜବରଦଖଲକୁ ଯାଇ ସଙ୍କୁଚିତ ହୋଇଗଲାଣି। ଏହିକ୍ରମରେ ବର୍ତ୍ତମାନ ସେହି ରାସ୍ତାରେ ଜଣେ ବ୍ୟକ୍ତି ଦୋକାନ ଗୃହ ନିର୍ମାଣ କରୁଥିବାରୁ ଯିବା ଆସିବା ପାଇଁ ମାତ୍ର ୫ରୁ ୮ ଫୁଟ ଚଉଡା ରାସ୍ତା ରହିଛି। ଫଳରେ ଲୋକ ଯିବା ଆସିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଭିଯୋଗ ପରେ ଜିଲାପାଳ ପାଟଣାଗଡ ଉପଜିଲ୍ଲାପାଳ ଏବଂ ଖପ୍ରାଖୋଲ ତହସିଲଦାରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ ବିଳମ୍ବ ହେବାରୁ ଲାଠୋର ପୋଲିସ ଏବଂ ସରପଞ୍ଚଙ୍କୁ ଅଭିଯୋଗପତ୍ର ଦିଆଯାଇଥିଲା। ହେଲେ କେହି ଏଥିପ୍ରତି ଦୃଷ୍ଟି ଦେଲେ ନାହିଁ। ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ପଚାରିଲେ ଆମେ ଏନକ୍ରୋଚମେଣ୍ଟ କେସ୍ କରି ସରକାରୀ ନିୟମ ଅନୁସାରେ ଯାଉଛୁ ବୋଲି କହିଛନ୍ତି।

## ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ

**ବୋଡ଼େନ,୨୪।୫(ଡି.ଏନ.ଏ.)**

ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ନୂଆପଡ଼ା ଜିଲା ବୋଡେନ ବ୍ଲକର ମହରାଜୋର ଗାଁରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଛି। ସରକାର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ନିମନ୍ତେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରିଆସୁଛନ୍ତି। ହେଲେ ବୋଡେନ ସଦର ମହକୁମାଠାରୁ ମାତ୍ର ୭ କିଲୋମିଟର ଦୂରରେ ରହିଥିବା ମହରାଜୋର ଗାଁର ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇପାରୁନାହାନ୍ତି। ଏହି ଗାଁର ଲୋକମାନେ ବୋଡେନ ବିଡିଓଙ୍କୁ ଭେଟି ସମସ୍ୟାର ସମାଧାନ କରିବାକୁ ଅଭିଯୋଗ କରିଥିଲେ। ବିଡ଼ିଓ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଲୋକେ ପାନୀୟ ଜଳ ପାଉନାହାନ୍ତି। ଏହା ପୂର୍ବରୁ ମଧ୍ୟ ବହୁବାର ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ତା'ର ସମାଧାନ ହୋଇପାରୁ ନାହିଁ।

## ବିପୁଳ ପରିମାଣର ନକଲି ବିଦେଶୀ ମଦ, ସାମଗ୍ରୀ ଜବତ



ଜବତ ସାମଗ୍ରୀ ସହ ଅଭିଯୁକ୍ତ।

**ନୂଆପଡ଼ା ଅଫିସ,୨୪।୫**

ନୂଆପଡ଼ା ଜିଲାର ବାଣିଜ୍ୟ କେନ୍ଦ୍ର ଭାବରେ ଜଣାଶୁଣା ଖରିଆର ରୋଡ଼ ସହରରେ ବେଆଇନ ଅପମିଶ୍ରିତ ନକଲି ବିଦେଶୀ ମଦ ଓ ସାମଗ୍ରୀ ଜବତ ହୋଇଛି। ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦର ଏକ ଭଡା ଘରେ ବେଆଇନ ଭାବରେ ଅପମିଶ୍ରିତ ନକଲି ବିଦେଶୀ ମଦ ତିଆରି ହେଉଥିବା କୌଣସି ସୂତ୍ରରୁ ଅବକାରୀ ବିଭାଗ ଖବରପାଇ ଅମିତ ସିଂ (୪୫) ନାମକ ଜଣେ ବ୍ୟକ୍ତିଙ୍କ ଘର ଉପରେ ଚଢାଉ କରି ବିପୁଳ ପରିମାଣର ବିଦେଶୀ ମଦ ସହିତ ମଦ ତିଆରି ସାମଗ୍ରୀ ଜବତ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକାରୀ ହାରାବତୀ ଆର୍ତ୍ତ କହିଛନ୍ତି।

## ସାମାନ୍ୟ ବର୍ଷାରେ ରାସ୍ତାରେ ଭାସୁଛି ଡ୍ରେନ ପାଣି



ଡ୍ରେନ ପାଣି ରାସ୍ତାରେ ପ୍ରବାହିତ ହେଉଛି।

**କେବେ ସଫା ହେବ ଡ୍ରେନ**

**କୋକସରା,୨୪।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଗ୍ରାମ ପଞ୍ଚାୟତ ବ୍ଲକ ସଦର ମହକୁମା ହୋଇଥିବା ବେଳେ ଏଠାରେ ଭୁଶୁଡ଼ି ପଡିଛି ପରିମଳ ବ୍ୟବସ୍ଥା। ରାଜ୍ୟ ସରକାରଙ୍କ ବିଭିନ୍ନ ପାଣ୍ଠିରୁ ପ୍ରତି ପଞ୍ଚାୟତକୁ ରାସ୍ତାଘାଟ, ନାଳନର୍ଦ୍ଦମା ଓ ଗାଁର ପରିବେଶ ସଫାସୁତୁରା କରିବାକୁ ଟଙ୍କା ଆସୁଛି। ହେଲେ ପଞ୍ଚାୟତର ସରପଞ୍ଚ ଓ ପିଇଓଙ୍କ ଅବହେଳାରୁ ରାସ୍ତା ଓ ପଡା ମଧ୍ୟରେ ଥିବା ଡ୍ରେନଗୁଡିକ ବର୍ଷ ବର୍ଷ ଧରି ସଫା ହୋଇପାରୁନାହିଁ। ଫଳରେ ଡ୍ରେନଗୁଡିକ ଆବର୍ଜନାରେ ଭରି ରହିଛି। ଅନେକ ଡ୍ରେନ ପୋତି ହୋଇରହିଛି। ଫଳରେ ସାମାନ୍ୟ ବର୍ଷା ହେଲେ ଡ୍ରେନର ମଇଳା ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। କୋକସରା ଗ୍ରାମ ୬ ୱାର୍ଡକୁ ନେଇ ଗଠିତ ହୋଇଥିବା ବେଳେ ୱାର୍ଡ ମଧ୍ୟରେ ଥିବା ଡ୍ରେନ ସବୁ ଆବର୍ଜନାମୟ ହୋଇ ପଡିରହିଛି। ସେହିପରି ଜାତୀୟ ରାଜପଥ କଡ଼କୁ ଲାଗି ରହିଥିବା ଡ୍ରେନ ଅନେକ ସ୍ଥାନରେ ପୋତି ହୋଇଗଲାଣି। ଅସରାଏ ବର୍ଷା ହେଲେ ଡ୍ରେନ ପାଣି ରାଜପଥ ଉପରେ ପ୍ରବାହିତ ହେଉଛି। ରାସ୍ତା ଦୁଇ କଡ଼ରେ ରହିଥିବା ବ୍ୟବସାୟିକ ଅନୁଷ୍ଠାନରୁ ବାହାରୁଥିବା ବର୍ଜ୍ୟବସ୍ତୁ ଡ୍ରେନରେ ପକାଇବା ଯୋଗୁ ଡ୍ରେନ ଅଧିକାଂଶ ସ୍ଥାନରେ ପୋତି ହୋଇପଡୁଛି। ଗ୍ରାମ ପଞ୍ଚାୟତ ପକ୍ଷରୁ ବିଗତ ବର୍ଷରେ ଏକ ଆବର୍ଜନା କୁଣ୍ଡ ନିର୍ମାଣ ହୋଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ତାହା ନଷ୍ଟ ହୋଇଗଲାଣି। ଏନେଇ କୋକସରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ଖର୍ସେଲଙ୍କୁ ପଚାରିବାରେ ଜଣେ ଠିକାଦାରଙ୍କୁ ଡ୍ରେନ ସଫା କରିବା ପାଇଁ କୁହାଯାଇଛି। ବର୍ଷା ଦିନ ପୂର୍ବରୁ ଡ୍ରେନଗୁଡିକ ସଫା କରାଯିବ ବୋଲି କହିଥିଲେ।

## ବ୍ଲକ ଡ୍ରାଇଭର ମହାସଂଘ ବୈଠକ

**ଲୋଇସିଂହା,୨୪।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଡ୍ରାଇଭର ମହାସଂଘର ଏକ ବୈଠକ ବୁର୍ଡା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ସଦସ୍ୟ ଫକିରମୋହନ ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲା ସଭାପତି ଅମୂଲ୍ୟ ସାହୁ, ସ୍ଥାନୀୟ ସଭାପତି ସୁରେଶ ସାହୁ, ସମ୍ପାଦକ ଭରତ ସାହୁ, ଆଗଲପୁର ବ୍ଲକ ସମ୍ପାଦକ ମୋହନଲାଲ ଶିଖା, କେଦାରଗୌରୀ ସାହୁ ଓ ସୁଶାନ୍ତ ସେଠ ଯୋଗଦେଇଥିଲେ। ସଂଗଠନ କିପରି ଆଗକୁ ବଢିବ ସେ ନେଇ ଆଲୋଚନା କରାଯାଇଥିଲା। ଏହାବ୍ୟତୀତ ଗାଡି ଚାଳନା ବେଳେ ସଂଘର ଡ୍ରେସ ପରିଧାନ ଏବଂ ବିନା ମାଦକ ଦ୍ରବ୍ୟରେ ଗାଡି ଚଲାଇବାକୁ ଉପସ୍ଥିତ ସଦସ୍ୟ ଶପଥ ଗ୍ରହଣ କରିଥିଲେ। ବୈଠକରେ ଅନୁପସ୍ଥିତ ସଦସ୍ୟ ମଧ୍ୟ ଏହି ନିୟମ ମାନିବାକୁ ବାଧ୍ୟ ବୋଲି ନିଷ୍ପତ୍ତି ହୋଇଥିଲା।

## ହାଇୱା ଧକ୍କାରେ ନାବାଳକ ମୃତ

**ନୂଆପଡ଼ା ଅଫିସ,୨୪।୫**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ କାଣ୍ଡେତରା ଠାରେ ଉଦ୍ୟାନବନ୍ଧ-ବଲାଙ୍ଗିର ରାସ୍ତା ଉପରେ ହାଇୱା ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ କୋମନା ବ୍ଲକ ଠିକପାଲି ପଞ୍ଚାୟତ କେନ୍ଦୁଭଟା ଗାଁର ତରୁଣ ନାଗ (୧୭)। ଶୁକ୍ରବାର ଅପରାହ୍ନରେ ତରୁଣ ଏକ ସାଇକେଲ ଯୋଗେ କାଣ୍ଡେତରା ଗାଁକୁ କିଛି ସାମଗ୍ରୀ କିଣିବା ପାଇଁ ଆସୁଥିଲେ। ଏହି ସମୟରେ ଓଡି ୦୫ ବିସି ୩୧୩୨ ନମ୍ବର ଏକ ହାଇୱା ଗେଟି ବୋଝେଇ କରି ଆସୁଥିବାବେଳେ ସାଇକେଲକୁ ପଛପଟୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତରୁଣଙ୍କୁ ଉଦ୍ଧାର କରି ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳରେ ଭର୍ତ୍ତି କରା ଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ହାଇୱା ଡ୍ରାଇଭର ସଞ୍ଜୟ କୁମାର ଦାସଙ୍କୁ ପୋଲିସ ଗିରଫ କରିଛି। ଗାଡିକୁ ଜବତ କରି ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

## 'ଶିଖିବାକୁ ପଢିବା, ପଢ଼ିବାକୁ ଶିଖିବା 'ତାଲିମ ଶିବିର

**କୋକସରା,୨୪।୫(ଡି.ଏନ.ଏ.)**

କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର 'ଶିଖିବାକୁ ପଢିବା, ପଢିବାକୁ ଶିଖିବା' ତାଲିମ ଶିବିର କୋକସରା ଜବାହର ଉଚ୍ଚ ବିଦ୍ୟାଳୟ ଓ ଲଡୁଗାଁ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଲଡୁଗାଁଠାରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଏବିଇଓ ତୋଫାନ ମାଝୀ, ଲଡୁଗାଁ ସିଆରସିସି ଗୋବର୍ଦ୍ଧନ ବେମାଲ, ସହ ଶିକ୍ଷକ ବୁଦ୍ଧିରାମ ନାଏକ ସମେତ ୫ ଗୋଟି କ୍ଲଷ୍ଟର ଲଡୁଗାଁ, ଆମପାଣି, କାଉଡୋଲା, କାଶିବାହଲ ଓ ତାଲଗୁମାର ୭୧ ଜଣ ଶିକ୍ଷକ ଉପସ୍ଥିତ ରହିଥିଲେ। ସେହିପରି କୋକସରା ହାଇସ୍କୁଲରେ ଅନୁଷ୍ଠିତ ତାଲିମ ଶିବିରକୁ ନୋଡାଲ ସିଆର୍‌ସିସି ବୈକୁଣ୍ଠ ଜାଳ ପରିଚାଳନା କରିଥିଲେ। ବିଇଓ ରମାକାନ୍ତ ଦାସ, ଶିକ୍ଷକ ସୟ ପୂଝାରୀ, ସୁବାଷ ଚନ୍ଦ୍ର ବାଗ, ପ୍ରଶାନ୍ତ କୁମାର ଶବର, ଜିତେନ୍ଦ୍ର ମୋହନ ସାହୁଙ୍କ ଉପସ୍ଥିତିରେ ବ୍ଲକର ବିଭିନ୍ନ କ୍ଲଷ୍ଟରରୁ ୭୧ ଜଣ ଶିକ୍ଷକ ଉପସ୍ଥିତ ରହିଥିଲେ। ଏହି ତାଲିମ ଶିବରରେ କେମିତି ଆଗକୁ ସ୍କୁଲରେ ଉପସ୍ଥାନ ବୃଦ୍ଧି ସହ ପ୍ରାଥମିକ ଶିକ୍ଷାର ବିକାଶ ହେବ ସେନେଇ ତାଲିମ ପ୍ରଦାନ କରାଯାଇଥିଲା।




ଲଡୁଗାଁ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ତାଲିମ ଶିବିର।

## କ୍ୱାର୍ଟର୍ସରେ ଚାଲିଥିଲା ବେଆଇନ ଫର୍ନିଚର ୟୁନିଟ

**■ କାରବାର ଚଳାଇଥିବା ତୁରେକେଲା ଷ୍ଟେଶନ ମାଷ୍ଟର ଜେଲ ଗଲେ**

**■ ଶାଗୁଆନ କାଠ, ଫର୍ନିଚର ଜବତ**

**କଣ୍ଟାବାଞ୍ଜି, ୨୪।୫(ଡି.ଏନ.ଏ.)**

ସରକାରୀ କ୍ୱାର୍ଟର୍ସରେ ବେଆଇନଭାବେ ଚାଲିଥିଲା ଫର୍ନିଚର ୟୁନିଟ। ଏଭଳି ଅଭିଯୋଗ ପରେ ବନ ବିଭାଗ ଚଢାଉ କରି ବଲାଙ୍ଗୀର ଜିଲା ତୁରେକେଲା ରେଲୱେ ଷ୍ଟେଶନ ମାଷ୍ଟର ଧର୍ମେନ୍ଦ୍ର କଶ୍ୟପଙ୍କୁ ସୋମବାର ରାତିରେ ଗିରଫ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ପରେ ତାଙ୍କୁ କଣ୍ଟାବାଞ୍ଜି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଜଣେ ଷ୍ଟେଶନ ମାଷ୍ଟରଙ୍କ ଭଳି ଦାୟିତ୍ୱପୂର୍ଣ୍ଣ ପଦରେ ଥାଇ ବେଆଇନ କାମ କରିବା ଓ ଗିରଫ ହୋଇ ଜେଲ ଯିବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ବନ ବିଭାଗ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଷ୍ଟେସନ ମାଷ୍ଟର କଶ୍ୟପ ଷ୍ଟେଶନ ପଛପଟେ ଥିବା ସରକାରୀ କ୍ୱାର୍ଟର୍ସରେ ଶାଗୁଆନ ଫର୍ନିଚର ୟୁନିଟ କରିଥିବା ଖବର ମିଳିଥିଲା। ବଲାଙ୍ଗୀର ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ



ଜବତ ଫର୍ନିଚରକୁ ବନ ବିଭାଗ ଜବତ କରି ନେଉଛି।

ଗତ ୧୩ତାରିଖରେ ଅତର୍କିତ ଚଢାଉ କରାଯାଇଥିଲା। ଚଢାଉ ବେଳେ ଉକ୍ତ କ୍ୱାର୍ଟର୍ସରୁ ୧୪.୮୨ସିଏଫଟି ଶାଗୁଆନ ଫର୍ନିଚର, ପଟ୍ଟା ଜବତ କରାଯାଇଥିଲା। ଫର୍ନିଚର କାମ କରୁଥିବା ୨କର୍ମଚାରୀ ରାମୋଡର ନୂଆ ଛତ୍ରିଆ ଓ ମହୁଲପାଟିର ଫକିର ସାହୁଙ୍କୁ ଗିରଫ କରାଯାଇଥିଲା। ପରେ ବନ ବିଭାଗ ଷ୍ଟେଶନ ମାଷ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଟିଟିଲାଗଡ ରେଲୱେ ଏଆରଏମଇ ଓ କଣ୍ଟାବାଞ୍ଜି ଷ୍ଟେଶନ ମ୍ୟାନେଜରଙ୍କୁ ଗତ ତା୧୯।୫।୨୨ରିଖରେ ପତ୍ର ଲେଖି ସହଯୋଗ ଲୋଡିଥିଲେ। ହେଲେ ସମ୍ପୃକ୍ତ ଅଧିକାରୀଦ୍ୱୟ କୌଣସି ପଦକ୍ଷେପ ନେଇ ନ ଥିଲେ। ଶେଷରେ ମହୁଲପାଟି ଫରେଷ୍ଟର ନୃପମଣି ମହାନନ୍ଦଙ୍କୁ ଚଢାଉ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ବଳରେ ସମ୍ପୃକ୍ତ ଷ୍ଟେଶନ ମାଷ୍ଟରଙ୍କୁ ଗିରଫ କରାଯାଇଥିବା କଣ୍ଟାବାଞ୍ଜି ରେଞ୍ଜର ଶ୍ରଦ୍ଧାଦେବ ବଡମାଲି ସୂଚନା ଦେଇଛନ୍ତି।

## କ୍ଷତିପୂରଣ ପାଇଁ ଦାବିପତ୍ର ପ୍ରଦାନ

ଜାମଟିକ୍ରା,(ଡି.ଏନ.ଏ.): ଗତ ୩ ଦିନ ଧରି ଅତାବିରା ବ୍ଲକ ଅଞ୍ଚଳରେ କାଳବୈଶାଖୀ ଯୋଗୁ ପ୍ରବଳ ପବନ ଓ ବର୍ଷା ହୋଇଛି। ଫଳରେ ବ୍ଲକର ୨୪ ପଞ୍ଚାୟତ ଓ ଅତାବିରା ଏନ୍ଏସି ଅଞ୍ଚଳର ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଛି। ତେଣୁ ଚାଷୀମାନଙ୍କ ନଷ୍ଟ ହୋଇଥିବା ଧାନ ଫସଲର କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ମଧ୍ୟବର୍ତ୍ତୀକାଳୀନ ସହାୟତା ରାଶି ପ୍ରଦାନ ଦାବି କରାଯାଇଛି। ମଙ୍ଗଳବାର ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ପକ୍ଷରୁ ଅତିରିକ୍ତ ତହସିଲଦାର ରଞ୍ଜନ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ସଭାପତି ବୀରେନ୍ଦ୍ର କର, ସୁରେନ୍ଦ୍ର ସ୍ୱାଇଁ, ସୁରେଶ କର୍ଣ୍ଣ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମହିଳାଙ୍କ ମୃତ୍ୟୁ

ଜୁନାଗଡ,୨୪।୫(ଡି.ଏନ୍.ଏ)-କଳାହାଣ୍ଡି ଜିଲା ଜୁନାଗଡ ଥାନା ଜାରିଙ୍ଗ ହାଇଟେକ ନର୍ସରୀ ନିକଟରେ ମଙ୍ଗଳବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳାଙ୍କ ପରିଚୟ ଜଣାପଡି ନ ଥିବା ବେଳେ ତାଙ୍କ ବୟସ ପାଖାପାଖି ୪୦ରୁ ୪୫ ହେବ ବୋଲି ପୋଲିସ ଠାରୁ ସୂଚନା ମିଳିଛି। ପ୍ରକାଶ ଯେ, ମଙ୍ଗଳବାର ସକାଳେ ସ୍ଥାନୀୟ ବନବିଭାଗ କର୍ମଚାରୀ ପାଟ୍ରୋଲିଂ କରିବା ସମୟରେ ବିଦ୍ୟୁତ୍ ତାର ଲାଗି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ଏପରି କି ପାଖରେ ଥିବା ଗଛପତ୍ରଗୁଡିକ ପୋଡି ଯାଇଥିବା ବେଳେ ମହିଳାଙ୍କ ଶରୀରର ବିଭିନ୍ନ ସ୍ଥାନ ପୋଡି ଯାଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ସ୍ଥାନୀୟ ଫରେଷ୍ଟର ଜଗଦୀଶ ମାଝୀ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣା ସ୍ଥଳକୁ ଯାଇ ମୃତଦେହ ଜବତ କରିଛି। ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୨) ରୁଜୁ ହୋଇଥିବା ଜଣାପଡିଛି।

### ବର୍ଷ ବର୍ଷ ଧରି ସଫା ହେଉନି ମୁଖ୍ୟ ଡ୍ରେନ୍



ମ.ରାମପୁର,୨୪।୫(ଡି.ଏନ୍.ଏ.): କଳାହାଣ୍ଡି ଜିଲା ମ.ରାମପୁର ସହର ମୁଖ୍ୟରାସ୍ତା ଦୁଇ ପାର୍ଶ୍ୱରେ ଚାରିଛକଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ନିର୍ମିତ ଡ୍ରେନର ସଫେଇ ହେଉ ନ ଥିବା ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ୨୦୧୩-୧୪ ବର୍ଷରେ ନିର୍ମିତ ଡ୍ରେନ ବର୍ଷ ବର୍ଷ ଧରି ସଫା ହେଉନାହିଁ। ଉକ୍ତ ଡ୍ରେନରେ କେତେକ ହୋଟେଲ, ଚା ଦୋକାନ, ପାନ ଦୋକାନ ଓ ଅନ୍ୟ ଦୋକାନ ପକ୍ଷରୁ ବର୍ଜ୍ୟବସ୍ତୁ ପକାଯିବା ଫଳରେ ସମସ୍ୟା ଦ୍ୱିଗୁଣିତ ହୋଇଛି। ଡ୍ରେନର ଅର୍ଦ୍ଧାଧିକ ଅଂଶ ପୋତି ହୋଇ ଯାଇଥିବାରୁ ବର୍ଷା ହେଲେ ନର୍ଦ୍ଦମା ପାଣି ରାସ୍ତା ଉପରେ ପ୍ରବାହିତ ହେବା ଆଶଙ୍କା ଦେଖାଯାଇଛି। ଯଥାଶୀଘ୍ର ଡ୍ରେନ ସଫା କରା ନ ଗଲେ ଗତବର୍ଷ ପରି ଏବର୍ଷ ଲୋକେ ଅସୁବିଧାର ସମ୍ମୁଖୀନ ହେବେ। ଡ୍ରେନ ସଫେଇ କାର୍ଯ୍ୟ ନେଇ ପଞ୍ଚାୟତ ମଧ ଚେଇଁ ଶୋଇଛି। ସେହିପରି ସାହି ଓ ପଡାଗୁଡିକୁ କରାଯାଇଥିବା ଡ୍ରେନର ପାଣି ଏହି ରାସ୍ତାକଡର ଡ୍ରେନ ପାଖକୁ ପହଁଞ୍ଚି ପାରୁନାହିଁ। ଫଳରେ କେତେକ ପଡାରେ ସମସ୍ୟ ଦେଖାଦେଇଛି। ବର୍ଷା ଋତୁ ଆସିବା ପୂର୍ବରୁ ଡ୍ରେନ ସଫେଇ କରିବା ପାଇଁ ଦାବି କରାଯାଇଛି। ଏନେଇ ବ୍ୟବସାୟୀ ଭାରତ ଭୂଷଣ ଜୈନ କହିଛନ୍ତି ଆମେ ଗତବର୍ଷ ସମସ୍ୟା ନେଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ବିଧାୟକ ଭୂପିନ୍ଦର ସିଂ, ପୂର୍ବତନ ଜିଲା ପରିଷଦ ସଭ୍ୟ ମ.ରାମପୁର ପୁଷ୍ପେନ୍ଦ୍ର କୁମାର ସିଂହଦେଓଙ୍କୁ ଅବଗତ କରିଥିଲୁ। ସେମାନେ ୧୫ ଦିନ ଭିତରେ ଡ୍ରେନ ସଫା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାମଧରେ ୧୦ ମାସ ବିତି ଯାଇଥିଲେ ମଧ ସମସ୍ୟାର ସମାଧାନ ହୋଇନାହିଁ। କନିଷ୍ଠ ଯନ୍ତ୍ରୀ ଚକ୍ରଧର ବେହେରା କହିଛନ୍ତି କାମ ଆସିଲେ ନିର୍ଦ୍ଦେଶ ହେଲେ ତଦାରଖ କରିବା ଦାୟିତ୍ୱ ଆମର। ମ.ରାମପୁର ସରପଞ୍ଚ ବି. ସାହୁ ବର୍ଷା ଦିନ ପୂର୍ବରୁ ନିଶ୍ଚିତ ଡ୍ରେନ ସଫା କରାଯିବ ବୋଲି କହିଛନ୍ତି।

# କମିଲା ଉତ୍ପାଦନ, ଚିନ୍ତାରେ କଳାହାଣ୍ଡି ଆମ୍ବଚାଷୀ

ଭବାନୀପାଟଣା,୨୪।୫(ସପ୍ର)



କଳାହାଣ୍ଡିର ଆମ୍ବ ଚାଷୀଙ୍କ ପାଇଁ ଦୁଃଖ ଆଣିଦେଇଛି ପ୍ରକୃତି। ବିଗତ ବର୍ଷଗୁଡିକରେ ଯେଉଁ ଗଛରେ ଆମ୍ବ ଭର୍ତ୍ତି ହେଉଥିଲା ସେହି ଗଛରେ ଆମ୍ବ ଖୋଜିବାକୁ ପଡୁଛି। ଫଳରେ ଭଲ ଦୁଇ ପଇସା ରୋଜଗାର ଆଶା ରଖିଥିବା ଚାଷୀ ଏବେ ଚିନ୍ତାରେ ଅଛନ୍ତି। ଫଳ ରାଜା ଆମ୍ବ। ଆମ୍ବ ଖାଇବାକୁ ସମସ୍ତେ ପସନ୍ଦ କରିଥାନ୍ତି। ଖରାଦିନ ଆସିଲେ ଗଛରେ ଆମ୍ବ ପାଚେ ଓ ଏହାକୁ ବିକ୍ରି କରି ଚାଷୀ ଭଲ ଦୁଇ ପଇସା ରୋଜଗାର କରେ। ମାତ୍ର ଚଳିତବର୍ଷ ଅଦିନିଆ ବର୍ଷା ଓ ଘୂର୍ଣ୍ଣିଝଡ଼ ଯୋଗୁ ଆଶାନୁରୂପ ଫଳ ଆସିଲା ନାହିଁ। ଫଳରେ ବଜାରରେ ଏବେ ଅନ୍ୟ ରାଜ୍ୟର ଆମ୍ବ ରାଜ୍ କରୁଛି। ଯେଉଁ ଆମ୍ବ ଦିନେ ବଜାରରେ କିଲୋ ପ୍ରତି ୧୫ରୁ ୨୦ ଟଙ୍କାରେ ବିକ୍ରି ହେଉଥିଲା ଏବେ ବାହାର ରାଜ୍ୟ ଆମ୍ବ ନାଁରେ ୮୦ରୁ ୧୦୦ଟଙ୍କାରେ ବିକ୍ରି ହେଉଛି। ଫଳରେ ଖାଉଟି ଚାହିଦା ମୁତାବକ କିଣିବାକୁ ସକ୍ଷମ ହେଉନାହିଁ। କଳାହାଣ୍ଡି ଜିଲାର ୧୩ ଗୋଟି ବ୍ଲକରେ ହଜାର ହଜାର କୁଇଣ୍ଟାଲ ଆମ୍ବ ଉତ୍ପାଦନ ହୋଇଥାଏ। ଜାହାଙ୍ଗୀର, ଗୁଲାବଖସ, ମଲିକା, ବାଇଗଣଫଳି, କଳାପାହାଡ଼ ଭଳି ୬୦ରୁ ଅଧିକ କିସମର ଆମ୍ବ ଜିଲାରେ ଉତ୍ପାଦନ ହୋଇଥାଏ। ପାଖାପାଖି ୧୫ ହଜାର ହେକ୍ଟର ଜମିରେ ଚାଷୀ ଆମ୍ବ ଉତ୍ପାଦନ କରିଥାନ୍ତି।

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବଲାଙ୍ଗୀର ଅଫିସ, ୨୪।୫

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ କୁସମେଲ ଗାଁର ପିପଲକଟା (ବନ୍ଧ)ରୁ ଆଇଟିଆଇ ଛାତ୍ର ଦୀପୁନ ପଧାନ (୧୮)ଙ୍କ ମୃତଦେହ ଗତ ୮ ତାରିଖ ଉଦ୍ଧାର କରାଯାଇଥିଲା। ଦୀପୁନଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିବା ସହ ମଙ୍ଗଳବାର ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରିଥିଲେ। ଦୀପୁନଙ୍କ ବାପା ସନାତନ ପ୍ରଧାନ କହିଥିଲେ ଯେ, ଗାଁର ଜଣେ ଝିଅଙ୍କ ସହ ତାଙ୍କ ପୁଅର ପ୍ରେମ ସମ୍ପର୍କ ରହିଥିଲା। ଏହି ପ୍ରେମ ସମ୍ପର୍କକୁ ବିରୋଧ କରି ସମ୍ପୃକ୍ତ ଝିଅର ବାପା ଦୀପୁନ୍‌ଙ୍କୁ କୁଆଡେ ଧମକ ଦେଇଥିଲେ। ତେଣୁ ଦୀପୁନଙ୍କ ସନ୍ଦେହଜନକ ମୃତ୍ୟୁ ପରେ ତାଙ୍କୁ ହତ୍ୟା କରାଯାଇଥିବା ପ୍ରମାଣିତ ହୋଇଛି ବୋଲି ଦୀପୁନଙ୍କ ବାପା ଅଭିଯୋଗ କରିଛନ୍ତି। ଘଟଣାକୁ ୧୬ଦିନ ବିତି ଯାଇଥିଲେ ମଧ ପୋଲିସ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ମଙ୍ଗଳବାର ଏସ୍‌ପି ଅଫିସରେ ଆଉ ଏକ ଅଭିଯୋଗ ପତ୍ର ଦେଇ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୭ ତାରିଖ ରାତି ପ୍ରାୟ ୮ଟାରେ ଦୀପୁନ ତାଙ୍କର କେତେଜଣ ସାଙ୍ଗଙ୍କ ସହ ଭୋଜି କରିବାକୁ ଯାଇଥିଲେ। ତେବେ ରାତିରେ ସେ ଆଉ ଘରକୁ ଫେରି ନ ଥିଲେ। ରବିବାର ପୂର୍ବାହ୍ନରେ ପିପଲକଟା ବନ୍ଧରେ ଦୀପୁନଙ୍କ ମୃତଦେହ ଭାସୁଥବା ଦେଖିବାକୁ ମିଳିଥିଲା। କିଭଳି ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ୧୬ ଦିନ ବିତିଯାଇଥିଲେ ମଧ ବ୍ୟବଚ୍ଛେଦ ରିପୋର୍ଟ ଦିଆଯାଇ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକଙ୍କ ପରିବାର ସଦସ୍ୟଙ୍କ ସହ ଖବରଦାତା ସମ୍ମିଳନୀରେ ସ୍ୱେଚ୍ଛାସେବୀ ବିଶ୍ୱମୟ ପୂଜାରୀ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଦୀପୁନଙ୍କ ପରିବାର ଲୋକେ।

**ଆଇଟିଆଇ ଛାତ୍ର ସନ୍ଦେହଜନକ ମୃତ୍ୟୁ ଘଟଣା**

# ଆଇନ ଉଲ୍ଲଂଘନ କରି ଚାଲିଛି ମଦ ବିକ୍ରି

ବଲାଙ୍ଗୀର ଅଫିସ, ୨୪।୫

ବଲାଙ୍ଗୀର ସହର ରମାଇ ଟକିଜ୍ ରାସ୍ତାର ଗୁରୁଦ୍ୱାରା ଲେନ୍ ଷ୍ଟଲରେ ଲାଇସେନ୍ସ ନଥାଇ ଜଣେ ମଦ ବେପାରୀ ଖୋଲାଖୋଲି ମଦ ବିକ୍ରି କରିଛନ୍ତି। ଏହା ଜିଲା ଅବକାରୀ ବିଭାଗ ଏବଂ ପୋଲିସ ବିଭାଗର ଜାଣତରେ ଚାଲିଥିବା ଚର୍ଚ୍ଚାର ବିଷୟ ହୋଇଛି। ମାସିକ ୫ ଲକ୍ଷ ଟଙ୍କା ବଦିରେ ଏହି ବେଆଇନ ମଦ ବିକ୍ରି କରାଯାଉଥିବା କୁହାଯାଉଛି। ବେପାରୀଙ୍କ ବାର ଲାଇସେନ୍ସ ରହିଥିବାବେଳେ ଷ୍ଟଲରେ ଖୋଲା ମଦ ବିକ୍ରି କରିବା ଲାଇସେନ୍ସ ନାହିଁ। ଏହାସତ୍ତ୍ୱେ ସେ ଜିଲା ସଦର ମହକୁମାରେ ଖୋଲାଖୋଲି ମଦ ବିକ୍ରି କରୁଛନ୍ତି। ଲୋକେ ଅଭିଯୋଗ କଲେଜ କେବେ କେମିତି ପୋଲିସ ବିଭାଗ ଓ ଅବକାରୀ ବିଭାଗ ସେଠାକୁ ଯାଇ ଷ୍ଟଲକୁ ସିଲ୍ କରି ଦେଇ ଆସୁଛନ୍ତି। ପୁଣି କିଛିଦିନ ପରେ ଖୋଲାଖୋଲି ମଦ ବିକ୍ରି ହେଉଛି। ଜିଲା ଅବକାରୀ ବିଭାଗ ବେଆଇନ ମଦ ବିକ୍ରିକୁ ବନ୍ଦ କରିବା ପରିବର୍ତ୍ତେ ଉତ୍ସାହିତ କରୁଥିବା ଅଭିଯୋଗ ହେଉଛି। ଏନେଇ ଜିଲା ଅବକାରୀ ଅଧୀକ୍ଷକ ନାରାୟଣ ମେହେରଙ୍କୁ ପଚରାଯିବାରୁ ସେଠରେ ବାର ଲାଇସେନ୍ସ ଦିଆଯାଇଛି। ଖୋଲାଖୋଲି ଷ୍ଟଲରେ ମଦ ବିକ୍ରି କରିବାକୁ ଲାଇସେନ୍ସ ଦିଆଯାଇନାହିଁ। ଯଦି ସେଠାରେ କେହି ବିକ୍ରି କରୁଛି ସେନେଇ ତାଙ୍କ ପାଖରେ ସୂଚନା ନାହିଁ। ତେବେ ସେଠାକୁ ଏବେହିଁ ଅବକାରୀ ଟିମ୍‌କୁ ପଠାଉଛି ବୋଲି କହିଥିଲେ।

# କୃଷକ ସଚେତନତା କାର୍ଯ୍ୟକ୍ରମ



କୃଷକ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀମାନେ।

ଲୋଇସିଂହା,୨୪।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଗଲାପାଲି ଗାଁରେ କୃଷକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ଚାଷରୁ ଚାଷୀ ବାହାରି ବୈଷୟିକ ଜ୍ଞାନକୌଶଳରେ ଚାଷ କରିବା, ମରୁଡି ସହଣି ଓ ପୋଷକତତ୍ତ୍ୱ ଥିବା ଧାନ ଚାଷ କରିବା ଉପରେ ଚାଷୀଙ୍କୁ ପରାମର୍ଶ ଦିଆଯାଇଥିଲା। ସଚେତନତା ସଭାରେ ଇରି ସଂସ୍ଥାର କ୍ଷେତ୍ର ଅଧିକାରୀ ଦିଲୀପ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ବ୍ଲକଗୋଷ୍ଠୀ କୃଷି ଅଧିକାର ଉମାଶଙ୍କର ମିଶ୍ର ତାଙ୍କ ବକ୍ତବ୍ୟରେ ପାରମ୍ପରିକ ଚାଷ ଛାଡି ବୈଷୟିକ ଜ୍ଞାନ କୌଶଳରେ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ରାସାୟନିକ ସାର ପ୍ରୟୋଗ ଦ୍ୱାରା ମାଟିର ଉର୍ବରତା କମିବା ସହ ବିଭିନ୍ନ ରୋଗର ପ୍ରମୁଖ କାରଣ ସାଜିଛି। ତେଣୁ ଚାଷୀମାନେ ସଚେତନ ହୋଇ ଜୈବିକ ସାର ବ୍ୟବହାର ଦିଗରେ ସେ ଗୁରୁତ୍ୱାରୋପ କରିଥିଲେ। ଅଗଲାପାଲି ଗାଁର ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ ଚିନାବାଦାମ ଚାଷ ପାଇଁ ପ୍ରୋତ୍ସାହିତ କରାଯିବ ବୋଲି ସେ କହିଥିଲେ। ସମ୍ମାନୀତ ଅତିଥି ସହକାରୀ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ, ମାଟି ପରୀକ୍ଷା, ଉତ୍ତମ ବିହନ, ଚାଷ ପାଇଁ ଅନୁକୂଳପାଗ, ସମନ୍ୱିତ ସାର ଓ ରୋଗପୋକ ପରିଚାଳନା ଏପରିକି ଚାଷ ପାଇଁ ୭ଟି ତତ୍ତ୍ୱ ଉପରେ ଚାଷୀ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସଭା ପୂର୍ବରୁ ସଂସ୍ଥା ପକ୍ଷରୁ ଗ୍ରାମର ରାମଚନ୍ଦ୍ର ମିଶ୍ରଙ୍କ ଖେତରେ ରବିରେ ଚାଷ ହୋଇଥିବା ପ୍ରାମାଣିକ ଧାନକ୍ଷେତ୍ରକୁ ଚାଷୀ ଓ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିଥିଲେ।

# କୈଳାସ ଦଣ୍ଡସେନା ବ୍ଲକ କଳାକାର ସଂଘ ଉପସଭାପତି

ମୁରିବାହାଲ, ୨୪।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ କଳାକାର ସଂଘ ଉପସଭାପତିଭାବେ କୈଳାସ ଦଣ୍ଡସେନାଙ୍କୁ ଚୟନ କରାଯାଇଛି। ମଙ୍ଗଳବାର ବ୍ଲକ ପରିସରର ବିଶିଷ୍ଟ କଳାକାର ଫକୀର ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଉପସଭାପତି ଥିବା ସତ୍ୟନାରାୟଣ ଭୋଇଙ୍କ ଦେହାନ୍ତ ପରେ ଏହି ପଦ ଖାଲି ପଡିଥିଲା। ସମ୍ପ୍ରତି ବ୍ଲକ କଳାକାର ସଂଘ ସଭାପତିଭାବେ ଦାୟିତ୍ୱରେ ଥିବା ବିଡିଓ ପ୍ରିୟରଞ୍ଜନ କୁମାରଙ୍କୁ ବୈଠକର ନିଷ୍ପତ୍ତି ସମ୍ପର୍କରେ ଅବଗତ କରି ଦିଆଯାଇଛି। ସାମୂହିକ ବିକାଶ ସହ କଳାକାରମାନଙ୍କ ପାଇଁ ଭତ୍ତା ପ୍ରଦାନ ବ୍ୟବସ୍ଥା ସରଳୀକରଣ କରିବାକୁ ବିଡ଼ିଓ କୁମାର ଏହି ଅବସରରେ ବିଏସଏସଓ ତ୍ରିଲୋଚନ ବାଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଡିଓଙ୍କୁ ଚୟନ ସମ୍ପର୍କିତ ସ୍ୱୀକୃତିପତ୍ର ପ୍ରଦାନ ସମୟରେ ଶଙ୍କର ତାଣ୍ଡି, ସୁବାସ ତାଣ୍ଡି, ଖଗେଶ୍ୱର ମଝି, ଇନ୍ଦ୍ରମଣି ବନଛୋର, ସୁବାସ ଚନ୍ଦ୍ର ଦେଓ, ଦାଶରଥି ସାହୁ, ବଲ୍ଲବ ବୁଡେକ, ପ୍ରଶାନ୍ତ ପସାୟତ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ବୈଷୟିକ ଦଳ ବୈଠକ

ଦେଓଗାଁ,୨୪।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୃଷି ପରାମର୍ଶ କେନ୍ଦ୍ରଠାରେ ମଙ୍ଗଳବାର ବ୍ଲକସ୍ତରୀୟ ବୈଷୟିକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ତଥା ବିଟିଟି ଆବାହକ ପ୍ରଦୀପ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦେଓଗାଁ ବ୍ଲକରେ ଚାଲିଥିବା ବିଭିନ୍ନ କୃଷିଭିତ୍ତିକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏହା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ପ୍ରାଣୀଧନ ଚିକିତ୍ସକ ଚନ୍ଦ୍ରମଣି ସାହୁ ବୈଠକରେ ଯୋଗଦେଇ ଗୋପାଳନ, ଛେଳି ପାଳନ ଉପରେ ଆଲୋକପାତ କରିଥିଲେ। ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତ ଉଦ୍ୟାନ ସମ୍ପର୍କିତ ଚାଷ ଓ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ଓ ତାର ଅଗ୍ରଗତି ଉପରେ ଧାରଣା ପ୍ରଦାନ କରିଥିଲେ। ମତ୍ସ୍ୟ ଅଧିକାରୀ ଯୁଧିଷ୍ଠିର ତ୍ରିପାଠୀ ବୈଠକରେ ବକ୍ତବ୍ୟ ରଖି ମାଛଚାଷ ଉପରେ ବିଭିନ୍ନ ଗାଁରେ ହାତକୁ ନିଆଯାଇଥିବା ପ୍ରକଳ୍ପ ଉପରେ ସୂଚନା ଦେଇଥିଲେ। ଏଫଇଏସ (ଫାଉଣ୍ଡେସନ ଅଫ ଇକୋଲୋଜିକାଲ ସିକ୍ୟୁରିଟି) ବ୍ଲକ ସଂଯୋଜକ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ବ୍ଲକରେ ଜୈବିକ ପଦ୍ଧତି ଉପରେ ଚାଷୀଙ୍କୁ କେମିତି ସଚେତନ କରାଯାଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ଓଏଲଆଇସି ଯନ୍ତ୍ରୀ ସନ୍ଦିପ କୁମାର ମିଶ୍ର କହିଥିଲେ ଯେ ଗତବର୍ଷ ଯେଉଁ ଚାଷୀମାନେ ଗଭୀର ନଳକୂପ ଖନନପାଇଁ ଆବେଦନ କରିଛନ୍ତି ସେମାନଙ୍କ ନଳକୂପ ଖନନ ଟେଣ୍ଡର ପ୍ରକ୍ରିୟା ହୋଇ ନ ଥିବାରୁ ବିଳମ୍ବ ହୋଇଛି। ତାହା ଚଳିତବର୍ଷ ଡିସେମ୍ବର ମାସ ସୁଦ୍ଧା କାର୍ଯ୍ୟକାରୀ ହେବ ବୋଲି କହିଥିଲେ। ଏହାସହ ମୃତ୍ତିକା ସଂରକ୍ଷଣ ସହକାରୀ ଯନ୍ତ୍ରୀ ସୋନାଲୀ କୁମୁରା, ବ୍ଲକ କୃଷିବିଭାଗ ସହକାରୀ ଯନ୍ତ୍ରୀ ଅଙ୍କିତା ପୁରୋହିତ, ଆତ୍ମାର ବ୍ଲକ ସଂଯୋଜକ ସୌମ୍ୟଶକ୍ତି ଦାଶ, ଗୌରହରୀ ଜୁଆଡି, ପ୍ରାଣବନ୍ଧୁ ରାଉତ, ପ୍ରଶାନ୍ତ କୁମାର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।



ଦେଓଗାଁ ବ୍ଲକସ୍ତରୀୟ ବୈଷୟିକ ବୈଠକ ଚାଲିଛି।

# ବଲାଙ୍ଗୀରରେ ଆରମ୍ଭ ହେଲା ରବିଧାନ କିଣା

ବଲାଙ୍ଗୀର ଅଫିସ, ୨୪।୫

ବଲାଙ୍ଗୀର ଜିଲାରେ ରବିଧାନି କିଣା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଜିଲାପାଳ ଚଞ୍ଚଳ ରାଣା ମଳମଣ୍ଡା ପାକ୍ସରେ ରବିଧାନ କିଣାର ଶୁଭାରମ୍ଭ କରିଥିଲେ। ଧାନ ସଂଗ୍ରହ ସୁରୁଖୁରୁରେ ହୋଇପାରିବା ନେଇ ବ୍ୟବସ୍ଥା କରାଯାଇଥିବା ଜିଲାପାଳ ରାଣା ସୂଚନା ଦେଇଥିଲେ। ଜିଲାରେ ଚଳିତ ରବିଋତୁରେ ୧ ଲକ୍ଷ ୫୦ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲାରେ ରବିଋତୁ ପାଇଁ ୫ ହଜାର ୫ ଶହ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ୧୦୦ଟି ପାକ୍ସ ଏବଂ ୬ଟି ଏସଏଚ୍‌ଜି ଜରିଆରେ ଧାନକିଣା ହେବ। ୫୧ଟି ରାଇସ ମିଲକୁ ଧାନ ଲିଫ୍ଟିଂ ପାଇଁ ଅନୁମତି ଦିଆଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମିର ରାଜା ଅଲି ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ଶ୍ରେୟାନଭି




ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିବା ଶ୍ରେୟାନଭି।

ଜୁନାଗଡ,୨୪।୫(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମାଲିଗୁଡା ଗ୍ରାମର ଶ୍ରେୟାନଭି ପଣ୍ଡା ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ସେ ତାଙ୍କ ବୟସ ଅନୁଯାୟୀ କମ୍ ସମୟ ମଧ୍ୟରେ ୧ରୁ ୧୦ ସଂଖ୍ୟା କହିବା, ଋତୁର ନାମ ଓ ହିଂସ୍ର ଜନ୍ତୁଙ୍କ ନାମ କହି ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇ ପାରିଛନ୍ତି। ମା' ପ୍ରିୟଙ୍କା ପଣ୍ଡା ଓ ବାପା ତାପସ କୁମାର ପଣ୍ଡାଙ୍କ ପ୍ରଚେଷ୍ଟାରେ ମାତ୍ର ୩ ବର୍ଷ ବୟସରେ ସେ ଏହି କୃତିତ୍ୱ ହାସଲ କରି ପାରିଛନ୍ତି। ଯାହାକୁ ନେଇ ସେ ଅଞ୍ଚଳରେ ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି। ବର୍ତ୍ତମାନ ଶ୍ରେୟାନଭି ଓ ତାଙ୍କ ପରିବାର ଜୁନାଗଡ ସହରର ଫତେନଗରପଡାରେ ରହୁଛନ୍ତି।

# ତହସିଲଦାରଙ୍କ ଠାରେ ଫେରାଦ ହେଲେ ରାବଣଗୁଡ଼ାବାସୀ

ଧର୍ମଗଡ,୨୪।୫(ଡି.ଏନ୍.ଏ.)

**ରାଜସ୍ୱ ଗ୍ରାମ ଦାବି**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ରାବଣଗୁଡା ଗ୍ରାମବାସୀ ନିଜ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବା ଦାବି ନେଇ ସ୍ଥାନୀୟ ତହସିଲଦାରଙ୍କ ଠାରେ ଫେରାଦ ହୋଇଛନ୍ତି। ରାବଣଗୁଡା ବର୍ତ୍ତମାନ ସୁଦ୍ଧା ରାଜସ୍ୱ ଗ୍ରାମ ହୋଇ ନ ଥିବାରୁ ସ୍ଥାନୀୟ ଗ୍ରାମବାସୀ ନିଜ ଜମିକୁ ଡିମାର୍କେଶନ କରି ପାରୁନାହାନ୍ତି। ସେହିପରି ଜାତିଗତ ପ୍ରମାଣପତ୍ର, ଜମି କିଣା ବିକା ସମୟରେ ସ୍ଥାନୀୟ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗ୍ରାମକୁ ଶୀଘ୍ର ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯିବା ସହ ସମସ୍ତ ଜମିର କାଗଜପତ୍ରକୁ କମ୍ପ୍ୟୁଟରକରଣ କରାଯାଉ ବୋଲି ଦାବି କରିଛନ୍ତି। ଭାଜପା ଜିଲା ସାଧାରଣ ସମ୍ପାଦକ ସୁଧୀର ପଟ୍ଟଯୋଷୀଙ୍କ ନେତୃତ୍ୱରେ ଗ୍ରାମର ଧୋବଲେ ଗୋପାଲ, ବିରଜା ନାଏକ, ଜୟନାରାୟଣ ନାୟକ, ବିପିନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହାପୂର୍ବରୁ ଗ୍ରାମବାସୀ କଳାହାଣ୍ଡି ଜିଲାପାଳଙ୍କୁ ଏ ନେଇ ଜଣାଇଥିଲେ ମଧ କିଛି ସୁଫଳ ମିଳି ନ ଥିବା ପ୍ରକାଶ କରିଛନ୍ତି।



ଧର୍ମଗଡ ତହସିଲଦାରଙ୍କ ନିକଟରେ ରାବଣଗୁଡା ଗ୍ରାମବାସୀ।

# ଜିଲା ଯାଦବ ସମାଜ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର

ନୂଆପଡ଼ା ଅଫିସ,୨୪।୫

ଗତ ୧୨ ତାରିଖ ରାତିରେ ଖଡ଼ିଆଳ ଥାନା ସମ୍ମୁଖରେ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ କେତେଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଜିଲା ଯାଦବ ସମାଜ ପକ୍ଷରୁ ମଙ୍ଗଳବାର ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଇଛି। ପ୍ରାପ୍ତ ସୂଚନାନୁସାରେ ଗତ ୧୨ ତାରଖ ଖଡିଆଳ ଥାନା ଅନ୍ତର୍ଗତ ଡୁକଲା ଗାଁର ସ୍ୱାମୀ-ସ୍ତ୍ରୀ ମଧ୍ୟରେ କଳହ ହେବାରୁ ସ୍ୱାମୀ ସ୍ତ୍ରୀଙ୍କୁ ମାଡ ମାରିଥିଲେ। ସ୍ତ୍ରୀ ଅଚେତ ହୋଇଯିବାରୁ ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଖଡିଆଳ ଉପଖଣ୍ଡିୟ ପୋଲିସ ଅଧିକାରୀ ସନ୍ତକ ଜେନା ମୃତଦେହକୁ ଜବତ କରିବା ସହ ସ୍ୱାମୀଙ୍କୁ ଥାନାରେ ଅଟକ ରଖିଥିଲେ। ଏହି ସମୟରେ ଉଭୟ ପକ୍ଷର ଲୋକେ ଥାନାରେ ପହଞ୍ଚିଥିଲେ। ଠିକ୍ ସେହି ସମୟରେ ଖବରଦାତା ରବିକାନ୍ତ ଠେଲା ଥାନାରେ ପହଞ୍ଚି ମୃତ ମହିଳାଙ୍କ ଫଟୋ ଉଠାଇବା ପାଇଁ ଚେଷ୍ଟା କରୁଥିଲେ। ଉଭୟ ପକ୍ଷର ଲୋକ ତାଙ୍କୁ ବାରଣ କରିଥିଲେ। ସେହି ସମୟରେ ଉଭୟ ପକ୍ଷର ଲୋକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ରବିଙ୍କ ଉପସ୍ଥିତିକୁ ନେଇ ଉତ୍କ୍ଷିପ୍ତ ହୋଇ ଥାନା ସମ୍ମୁଖରେ ରବିଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଜନଗହଳିପୂର୍ଣ୍ଣ ଥାନା ସମ୍ମୁଖରେ ବିଚ ରାସ୍ତାରେ ତଳେ ପକାଇ ମାଡମାରି ଚାଲିଥିଲେ। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଖବରଦାତାମାନେ ଖଡିଆଳ ଥାନା ସମ୍ମୁଖରେ ଧାରଣାରେ ବସିଥିବା ସମୟରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମଧ୍ୟ ସମର୍ଥନ ଜଣାଇ ଧାରଣାରେ ବସିଥିଲେ। ମଙ୍ଗଳବାର ଜିଲା ଯାଦବ ସମାଜ ସଭାପତି ହରେରାମ କଠାରଙ୍କ ନେତୃତ୍ୱରେ ଜିଲା ଯାଦବ ସମାଜର ପ୍ରତିନିଧିମାନେ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ସାକ୍ଷାତକରି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେଦିନ ଦାୟିତ୍ୱରେ ରହି ନିରବଦ୍ରଷ୍ଟା ସାଜିଥିବା ପୋଲିସ କର୍ମଚାରୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଲମ୍ବୋଦର ନିଆଲ, ଜୋହନ ରାଉତ, ଭରତଲାଲ ରାଉତ, ଲେଖସିଂ ରାଉତ, ଯୋଗେନ୍ଦ୍ର ବାଗ, ପବିତ୍ର ପୋଡ, ସନ୍ତୋଷ ନିଆଲ, ଜ୍ଞାନେଶ୍ୱର ବାଗ, ଅନିରୁଦ୍ଧ ନାଗ ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ପିଙ୍କ ସହିତ ଯାଦବ ସମାଜ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

### ବିଦ୍ୟୁତ୍ ତାର ଚୋରି, ଜଣେ ଗିରଫ

ପଦ୍ମପୁର,(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଅଧୀନ ସରେଇକେଲା ଗ୍ରାମର ଗୋବିନ୍ଦ ବାରିକଙ୍କ ଗଭୀର ନଳକୂପ ଟ୍ରାନ୍ସଫର୍ମରରୁ ତମ୍ବା ତାର ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ମହେଶ ଷଣ୍ଢ। ତାଙ୍କଠାରୁ ଦୁଇ କେଜି ତାର ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଜଗଦଲପୁର ଥାନାରେ ଏକ ମାମଲା (ନଂ.୭୧।୨୨) ରୁଜୁ ହୋଇଛି।

**ସଂକ୍ଷେପରେ**

## ୧୦୨ କେଜି ଗଞ୍ଜେଇ ଜବତ



ବୌଦ୍ଧ,୨୪।୫(ସ୍ୱ.ପ୍ର.): ବୌଦ୍ଧ ଜିଲାରେ ଗଞ୍ଜେଇ ଚାଷ ଓ କାରବାର ଏକ ସାଧାରଣ ଘଟଣା ହୋଇଛି । ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଧରପଗଡ ପରେ ବି ଜିଲାରୁ ଗଞ୍ଜେଇ ଚାଲାଣ ବନ୍ଦ ହୋଇପାରୁନି। ଗତ ବୁଧବାର ଦିନ ବୌଦ୍ଧ ପୋଲିସ ଚଢାଉ କରି ବଘିଆପଡା ଜଙ୍ଗଲ ମଧ୍ୟରୁ ୭ କୁଇଣ୍ଟାଲ ଗଞ୍ଜେଇ ଜବତ କରି ଜଣଙ୍କୁ କୋର୍ଟ ଚାଲାଣ କରିଥିଲା । ସେହିପରି ସୋମବାର କନ୍ଧମାଳ ପୋଲିସ ଗଞ୍ଜେଇ ଚୋରା ଚାଲାଣ ଘଟଣାରେ ୪ ଜଣଙ୍କୁ ଗିରଫ କରିଥିଲା । ମଙ୍ଗଳବାର ଦିନ ବୌଦ୍ଧ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଗୋଛାପଡା ଜଙ୍ଗଲ ଅଞ୍ଚଳରୁ ୧୦୨ କେଜି ଗଞ୍ଜେଇ ଜବତ ହୋଇଛି । ଏହି ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଗଞ୍ଜେଇ କାହାର ଏନେଇ ତଦନ୍ତ ଆରମ୍ଭ ହୋଇଛି । ଚଢାଉରେ ଅବକାରୀ ଇନ୍ସପେକ୍ଟର ସ୍ପନ୍ଦନ ମହାନ୍ତି ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

## ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିକଲା ବରିଷ୍ଠ ନାଗରିକ ସଂଘ

ଅମରପାଲି,୨୪।୫(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଂଘ ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ଓଡିଶା ସରକାରଙ୍କ ନିକଟରେ ଦାବି କରିଛି। ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ପରିସରରେ ଡ.ପ୍ରଫୁଲ୍ଲ ରଥଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ସରକାର ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଏହି ଅବସରରେ ଓଡିଶା ବାର ଆସୋସିଏଶନର ବିରୋଧାତ୍ମକ ମନ୍ତବ୍ୟକୁ ସଭ୍ୟମାନେ ନିନ୍ଦା କରିଥିଲେ। ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ହେଲେ ଅଞ୍ଚଳର ଗରିବ ଜନସାଧାରଣ ବିଶେଷ ଭାବେ ଉପକୃତ ହେବେ। ବୈଠକରେ ସଂଘର ସାଧାରଣ ସମ୍ପାଦକ ସନ୍ତୋଷ ଷଡଙ୍ଗୀ, ବାସୁଦେବ ପଣ୍ଡା, କୋଷାଧ୍ୟକ୍ଷ ଦୟାନିଧି ହୋତା, ଶିକ୍ଷାବିତ୍ ଭୂଷଣ ପାତ୍ର, ଧନୁ ପ୍ରଧାନ, ଅକୃର ଦନ୍ତା, ଗୋପିନାଥ ମହାକୁର, ଚନ୍ଦ୍ରକୁମରା ବିଶି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବ୍ୟତିକ୍ରମ ହେଲେ କଡ଼ା ପଦକ୍ଷେପ

ସୋନପୁର,୨୪।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲାସ୍ତରୀୟ ସଡକ ସୁରକ୍ଷା କମିଟିର ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଅନୁଷ୍ଠିତ ବୈଠକରେ ଜିଲାପାଳ ଅବୋଲି ସୁନିଲ ନରୱଣେ ଅଧ୍ୟକ୍ଷତା କରିଥିଲେ। ଜିଲାରେ ସଡକ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ପୂର୍ବରୁ ନୋ ହେଲମେଟ୍ ନୋ ପେଟ୍ରୋଲ ନିୟମ ଲାଗୁ ହୋଇଛି। କେତେକାଂଶରେ ଏହାଦ୍ୱାରା ସଫଳତା ମିଳିଛି । ତେବେ ଜନସଚେତନତା ସୃଷ୍ଟି ସତ୍ତ୍ୱେ କେତେକ ବାଇକ୍ ଚାଳକ ଏହି ନିୟମ ମାନୁ ନାହାନ୍ତି। ଏ କ୍ଷେତ୍ରରେ ପେଟ୍ରୋଲ ପମ୍ପ ମାଲିକଙ୍କ ବିଶେଷ ସହଯୋଗ ରହୁନି। ତେଣୁ ଆସନ୍ତା ସୋମବାରଠାରୁ ଜିଲାରେ ନୋ ହେଲେମେଟ୍ ନୋ ପେଟ୍ରୋଲ ନିୟମ କଡାକଡି ଭାବେ ପାଳନ କରାଯିବ। ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ମିଳିତଭାବେ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ଆଇନ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ହେଲମେଟ୍ ପିନ୍ଧି ନ ଥିବା ବାଇକ୍ ଆରୋହୀଙ୍କୁ ପେଟ୍ରୋଲ ନ ଦେବା ପାଇଁ ପେଟ୍ରୋଲ ପମ୍ପ ମାଲିକଙ୍କୁ ଚିଠି କରାଯିବ। ଏଥିରେ ଖିଲାପ କଲେ କମିଟି



ସଡକ ସୁରକ୍ଷା କମିଟି ବୈଠକରେ ଜିଲାପାଳ, ଏସପି, ଜିଲାସ୍ତରୀୟ ଅଧିକାରୀ ଓ କମିଟିର ସଭ୍ୟ ବୃନ୍ଦ।

ବୈଠକର ନିଷ୍ପତ୍ତି ଅନୁଯାୟୀ ସମ୍ପୃକ୍ତ ପମ୍ପ ମାଲିକଙ୍କଠାରୁ ୫ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ ହେବ। ଏଥିପାଇଁ ଜିଲା ଯୋଗାଣ ଅଧିକାରୀ ଓ ପରିବହନ ଅଧିକାରୀ ଜିଲାର ପେଟ୍ରୋଲ ପମ୍ପ ମାଲିକଙ୍କ ସହିତ ବୈଠକ କରିବାକୁ ଜିଲାପାଳ ନରୱଣେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମେ ମାସ ୧ ତାରିଖରୁ ବାଇକ ଚାଳକଙ୍କ ସହ ବାଇକରେ ବସିଥିବା ବ୍ୟକ୍ତିଙ୍କ ପାଇଁ ହେଲମେଟ୍ ଜରୁରୀ କରାଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ଚାଳକଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି।

ଜିଲାରେ ବାଇକ୍ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏଥିରେ ରୋକ ଲଗାଇବା ପାଇଁ ପୋଲିସ

**ନୋ ହେଲମେଟ୍ ନୋ ପେଟ୍ରୋଲ ନିୟମ କଡ଼ାକଡ଼ି ହେବ**

ଓ ପରିବହନ ବିଭାଗ ଯାନ ବାହାନ ଯାଞ୍ଚକୁ ଆହୁରି କଡାକଡି କରିବେ। ଏଥିପାଇଁ ପୋଲିସ ଓ ପରିବହନ ବିଭାଗ ହେଲମେଟ୍, ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କଡାକଡି କରିବା, ବିଦ୍ୟାଳୟ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଡକ ସଚେତନତା ସୃଷ୍ଟି, ଦୁର୍ଘଟଣା ପ୍ରବଣ ସ୍ଥାନଗୁଡିକରେ ଜାତୀୟ ରାଜପଥ ଓ ପୂର୍ତ୍ତ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ସାଙ୍କେତିକ ଫଳକ ଲଗାଇବା ଉପରେ ଆଲୋଚନା ହୋଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ସୂଚନା ଦେଇଥିଲେ ଯେ, ୨୦୨୨ ଜାନୁୟାରୀରେ ୧୪ ଦୁର୍ଘଟଣା ଘଟି ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଫେବୃୟାରୀରେ ୧୪ ଦୁର୍ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ମାର୍ଚ୍ଚରେ ୯ଟି ଦୁର୍ଘଟଣା ଘଟି ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅପ୍ରେଲ ମାସରେ ୧୪ଟି ଦୁର୍ଘଟଣା ଘଟି ୮ ଜଣଙ୍କ ମୃତ୍ୟୁ ହୋଇଛି । ତେଣୁ ତିନି ଜଣ ବସିଥିବା ବାଇକ୍ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ବୈଧ ଗାଡିଚାଳନା ଲାଇସେନ୍ସ ନଥିବା ଗାଡିଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସିଟ୍ ବେଲ୍ଟ ପରିଧାନ କରିବା, ଗାଡିଚାଳନା ସମୟରେ ମୋବାଇଲ ଫୋନରେ କଥା ହେଲେ ଓ ମଦ୍ୟପାନ କରି ଯାନବାହାନ ଚଳାଚଳ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ମାଲ ପରିବହନ କରୁଥିବା ଗାଡିରେ ଲୋକଙ୍କୁ ନେବା ଆଣିବା କଲେ ଓ ରାସ୍ତା ଉପରେ ଭାରିଯାନ ପାର୍କ କରି ରଖିଲେ ଡ୍ରାଇଭରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପି ଅମରେଶ କୁମାର ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି। ଗତ ୪ ମାସରେ ବିନା ହେଲମେଟ୍‌ରେ ଗାଡିଚାଳନା ସଂକ୍ରାନ୍ତ ୧୯୫ ମାମଲା ରୁଜୁ ହୋଇଛି ଓ ୧୬୪ ଜଣଙ୍କ ଗାଡିଚାଳନା ପ୍ରମାଣପତ୍ର ନିଲମ୍ବନ କରାଯାଇଛି। ପରେ ଜିଲାସ୍ତରୀୟ ସଡକ ସୁରକ୍ଷା ପରିଚାଳନା ବୈଠକ ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଓ କଲେଜ ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷା ନିୟମ ସମ୍ପର୍କରେ ସଚେତନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଜିଲା ସଡକ ସୁରକ୍ଷା କମିଟି ସଦସ୍ୟ ସ୍ୱାଧୀନ କୁମାର ମେହେର, ମୃତ୍ୟୁଞ୍ଜୟ ଶତପଥୀ, ରେଆର ସମ୍ପାଦକ ଅନଙ୍ଗ ନେଗୀ, ପୁରୁଷୋତ୍ତମ ପାଣିଗ୍ରାହୀ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ପତି, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢୀ, ଡିଏସପି କୁମାରୀ ଜିସା, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ ଓ ମୋଟର ଯାଞ୍ଚ ଅଧବକାରୀ ଲୋକନାଥ ନାଏକ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରଧାନ ଶିକ୍ଷକ ନିଲମ୍ବିତ

**ଟେଭାପଦର ୟୁପି ସ୍କୁଲ ଚାଉଳ ଚୋରି ଘଟଣା**

ଅମରପାଲି,୨୪।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତ ଟେଭାପଦର ୟୁପି ସ୍କୁଲ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁ ନିଲମ୍ବିତ ହେଇଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ଆସୁଥିବା ଏମଡିଏମ ଚାଉଳ ବଣ୍ଟନରେ ଅବହେଳା ଯୋଗୁଁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପତ୍ର ସଂଖ୍ୟା ୬୭୫/ତା ୨୦।୫।୨୨ରିଖ ମତେ ତାଙ୍କୁ ନିଲମ୍ବିତ କରାଯାଇଥିବା ବିଇଓ ଶାନ୍ତନୁ କୁମ୍ଭକାର ସୂଚନା ଦେଇଛନ୍ତି। ଟେଭାପଦର ୟୁପି ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଇଁ ୬୨ ବସ୍ତା ଚାଉଳ ଥିଲା। ଏଥିରୁ ୪୫ବସ୍ତା ଚାଉଳ ସହିତ ୨ଟି ସାଇକେଲ ଓ ୪ଟି ପଙ୍ଖା ଚୋରି ହେଇଥିଲା। ଚୋରି ହୋଇଥିଲେ ମଧ୍ୟ ସ୍କୁଲର କବାଟ, ଝରକା ଭଙ୍ଗାହୋଇ ନ ଥିଲା। ଏପରିକି କବାଟରେ ପଡିଥିବା ତାଲା ମଧ୍ୟ ଭଙ୍ଗା ହୋଇ ନ ଥିଲା। ଏହାର ଚାବି ପ୍ରଧାନଶିକ୍ଷକଙ୍କ ପାଖରେ ଥିଲା। ଅଶ୍ଚର୍ଯ୍ୟର କଥା ଚୋରି ହେବାର ପଞ୍ଚଦିନ ପରେ ପ୍ରଧାନଶିକ୍ଷକ ସୁବଳୟା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଜଣେ ନାବାଳକ ସହିତ ୩ଜଣଙ୍କୁ ଗିରଫ କରାଯାଇଥିଲା। ମାତ୍ର ପ୍ରଧାନ ଶିକ୍ଷକଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ନ ଥିବାରୁ ଗ୍ରାମବାସୀ ଜିଲାପାଳ,ଏସପି, ଡିଇଓ, ବୀରମହାରାଜପୁର ଉପଜିଲାପାଳ, ଏସ୍‌ଡିପିଓ ଏବଂ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗତ ୧୮ତାରିଖରେ ବିଇଓ କୁମ୍ଭକାରଙ୍କ ନେତୃତ୍ୱରେ ଏକ ଟିମ ସ୍କୁଲକୁ ଆସି ଏହାର ତଦନ୍ତ କରିଥିଲା। ସ୍କୁଲ ଭିତରପଟୁ ତାଲା ଦେଇ ନିର୍ଦ୍ଦିଷ୍ଟ କେତେକ ବ୍ୟକ୍ତିଙ୍କୁ ନେଇ ତଦନ୍ତ ହେଉଥିବା ଅଭିଯୋଗ କରି ଗ୍ରାମବାସୀ ସ୍କୁଲ ବାହାରୁ ତାଲା ପକାଇ ବିରୋଧ କରିଥିଲେ। ପରେ ବିଇଓ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ମଧ୍ୟାହ୍ନଭୋଜନ ଚାଉଳ ବଣ୍ଟନରେ ଅବହେଳା ଅଭିଯୋଗରେ ନିଲମ୍ବନ କରିଛନ୍ତି।

## ଦାନ୍ତ ପାଇଁ ହାତୀ ଶିକାର

ବୌଦ୍ଧ/ବଘିଆପଡା,(ସ୍ୱ.ପ୍ର./ଡି.ଏନ.ଏ.)୨୪।୫

**୧୦ ଦିନ ପରେ ବନ ବିଭାଗ ପାଖରେ ଖବର**

ବୌଦ୍ଧ ବନଖଣ୍ଡର ବଘିଆପଡା ସେକ୍ସନର ଭୁର୍କିପଡା ଜଙ୍ଗଲରେ ଏକ ଦନ୍ତା ହାତୀର ଗଳିତ ମୃତଦେହ ମଙ୍ଗଳବାର ବୌଦ୍ଧ ବନବିଭାଗ ପକ୍ଷରୁ ଠାବ କରାଯାଇଛି । ଦାନ୍ତ ନେବା ପାଇଁ କେହି ହାତୀକୁ ମାରି ଦେଇଥିବା ଜଣାପଡିଛି । ସେକ୍ସନର ବିଟ୍ ଗାର୍ଡ ହାତୀ ମରି ପଡିଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ବନ କର୍ମଚାରୀଙ୍କୁ ଜଣାଇଥିଲେ । ପରେ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ଓ ଅନ୍ୟ କର୍ମଚାରୀମାନେ ଉକ୍ତ ଜଙ୍ଗଲକୁ ଯାଇ ହାତୀର ମୃତହେଦ ଦେଖିବାକୁ ପାଇଥିଲେ । କିନ୍ତୁ ଶିକାରୀ ହାତୀର ଦାନ୍ତକୁ ନେଇ ଯାଇଥିବା ଦେଖିବାକୁ ମିଳିଥିଲା । ହାତୀକୁ ବ୍ୟବଚ୍ଛେଦ କରାଯିବା ପରେ ଉକ୍ତ ଜଙ୍ଗଲରେ ପୋତି ଦିଆଯାଇଛି। ହାତୀଟି ୧୦-୧୨ ଦିନ ତଳୁ ମୃତ୍ୟୁବରଣ କରିଥିବା ବେଳେ ବନବିଭାଗ ପାଖରେ ଖବର ନ ଥିଲା । ବୌଦ୍ଧ ଜିଲାରେ ଅବାଧରେ ପଶୁ ଶିକାର ଚାଲିଥିବା ବେଳେ ବନ ବିଭାଗ ନୀରବଦ୍ରଷ୍ଟା ସାଜିବା ଜନ ଅସନ୍ତୋଷର କାରଣ ହୋଇଛି ।



ଜଙ୍ଗଲରେ ପଡିଥିବା ହାତୀର ମୃତଦେହ ।

## ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା

ବାଉଁଶୁଣୀ,୨୪।୫(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ମା' ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଦିନ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଜାତୀୟ ସେବା ଯୋଜନା ଏବଂ ଜିଲା ସ୍ୱାସ୍ଥ୍ୟ ସମିତି ବୌଦ୍ଧର ମିଳିତ ଆନୁକୂଲ୍ୟରେ ଏକ ଜିଲାସ୍ତରୀୟ ଚିତ୍ରାଙ୍କନ,ସ୍ଲୋଗାନ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଅନିରୁଦ୍ଧ ମହାକୁଳ ଅଧ୍ୟକ୍ଷତା କରିଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରୋଗ୍ରାମ କୋଡିନେଟର ଡ. ଏମ.ଏମ. ପ୍ରଧାନ , ପ୍ରୋଗ୍ରାମ ମ୍ୟାନେଜର ରୂପକ ମହାପାତ୍ର, ଆସିଷ୍ଟାଣ୍ଟ ମ୍ୟାନେଜର ଆଲୋକ ମିଶ୍ର, ବୌଦ୍ଧ ଜିଲା ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ମନୋରଞ୍ଜନ ଘଡ଼େଇ ଅତିଥି ରୂପେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ବୌଦ୍ଧ ଜିଲାର ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ଭାଗ ନେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ସଙ୍ଗୀତା ମହାଲିକ ପ୍ରଥମ, ଶିବାନୀ ମେହେର ଦ୍ୱିତୀୟ, ଦେବକି ମେହେର ଓ ରୂପା ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସଚିନ କର୍ମୀ, ଦ୍ୱିତୀୟ ଦେବୀପ୍ରସାଦ ବଡମାଳି, ତୃତୀୟ ଉମାକାନ୍ତ ଛନ୍ଦ ହୋଇଥିଲେ। ସେହିପରି ସ୍ଲୋଗାନ ପ୍ରତିଯୋଗିତାରେ ପ୍ରଥମ ଦୀପକ ବାରିକ, ଦ୍ୱିତୀୟ ମିଳନ ଛନ୍ଦ, ତୃତୀୟ ଆର୍ତ୍ତ ସାହୁ ହୋଇଥିଲେ। ଅଧ୍ୟାପକ ଶଶିକାନ୍ତ ଜେନା, ବାବାରାମ ଦେହୁରୀ, ମକର ମହାରଣା, ପ୍ରମୋଦ ମେହେରଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।





ପ୍ରତିଯୋଗିତା ଅବସରରେ ଯୋଗ ଦେଇଥିବା ଅତିଥି ।

## ସାମାନ୍ୟ ବର୍ଷାରେ ଭୁଶୁଡ଼ିଲା ଚେକ୍ ଡ୍ୟାମ୍

ବୌଦ୍ଧ,୨୪।୫(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଛତରଙ୍ଗ ପଞ୍ଚାୟତର ଟାଙ୍ଗୁରକୁମ୍ଭା ଗ୍ରାମ ନିକଟରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ନିର୍ମାଣ ହୋଇଥିବା ଚେକ ଡ୍ୟାମ ଭୁଶୁଡି ପଡିଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଟାଙ୍ଗୁରୁକୁମ୍ଭା ଗ୍ରାମ ନିକଟରେ ଯାଇଥିବା ନାଳରେ ହରଭଙ୍ଗା ବ୍ଲକ ପକ୍ଷରୁ ଏକ ଚେକ ଡ୍ୟାମ ୨୦୨୧-୨୨ ଆର୍ଥିକ ବର୍ଷରେ



ଭୁଶୁଡି ପଡିଥିବା ଚେକ ଡ୍ୟାମ।

**ନିମ୍ନମାନର କାମ ଅଭିଯୋଗ**

୬ ଲକ୍ଷ ୭୮ ହଜାର ଟଙ୍କାରେ ନିର୍ମାଣ ହୋଇଥିଲା। କିନ୍ତୁ କାମ ସରିବାର ୧୫ ଦିନ ନ ପୂରୁଣୁ ଗତ ସୋମବାର ହୋଇଥିବା ସାମାନ୍ୟ ବର୍ଷାରେ ଉକ୍ତ ଚେକ ଡ୍ୟାମ ଭୁଶୁଡି ପଡିଛି। ଏହି ପ୍ରକଳ୍ପ କାମ ନିମ୍ନମାନର ହୋଇଥିବା ନେଇ ପୂର୍ବତନ ଜିଲା ପରିଷଦ ସଭ୍ୟ ଅବକାଶ ସାହୁ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ଅମରପାଲି,୨୪।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଚମ୍ପାମାଳ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଶ ଚନ୍ଦ୍ର ପଣ୍ଡାଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୦ବର୍ଷ ହୋଇଥିଲା। ସେ କିଛିଦିନ ହେଲା ଅସୁସ୍ଥ ଥିଲେ । ସ୍ୱର୍ଗତ ପଣ୍ଡା ଖଣ୍ଡହତା ପ୍ରାଥମିକ ବିଦ୍ୟାଳୟ ଖଣ୍ଡହତା, ମୁର୍ଷୁଣ୍ଡି ୟୁପି ସ୍କୁଲ, ତେନ୍ତୁଳିମହଦା ଆଦି ସ୍କୁଲରେ ଶିକ୍ଷକତା କରି ଅବସର ଗ୍ରହଣ କରିଥିଲେ । ଦୀର୍ଘଦିନ ଧରି ଚମ୍ପାମାଳ ରାମଲୀଳାରେ ରାମ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ଦ୍ୱାରା ପ୍ରଶଂସା ଭାଜନ ହୋଇ ପାରିଥିଲେ। ଏକମାତ୍ର ପୁଅ ନିତ୍ୟାନନ୍ଦ ପଣ୍ଡା ମୁଖାଗ୍ନି ଦେଇଥିଲେ ।

## ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରଶାସନିକ ବୈଠକ

ବରପାଲି, ୨୪।୫(ଡି.ଏନ୍.ଏ)

ବରପାଲିର ପୌରାଣିକ ଶୀତଳ ଷଷ୍ଠୀ ଯାତ୍ରାର ସୁପରିଚାଳନା ପାଇଁ ସୋମବାର ପ୍ରଶାସନ ପକ୍ଷରୁ ବ୍ଲକ ସଭା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବରପାଲି ତହସିଲଦାର ଅକ୍ଷୟ କୁମାର ବାଗ ସଭାପତିତ୍ୱ କରିଥିଲେ। ସପ୍ତାହବ୍ୟାପୀ ହେବାକୁ ଥିବା ଏହି ଯାତ୍ରା ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଜଳ ଯୋଗାଣ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ରାସ୍ତାଘାଟ ବିଶେଷ କରି ଓଭର୍ ବ୍ରିଜର ଦୁଇ ପାର୍ଶ୍ୱରେ ଥିବା ରାସ୍ତାକୁ ପିଚୁ କରିବା, ମୀନା ବଜାର, ନଟରାଜ ଉତ୍ସବ ସ୍ଥଳରେ ବାଓ ଟଏଲେଟ୍, ନଟରାଜ ଉତ୍ସବ, ତାରକାସୁରର ସଭା, ହୀମାଦ୍ରି ନଗର, ଭଣ୍ଡାର ଗୃହ ଆଦି ସ୍ଥଳରେ ପାଣି ଟାଙ୍କି ରଖିବା, ଯାତ୍ରା ସମୟରେ ସହର ଭିତରକୁ ଭାରିଯାନ ଚଳାଚଳ ବନ୍ଦ ରଖିବା, ମଦ ବିକ୍ରି ଉପରେ ରୋକ୍ ତଥା ରୋଡ୍ ରୋମିଓଙ୍କ ଉପରେ ପୋଲିସର ସ୍ୱତନ୍ତ୍ର ନଜର ରଖାଯିବା ଉପରେ ବିଶଦ ଆଲୋଚନା ହୋଇଥିଲା। ବୈଠକରେ ବିଡ଼ିଓ ତ୍ରିବିକ୍ରମ କୁମୁରା, ନଗରପାଳ ଦିନେଶ ଗହୀର, ଡାକ୍ତରଖାନା ମୁଖ୍ୟ ଡା. ରାଜେଶ ବେହେରା, ଇଲେକ୍ଟ୍ରିକାଲ ଏସ୍‌ଡିଓ, ଆଇଆଇସି ସବିତାଲତା ସେଠୀ, ଓକିଲ ସଂଘ ସଭାପତି ଆନନ୍ଦ ସାହୁ, ଯାତ୍ରା କମିଟି ସମ୍ପାଦକ ଜୟନ୍ତ ତ୍ରିପାଠୀ, ପ୍ରଶାନ୍ତ ସାହୁ, ବିକ୍ରମ ସାହୁ, ନନ୍ଦଲାଲ ସାହୁ, ସରୋଜ ତ୍ରିପାଠୀ, ହରିହର ସାହୁ, ଲିପନ ଦାଶ, ସୁବ୍ରତ ସାହୁ, ହିମାଦ୍ରି ନଗର ପକ୍ଷରୁ କନ୍ୟା ପିତା ମଳୟ ତ୍ରିପାଠୀ, ସନ୍ତୋଷ ଗୁପ୍ତା, ଅଜିତ ପ୍ରଧାନ, ଖବରଦାତା ଚିତ୍ତରଞ୍ଜନ ସାହୁ, ହର୍ଷ ବେହେରା, ବାଲ କିଶୋର ଖାଡଙ୍ଗା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଅନୁଷ୍ଠିତ ବୈଠକ।

## ଚୋରା ଚାଲାଣ ବେଳେ ୪ କୁଇଣ୍ଟାଲରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର ଜବତ

ବୌଦ୍ଧ,୨୪।୫(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ଗଞ୍ଜେଇ କାରବାର ବୃଦ୍ଧି ପାଇଥିବା ବେଳେ ଏବେ କେନ୍ଦୁପତ୍ର ବ୍ୟବସାୟୀ ମଧ୍ୟ ସକ୍ରିୟ ହୋଇ ଉଠିଛନ୍ତି। ଜିଲାରେ ପ୍ରଥମଥର ପାଇଁ ଚୋରା ଚାଲାଣ ହେଉଥିବା ୪୨୪ କିଲୋଗ୍ରାମ କେନ୍ଦପତ୍ରକୁ ଜବତ କରିବାରେ ବୌଦ୍ଧ କେନ୍ଦୁପତ୍ର ବିଭାଗ ସଫଳ ହୋଇଛି।

ସୂଚନା ମୁତାବକ ,ବୌଦ୍ଧ ବ୍ଲକ ଅନ୍ତର୍ଗତ ଜଗତି ଗ୍ରାମ ନିକଟସ୍ଥ ହରିଜନ ବସ୍ତିରେ ଚୋରାଚାଲାଣ ପାଇଁ ବିପୁଳ ପରିମାଣର କେନ୍ଦୁପତ୍ର ଗଚ୍ଛିତ ରଖାଯାଇଥିବା ବୌଦ୍ଧ ପୋଲିସ ସୂଚନା ପାଇଥିଲା। ଏ ସଂପର୍କରେ ବୌଦ୍ଧ ଏସ୍‌ପି ଜ୍ଞାନରଞ୍ଜନ ମହାନ୍ତି କେନ୍ଦୁପତ୍ର ଡିଏଫଓ ଅରବିନ୍ଦ ମହାନ୍ତିଙ୍କୁ ସୂଚନା ଦେବା ପରେ କେନ୍ଦୁପତ୍ର ବିଭାଗ ଓ ପୋଲିସ ବିଭାଗ ପକ୍ଷରୁ ମିଳିତ ଭାବରେ ସୋମବାର ମଧ୍ୟରାତ୍ରରେ ହରିଜନ ବସ୍ତିରେ ଚଢାଉ କରାଯାଇଥିଲା। ପୋଲିସ ଓ କେନ୍ଦୁପତ୍ର ବିଭାଗ ଗାଡି ଦେଖି ଚୋରା ବ୍ୟବସାୟୀମାନେ ଖସି ଯାଇଥିବା ବେଳେ ବସ୍ତିର ମୁଖ୍ୟରାସ୍ତା ଉପରେ ଚୋରାଚାଲାଣ ପାଇଁ ଜମା ହୋଇଥିବା କେନ୍ଦୁପତ୍ର ବିଡାଗୁଡିକୁ ଜବତ କରାଯାଇଥିଲା। କେନ୍ଦୁପତ୍ର ବିଭାଗ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଦିଆଯାଇଥିବା ସୂଚନା ମୁତାବକ ୧୦୬ ଗୋଟି କେନ୍ଦୁପତ୍ର ବିଡା ଜବତ କରାଯାଇଛି। ଯାହାର ଓଜନ ପ୍ରାୟ ୪୨୪ କିଲୋଗ୍ରାମରୁ ଊର୍ଦ୍ଧ୍ୱ ଓ ସରକାରୀ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବ। ବିଡା ବାନ୍ଧିବା ଶୈଳୀରୁ ଏହା ମହାନଦୀର ଅପରପାର୍ଶ୍ୱରୁ ବୌଦ୍ଧ ପଟକୁ ଅଣାଯାଇ ଚୋରା ଚାଲାଣ ଉଦ୍ୟମ କରାଯାଉଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପୂର୍ବରୁ ଅନେକଥର ଜିଲାର କେନ୍ଦୁପତ୍ର ଫଡିଗୁଡିକରେ ନିଆଁ ଲାଗିବା ଓ ଫଡିରୁ କେନ୍ଦୁପତ୍ର ଚୋରି ହେବା ଭଳି ଘଟଣା ନଜରକୁ ଆସିଥିବା ବେଳେ ପ୍ରଥମଥର ପାଇଁ ଜିଲାରୁ ଏତେ ମାତ୍ରାରେ କେନ୍ଦୁପତ୍ର ଚୋରା ଚାଲାଣ ବେଳେ ଧରାପଡିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ରାଜ୍ୟରେ କେନ୍ଦୁପତ୍ର ଉତ୍ପାଦନରେ ବୌଦ୍ଧ ଜିଲା ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଚଢାଉରେ ପୋଲିସ ବିଭାଗ ପକ୍ଷରୁ ଏଏସଆଇ ସନ୍ତୋଷ କୁମାର ସ୍ୱାଇଁ ଓ କେନ୍ଦୁପତ୍ର ବିଭାଗ ପକ୍ଷରୁ ଭାରପ୍ରାପ୍ତ ରେଞ୍ଜର ଜିତେନ୍ଦ୍ର କୁମାର ମିଶ୍ର ନେତୃତ୍ୱ ନେଇଥିଲେ।



ଜବତ କେନ୍ଦୁପତ୍ର ।

## କ୍ଷତିପୂରଣ ପାଇଁ ଦାବିପତ୍ର ପ୍ରଦାନ

ଜାମଟିକ୍ରା,(ଡି.ଏନ.ଏ.): ଗତ ୩ ଦିନ ଧରି ଅତାବିରା ବ୍ଲକ ଅଞ୍ଚଳରେ କାଳବୈଶାଖୀ ଯୋଗୁ ପ୍ରବଳ ପବନ ଓ ବର୍ଷା ହୋଇଛି। ଫଳରେ ବ୍ଲକର ୨୪ ପଞ୍ଚାୟତ ଓ ଅତାବିରା ଏନ୍ଏସି ଅଞ୍ଚଳର ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଛି। ତେଣୁ ଚାଷୀମାନଙ୍କ ନଷ୍ଟ ହୋଇଥିବା ଧାନ ଫସଲର କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ମଧ୍ୟବର୍ତ୍ତୀକାଳୀନ ସହାୟତା ରାଶି ପ୍ରଦାନ ଦାବି କରାଯାଇଛି। ମଙ୍ଗଳବାର ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ପକ୍ଷରୁ ଅତିରିକ୍ତ ତହସିଲଦାର ରଞ୍ଜନ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ସଭାପତି ବୀରେନ୍ଦ୍ର କର, ସୁରେନ୍ଦ୍ର ସ୍ୱାଇଁ, ସୁରେଶ କର୍ଣ୍ଣ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

# ଉଜୁଡ଼ା ଧାନକୁ ନେଇ ଚିନ୍ତା

**ବରଗଡ଼ ଅଫିସ୍,୨୪।୫**

- କାଳବୈଶାଖୀରେ ଅମଳ ଧାନ ପ୍ରଭାବିତ
- ଟୋକନ କଟକଣା ସାଜିଛି ମୁଖ୍ୟ କାରଣ
- କ୍ଷୟକ୍ଷତି ସତ୍ତ୍ୱେ ଚାଷୀ ପାଉନି କ୍ଷତିପୂରଣ

ବରଗଡ଼ ଜିଲାରେ ରବିଋତୁ ଧାନ ଅମଳ ପ୍ରକ୍ରିୟା ଜୋର୍ ଧରିଥିବା ବେଳେ ଧାନ ସଂଗ୍ରହ ମଧ୍ୟ ୨ସପ୍ତାହ ହେଲା ଚାଲିଛି। ଏହି ସମୟରେ କାଳବୈଶାଖୀ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏଭଳି ସ୍ଥିତିରେ ଧାନ ବିକ୍ରିପାଇଁ ଚାଷୀଙ୍କୁ ମୁଖ୍ୟତଃ ଟୋକନ କଟକଣା ଅଡୁଆ ସାଜିଛି। ଧାନ ଅମଳ ସାରିଥିଲେ ସୁଦ୍ଧା ଟୋକନ ମିଳି ନ ଥିବାରୁ ଚାଷୀ ଧାନ ବିକ୍ରି କରି ପାରୁନାହାନ୍ତି। ଅନେକ ଚାଷୀଙ୍କୁ ଟୋକନ ମିଳିଛି, ହେଲେ ନିର୍ଦ୍ଧାରିତ ବିକ୍ରି ଦିବସ ଆସି ନ ଥିବାରୁ କ୍ଷେତ, ଖଳାରେ ଅମଳ ଧାନ ପଡ଼ି ରହିଛି ଏବଂ ଝଡ଼ବର୍ଷାରେ ତାହା ଉଜୁଡ଼ିବାରେ ଲାଗିଛି। ସୋମବାର ଓ ଏହାପୂର୍ବରୁ ହୋଇଥିବା କାଳବୈଶାଖୀରେ ଜିଲାର ବିଭିନ୍ନ ସ୍ଥାନରେ ଅମଳ ଧାନ କ୍ଷତିଗ୍ରସ୍ତ ହୋଇଛି। ଝଡ଼ବର୍ଷା ଯୋଗୁ ଧାନ ଅମଳ ପ୍ରକ୍ରିୟା ମଧ୍ୟ ବାଧାପ୍ରାପ୍ତ ହୋଇଛି।

ଗତ କିଛିବର୍ଷ ହେଲା ଧାନବିକ୍ରିରେ ଟୋକନ କଟକଣାକୁ ବାଧ୍ୟତାମୂଳକ କରାଯାଇଛି। ଏଥିଯୋଗୁ ଚାଷୀଙ୍କୁ ହଟହଟା ହେବାକୁ ପଡୁଛି। ଟୋକନରେ ଥିବା ତ୍ରୁଟି ଯୋଗୁ ଅନେକ ଚାଷୀ ଅମଳ ଧାନକୁ ମଣ୍ଡିରେ ବିକ୍ରି କରିବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଟୋକନ କଟକଣା ଆରମ୍ଭ ହେଲା ଦିନଠାରୁ ଚାଷୀମାନେ ଏହାକୁ ବିରୋଧ କରି ଆସୁଛନ୍ତି। ଅନ୍ୟପଟେ ଏଭଳି କଟକଣା ଏବଂ ତ୍ରୁଟି ଯୋଗୁ ଅନେକ ଚାଷୀଙ୍କୁ କାଳବୈଶାଖୀର ସମ୍ମୁଖୀନ ହେବା ସହିତ କ୍ଷତି ସହିବାକୁ ପଡୁଛି। ବିଗତ ବର୍ଷ ଗୁଡ଼ିକରେ ଏଭଳି କ୍ଷୟକ୍ଷତି ହୋଇଥିଲେ ସୁଦ୍ଧା ଚାଷୀଙ୍କୁ କ୍ଷତିପୂରଣ ସହାୟତା ପ୍ରଦାନ ଦିଗରେ ସରକାରୀସ୍ତରରେ କିଛି ପଦକ୍ଷେପ ନିଆଯାଇ ନାହିଁ।



ତାଳଶ୍ରୀଗିଡ଼ା ଗ୍ରାମର ଏକ ପଡ଼ିଆରେ ପଡ଼ିରହିଥିବା ଅମଳ ଧାନ।

ତାଳଶ୍ରୀଗିଡ଼ା ଗ୍ରାମର ଚାଷୀ ଗଜାନନ ସାହୁ କହିଛନ୍ତି, ସେ ଧାନ ଅମଳ କରି ସାରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ତାଙ୍କୁ ଟୋକନ ମିଳି ନ ଥିବାରୁ ସେ ବିକ୍ରି କରି ପାରିନାହାନ୍ତି। ଗ୍ରାମର ଏକ ପଡ଼ିଆରେ ତାରପୋଲିନ ଘୋଡ଼ାଇ ଧାନ ଗଦା ହୋଇ ରହିଛି । ବାରମ୍ବାର ଝଡ଼ବର୍ଷା ହେଉଥିବାରୁ ସେଠାରେ ସେ ଥରକୁ ଥର ଧାନ ଶୁଖାଇ ରଖୁଛନ୍ତି ବୋଲି ଗଜାନନ କହିଛନ୍ତି। ସେହିପରି ଏହି ଗ୍ରାମର ମୁନକୁ ସାହୁ କହିଛନ୍ତି, ଧାନବିକ୍ରିରେ ଚାଷୀଙ୍କୁ ଯେଭଳି ହଇରାଣ ହେବାକୁ ପଡୁଛି, ଧାନ ଚାଷ ପ୍ରତି ଚାଷୀ ବିମୁଖ ହେବା ସ୍ଥିତି ଉପୁଜିଲାଣି। ଟୋକନ ପାଇ ନ ଥିବାରୁ ତାଙ୍କ ଧାନ ମଧ୍ୟ ପ୍ରଭାବିତ ହୋଇଥିବା ସେ କହିଛନ୍ତି । କେବଳ ତାଳଶ୍ରୀଗିଡ଼ା ଗ୍ରାମର ଏହି ୨ଜଣ ଚାଷୀଙ୍କ ଅମଳ ଧାନ ଏଭଳି କ୍ଷତି ହୋଇଛି, ତାହା ନୁହେଁ ବରଂ ଜିଲାର ଅନେକ ଚାଷୀ କାଳବୈଶାଖୀ ଯୋଗୁ ଏଭଳି ପ୍ରଭାବିତ ହୋଇଛନ୍ତି। କ୍ଷେତରେ ଅମଳକ୍ଷମ ଅବସ୍ଥାରେ ରହିଥିବା ଧାନଗଛ ଗୁଡ଼ିକ ଢ଼ଳି ପଡ଼ିଥିବାରୁ ଚାଷୀମାନେ ଭାଙ୍ଗି ପଡ଼ିଛନ୍ତି ।

ଏଭଳି ସ୍ଥିତିରେ ଧାନ କିଣାବିକା ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଜୟ କିଷାନ ଆନ୍ଦୋଳନର ସମ୍ପାଦକ ହର ବଣିଆ କହିଛନ୍ତି। ଯଦି ଟୋକନ କଟକଣାକୁ ଗୁରୁତ୍ୱ ଦିଆଯାଏ, ତେବେ ଆଗକୁ ଚାଷୀମାନେ ଆହୁରି କ୍ଷତିଗ୍ରସ୍ତ ହେବା ସମ୍ଭାବନା ରହିଥିବା ସେ କହିଛନ୍ତି। ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ମଣ୍ଡିରେ ଧାନର ଗୁଣମାନ ନିର୍ଦ୍ଧାରଣ କରାଯାଉ ନାହିଁ ଏବଂ ଧାନ କଟ୍ନୀ ଚାଲିଛି। ଯଦି ମଣ୍ଡିରେ ଠିକ୍ ଭାବେ ଧାନର ଗୁଣମାନ ପରୀକ୍ଷା କରାଯାଏ, ଚାଷୀମାନେ ସର୍ବନିମ୍ନ ସହାୟକ ମୂଲ୍ୟରୁ ବଞ୍ଚିତ ହେବେ ନାହିଁ ବୋଲି ସେ କହିଛନ୍ତି। ସେହିପରି କାଳବୈଶାଖୀରେ ପ୍ରତିବର୍ଷ ଚାଷୀଙ୍କ ଧାନ କ୍ଷତିଗ୍ରସ୍ତ ହେଉଛି। କିନ୍ତୁ କ୍ଷତିପୂରଣ ସହାୟତା ମିଳୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣାଙ୍କୁ ପଚାରିବାରୁ ସେ କହିଥିଲେ, ପ୍ରତି ବ୍ଲକରେ କ୍ଷୟକ୍ଷତି ଆକଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ସେତେ ବେଶୀ କ୍ଷୟକ୍ଷତି ହୋଇଥିବା ରିପୋର୍ଟ ଏପର୍ଯ୍ୟନ୍ତ ଆସିନାହିଁ। ଯଦି କଟା ଧାନ ଗଜା କିମ୍ବା କ୍ଷତିଗ୍ରସ୍ତ ହୋଇଥିବ, ବୀମା ପ୍ରିମିୟମ ଭରିଥିବା ସମ୍ପୃକ୍ତ ଚାଷୀ କ୍ଷତିପୂରଣ ଦାବି କରିପାରିବେ ବୋଲି ସେ କହିଥିଲେ ।

## ୨ ଶିଶୁ ଶ୍ରମିକ ଉଦ୍ଧାର କଲା ଶ୍ରମ ବିଭାଗ

**ସୋନପୁର,୨୪।୫(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଶ୍ରମ ବିଭାଗ ପକ୍ଷରୁ ଚଢାଉ କରାଯାଇ ୨ ଶିଶୁ ଶ୍ରମିକଙ୍କୁ ମଙ୍ଗଳବାର ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁ ଶ୍ରମିକ ପଶ୍ଚିମବଙ୍ଗ କାସିମନଗର ଅଞ୍ଚଳର ୧୪ବର୍ଷ ବୟସ୍କ ଓ ସୁବର୍ଣ୍ଣପୁର ଜିଲା ବିନିକା ଥାନା କର୍ଡ଼ଙ୍ଗ ପଣ୍ଡକିଟାଲ ଅଞ୍ଚଳର ୧୬ ବର୍ଷ ବୟସ୍କ ବୋଲି ଜଣାପଡିଛି। ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାଙ୍କ ନେତୃତ୍ୱରେ ଉଲୁଣ୍ଡା ଓ ଧଉରାଖମନରେ ଏହି ଚଢାଉ ହୋଇଥିଲା। ଉଲୁଣ୍ଡା ବ୍ଲକ ନାକଡେଇଁ ଅଞ୍ଚଳର ଦେବାଶିଷ କୁମାର ଦେବତା ଉଲୁଣ୍ଡାଠାରେ ଏକ ଘର ନିର୍ମାଣ କରୁଛନ୍ତି। ସେଠାରେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲା କାସିମ ନଗର ଅଞ୍ଚଳର ଶିଶୁ ଶ୍ରମିକ ବିପଦସଙ୍କୁଳ ଅବସ୍ଥାରେ କାମ କରୁଥିଲେ। ସେହିପରି ଧଉରାଖମନସ୍ଥିତ ପୂଜା ହୋଟେଲରେ ପଣ୍ଡକିଟାଲ ଅଞ୍ଚଳର ଶିଶୁ କାମ କରୁଥିବା ଅବସ୍ଥାରେ ଉଦ୍ଧାର ହୋଇଛନ୍ତି । ଚଢାଉ ସମୟରେ ବିନିକା ଓ ଉଲୁଣ୍ଡା ପୋଲିସ ଉପସ୍ଥିତ ଥିଲେ । ଉଦ୍ଧାର ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଶ୍ରମ ବିଭାଗ ପକ୍ଷରୁ ଜିଲା ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନ କରାଯାଇଛି । ଘର ମାଲିକ ଦେବାଶିଷ ଦେବତା ଓ ହୋଟେଲ ମାଲିକ ଟିଟୁ ପଧାନଙ୍କୁ ଶ୍ରମ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଉତ୍ତର ମିଳିଲା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରମ ଅଧିକାରୀ କହିଛନ୍ତି ।

## ସଂକ୍ଷେପରେ

### ଡଙ୍ଗା ବୁଡ଼ି ମହିଳା ମୃତ

**ଅମ୍ବାଭୋନା,୨୪।୫(ଡି.ଏନ.ଏ):** ଛତିଶଗଡ଼ର ରାୟଗଡ଼ ଜିଲା ସରିଆ ଥାନା କଲମା ବ୍ୟାରେଜ ନିକଟସ୍ଥ ମହାନଦୀରେ ଡଙ୍ଗା ସାହାଯ୍ୟରେ ମାଛ ମାରୁଥିବାବେଳେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ଜଣକ ହେଲେ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଡୁଙ୍ଗୁରୀ ପଞ୍ଚାୟତ ବଡ଼ମାଲ ଗ୍ରାମର ଜନତା ମାଝି। ସେ ସରିଆ ଥାନା ବରଗାଁ ଗ୍ରାମର ସନ୍ତୋଷ ମାଝିଙ୍କୁ ବିବାହ କରିଥିଲେ ଏବଂ ସେଠାରେ ରହୁଥିଲେ। ସୋମବାର ଡଙ୍ଗା ସାହାଯ୍ୟରେ ସ୍ୱାମୀଙ୍କ ସହିତ ମହାନଦୀରେ ମାଛ ମାରୁଥିଲେ। ମାତ୍ର ଡଙ୍ଗା ଓଲଟି ପଡ଼ିବାରୁ ଉଭୟେ ଭାସି ଯାଇଥିଲେ। କୌଣସିମତେ ସନ୍ତୋଷ ନଦୀକୂଳକୁ ଆସିଯାଇଥିବା ବେଳେ ଜନତା ନିଖୋଜ ହୋଇ ଯାଇଥିଲେ। ବହୁ ଖୋଜାଖୋଜି ପରେ ମହାନଦୀରୁ ତାଙ୍କ ମୃତଦେହ ମିଳିଥିଲା।

### ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ ଅନୁଷ୍ଠିତ

**ବୌଦ୍ଧ,୨୪।୫(ସ୍ୱ.ପ୍ର.):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟଠାରେ ମଙ୍ଗଳବାର ଦିନ କ୍ୟାରିୟର କାଉନସେଲିଂ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୮୦ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ରର ଅଧିକାରୀ ନବଜିତ କୁମାର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ଜିଲା ସହ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଉପସ୍ଥିତ ଥିଲେ। ଶିକ୍ଷା ପରାମର୍ଶଦାତା ଜ୍ଞାନଚାନ୍ଦ ଶତପଥୀ ଯୋଗଦେଇ ବିସ୍ତୃତ ଆଲୋଚନା କରିଥିଲେ। ଉଦ୍ଭିଦ ବିଜ୍ଞାନର ଅଧାପକ ପ୍ରବୀର କୁମାର ଦାସ ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେଇଥିଲେ। ବୌଦ୍ଧ ଜିଲା ନେହେରୁ ଯୁବକେନ୍ଦ୍ରର ସଂଯୋଜକ ଆସମାନ ମହାକୁଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧାପକ ଡ. ଦିଲିପ କୁମାର ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିଲେ।

### ମୃତକଙ୍କ ଘରେ ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ

**ଧରିତ୍ରୀ ପ୍ରଭାବ**

- କିଡ୍ନୀ ରୋଗରେ ଯୁବଚାଷୀଙ୍କ ମୃତ୍ୟୁ ଘଟଣା



**ଅମରପାଲି,୨୪।୫(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ବଡମାଲ ଗ୍ରାମର ଯୁବଚାଷୀ ଲକ୍ଷପତି ମେଣ୍ଡିଲି(୪୬)ଙ୍କ କିଡନୀ ରୋଗରେ ଗତ ୧୫ତାରିଖରେ ମୃତ୍ୟୁ ଘଟିଥିଲା। ଏନେଇ ୧୬ତାରିଖ ଧରିତ୍ରୀରେ 'କିଡନୀ ରୋଗ ନେଲା ଯୁବଚାଷୀଙ୍କ ଜୀବନ'ଶୀର୍ଷକ ଏକ ଖବର ପ୍ରକାଶନ ପରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଥିଲା। ଘଟଣାକୁ ଗୁରୁତର ସହ ନେଇ ମୃତକଙ୍କ ଘରେ ମଙ୍ଗଳବାର ସ୍ୱାସ୍ଥ୍ୟବିଭାଗର ଏକ ଟିମ ପହଞ୍ଚି ଥିଲା। ବହଳପଦର ସେକ୍ଟର ଭାରପ୍ରାପ୍ତ ସୁପରଭାଇଜର ଗିରୀଧାରୀ ସାହୁ, ମସିଣାପାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର ପୁରୁଷ ସ୍ୱାସ୍ଥ୍ୟକର୍ମୀ ବିଶ୍ୱନାଥ ବାରିକ ମୃତକଙ୍କ ଘରେ ପହଞ୍ଚି କେବେ ମୃତ ଲକ୍ଷପତି କିଡନୀ ଆକ୍ରାନ୍ତ ହେଲେ,କେଉଁଠାରେ ଚିକିତ୍ସି ହୋଇଥିଲେ ଏବଂ ଚିକିତ୍ସା ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଆଦି ତଥ୍ୟ ସଂଗ୍ରହ କରିଥିଲେ। ଚିକିତ୍ସାବେଳେ କିଡନୀ ରୋଗରେ ମୃତ ଯୁବଚାଷୀ ଙ୍କୁ କୌଣସି ସରକାରୀ ସହାୟତା କିମ୍ବା ନିରାମୟ ଯୋଜନାରୁ ମାଗଣା ଔଷଧ ମିଳି ନ ଥିବା ପରିବାର ଲୋକେ କହିଥିଲେ। ସୂଚନାଯୋଗ୍ୟ ବ୍ଲକର ଉପାନ୍ତ ବହଳପଦର ଓ ଦୁର୍ଜନତୈଲା ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରାୟତଃ ୫୦ରୁ ଉର୍ଦ୍ଧ୍ୱ କିଡନୀ ରୋଗୀଙ୍କ ମୃତ୍ୟୁ ହୋଇସାରିଛି। ଏବେମଧ ଶତାଧିକ ଆକ୍ରାନ୍ତ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେଉଛନ୍ତି। ମାତ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେମାନଙ୍କ ଚିକିତ୍ସା ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏଭଳି ପରିସ୍ଥିତିରେ କିଡନୀ ଆକ୍ରାନ୍ତଙ୍କୁ ମାଗଣାରେ ଚିକିତ୍ସା ପ୍ରଦାନ କରିବା ସହିତ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

# ସ୍କାଉଟ୍ସ, ଗାଇଡ୍ସ ଭବନ ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୨୪।୫**

ବରଗଡ଼ ଜିଲା ସ୍କାଉଟ୍ସ, ଗାଇଡ୍ସ ଭବନ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଜିଲା ଶିକ୍ଷା କାର୍ଯ୍ୟାଳୟ ନିକଟରେ ଥିବା ଏହି ଭବନକୁ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଛତ୍ରପତି ସାହୁ, ଜିଲା ସ୍କାଉଟ୍ସ କମିଶନର ରାଧାକାନ୍ତ ଛତ୍ରି, ସୋହେଲା ବ୍ଲକ ଶିକ୍ଷାଧିକାରୀ ତଥା ଜିଲା ଗାଇଡ୍ କମିଶନର ଅମୃତା ସାହୁ, ଜିଲା ସ୍କାଉଟ୍, ଗାଇଡ୍ ସମ୍ପାଦକ ଆଶୁତୋଷ ରଥ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସ୍କାଉଟ ମାଷ୍ଟର କିଶୋର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ଖେଳକୁଦରେ ଜାତୀୟସ୍ତରରେ ପଦକ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହିତ ୫୨ଟି ବିଦ୍ୟାଳୟକୁ ଫିଟ୍ ଇଣ୍ଡିଆର ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଡିଓସି ଗାଇଡ୍ କୌଶଲ୍ୟା ସାହୁ, ଜିଲା ତାଲିମ କମିଶନର ଅନସୂୟା ଦେବତା, ଗାଇଡ୍ କ୍ୟାପଟେନ ବିଜୁଳିବତୀ ଦଲେଇ, ଶୁଭଶ୍ରୀ ଭୋଇ, ଅଞ୍ଜିତା ଦେବଦତ୍ତା, ଗୀତା ବିରା, ମନୋଜ ପ୍ରଧାନ, ସୁଦର୍ଶନ ମହାକୁରଙ୍କ ସମେତ ସ୍କାଉଟ୍‌ମାଷ୍ଟର, ଗାଇଡ୍‌କ୍ୟାପଟେନମାନେ ସମାରୋହରେ ଉପସ୍ଥିତ ଥିଲେ।



ଜିଲା ସ୍କାଉଟ୍ସ, ଗାଇଡ୍ସ ଭବନ ଉଦଘାଟନ କରାଯାଉଛି।

## ବର୍ଷ ବର୍ଷ ଧରି ସଫା ହେଉନି ମୁଖ୍ୟ ଡ୍ରେନ୍

**ମ.ରାମପୁର,୨୪।୫(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ସହର ମୁଖ୍ୟରାସ୍ତା ଦୁଇ ପାର୍ଶ୍ୱରେ ଚାରିଛକଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ନିର୍ମିତ ଡ୍ରେନର ସଫେଇ ହେଉ ନ ଥିବା ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ୨୦୧୩-୧୪ ବର୍ଷରେ ନିର୍ମିତ ଡ୍ରେନ ବର୍ଷ ବର୍ଷ ଧରି ସଫା ହେଉନାହିଁ। ଉକ୍ତ ଡ୍ରେନରେ କେତେକ ହୋଟେଲ, ଚା ଦୋକାନ, ପାନ ଦୋକାନ ଓ ଅନ୍ୟ ଦୋକାନ ପକ୍ଷରୁ ବର୍ଜ୍ୟବସ୍ତୁ ପକାଯିବା ଫଳରେ ସମସ୍ୟା ଦ୍ୱିଗୁଣିତ ହୋଇଛି । ଡ୍ରେନର ଅର୍ଦ୍ଧାଧିକ ଅଂଶ ପୋତି ହୋଇ ଯାଇଥିବାରୁ ବର୍ଷା ହେଲେ ନର୍ଦ୍ଦମା ପାଣି ରାସ୍ତା ଉପରେ ପ୍ରବାହିତ ହେବା ଆଶଙ୍କା ଦେଖାଯାଇଛି । ଯଥାଶୀଘ୍ର ଡ୍ରେନ ସଫା କରା ନ ଗଲେ ଗତବର୍ଷ ପରି ଏବର୍ଷ ଲୋକେ ଅସୁବିଧାର ସମ୍ମୁଖୀନ ହେବେ । ଡ୍ରେନ ସଫେଇ କାର୍ଯ୍ୟ ନେଇ ପଞ୍ଚାୟତ ମଧ ଚେଇଁ ଶୋଇଛି । ସେହିପରି ସାହି ଓ ପଡାଗୁଡିକୁ କରାଯାଇଥିବା ଡ୍ରେନର ପାଣି ଏହି ରାସ୍ତାକଡର ଡ୍ରେନ ପାଖକୁ ପହଁଞ୍ଚି ପାରୁନାହିଁ । ଫଳରେ କେତେକ ପଡାରେ ସମସ୍ୟ ଦେଖାଦେଇଛି । ବର୍ଷା ଋତୁ ଆସିବା ପୂର୍ବରୁ ଡ୍ରେନ ସଫେଇ କରିବା ପାଇଁ ଦାବି କରାଯାଇଛି । ଏନେଇ ବ୍ୟବସାୟୀ ଭାରତ ଭୂଷଣ ଜୈନ କହିଛନ୍ତି ଆମେ ଗତବର୍ଷ ସମସ୍ୟା ନେଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ବିଧାୟକ ଭୂପିନ୍ଦର ସିଂ, ପୂର୍ବତନ ଜିଲା ପରିଷଦ ସଭ୍ୟ ମ.ରାମପୁର ପୁଷ୍ପେନ୍ଦ୍ର କୁମାର ସିଂହଦେଓଙ୍କୁ ଅବଗତ କରିଥିଲୁ। ସେମାନେ ୧୫ ଦିନ ଭିତରେ ଡ୍ରେନ ସଫା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାମଧରେ ୧୦ ମାସ ବିତି ଯାଇଥିଲେ ମଧ ସମସ୍ୟାର ସମାଧାନ ହୋଇନାହିଁ । କନିଷ୍ଠ ଯନ୍ତ୍ରୀ ଚକ୍ରଧର ବେହେରା କହିଛନ୍ତି କାମ ଆସିଲେ ନିର୍ଦ୍ଦେଶ ହେଲେ ତଦାରଖ କରିବା ଦାୟିତ୍ୱ ଆମର ।

## ଗୌରବ ଆଣିଲେ ୨ ଭଉଣୀ





କୃତୀ ୨ କ୍ରୀଡ଼ାବିତ୍ ।

**ବରଗଡ଼ ଅଫିସ୍,୨୪।୫**

କେରଳର ତିରୁଅନନ୍ତପୁରମଠାରେ ଅନୁଷ୍ଠିତ ଜାତୀୟ ମାଷ୍ଟର ଗେମ୍ସ ଖେଳକୁଦ ପ୍ରତିଯୋଗିତାରେ ବରଗଡ଼ର ଦୁଇ ଭଉଣୀ ଅରୁଣା ଘିବେଲା ଏବଂ ଅନୁପମା ଘିବେଲା ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଉଚ୍ଚଡିଆଁ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ଅରୁଣା ସ୍ୱର୍ଣ୍ଣପଦକ ପାଇଥିବାବେଳେ ୮୦ମିଟର ହର୍ଡ଼ଲ ରେସ୍‌ରେ ଅନୁପମାଙ୍କୁ ରୌପ୍ୟପଦକ ମିଳିଛି। କୃତୀ ଦୁଇ ଭଉଣୀ ମଙ୍ଗଳବାର ବରଗଡ଼ରେ ପହଞ୍ଚିବା ପରେ ସ୍ଥାନୀୟ ରେଲୱେ ଷ୍ଟେଶନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗଭୀର ନଳକୂପକୁ ବିଦ୍ୟୁତ୍ ସଂଯୋଗ ଦିଅ

**ବରଗଡ଼ ଅଫିସ୍,୨୪।୫**

ଅଣଜଳସେଚିତ ଜମିକୁ ପାଣି ମଡ଼ାଇବା ପାଇଁ ବିଜୁ କୃଷକ ଯୋଜନାରେ ଗଭୀର ନଳକୂପ ଖୋଲାଯାଉଛି। ମାତ୍ର ବିଦ୍ୟୁତ ସଂଯୋଗ ହେଉ ନ ଥିବାରୁ ଚାଷୀଙ୍କୁ ସୁଫଳ ମିଳିପାରୁନାହିଁ। ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଭଜପୁରୀଆ ଗ୍ରାମର ଚାଷୀଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଉପୁଜିଛି। ସମ୍ପୃକ୍ତ ଚାଷୀମାନେ ଏ ନେଇ ମଙ୍ଗଳବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଗଭୀର ନଳକୂପକୁ ବିଦ୍ୟୁତ୍ ସଂଯୋଗ ଦିଗରେ ବିହିତ ପଦକ୍ଷେପ ନେବାକୁ ଦିଲୀପ ଭୋଇ, ସୁଧିର ମହାପାତ୍ର ପ୍ରମୁଖ ଦାବି କରିଥିଲେ।

ସୂଚନାଯୋଗ୍ୟ, ଦୀର୍ଘ ୫ବର୍ଷ ତଳେ ଉକ୍ତ ଗ୍ରାମର ୧୨ଜଣ ଚାଷୀ ବିଜୁ କୃଷକ ଯୋଜନାରେ ଗଭୀର ନଳକୂପ ଖୋଳିଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ସେଠାକୁ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ଫଳରେ ପୂର୍ବଭଳି ଜମି ପଡ଼ିଆ ପଡୁଛି ଏବଂ ସେମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।



ବିଦ୍ୟୁତ୍ ସଂଯୋଗ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

## ୨୭ରେ ଚାଷୀଙ୍କ ରାସ୍ତାରୋକୋ ଆନ୍ଦୋଳନ

**ସୋହେଲା,୨୪।୫(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମା କମ୍ପାନୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମାରାଶି ପ୍ରଦାନରେ ଅହେତୁକ ବିଳମ୍ବ ଓ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଏହାକୁ ବିରୋଧ କରି ସୋହେଲା କୃଷକ ବିକାଶ ମଞ୍ଚ ପକ୍ଷରୁ ଆସନ୍ତା ୨୭ ତାରିଖରେ ରାସ୍ତାରୋକୋ ଆନ୍ଦୋଳନ ଡାକରା ଦିଆଯାଇଛି। ଏହିଦିନ ସକାଳ ୭ଟାରୁ ସୋହେଲା ମୁଖ୍ୟ ଛକରେ ଜାତୀୟ ରାଜପଥ ଏବଂ ବିଜୁ ଏକ୍ସପ୍ରେସ ୱେକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯିବ। କେବଳ ଜରୁରୀକାଳୀନ ସେବା କ୍ଷେତ୍ରକୁ ବାଦ୍ ଦିଆଯିବ ବୋଲି ଚାଷୀ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି । ଏ ନେଇ ସଙ୍ଗଠନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ଯୋଗେ ଗାଁ ଗାଁରେ ସଚେତନତା ସୃଷ୍ଟି କରାଯାଉଛି ।

# ବନ୍ଦ ରହିଲା ଜନଶୁଣାଣି

**ବରପାଲି,୨୪।୫(ଡି.ଏନ.ଏ.)**

### ରେଲୱେ ଓଭରବ୍ରିଜ୍ ପାଇଁ ଜମି ଅଧିଗ୍ରହଣ

ବରପାଲି ରେଲୱେ ଓଭରବ୍ରିଜ୍ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ମଙ୍ଗଳବାର ସରକାରଙ୍କ ପକ୍ଷରୁ ଜନଶୁଣାଣି କରାଯାଇଥିଲା। ତେବେ ଏହି ଜନଶୁଣାଣି ଅଧାରୁ ବନ୍ଦ ହୋଇଯାଇଥିବା ଜଣାପଡିଛି।

ସୂଚନା ଅନୁସାରେ, ବରପାଲି ରାମପୁର ଜଗନ୍ନାଥ ସଡ଼କ ଉପରେ ରେଲୱେର ଏକ ଓଭରବ୍ରିଜ୍ ନିର୍ମାଣ ହେଉଛି। ଏହାଦ୍ୱାରା ଜଗନ୍ନାଥ ନଗର ବାସିନ୍ଦାଙ୍କ ୯୦ ଡେସିମିଲ ରୟତି ଜମି ଅଧିଗ୍ରହଣ କରିବାକୁ ଗତ ୨୦୧୯ ମସିହାରେ ଗଣମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଆଜିଯାଏଁ ଅଧିଗ୍ରହଣ ହୋଇପାରିନାହିଁ। ଏଥିପାଇଁ ବରପାଲି ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ଆଦ୍ରା କନ୍ସଲ୍ଟିଂ ସର୍ଭିସେସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ପୂର୍ବାହ୍ନ ୧୦ଟାରେ ଏକ ଜନଶୁଣାଣି ହୋଇଥିଲା। ଏଥିରେ ପ୍ରବଳ ପାଟିତୁଣ୍ଡ ହେବାରୁ ଅଧିକାରୀମାନେ ଜନଶୁଣାଣିକୁ ଅଧାରୁ ବନ୍ଦ ରଖିଥିଲେ। ଜନଶୁଣାଣିରେ ବରଗଡ଼ ଉପଜିଲାପାଳ ଶୁଭେନ୍ଦୁ କୁମାର ସାମଲ, ବରପାଲି ତହସିଲଦାର ଅକ୍ଷୟ କୁମାର, ବିଡ଼ିଓ ତ୍ରିବିକ୍ରମ କୁମୁରା, ନଗରପାଳ ଦିନେଶ ଗହୀର, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

# ବସ୍‌ରୁ ପାଇଥିବା କାଗଜପତ୍ର ଫେରାଇଦେଲେ

**ବିନିକା,୨୪।୫(ଡି.ଏନ୍.ଏ.)**

ବସ୍‌ରୁ ପାଇଥିଲେ ଏକ ଫାଇଲରେ ଥିବା ଜରୁରୀ କାଗଜପତ୍ର। କାଗଜପତ୍ରରେ ଉଲ୍ଲେଖ ଠିକଣା ଆଧାରରେ ସେହି କାଗଜପତ୍ର ହରାଇଥିବା ବ୍ୟକ୍ତିଙ୍କୁ ଫେରାଇଦେଲେ। ଏହିଭଳି କାମ କରି ପ୍ରଶାଂସା ସାଉଁଟିଛନ୍ତି ବନ ସୁରକ୍ଷା କମିଟି ପାଇଁ କାର୍ଯ୍ୟ କରୁଥିବା ସୁବର୍ଣ୍ଣପୁର ଜିଲା ବିନିକାସ୍ଥିତ ଏନ୍‌ଜିଓ ସଂଗଠନର ମୁଖ୍ୟ ପ୍ରଶାନ୍ତ ନାୟକ।

ସୋମବାର ସନ୍ଧ୍ୟାରେ ତାରାତାରିଣୀ ନାମକ ଏକ ଘରୋଇ ବସ୍(ନଂ-ଓଡି-୦୩ଆର୍-୩୨୬୨)ରେ ପ୍ରଶାନ୍ତ ବଲାଙ୍ଗୀରରୁ ବିନିକା ଫେରୁଥିବା ସମୟରେ କାଗଜପତ୍ର ଥିବା ଏକ ଫାଇଲ ପାଇଥିଲେ। ସହଯାତ୍ରୀମାନଙ୍କୁ ପଚାରିଲା ପରେ ବି କେହି ଦାବିଦାର ବାହାରି ନ ଥିଲେ। ବିନିକା ବସ୍‌ଷ୍ଟାଣ୍ଡରେ ଓହ୍ଲାଇବା ପରେ ଫାଇଲ ଖୋଲିଥିଲେ ପ୍ରଶାନ୍ତ। ଏଥିରେ ଅରିଜିନାଲ ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବୁକ, ଇନକମ୍ ସାର୍ଟିଫିକେଟ, ରେସିଡେନ୍ସ ପ୍ରମାଣପତ୍ର, ମାଟ୍ରିକ, ଯୁକ୍ତଦୁଇ ସାର୍ଟିଫିକେଟନ୍ ଓ ମାର୍କସିଟ ରହିଥିଲା । କାଗଜପତ୍ରରେ ଉଲ୍ଲେଖ ଠିକଣା ଅନୁସାରେ ଏହା ବରଗଡ ଜିଲା ଭେଡେନ ବ୍ଲକ ବରିକେଲ ଗାଁର ଶଂଖଚୋଳ ଗଡତିଆଙ୍କର ବୋଲି ଜଣାପଡିଥିଲା। ଆଧାର କାର୍ଡରେ



ପ୍ରଶାନ୍ତ ଶଙ୍ଖଚୋଳଙ୍କୁ ହଜି ଯାଇଥିବା ତାଙ୍କ କାଗଜପତ୍ର ପ୍ରଦାନ କରୁଛନ୍ତି।

### ପ୍ରଶଂସା ସାଉଁଟିଲେ ପ୍ରଶାନ୍ତ

ଉଲ୍ଲେଖ ଥିବା ପଞ୍ଜୀକୃତ ନମ୍ବରରେ ପ୍ରଶାନ୍ତ ଶଂଖଚୋଳଙ୍କୁ ଯୋଗଯୋଗ କରି ସମସ୍ତ କାଗଜପତ୍ର ସେ ପାଇଥିବା ଜଣାଇଥିଲେ। ଠିକଣା ଅନୁଯାୟୀ ପ୍ରଶାନ୍ତ ଶଂଖଚୋଳକୁ ଆଣିବା ପାଇଁ ତାଙ୍କର ଜଣେ ସାଥୀଙ୍କୁ ବରିକେଲ ପଠାଇଥିଲେ। ସେ ଏଠାକୁ ଆସିବା ପରେ ମଙ୍ଗଳବାର ବିନିକା ରେଞ୍ଜ ଅଫିସ ସମ୍ମୁଖରେ ଶଂଖଚୋଳଙ୍କୁ ସମସ୍ତ ଡକ୍ୟୁମେଣ୍ଟ ପ୍ରଶାନ୍ତ ପ୍ରଦାନ କରିଥିଲେ। ଚାରିଦିନ ତଳେ ସେ ତାଙ୍କ ଶୈକ୍ଷିକ ପ୍ରମାଣପତ୍ର ହଜାଇ ଦେଇଥିବା କହିଥିଲେ ଶଂଖଚୋଳ। ତେବେ ପ୍ରଶାନ୍ତଙ୍କ ମାଧ୍ୟରେ ଏସବୁକୁ ସେ ଫେରି ପାଇଥିବାରୁ ସେ ଭୂରିଭୂରି ପ୍ରଶାଂସା କରିଥିଲେ।